# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, November 2/2023 | Page 16 | ₹ 7.00

୪୯ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 | ISSUE 337 | ମୂଲ୍ୟ ₹୭/-



DSPL - 330




## ଗଞ୍ଜାମ ଜିଲ୍ଲା

**୨୫୧ କୋଟି**
**୫୦ ଲକ୍ଷ ଟଙ୍କା** ବ୍ୟୟରେ
**୫ ହଜାର ୭୦୬ଟି**
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

## ସୁବର୍ଣ୍ଣପୁର ଜିଲ୍ଲା

**୫୪ କୋଟି**
**୫୦ ଲକ୍ଷ ଟଙ୍କା** ବ୍ୟୟରେ
**୧ ହଜାର ୪୧୯ଟି**
ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ
ଦ୍ୱାରା
**ଶୁଭାରମ୍ଭ**

୨ ନଭେମ୍ବର ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ

OIPR-19001/13/0049/2324

**ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୩ ଯବାନ ଆହତ**

ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ବୁଧବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ୩ ଜଣ ସେନା ଯବାନ ଆହତ ହୋଇଛନ୍ତି। ଯବାନମାନେ ମେନ୍ଧାର ସେକ୍ଟର ଅନ୍ତର୍ଗତ ଫଗୱାରି ଗଲିରେ ପାଟ୍ରୋଲିଂ କରୁଥିବାବେଳେ ଲ୍ୟାଣ୍ଡମାଇନ୍ ସକ୍ରିୟ ହୋଇଯାଇଥିଲା ବୋଲି ପ୍ରାଥମିକ ତଥ୍ୟରୁ ଜଣାପଡ଼ିଛି। ଆହତ ଯବାନମାନଙ୍କୁ ନିକଟବର୍ତ୍ତୀ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ରାଜୌରୀସ୍ଥିତ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

**ସଂକ୍ଷେପରେ**

## ଆମେରିକାରେ ଭାରତୀୟ ଛାତ୍ରଙ୍କୁ ଛୁରାମାଡ଼

**ୱାଶିଂଟନ,୧।୧୧:** ଆମେରିକାର ଇଣ୍ଡିଆନା ପ୍ରଦେଶ ଅନ୍ତର୍ଗତ ଭାଲପାରାଇସୋ ସହରରେ ଜଣେ ୨୪ ବର୍ଷୀୟ ଭାରତୀୟ ଛାତ୍ରଙ୍କୁ ଗୁଳିମାଡ଼ ହୋଇଛି। ଗୁରୁତର ଛାତ୍ରଙ୍କୁ ଫୋର୍ଟ ୱାନେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରବିବାର ସକାଳେ ଏକ ପବ୍ଲିକ୍ ଜିମ୍‌ରେ କମ୍ପ୍ୟୁଟର ସାଇନ୍ସ ପଢୁଥିବା ଭାରତୀୟ ଛାତ୍ର ପି. ବରୁଣ ରାଜାଙ୍କ ମୁଣ୍ଡକୁ ଜୋର୍ଡାନ୍ ଆଣ୍ଡ୍ରେସ୍ ନାମକ ଯୁବକ ଛୁରାମାଡ଼ କରିଛନ୍ତି। ଆକ୍ରମଣର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି।

## ତଦନ୍ତରେ ସହଯୋଗ ପାଇଁ ତିସ୍ତାଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧।୧୧(ପି.ଟି.):** ପାଣ୍ଡି ହେରଫେର ମାମଲାରେ ସମ୍ପୃକ୍ତ ଆକ୍ଟିଭିଷ୍ଟ ତିସ୍ତା ସିତଲୱାଡ୍ ଓ ତାଙ୍କ ସ୍ୱାମୀ ଜାଭେଦ ଆନନ୍ଦଙ୍କୁ ତଦନ୍ତରେ ଗୁଜରାଟ ପୋଲିସକୁ ସହଯୋଗ କରିବା ପାଇଁ ସୁପ୍ରିମକୋର୍ଟ ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାଙ୍କୁ ପୂର୍ବରୁ ମିଳିଥିବା ଆଗୁଆ ଜାମିନ୍‌ରେ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ଏହି ଦମ୍ପତି ତଦନ୍ତରେ ସହଯୋଗ କରୁ


ତିସ୍ତା ସିତଲୱାଡ୍

ନ ଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ ଅଦାଲତଙ୍କୁ ଜଣାଇବା ପରେ ଜଷ୍ଟିସ୍ ଏସ୍.କେ. କୌଲଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସୁଧାଂଶୁ ଧୁଲିଆ ଏବଂ ପି.କେ. ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସହଯୋଗ କରୁ ନ ଥିବାରୁ ଉକ୍ତ ମାମଲାରେ ଏପର୍ଯ୍ୟନ୍ତ ଚାର୍ଜସିଟ୍ ଦାଖଲ ହୋଇପାରି ନ ଥିବା ରାଜୁ କହିଥିଲେ।

## ଆଜି ମହୁଆଙ୍କୁ ଜେରା କରିବ ଏଥିକ୍ସ କମିଟି

**ନୂଆଦିଲ୍ଲୀ,୧।୧୧:** ପାର୍ଲାମେଣ୍ଟରେ ପ୍ରଶ୍ନ ପଚାରିବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ ନେବା ଅଭିଯୋଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ରଙ୍କୁ ଲୋକ ସଭାର ଏଥିକ୍ସ କମିଟି ଗୁରୁବାର ଜେରା କରିବ। କମିଟିରେ ଦାଖଲ ହୋଇଥିବା ଦସ୍ତାବିଜ୍ ଓ ତଥ୍ୟପ୍ରମାଣ ସହ ୩ କେନ୍ଦ୍ରୀୟ ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟିର ରିପୋର୍ଟ ଆଧାରରେ ଟିଏମ୍‌ସି ଏମ୍‌ପିଙ୍କୁ ଜେରା କରାଯିବ। ସ୍ୱରାଷ୍ଟ୍ର, ସୂଚନା ପ୍ରଯୁକ୍ତି ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ନେଇ କମିଟି ଗଠନ କରାଯାଇଥିଲା। ଗତ ୨୬ରେ ଏଥିକ୍ସ କମିଟି ବୈଠକ ବସିବା ପରେ ୩ ମନ୍ତ୍ରଣାଳୟରୁ ତଥ୍ୟ ମଗାଯାଇଥିଲା। ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ମହୁଆଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷରେ ମହୁଆଙ୍କ ସଂସଦୀୟ ଆକାଉଣ୍ଟ ଦୁବାଇରୁ ପ୍ରାୟ ୪୭ ଥର ଲଗଇନ୍ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ପାର୍ଲାମେଣ୍ଟ ଆଇଡି ଏବଂ ପାସୱାର୍ଡ ସେ ହୀରାନନ୍ଦାନୀଙ୍କୁ ଦେଇଥିବା କଥା ପୂର୍ବରୁ ସ୍ୱୀକାର କରିଥିଲେ।

## ମାଲୟାଲମ ଅଭିନେତ୍ରୀ ପ୍ରିୟାଙ୍କ ହୃଦ୍‌ଘାତରେ ମୃତ୍ୟୁ



**ଥିରୁଭାନନ୍ତପୁରମ୍,୧।୧୧:** ଅଭିନେତ୍ରୀ ରେଞ୍ଜୁଶା ମେନନ୍‌ଙ୍କ ମୃତ୍ୟୁର ଦୁଇଦିନ ପରେ ମାଲୟାଲମ୍ ଟେଲିଭିଜନ ଅଭିନେତ୍ରୀ ଡ଼. ପ୍ରିୟାଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୩୫ ବର୍ଷ ହୋଇଥିଲା ଓ ସେ ୮ ମାସର ଗର୍ଭବତୀ ଥିଲେ। ସେ ତାଙ୍କ ଗର୍ଭାବସ୍ଥାର ଚେକ୍‌ଅପ୍ ପାଇଁ ଏକ ଘରୋଇ ହସ୍ପିଟାଲକୁ ଯାଇଥିବାବେଳେ ସେଠାରେ ତାଙ୍କୁ ହୃଦ୍‌ଘାତ ହୋଇଥିଲା। ତାଙ୍କ ନବଜାତ ଶିଶୁକୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌ରେ ରଖାଯାଇଛି। ସୋମବାର ସକାଳେ ମାଲୟାଲମ ଅଭିନେତ୍ରୀ ରେଞ୍ଜୁଶାଙ୍କ ମୃତଦେହ ତାଙ୍କ ଥିରୁଭାନନ୍ତପୁରମ୍ ଫ୍ଲାଟ୍‌ରୁ ମିଳିଥିଲା। ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଥିଲା।

## ନନ୍ଦିନୀ ଦାସଙ୍କୁ ବ୍ରିଟିଶ୍ ଏକାଡେମୀ ବୁକ୍ ପ୍ରାଇଜ୍



ଭାରତରେ ଜନ୍ମିତ ନନ୍ଦିନୀ ଦାସ ୨୦୨୩ ବର୍ଷର ମର୍ଯ୍ୟାଦାଜନକ ବ୍ରିଟିଶ୍ ଏକାଡେମୀ ବୁକ୍ ପ୍ରାଇଜ୍ ବିଜୟିନୀ ହୋଇଛନ୍ତି। ଏହି ୪୯ ବର୍ଷୀୟା ଇଂଲିଶ୍ ପ୍ରଫେସର ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡରେ ପ୍ରାଧ୍ୟାପନା କରନ୍ତି। ନନ୍ଦିନୀ ତାଙ୍କ ପୁସ୍ତକ 'କୋର୍ଟିଂ ଇଣ୍ଡିଆ: ଇଂଲଣ୍ଡ, ମୋଗଲ ଇଣ୍ଡିଆ ଆଣ୍ଡ ଦି ଓରିଜିନ୍ ଅଫ୍ ଏମ୍ପାୟାର' ପାଇଁ ବ୍ରିଟିଶ୍ ଏକାଡେମୀ ବୁକ୍ ପ୍ରାଇଜ୍ ଫର୍ ଗ୍ଲୋବାଲ କଲଚରାଲ ଅଣ୍ଡରଷ୍ଟାଣ୍ଡିଂ ପୁରସ୍କାର ବାବଦରେ ୨୫,୦୦୦ ପାଉଣ୍ଡ ମିଳିବ। ସପ୍ତଦଶ ଶତାବ୍ଦୀରେ ମୋଗଲ ଶାସନ କାଳରେ ଭାରତକୁ ବ୍ରିଟେନ୍‌ର ପ୍ରଥମ କୂଟନୈତିକ ମିଶନରେ ଆସିଥିବା ରାଷ୍ଟ୍ରଦୂତ ସାର୍ ଥୋମାସ୍ ରୋଏଙ୍କ ଉପରେ ଏହି ଇଣ୍ଟରନ୍ୟାଶନାଲ ନନ୍‌-ଫିକ୍ସନ୍‌ର କାହାଣୀ ଗତିଶୀଳ ହୋଇଛି।

## ହାସିନାଙ୍କ ଝିଅ ଡବ୍ଲ୍ୟୁଏଚ୍‌ଓ ରିଜିଓନାଲ ଡାଇରେକ୍ଟର

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଝିଅ ସାଇମା ୱାଜେଦ୍ ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଦକ୍ଷିଣ-ପୂର୍ବ ଏସିଆ ରିଜିୟନ୍ ପାଇଁ ନୂଆ ଆଞ୍ଚଳିକ ନିର୍ଦ୍ଦେଶିକା ନିର୍ବାଚିତ ହୋଇଛନ୍ତି। ସେ ୨୦୨୪ରୁ ୪ ବର୍ଷ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବେ। ଏହି ନିର୍ବାଚନ ଜନସ୍ୱାସ୍ଥ୍ୟ ପ୍ରତି ୫୦ ବର୍ଷୀୟା ସାଇମାଙ୍କ ପ୍ରତିବଦ୍ଧତା ଓ ନେତୃତ୍ୱ ନେବାର ଦକ୍ଷତାକୁ ପ୍ରମାଣିତ କରିଛି। ଡବ୍ଲ୍ୟୁଏଚ୍‌ଓ ରିଜିଓନାଲ କମିଟି ଫର୍ ସାଉଥ୍-ଇଷ୍ଟ ଏସିଆ ରିଜିୟନ୍‌ର ୭୬ତମ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ତାଙ୍କ ସପକ୍ଷରେ ଭୋଟ ଦେଇଥିଲେ। ଦୌଡ଼ରେ ଥିବା ନେପାଳର ଶମ୍ଭୁ ପ୍ରସାଦ ଆଚାର୍ଯ୍ୟଙ୍କୁ ସାଇମା ପରାସ୍ତ କରିଛନ୍ତି।


ସାଇମା ୱାଜେଦ୍

# ନେତାନ୍ୟାହୁଙ୍କ ଘାତକ ପ୍ଲାନ୍

## ସିନାଇରେ ଗାଜାବାସୀଙ୍କ ପାଇଁ ହେବ ନୂଆ ବସତି


ଗାଜା ଷ୍ଟ୍ରିପ୍ ସଂଲଗ୍ନ ରାଫାହ ସୀମା ଦେଇ ଇଜିପ୍ଟକୁ ପ୍ରବେଶ କରୁଛନ୍ତି ପାଲେଷ୍ଟିନୀୟ ଶରଣାର୍ଥୀ।

**ଜେରୁଜେଲମ୍,୧।୧୧**

ହମାସ୍ ସହ ଯୁଦ୍ଧ ଚାଲିଥିବାବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏକ ଘାତକ ଯୋଜନା ପ୍ରଘଟ ହୋଇଛି। ସୂଚନାନୁସାରେ ଇସ୍ରାଏଲ ଗାଜାବାସୀଙ୍କୁ ଇଜିପ୍ଟର ସିନାଇ ଉପଦ୍ୱୀପକୁ ସ୍ଥାନାନ୍ତର ପାଇଁ ଯୋଜନା କରିଛି। ଇସ୍ରାଏଲର ଗୋଇନ୍ଦା ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ୧୦ ପୃଷ୍ଠା ସମ୍ବଳିତ ଏହି ବିବାଦୀୟ ଦସ୍ତାବିଜ ସମ୍ପର୍କରେ ୱିକିଲିକ୍ସ ପକ୍ଷରୁ ସାମାଜିକ ଗଣମାଧ୍ୟମ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟ କରାଯାଇଛି। ଲିକ୍ ଦସ୍ତାବିଜ ଯୋଗୁ ବଡ଼ ବିବାଦ ମୁଣ୍ଡ ଟେକିଛି।

ପ୍ରଘଟ ଦସ୍ତାବିଜ ଅନୁସାରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଅଜାଣତରେ ଏପରି ଯୋଜନା କରାଯାଇପାରିବ ନାହିଁ। ଏଥିରେ ଗାଜାବାସୀଙ୍କୁ ଇଜିପ୍ଟର ସିନାଇକୁ ପଠାଇବା ପାଇଁ ପ୍ଲାନ୍ ହୋଇଥିବା ଉଲ୍ଲେଖ କରାଯାଇଛି। ଗାଜା ଉପରେ ସ୍ଥଳଭାଗରେ ଇସ୍ରାଏଲୀ ସୈନ୍ୟଙ୍କ ଆକ୍ରମଣ ପୂର୍ବରୁ ସେମାନଙ୍କୁ ପ୍ରଥମେ ଉତ୍ତର ଗାଜାରୁ ଦକ୍ଷିଣ ଗାଜାକୁ ଯିବାପାଇଁ ନିର୍ଦ୍ଦେଶ ଦିଆଯିବା ସମ୍ପର୍କରେ ଅବତାରଣା କରାଯାଇଛି। କେବଳ ଏତିକି ନୁହେଁ, ଆକ୍ରମଣ ବଢ଼ାଇବା ସହ ସେମାନଙ୍କୁ ସ୍ଥାନାନ୍ତର ହେବା ପାଇଁ ବାଧ କରାଯିବ। ସିନାଇର ଉତ୍ତର ଭାଗରେ ଗାଜାବାସୀଙ୍କ ପାଇଁ ଏକ ବସତି ସ୍ଥାପନ କରାଯିବ। ମେକୋମିଟ୍ ନାମକ ଏକ ହେବ୍ରୁ ୱେବ୍‌ସାଇଟ୍‌ରେ ପ୍ରଥମେ ଏହି ଦସ୍ତାବିଜ ଦେଖିବାକୁ ମିଳିଥିଲା। ଉକ୍ତ ୱେବ୍‌ସାଇଟ୍ ଅନୁସାରେ ଏହି ଦସ୍ତାବିଜକୁ ଗୋଇନ୍ଦା ମନ୍ତ୍ରଣାଳୟର ଅନୁମୋଦନ ମିଳିଛି। ତେବେ ନେତାନ୍ୟାହୁଙ୍କ ଅଫିସ୍ ଏହାକୁ ଏକ କାଳ୍ପନିକ ବିଷୟ କହି ଖଣ୍ଡନ କରିଛି। ଇସ୍ରାଏଲ ଗାଜାର ସମସ୍ୟାକୁ ଇଜିପ୍ଟର ସମସ୍ୟାରେ ପରିଣତ କରିବାକୁ ଚାହୁଁଥିବା କାଏରୋ ମନେକରୁଛି। କାରଣ ଏତେ ବିସ୍ଥାପିତ ଲୋକ ସିନାଇରେ ସ୍ଥାୟୀ ବସତି ସ୍ଥାପନ କଲେ ତାହା ଇଜିପ୍ଟ ପାଇଁ ଆଉ ଏକ ସଙ୍କଟ ସୃଷ୍ଟି କରିବ। ଅନ୍ୟପକ୍ଷେ ଏହି ଯୋଜନା ଦ୍ୱାରା ଗାଜାକୁ ସମ୍ପୂର୍ଣ୍ଣ ଭାବେ ଦଖଲ କରିବାକୁ ଇସ୍ରାଏଲ ଚାହୁଁଥିବା ପାଲେଷ୍ଟାଇନ୍ ସମାଲୋଚନା କରିଛି। ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ମୁଖ୍ୟ ମହମୁଦ୍ ଅବ୍ବାସ୍‌ଙ୍କ ମୁଖପାତ୍ର ନାଇବ ଅବୁ ରୁଦାଇନେହ କହିଛନ୍ତି, ଆମେ ଏପରି ଭାବେ ଲୋକଙ୍କୁ ଅନ୍ୟତ୍ର ପଠାଇବାକୁ ଚାହୁଁନାହୁଁ। ଏହି ଉଦ୍ୟମ ସଫଳ ହେଲେ ୧୯୪୮ରେ ଯାହା ଘଟିଥିଲା, ତା'ର ପୁନରାବୃତ୍ତି ହେବ। ପ୍ରକାଶ ଯେ, ୧୯୪୮ରେ ଇସ୍ରାଏଲ ଗଠନ ହେବା ପୂର୍ବରୁ ଚାଲିଥିବା ଯୁଦ୍ଧବେଳେ ପ୍ରାୟ ୭ ଲକ୍ଷ ପାଲେଷ୍ଟିନୀୟଙ୍କୁ ଘର ଛାଡ଼ି ଲେବାନନ୍, ସିରିଆ ଓ ଜୋର୍ଡାନକୁ ପଳାୟନ କରିବାକୁ ପଡ଼ିଥିଲା। ପଳାୟନକାରୀମାନେ ଫେରିପାରି ନ ଥିବାବେଳେ ସେହି ଅଞ୍ଚଳ ଏବେ ଇସ୍ରାଏଲ ଭୂଖଣ୍ଡ ପାଲଟିଛି।



> ଗାଜା ଷ୍ଟ୍ରିପ୍‌ରେ ଲଢ଼େଇ ସମୟରେ ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ସତ୍ତ୍ୱେ ଯନ୍ତ୍ରଣାଦାୟକ କ୍ଷତି ସହିଛେ। ତଥାପି ହମାସ୍‌କୁ ସମୂଳେ ନାଶ ନ କରିବା ଯାଏ ଏହି ଯୁଦ୍ଧ ଜାରି ରହିବ।
>
> **-ବେଞ୍ଜାମିନ୍ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**

## ୨୬ ଦିନରେ ଯୁଦ୍ଧ

➡ଇସ୍ରାଏଲ-ହମାସ୍ ଯୁଦ୍ଧ ବୁଧବାର ୨୬ ଦିନରେ ପହଞ୍ଚିଥିବାବେଳେ ଗାଜା ସିଟିର ଦକ୍ଷିଣଭାଗରେ ପାଲେଷ୍ଟିନୀୟ ଫାଇଟର୍ସ ଏବଂ ଇସ୍ରାଏଲୀ ବଳ ମୁହାଁମୁହିଁ ହୋଇଛନ୍ତି। ଗାଜା ଷ୍ଟ୍ରିପ୍‌ର ୨.୩ ନିୟୁତ ଲୋକଙ୍କୁ ଇଜିପ୍ଟର ସିନାଇ ଉପଦ୍ୱୀପକୁ ପଠାଇବା ପାଇଁ ଇସ୍ରାଏଲ ଯୋଜନା କରିଛି। ଅନ୍ୟପକ୍ଷେ ଏହି ବିସ୍ଥାପନ ଯୋଜନାକୁ ହମାସ୍ ପ୍ରତ୍ୟାଖ୍ୟାନ କରିଛି।

➡ଇସ୍ରାଏଲର ରକେଟ୍ ମାଡ଼ରେ ଆହତ ହୋଇଥିବା ୮୧ ଜଣ ପାଲେଷ୍ଟିନୀୟଙ୍କୁ ଚିକିତ୍ସା ପାଇଁ ଇଜିପ୍ଟ ନିଜ ଭୂଖଣ୍ଡକୁ ପ୍ରବେଶ ଅନୁମତି ଦେଇଛି। ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲର ଆକ୍ରମଣକୁ ଇଜିପ୍ଟ ନିନ୍ଦା କରିବା ପରେ ଏହି ନିଷ୍ପତ୍ତି ନେଇଛି। ଜବାଲିଆ ଆକ୍ରମଣକୁ କାତାର, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ନିନ୍ଦା କରିଛନ୍ତି।

➡ଉତ୍ତର ଗାଜାସ୍ଥିତ ଜବାଲିଆ ଶରଣାର୍ଥୀ ଶିବିରରେ ଇସ୍ରାଏଲୀ ଆକ୍ରମଣରେ ପ୍ରାୟ ୪୦୦ ଜଣ ମୃତାହତ ହୋଇଥିବା ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

➡ଇସ୍ରାଏଲୀ ସୈନ୍ୟ ହମାସ୍ ବିରୋଧୀ ଅପରେଶନ୍‌କୁ ବ୍ୟାପକ କରିବାକୁ ଯାଇ ଟ୍ୟାଙ୍କ ସହ ଗାଜା ଷ୍ଟ୍ରିପ୍‌ର ଗୋଟିଏ ପଟୁ ୧୦ କି.ମି. ଓ ଅନ୍ୟ ଏକ ପଟୁ ୪୧ କି.ମି. ଭିତରକୁ ପ୍ରବେଶ କରିଛନ୍ତି।

➡ଶରଣାର୍ଥୀଙ୍କ ପାଇଁ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଗାଜାରେ ଅସ୍ତ୍ରବିରତି ଏବଂ ଇସ୍ରାଏଲୀ ଦଖଲ ବନ୍ଦ କରିବାକୁ ଆହ୍ୱାନ ଦେଇଛନ୍ତି।

➡ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲର ସାମରିକ ଦମନକୁ ବୋଲିଭିଆ ନିନ୍ଦା କରିବା ସହ ଇସ୍ରାଏଲ ସହ କୂଟନୈତିକ ସମ୍ପର୍କ ଛିନ୍ନ କରିଛି। ଏଥିସହ ଗାଜାକୁ ମାନବୀୟ ସହାୟତା ପ୍ରେରଣ କରାଯିବ ବୋଲି ବୋଲିଭିଆ ମିନିଷ୍ଟର ଅଫ୍ ପ୍ରେସିଡେନ୍ସି ମରିଆ ନେଲା ପ୍ରାଡା ଘୋଷଣା କରିଛନ୍ତି।

➡ଗାଜା ମୃତ୍ୟୁସଂଖ୍ୟା ୮,୫୦୦ ଅତିକ୍ରମ କରିଥିବାବେଳେ ଅନ୍ୟ ୨ ଲାଟିନ୍ ଆମେରିକୀୟ ରାଷ୍ଟ୍ର କଲମ୍ବିଆ ଓ ଚିଲି ମଧ୍ୟ ଇସ୍ରାଏଲରୁ ନିଜ ନିଜ ରାଷ୍ଟ୍ରଦୂତଙ୍କୁ ପ୍ରତ୍ୟାହାର କରିନେଇଛନ୍ତି।

## ଇସ୍ରାଏଲକୁ ତୈଳ, ଖାଦ୍ୟ ଯୋଗାଅ ନାହିଁ

### ମୁସଲିମ୍ ଦେଶଗୁଡ଼ିକୁ ଇରାନ୍‌ର ଆହ୍ୱାନ


ଆୟାତୋଲ୍ଲା ଅଲୀ ଖାମେନେଇ

ଗାଜା ଷ୍ଟ୍ରିପ୍‌ରେ ବୋମାବର୍ଷା ବନ୍ଦ ଦାବିରେ ଇସ୍ରାଏଲକୁ ତୈଳ ଓ ଖାଦ୍ୟ ଯୋଗାଣ ବନ୍ଦ କରିବାକୁ ଇରାନ୍ ସୁପ୍ରିମଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ମୁସଲିମ୍ ରାଷ୍ଟ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଗାଜାରେ ଇହୁଦୀ ରାଷ୍ଟ୍ରର ବମ୍ବିଂ ତୁରନ୍ତ ବନ୍ଦ ହେବା ଜରୁରୀ ବୋଲି ଖାମେନେଇ କହିଛନ୍ତି। ପ୍ରକାଶ ଯେ, ଇସ୍ରାଏଲକୁ ଅକ୍ଟୋବର ୭ରେ ପ୍ରଥମେ ଆକ୍ରମଣ କରି ୧,୪୦୦ ଲୋକଙ୍କ ଜୀବନ ନେଇଥିବା ହମାସ୍ ଆତଙ୍କବାଦୀଙ୍କୁ ଇରାନ୍ ସମର୍ଥନ ଦେଇଆସୁଛି।

## ଜେଟ୍ ଏୟାରୱେଜ୍‌ର ୫୩୮ କୋଟି ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

### ମନିଲଣ୍ଡରିଂ ମାମଲା

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଜେଟ୍ ଏୟାରୱେଜ୍‌ର ପ୍ରତିଷ୍ଠାତା ନରେଶ ଗୋୟଲ ଏବଂ ତାଙ୍କ ପରିବାର ସଦସ୍ୟ ତଥା କମ୍ପାନୀର ଲଣ୍ଡନ, ଦୁବାଇ ଓ ଭାରତରେ ଥିବା ୫୩୮.୦୫ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି। ବ୍ୟାଙ୍କ ଋଣ ଜାଲିଆତି ଅଭିଯୋଗରେ ଇଡି ଉକ୍ତ ଏୟାରଲାଇନ୍ସ ବିରୋଧରେ ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଛି। ବାଜ୍ୟାପ୍ତ ସମ୍ପତ୍ତି ମଧ୍ୟରେ ରହିଛି ୧୭ଟି ଆବାସିକ ଫ୍ଲାଟ୍, ବଙ୍ଗଳା ଏବଂ ବ୍ୟବସାୟିକ ବିଲ୍ଡିଂ। ଜବତ ସମ୍ପତ୍ତିଗୁଡ଼ିକ ଜେଟ୍ ଏୟାର ପ୍ରା.ଲି଼, ଜେଟ୍ ଏଣ୍ଟରପ୍ରାଇସେସ୍ ପ୍ରା.ଲି଼., ଗୋୟଲ,ତାଙ୍କ ସ୍ତ୍ରୀ ଅନୀତା ଏବଂ ପୁଅ ନିବାନ୍‌ଙ୍କ ନାମରେ ରହିଛି। ଗତ ସେପ୍ଟେମ୍ବର ୧ରେ ଇଡି ଗୋୟଲଙ୍କୁ ଗିରଫ କରିଥିବାବେଳେ ମଙ୍ଗଳବାର ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ଗୋୟଲ ଏବେ ମୁମ୍ବାଇର ଅର୍ଥର ରୋଡ୍ ଜେଲ୍‌ରେ ରହିଛନ୍ତି।


ନରେଶ ଗୋୟଲ

ସୂଚନାଯୋଗ୍ୟ, ଆର୍ଥିକ ସଙ୍କଟ ଯୋଗୁ ଜେଟ୍ ଏୟାରୱେଜ୍ ୨୦୧୯ ଏପ୍ରିଲରୁ ବିମାନସେବା ବନ୍ଦ କରିଦେଇଥିଲା। ପରେ ଗୋୟଲ ଉକ୍ତ ଏୟାରଲାଇନ୍ସର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ମୁମ୍ବାଇ କାନାରା ବ୍ୟାଙ୍କ୍‌ର ଅଭିଯୋଗ ଆଧାରରେ ସିବିଆଇ ତାଙ୍କ ବିରୋଧରେ ଋଣ ଜାଲିଆତି ମାମଲା ରୁଜୁ କରିଥିଲା।

## ମରାଠାଙ୍କୁ ମିଳିବ ସଂରକ୍ଷଣ: ଶିନ୍ଦେ

**ମୁମ୍ବାଇ,୧।୧୧**

ମହାରାଷ୍ଟ୍ରର ଅନ୍ୟ ସମ୍ପ୍ରଦାୟଗୁଡ଼ିକୁ ମିଳୁଥିବା ସଂରକ୍ଷଣ ସୁବିଧାକୁ ଅପରିବର୍ତ୍ତିତ ରଖି ମରାଠାମାନଙ୍କୁ ସଂରକ୍ଷଣ ଯୋଗାଇଦେବା ଲାଗି ବୁଧବାର ସର୍ବଦଳୀୟ ବୈଠକରେ ସହମତି ହୋଇଥିବା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଘୋଷଣା କରିଛନ୍ତି। ମରାଠାମାନଙ୍କୁ ସଂରକ୍ଷଣ ଯୋଗାଇଦେବା ଦାବିରେ ଆକ୍ଟିଭିଷ୍ଟ ମନୋଜ ଜରାଙ୍ଗେ ଗତ ୨୫ ତାରିଖରୁ ଅନଶନରେ ବସିଛନ୍ତି। ତାଙ୍କୁ ଅନଶନରୁ ଓହରିଯିବାକୁ ମୁଖ୍ୟମନ୍ତ୍ରୀ ଏକ ଖବରଦାତା ସମ୍ମିଳନୀ ଜରିଆରେ ଅନୁରୋଧ କରିବା ସହ ସମସ୍ୟାର ସମାଧାନ ଲାଗି ସରକାରଙ୍କୁ କିଛିଦିନ ସମୟ ଦେବା ଲାଗି କହିଛନ୍ତି। ସଂରକ୍ଷଣ ଦାବିରେ ଆନ୍ଦୋଳନ ତେଜିବା ପରେ ମୁଖ୍ୟମନ୍ତ୍ରୀ ଏହା ଉପରେ ଆଲୋଚନା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ସରକାର ମରାଠୱାଡ଼ିର ମରାଠାମାନଙ୍କୁ ଓବିସି ସୁବିଧା ଦେବା ଲାଗି ସେମାନଙ୍କୁ କୁନ୍‌ବି ଜାତି ପ୍ରମାଣପତ୍ର ଯୋଗାଇ ଦେଉଛନ୍ତି। ଦ୍ୱିତୀୟରେ ତ୍ରୁଟିଶୂନ୍ୟ ସଂଶୋଧିତ ପିଟିଶନ ଦାଏର ଲାଗି ମଧ୍ୟ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ମରାଠା ସଂରକ୍ଷଣ ଦୁଇ ପର୍ଯ୍ୟାୟରେ ଯୋଗାଇ ଦିଆଯିବ ବୋଲି ଶିନ୍ଦେ କହିଛନ୍ତି। କୋଟା ପାଇଁ କିଛିଦିନ ହେଲା ଚାଲିଥିବା ହିଂସାତ୍ମକ ଆନ୍ଦୋଳନକୁ ନେଇ ସର୍ବଦଳୀୟ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ହିଂସା କୋଟା ଆନ୍ଦୋଳନରେ ଏକ ଦାଗ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ମରାଠା ସଂରକ୍ଷଣ ଦାବିରେ ମରାଠା କ୍ରାନ୍ତି ମୋର୍ଚ୍ଚାର କର୍ମୀମାନେ ବୁଧବାର ପୁଣେ-ସୋଲାପୁର ରାଜପଥରେ ଟାୟାର ଜାଳୁଛନ୍ତି।

■ଅନ୍ୟ ସମ୍ପ୍ରଦାୟର କୋଟା ପ୍ରଭାବିତ ହେବ ନାହିଁ
■ହିଂସାତ୍ମକ ଆନ୍ଦୋଳନକୁ ନେଇ ୧୪୧ ମାମଲା ରୁଜୁ, ୧୬୮ ଗିରଫ
■ଇଣ୍ଟରନେଟ୍ ସେବା ବନ୍ଦ

ମରାଠାମାନଙ୍କ ପାଇଁ ସଂରକ୍ଷଣ ଦାବିରେ ହିଂସାତ୍ମକ ଆନ୍ଦୋଳନକୁ ନେଇ ୧୪୧ ମାମଲା ରୁଜୁ ହେବା ସହ ୧୬୮ ଜଣଙ୍କୁ ଗିରଫ କରାଯାଇଥିବା ମହାରାଷ୍ଟ୍ର ପୋଲିସ ମହାନିର୍ଦ୍ଦେଶକ (ଡିଜି) ରଜନିଶ ସେଠ୍ କହିଛନ୍ତି। ଅକ୍ଟୋବର ୨୪ରୁ ୩୧ ମଧ୍ୟରେ ବିଡ୍ ଜିଲାରେ ହୋଇଥିବା ହିଂସାକାଣ୍ଡ ପାଇଁ ୭ ହତ୍ୟା ଉଦ୍ୟମ ମାମଲା ସମେତ ମୋଟ ୨୦ଟି ମାମଲା ରୁଜୁ ହୋଇଛି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ପାଇଁ ୧ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ମୁତୟନ କରାଯିବା ସହ ଛତ୍ରପତି ସାମ୍ଭାଜୀ ନଗର(ଗ୍ରାମୀଣ) ଜଲ୍‌ନା ଏବଂ ବିଡ୍ ଜିଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ୮ ଦିନର ଆନ୍ଦୋଳନ ସମୟରେ ରାଜ୍ୟର ମୋଟ ୧୨ କୋଟି ଟଙ୍କାର ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହୋଇଛି। ସିଆର୍‌ପିସିର ଧାରା ୪୧ରେ ୧୪୬ ଜଣ ଅଭିଯୁକ୍ତଙ୍କୁ ନୋଟିସ୍ ପଠାଯାଇଥିବା ଡିଜି କହିଛନ୍ତି। ସୂଚନାଯୋଗ୍ୟ, ବିଡ୍ ଜିଲାରେ ଆନ୍ଦୋଳନ ବେଳେ ବିକ୍ଷୋଭକାରୀମାନେ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ବିଧାୟକ ପ୍ରକାଶ ସୋଲାଙ୍କେ ଏବଂ ସନ୍ଦିପ୍ କ୍ଷୀରସାଗରଙ୍କ ଘର ଜାଳିଦେଇଥିଲେ। ସେହିପରି ଛତ୍ରପତି ସାମ୍ଭାଜୀନଗର ଜିଲାରେ ବିକ୍ଷୋଭକାରୀମାନେ ଜଣେ ଭାଜପା ବିଧାୟକଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ମାଜାଲଗାଁଓ ସହରର ମ୍ୟୁନିସିପାଲ କାଉନ୍‌ସିଲ୍ ବିଲ୍ଡିଂର ପ୍ରଥମ ମହଲାରେ ବିକ୍ଷୋଭକାରୀ ନିଆଁ ଲଗାଇଦେବା ସହ ଟେକାମାଡ଼ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨/୨୦୨୩ | Bhubaneswar, Thursday, November 2/2023 | ପୃଷ୍ଠା-୧



**ଡୁସେନ ଶ୍ରେଷ୍ଠ**
ଦିନିକିଆ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ। ୧୩

୧୦ **ଧୁମଧାମରେ ପାଳିବେ ଜନ୍ମଦିନ**
ଚଳିତବର୍ଷର ସମସ୍ତ ଚଳଚ୍ଚିତ୍ରର ସଫଳତା ପାଇଁ ବଲିଉଡ୍ କିଙ୍ଗ ଖାନ୍ ତାଙ୍କ ୫୮ତମ ଜନ୍ମଦିନକୁ ଧୁମଧାମରେ ପାଳିବାକୁ ନିଷ୍ପତ୍ତି ନେଇଛନ୍ତି।



# ଆର୍‌ବିଆଇରେ ଇଓଡବ୍ଲ୍ୟୁ, ଇଡି ତନାଘନା

## ୨ ହଜାରିଆ ନୋଟ୍ ବଦଳାଇବାକୁ ସାଧାରଣ ଲୋକଙ୍କୁ ଢାଲ

ଭୁବନେଶ୍ୱର,୧।୧୧
(ସତ୍ୟଜିତ୍ ରାଉତ)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ୨ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ସାଧାରଣ ଲୋକଙ୍କ ଲମ୍ବା ଧାଡ଼ି ଲାଗିବା ଘଟଣାର ବୁଧବାର ତଦନ୍ତ ଆରମ୍ଭ ହୋଇଛି। ସାଧାରଣ ଲୋକଙ୍କୁ ଢାଲ କରି କେତେଜଣ ବ୍ୟକ୍ତି ୨ହଜାର ଟଙ୍କିଆ ବଦଳାଉଥିବା ଜଣାପଡ଼ିବା ପରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଓ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏହି ବେଆଇନ ଆର୍ଥିକ କାରବାର ସଂକ୍ରାନ୍ତରେ ସକ୍ରିୟ ହୋଇଛି। ପୂର୍ବାହ୍ନରେ ଇଓଡବ୍ଲ୍ୟୁର ଦୁଇ ଜଣିଆ ଟିମ୍ ଏବଂ ମଧ୍ୟାହ୍ନରେ ଇଡିର ଦୁଇ ଜଣିଆ ଟିମ୍ ପର୍ଯ୍ୟାୟକ୍ରମେ ଆର୍‌ବିଆଇରେ ପହଞ୍ଚି ଲୋକଙ୍କୁ ପଚରାଉଚରା କରିବା ସହ ତନାଘନା ଆରମ୍ଭ କରିଛି। ଟଙ୍କା ବଦଳାଉଥିବା ଲୋକଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବା ପରିବର୍ତ୍ତେ ଖୁଚୁରା ଛୋଟ ନୋଟ ଦିଆଯାଉଥିବାରୁ କେତେକ ବଡ଼ବଡ଼ିଆ ସାଧାରଣ ଲୋକଙ୍କୁ ବ୍ୟବହାର କରୁଥିବା କୁହାଯାଉଛି। ଇଓଡବ୍ଲ୍ୟୁ ଏବଂ ଇଡିର ଏହି ଯାଞ୍ଚ ପରେ ଟଙ୍କା ବଦଳାଇବା ଘଟଣା ପଛରେ କିଏ ସବୁ ରହିଛନ୍ତି ତାହା ଜଣାପଡ଼ିବ ବୋଲି ଆଲୋଚନା ହେଉଛି।

ସକାଳ ପ୍ରାୟ ୮ଟାରୁ ୨ହଜାର ଟଙ୍କିଆ ନୋଟ୍ ବଦଳାଇବାକୁ ଆର୍‌ବିଆଇ ସାମ୍ନାରେ ଶତାଧିକ ଲୋକଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ୧୫ ବେଳେ ଜଣେ ମହିଳା ଅଧିକାରୀଙ୍କ ସମେତ ଦୁଇ ଜଣିଆ ଇଓଡବ୍ଲ୍ୟୁ ଟିମ୍ ପହଞ୍ଚି ଧାଡ଼ିରେ ଥିବା ଲୋକଙ୍କୁ ପଚରାଉଚରା କରିଥିଲେ। ଏହା ଦେଖି କିଛି ଲୋକ ଛତ୍ରଭଙ୍ଗ ଦେଇଥିଲେ। ଇଓଡବ୍ଲ୍ୟୁ ଟିମ୍ ଲୋକମାନଙ୍କ ଠିକଣା, ସେମାନେ କେତେ ଖଣ୍ଡ ନୋଟ ଆଣିଛନ୍ତି, କିଏ ପଠାଇଛନ୍ତି ଆଦି ପଚାରି ବୁଝିବା ସହ ଆଧାର କାର୍ଡ ଯାଞ୍ଚ କରିଥିଲେ। ଏହାପରେ ଆର୍‌ବିଆଇ ଅଫିସ ମଧ୍ୟକୁ ଯାଇ ମଧ୍ୟ ଆଲୋଚନା କରିଥିଲେ। ସେହିଭଳି ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ବେଳେ ଇଡିର ଦୁଇ ଜଣିଆ ଟିମ୍ ସେଠାରେ ପହଞ୍ଚି ଛାନ୍‌ଭିନ କରିବା ସହ ଆର୍‌ବିଆଇ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏପରି କିଛି ଲୋକଙ୍କୁ ମଧ୍ୟ ପଚରାଉଚରା ☞ପୃଷ୍ଠା-୨



ବୁଧବାର ଭୁବନେଶ୍ୱର ଆର୍‌ବିଆଇ ପରିସରରେ ୨ହଜାରିଆ ନୋଟ୍ ବଦଳାଇବାକୁ ଆସିଥିବା ଲୋକଙ୍କ ଭିଡ଼। (ଫଟୋ: ବିକାଶ ନାୟକ)

### ଏବେ ଏତେ ଭିଡ଼ କାହିଁକି

୨ ହଜାରିଆ ନୋଟ ବଦଳାଇବା ପାଇଁ ଜନସାଧାରଣଙ୍କୁ ପ୍ରଥମେ ୩ ମାସ ଅର୍ଥାତ ସେପ୍ଟେମ୍ବର ୩୦ ଯାଏ ସମୟ ଦିଆଯାଇଥିଲା। ପରେ ଏହି ଅବଧି ଅକ୍ଟୋବର ୭ ଯାଏ ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ କେବଳ ଆର୍‌ବିଆଇରେ ଏହି ନୋଟ୍‌ର ବଦଳ ବ୍ୟବସ୍ଥା ରହିଛି। ତେବେ ପୂର୍ବରୁ ଦିଆଯାଇଥିବା ସମୟ ମଧ୍ୟରେ କେବେବି ଏଭଳି ଭିଡ଼ ବ୍ୟାଙ୍କଗୁଡ଼ିକରେ ଦେଖିବାକୁ ମିଳି ନ ଥିଲା, ଯାହା ଏବେ ଆର୍‌ବିଆଇ ପରିସରରେ କିଛିଦିନ ଧରି ଦେଖିବାକୁ ମିଳୁଛି। ଲୋକେ ନୋଟ୍ ବଦଳାଇବାକୁ ଦିନତମାମ ଖରାରେ ଧାଡ଼ିରେ ଠିଆହେବା ପଛରେ କିଛି ଭିତିରିଆ ଅଭିସନ୍ଧି ଥିବା ମନେହେଉଥିବା ବେଳେ ତାହା ଲୋକଲୋଚନକୁ ଆଣିବା ତଦନ୍ତକାରୀ ସଂସ୍ଥା ପାଇଁ ଚାଲେଞ୍ଜ ହୋଇଛି।

**ଆଜିର ସମ୍ପାଦକୀୟ** ଲକ୍ଷ୍ମୀ ଓ ଅଲକ୍ଷ୍ମୀ

**ଭିତର ପୃଷ୍ଠାରେ**


| | | |
|---|---|---|
| ବିଶ୍ୱବିଦ୍ୟାଳୟରେ ମିଳିବ ମାଗଣା ୱାଇଫାଇ | ଅଲିଭ୍ ରିଡ୍‌ଲେ ସୁରକ୍ଷା ପାଇଁ ୭ ମାସ ମାଛଧରା କଟକଣା | ଅକ୍ଟୋବରରେ ୧.୭୨ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ |







## କମର୍ସିଆଲ୍ ଏଲ୍‌ପିଜି ୧୦୦ ଟଙ୍କା ବଢ଼ିଲା



ନୂଆଦିଲ୍ଲୀ,୧।୧୧

କମର୍ସିଆଲ୍ ଏଲ୍‌ପିଜି ଦାମ୍ ୧୦୦ ଟଙ୍କା ବଢ଼ାଇବା ପାଇଁ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ନିଷ୍ପତ୍ତି ନେଇଛନ୍ତି। ବୁଧବାରଠାରୁ ଏହା ତତ୍କାଳ ଲାଗୁ ହୋଇଛି। ଦୁଇ ମାସ ମଧ୍ୟରେ ବ୍ୟବସାୟିକ ରନ୍ଧନ ଗ୍ୟାସ୍ ଦରରେ ଏହା ଦ୍ୱିତୀୟ ବୃଦ୍ଧି। ଉଭୟ ଘରୋଇ ଏବଂ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡର ଦର ପ୍ରତି ମାସର ପ୍ରଥମ ଦିନରେ ସଂଶୋଧନ କରାଯାଇଥାଏ। ବର୍ତ୍ତମାନର ସଂଶୋଧନ ସହ ୧୯ କିଲୋଗ୍ରାମ୍ ଓଜନର କମର୍ସିଆଲ ସିଲିଣ୍ଡର ଦାମ୍ ଦିଲ୍ଲୀରେ ୧,୭୩୧ରୁ ୧,୮୩୩ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ମୁମ୍ବାଇରେ ୧,୭୮୫ ଟଙ୍କା ୫୦ ପଇସା, କୋଲକାତାରେ ୧,୯୪୩ ଏବଂ ଚେନ୍ନାଇରେ ୧,୯୯୯ ଟଙ୍କା ୫୦ ପଇସାରେ ଏହା ଉପଲବ୍ଧ ହେବ।

# ଘରେ ପଢୁଥିବା ବେଳେ ନାବାଳକଙ୍କୁ ହତ୍ୟା

## ଭିଡିଓ ଗେମ୍‌ରୁ ଚରମ ନିଷ୍ପତ୍ତି ନେଇଥିବା ଆଲୋଚନା

ଜଟଣୀ,୧।୧୧
(ରବୀନ୍ଦ୍ର ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀରେ ବୁଧବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ଥାନା ଅଧୀନ ବେଣାପଞ୍ଝରୀ ଗ୍ରାମ ଗଡ଼ସାହିରେ ନାବାଳକ ଛାତ୍ର ଘରେ ପାଠ ପଢୁଥିବା ସମୟରେ ଜଣେ ଦୁର୍ବୃତ୍ତ ଘରେ ପଶି ଛାତ୍ରଙ୍କୁ ଛୁରିରେ ଆକ୍ରମଣ କରିଛନ୍ତି। ଏଥିରେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଉଛନ୍ତି ଉକ୍ତ ଗ୍ରାମର ମନୋଜ କୁମାର ପାଲଟାସିଂଙ୍କ ପୁଅ ଶୁଭମ୍ ସ୍ୱରୂପ ପାଲଟାସିଂହ(୧୪)। ସେ ଜଟଣୀ ଷଣ୍ଢପୁରସ୍ଥ ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢୁଥିଲେ। ତାଙ୍କର କାହା ସହିତ କୌଣସି ତିକ୍ତତା ନ ଥିବା ସମ୍ପର୍କୀୟ ମନୋରଞ୍ଜନ ପ୍ରତିହାରୀ କହିଥିବାବେଳେ କିଏ ଓ କାହିଁକି ତାଙ୍କୁ ହତ୍ୟା କଲେ ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଭିଡିଓ ଗେମ୍ ଖେଳରୁ ଛାତ୍ର ଜଣକ ଏଭଳି ଚରମ ନିଷ୍ପତ୍ତି ନେଇଥିବା ନେଇ ମଧ୍ୟ ଆଲୋଚନା ହେଉଛି।

ଶୁଭମ୍ ସନ୍ଧ୍ୟାରେ ଘରର ତଳ ମହଲାରେ ଏକ କୋଠରିରେ ପାଠ ପଢୁଥିବାବେଳେ ଜଣେ ଦୁର୍ବୃତ୍ତ ଘରେ ହଠାତ୍ ପଶି ଏକ ଛୁରିରେ ଆକ୍ରମଣ କରିଥିଲେ। ସେ ଗୁରୁତର ହୋଇ ଚିତ୍କାର କରିବାରୁ ମା' ମମତା ପାଲଟାସିଂହ ଆସି ଦେଖିବା ବେଳକୁ ଜଣେ ଦୁର୍ବୃତ୍ତ ଦୌଡ଼ି ବାହାରକୁ ପଳାଇ ଯାଇଥିଲେ। ପୁଅର ରକ୍ତ ଜୁଡୁବୁଡୁ ଅବସ୍ଥା ଦେଖି ମା' ଚିତ୍କାର କରିବା ପରେ ପାଟି ଶୁଣି ଉପର ମହଲାରେ ଛାତ୍ରୀଛାତ୍ରଙ୍କୁ ଟ୍ୟୁଶନ କରୁଥିବା ବାପା, ଭଉଣୀ ଏବଂ ସମସ୍ତ ଉପସ୍ଥିତ ଛାତ୍ରୀଛାତ୍ର ତଳକୁ ଆସି ଦେଖନ୍ତି, ଗୁରୁତର ଆହତ ଛାତ୍ର ଛଟପଟ ହେଉଥିଲା। ତାଙ୍କ ବେକ ଏବଂ ଛାତିରେ ଗଭୀର କ୍ଷତ ହୋଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ଶୁଭମ୍‌ଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅକୁ କେହି ଛୁରି ଭୁସି ମାରି ଦେଇଥିବା ମା' ଅଭିଯୋଗ କରିଛନ୍ତି। ☞ପୃଷ୍ଠା-୨



ଶୁଭମ୍ ସ୍ୱରୂପ ପାଲଟାସିଂହ

# ୧୪ ହାତୀ, ୬ କଲରାପତରିଆ ଗାଏବ

## ରାୟଗଡ଼ା ଜଙ୍ଗଲ

**ଜଙ୍ଗଲ ଅବକ୍ଷୟ ସାଙ୍ଗକୁ ଶିକାରୀଙ୍କ ଦୌରାତ୍ମ୍ୟ ରାୟଗଡ଼ା ଜିଲାକୁ ଏକପ୍ରକାର ବନ୍ୟପ୍ରାଣୀଶୂନ୍ୟ କରିଦେଇଛି। ଏହି ଜଙ୍ଗଲରେ ପୂର୍ବରୁ ଥିବା ୧୪ ହାତୀ ଓ ୬ କଲରାପତରିଆ ବାଘଙ୍କୁ ଆଉ ଦେଖିବାକୁ ମିଳୁନାହିଁ। ହାତୀ ଓ ବାଘଙ୍କ ସମ୍ପର୍କରେ ବନ ବିଭାଗ ନିକଟରେ କୌଣସି ତଥ୍ୟ ନାହିଁ, ଯାହାକି ବନ୍ୟପ୍ରାଣୀ ପ୍ରେମୀଙ୍କୁ ବ୍ୟଥିତ କରିଛି।**

ରାୟଗଡ଼ା,୧।୧୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଥିବା ଜଙ୍ଗଲରୁ ୧୪ ହାତୀ ଏବଂ ୬ କଲରାପତରିଆ ବାଘ ନିଖୋଜ ଥିବା ଜଣାପଡ଼ିଛି। ଜଙ୍ଗଲରେ ଥିବା ହାତୀ ଓ ବାଘ କେଉଁଆଡ଼େ ଚାଲିଯାଇଛନ୍ତି ନା, ଶିକାର ହୋଇଛନ୍ତି ସେ ନେଇ ଜିଲା ବନ ବିଭାଗ ନିକଟରେ ତଥ୍ୟ ନାହିଁ। ୨୦୧୭ରେ ବନ ବିଭାଗ ପକ୍ଷରୁ ହାତୀ ଓ ବ୍ୟାଘ୍ର ଗଣନା ଅନୁସାରେ, ଜିଲାର ୩ଟି ରେଞ୍ଜ ଗୁଡ଼ାରି, ମୁନିଗୁଡ଼ା ଓ କଲ୍ୟାଣସିଂପୁର ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲରେ ମୋଟ ୧୬ ହାତୀ ଓ ୬ଟି କଲରାପତରିଆ ବାଘ ଥିଲେ। ଚଳିତ ବର୍ଷ ଅକ୍ଟୋବରରେ ବନ ବିଭାଗର ଗଣନା ଅନୁସାରେ ଜଙ୍ଗଲରେ ୨ଟି ହାତୀ ଥିବା ତଥ୍ୟ ରହିଥିବା ବେଳେ ୧୪ ହାତୀ ନିଖୋଜ ଅଛନ୍ତି। ସେହିପରି ରାୟଗଡ଼ା ଜିଲା ଜଙ୍ଗଲରେ ଗୋଟିଏ ହେଲେ କଲରାପତରିଆ ବାଘଙ୍କ ପତ୍ତା ମିଳୁନାହିଁ। ମାତ୍ର ୬ ବର୍ଷ ଭିତରେ ୧୪ ହାତୀ ଏବଂ ୬ଟି ବାଘ କେଉଁଆଡ଼େ ଉଭାନ ହୋଇଗଲେ ସେ ନେଇ ବନ ବିଭାଗ ନିକଟରେ କୌଣସି ତଥ୍ୟ ନ ଥିବା ରାୟଗଡ଼ା ବନଖଣ୍ଡ କାର୍ଯ୍ୟାଳୟ ☞ପୃଷ୍ଠା-୨








**ଆଜିର ମନ୍ତବ୍ୟ**

"ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଭାରତ-ବାଂଲାଦେଶର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିପାରିବ, ଯାହାକୁ ନୂଆଦିଲ୍ଲୀ ସହାୟତାରେ ବାଂଲାଦେଶରେ ନିର୍ମିତ ୩ ପ୍ରକଳ୍ପ ପ୍ରମାଣିତ କରିଛି।
-ଶେଖ୍ ହାସିନା, ବାଂଲାଦେଶ ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାଙ୍ଗରା ମୁଣ୍ଡରେ ମହଣ ପାଡ଼ିଆ;**
**ଉଞ୍ଚ କପାଳରେ ଟିକିଲି,**
**ଟାକୁଆ ଗାଲକୁ ବାହାଡ଼ା ଦାନ୍ତ**
**ନାକ ଛିଣ୍ଡାଠେଇଁ ରସିଲି।**

ଯାହା ମନୁଷ୍ୟ ପାଇଁ ଉପଲବ୍ଧ ହୁଏ , ତାକୁ ଯଦି ସୁନ୍ଦର ଶୈଳୀ ମନେକରି ଗ୍ରହଣ କରାଯାଏ ତାହା ବିପରୀତବୋଧ ସମାବେଶ ହେଲେ ସୁଦ୍ଧା ଅନ୍ୟର ସେଥିରେ ମନ ଖରାପ କରିବା କିଛି କାରଣ ନ ଥାଏ। ପରୋକ୍ଷରେ ଭଲକୁ ଛାଡ଼ି ଭେଲକୁ ଆପଣେଇନେବା ବା ମୋହିବାର ଫଳ ଅନେକ ସମୟରେ ମନ୍ଦ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଙ୍ଗଣ ଘୋଡ଼ା,**
**ଚାଲି ସରସ ଲଦନ ଥୋଡ଼ା।**

ବହୁ ମୂଲ୍ୟର ଘୋଡ଼ା ପିଛା ଖର୍ଚ୍ଚ ଅଧିକ କିନ୍ତୁ ଭାର ଲଦିବା ଅପେକ୍ଷାକୃତ କମ୍। ପରୋକ୍ଷରେ ଯେଉଁମାନଙ୍କଠାରୁ ଖର୍ଚ୍ଚ ତୁଳନାରେ ଉପକାର କମ୍ ମିଳେ ସେମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ






ମଙ୍ଗଳବାର ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ନେଇଥିବା ରଘୁବର ଦାସ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

# 'ଜେଏସ୍‌ଡବ୍ଲ୍ୟୁକୁ ଜମି ଦେବୁ ନାହିଁ'

**କୁଜଙ୍ଗ,୧।୧୧ (ମନୋଜ ପ୍ରଧାନ)**

ଏରସମା ତହସିଲ ଅନ୍ତର୍ଗତ ଗଡ଼କୁଜଙ୍ଗ ମୌଜାର ୧୦୨ ଏକର ବ୍ୟକ୍ତିଗତ ଜମି ଶିଳ୍ପ ନିମନ୍ତେ ଅଧିଗ୍ରହଣ ସଂକ୍ରାନ୍ତରେ ଇଡ୍‌କୋ ପକ୍ଷରୁ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀ ଜନଶୁଣାଣି ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗଡ଼କୁଜଙ୍ଗସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି ଶିବିରକୁ ୯୦ ଭାଗ ଚାଷୀ ଆସି ନ ଥିବା ଚର୍ଚ୍ଚା ହେଉଛି। ଅପରପକ୍ଷେ ଶିବିରରେ ଯୋଗଦେଇଥିବା ବହୁ ଚାଷୀ ଜେଏସ୍‌ଡବ୍ଲ୍ୟୁକୁ ଜମି ଦେବାକୁ ମନା କରିଦେଇଛନ୍ତି। ଆଉ କେତେଜଣ ପାରିପାର୍ଶ୍ୱିକ ଉନ୍ନୟନ ସହ ଏକର ପିଛା ୨ରୁ ୪ କୋଟି ଟଙ୍କା ଦେଲେ ଜମି ଛାଡ଼ିବା କଥା ଚିନ୍ତା କରାଯିବ ବୋଲି କହିଥିଲେ।

ସ୍ଥାନୀୟ ସରପଞ୍ଚ କବିତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ କହିଥିଲେ, ପୋସ୍କୋ ସମୟରେ ପାନବରଜ ଭାଙ୍ଗି ଦିଆଯାଇଥିଲା। ସେଥିପାଇଁ ଅନେକ ଶ୍ରମିକ ଓ ଗରିବ ଲୋକ ଜୀବିକା ହରାଇଥିଲେ। ସେମାନଙ୍କୁ ପ୍ରକଳ୍ପ ହେବା ପର୍ଯ୍ୟନ୍ତ ମାସିକ ୨୨୦୦ ଟଙ୍କା ଭତ୍ତା ପ୍ରଦାନ ପାଇଁ କୁହାଯାଇଥିଲା, ମାତ୍ର ତାହା ଦିଆଯାଇ ନ ଥିଲା। ଜେଏସ୍‌ଡବ୍ଲ୍ୟୁ ଆସିବାପରେ ଯେଉଁ ଗରିବ ଲୋକଙ୍କର ରାଶନକାର୍ଡ ଅଛି, ସେମାନଙ୍କୁ ଭତ୍ତା ବାବଦ ୮୮ ହଜାର ଟଙ୍କା ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଗଡ଼କୁଜଙ୍ଗ ପଞ୍ଚାୟତ ଅଧୀନ ୯ଟି ୱାର୍ଡର ୬୦୦ ରାଶନକାର୍ଡଧାରୀ ପରିବାର ଏହି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟ ୨ ପଞ୍ଚାୟତ ଢିଙ୍କିଆ ଓ ନୂଆଗାଁର ଅଧିବାସୀମାନେ ୨ବର୍ଷ ତଳୁ ଏହି ଟଙ୍କା ପାଇସାରିଛନ୍ତି। ଏନେଇ ଲୋକେ ସରପଞ୍ଚଙ୍କୁ ଟାହିଟାପରା କରୁଛନ୍ତି ବୋଲି ଖଟୁଆ କହିଥିଲେ। ତେଣୁ ଆମେ ଯେତିକି ଜମି ଦେବୁ, ଅନ୍ୟ ସ୍ଥାନରେ ଆମକୁ ସେତିକି ଜମି ଦିଆଯାଉ ବୋଲି ସେ ଦାବି କରିଥିଲେ। ସେହିପରି ଗ୍ରାମର ସଞ୍ଜୟ ମହାପାତ୍ର

### ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀ ଜନଶୁଣାଣି

- **ଭତ୍ତା ବାବଦ ୮୮ ହଜାର ଟଙ୍କା ମିଳି ନ ଥିବା ଅଭିଯୋଗ**
- **ଏକର ପିଛା ୨ରୁ ୪ କୋଟି ଟଙ୍କା ଦେବାକୁ ଦାବି**
- **ଟାଉନଶିପ ବଦଳରେ ସହଯୋଗୀ ଶିଳ୍ପ କରାଯାଉଛି**

କହିଥିଲେ, ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ପ୍ରଥମେ ଭତ୍ତା ବାବଦ ଟଙ୍କା ଦିଆଯିବା ପରେ ଜମି ଦେବା ନଦେବା କଥା ଆଲୋଚନା ହେଉ। ଧୀରେନ୍ଦ୍ର ମହାପାତ୍ର କହିଥିଲେ, ଗତବର୍ଷ ଗଡ଼କୁଜଙ୍ଗ ସ୍କୁଲର ୭୦ଜଣ ଛାତ୍ରଛାତ୍ରୀଙ୍କୁ ଜେଏସ୍‌ଡବ୍ଲ୍ୟୁ ଗୋଟିଏ ଲେଖାଏଁ ଟେଷ୍ଟପେପର ଦେଇଥିଲା। ଚଳିତ ବର୍ଷ କମ୍ପାନୀ ଅଧିକାରୀଙ୍କ ସହ ଟେଷ୍ଟ ପେପର ଦେବା ସମ୍ପର୍କରେ ଆଲୋଚନା କରିବାରେ ସେ କହିଥିଲେ, ଆମର ବଜେଟରେ ନାହିଁ। ଏନେଇ କମ୍ପାନୀ ଉପରେ ଆମର ଭରସା ପାଉନାହିଁ, ତେଣୁ ଏଭଳି କମ୍ପାନୀକୁ ଜମି ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ, କମ୍ପାନୀ ପକ୍ଷରୁ ଅଞ୍ଚଳର ଆରାଧ୍ୟ ଦେବତା ପ୍ରଭୁ କୁଞ୍ଜବିହାରୀଙ୍କ ମନ୍ଦିରର ଉନ୍ନତି ପାଇଁ କୌଣସି ଟଙ୍କା ଦିଆଯାଇ ନଥିବାବେଳେ ଲୋକଙ୍କୁ କ'ଣ ଦିଆଯିବ ତାହା ସ୍ପଷ୍ଟ ବାରି ହୋଇପଡୁଛି। ସଂଗ୍ରାମ କେଶରୀ ବେହେରା କହିଥିଲେ, କମ୍ପାନୀ ପକ୍ଷରୁ ପ୍ରତି ପରିବାରରୁ ଜଣେ ଲେଖାଏଁଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦିଆଯାଉଛି। ମାତ୍ର ତାହା ପୂରଣ ହେଉନାହିଁ। ଆମ୍ଭେମାନେ ପୈତୃକ ସମ୍ପତ୍ତି ଦେଲାପରେ ଏବେ ଭିକ୍ଷା ମାଗିବା ଛଡ଼ା ଆଉ କିଛି ବାଟ ନାହିଁ ବୋଲି ସେ କହିଥିଲେ। ନଳିନୀ ବେହେରା କହିଥିଲେ, ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନିମନ୍ତେ ଯେତିକି ଜଙ୍ଗଲ ନଷ୍ଟ କରାଯାଇଛି ପ୍ରଥମେ ସେତିକି ଜଙ୍ଗଲ ସୃଷ୍ଟି କରାଯାଉ। ପୂର୍ବତନ ସରପଞ୍ଚ ସମ୍ପଦ ବାରିକ କହିଥିଲେ, କମ୍ପାନୀ ପକ୍ଷରୁ ପ୍ରଥମେ ଗଡ଼କୁଜଙ୍ଗ ମୌଜାର ଟାଉନଶିପ ହେବ ବୋଲି କୁହାଯାଇଥିଲା। ମାତ୍ର ଏବେ ସେଠାରେ ସହଯୋଗୀ ଶିଳ୍ପ ହେବ ବୋଲି କୁହାଯାଉଛି। ଆମକୁ ଚିଠି ହୋଇଛି ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ନିମନ୍ତେ ଜନ ଶୁଣାଣି ହେବ। ଆଜି ଏଠାରେ କୁହାଯାଉଛି ଇଡ୍‌କୋ ଜମି ଅଧିଗ୍ରହଣ କରିବ। ତେବେ କେଉଁ କମ୍ପାନୀ ପାଇଁ ଅଧିଗ୍ରହଣ କରାଯିବ ତାହା ପ୍ରଶାସନ ପ୍ରଥମେ ସ୍ପଷ୍ଟ କରୁ। ଅପରପକ୍ଷେ ଜନବସତିଠାରୁ ୧୦୦ ମିଟର ଦୂରରେ ଜମି ଅଧିଗ୍ରହଣ କରି ଶିଳ୍ପ ପ୍ରତିଷ୍ଠା ହେଲେ ଜନଜୀବନ ଦୁର୍ବିଷହ ହୋଇପଡ଼ିବ ବୋଲି ସେ କହିଥିଲେ।

ଏହି ଅବସରରେ ଜିଲା ପ୍ରଶାସନ ତରଫରୁ ଜଗତ୍‌ସିଂହପୁରର ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ କହିଥିଲେ,୨୦୧୩ ଜମି ଅଧିଗ୍ରହଣ ନିୟମ ଅନୁଯାୟୀ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯିବ। ତେବେ କେଉଁ ଉଦ୍ଦେଶ୍ୟରେ ଗଡ଼କୁଜଙ୍ଗ ମୌଜାର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ ତାହା କହିପାରିବେ ନାହିଁ। ମାତ୍ର ଇଡ୍‌କୋ ଲ୍ୟାଣ୍ଡ ବ୍ୟାଙ୍କକୁ ଜମିଯିବ। ପରେ କାହାକୁ ଦିଆଯିବ ସ୍ଥିର କରାଯିବ। ଏହି ଶିବିରରେ ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ଇଡ୍‌କୋର ଭୂ ଅର୍ଜନ ଅଧିକାରିଣୀ ସ୍ୱାତୀ ମିଶ୍ର, ଏରସମା ତହସିଲଦାର ସନ୍ଧ୍ୟାଞ୍ଜଳି ମାଝି, ଜଗତ୍‌ସିଂହପୁରର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କମଳେଶ ମହନ୍ତ, ଅତିରିକ୍ତ ଭୂ-ଅଧିକାରୀ ପୁରୁଷୋତ୍ତମ ଦାସ, ଡେକରର ବରିଷ୍ଠ ଉପସଭାପତି ଶିବବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଇମ୍ଫାଲକୁ ଫେରିଲା କର୍ଫ୍ୟୁ

### ଅସ୍ତ୍ର ପାଇଁ ଥାନା ଘେରାଉ ଉଦ୍ୟମ

**ଇମ୍ଫାଲ,୧।୧୧**

ଅସ୍ତ୍ର ଦାବିରେ ବୁଧବାର ଉତ୍ତ୍ୟକ୍ତ ଜନତା ମଣିପୁର ରାଜଧାନୀ ଇମ୍ଫାଲରେ ଥିବା ପୋଲିସ ଅଫିସ୍ କମ୍ପ୍ଲେକ୍ସକୁ ଘେରାଉ ଉଦ୍ୟମ କରିଥିଲେ। ରାଜଭବନ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଫିସ ନିକଟରେ ଥିବା ମଣିପୁର ରାଇଫଲ୍ସର ପ୍ରଥମ କମ୍ପ୍ଲେକ୍ସକୁ ଦଳେ ଲୋକ ଘେରିଯାଇ ଅସ୍ତ୍ର ଦାବି କରିଥିଲେ। ସୁରକ୍ଷା ବଳ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ଫାଙ୍କା ଗୁଳିଚାଳନା କରିଥିଲେ। ଉତ୍ତେଜନା ଲାଗି ରହିବାରୁ ମଣିପୁରର ୨ ଜିଲାରୁ କୋହଳ ହୋଇଥିବା କର୍ଫ୍ୟୁକୁ ପୁଣିଥରେ କଡ଼ାକଡ଼ି କରାଯାଇଛି। ରାଜ୍ୟ ସରକାର ଦୈନିକ ସକାଳ ୫ରୁ ରାତି ୧୦ ପର୍ଯ୍ୟନ୍ତ ଇମ୍ଫାଲ ଇଷ୍ଟ ଏବଂ ୱେଷ୍ଟ ଜିଲାରେ କର୍ଫ୍ୟୁ କୋହଳ କରୁଥିଲେ। ଆଇନ ଶୃଙ୍ଖଳ ସ୍ଥିତି ସୃଷ୍ଟି ହେବାରୁ ସଙ୍ଗେ ସଙ୍ଗେ କର୍ଫ୍ୟୁ କୋହଳ ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନିଆଗଲା ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

## ମନୋରଞ୍ଜନ ମିଶ୍ର ଆର୍‌ବିଆଇର ନୂଆ ଇଡି ନିଯୁକ୍ତ

**ନୂଆଦିଲ୍ଲୀ,୧।୧୧**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବୁଧବାର ମନୋରଞ୍ଜନ ମିଶ୍ରଙ୍କୁ ଏହାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ନିଯୁକ୍ତ କରିଛି। ସେ ପ୍ରବର୍ତ୍ତନ ବିଭାଗ, ରିସ୍କ ମନିଟରିଂ ଡିପାର୍ଟମେଣ୍ଟ ଏବଂ ବାହ୍ୟ ନିବେଶ ଓ ଅପରେଶନ୍ ଦାୟିତ୍ୱ ତୁଲାଇବେ। ମନୋରଞ୍ଜନ ପୂର୍ବରୁ ଆର୍‌ବିଆଇ ରେଗୁଲେଶନ୍ ବିଭାଗରେ ଚିଫ୍ ଜେନେରାଲ ମ୍ୟାନେଜର ଥିଲେ। କେନ୍ଦ୍ରୀୟ ବ୍ୟାଙ୍କରେ ତାଙ୍କ ୩ ଦଶନ୍ଧିର ଅଭିଜ୍ଞତା ରହିଛି।

## ନିର୍ବାଚନରୁ କଳାଧନକୁ ଦୂରେଇ ରଖିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଏକ ଉଦ୍ୟମ: କେନ୍ଦ୍ର

**ନୂଆଦିଲ୍ଲୀ,୧।୧୧**

ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ଜାରି ଇଲେକ୍ଟୋରାଲ ବଣ୍ଡରୁ ଦାତାଙ୍କ ନାମ ଜଣାପଡ଼ି ନ ଥାଏ। ତେବେ ଏହା କେବଳ ସାଧାରଣ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ। ଅନ୍ୟପକ୍ଷେ ଆଇନ ପ୍ରଣୟନକାରୀ ଏଜେନ୍ସିଗୁଡ଼ିକ ଏହା ଉପଲବ୍ଧ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ରୁ ବଣ୍ଡ୍ ଯାଞ୍ଚ କରି ଦାତାଙ୍କ ସମ୍ପର୍କରେ ବିବରଣୀ ହାସଲ କରିପାରିବେ। ଏହି ଦୃଷ୍ଟିରୁ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାରେ ଦାତାଙ୍କ ବିବରଣୀର ଗୋପନୀୟତା ଚୟନାତ୍ମକ ବୋଲି ବୁଧବାର ସୁପ୍ରିମକୋର୍ଟ କହିଛନ୍ତି। ସେହିପରି ଏହା ଚୟନାତ୍ମକ ଭାବେ ଗୋପନୀୟ ବୋଲି ଅଦାଲତ କହିଛନ୍ତି। ଯଦି ଏହି ବଣ୍ଡ୍ ବ୍ୟବସ୍ଥା ରାଜନୈତିକ ଦଳଗୁଡ଼ିକୁ ସମାନ ସୁଯୋଗ ନ ଦିଏ ଏବଂ ଏଥିରେ ଅସ୍ପଷ୍ଟତା ରହେ, ତେବେ ଉକ୍ତ ଯୋଜନାର ସତ୍ୟନିଷ୍ଠତା ରହିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଟିପ୍ପଣୀ ଦେଇଛନ୍ତି। ଇଲେକ୍ଟୋରାଲ ବଣ୍ଡ୍ ଯୋଜନାର ବୈଧତାକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ଦାଏର ଅନେକ ପିଟିଶନର ଶୁଣାଣି ବେଳେ



ସାମ୍ବିଧାନିକ ପୀଠ କହିଥିଲେ, ଯୋଜନା ପଛର ଉଦ୍ଦେଶ୍ୟ ପ୍ରଶଂସନୀୟ ହୋଇପାରେ, କିନ୍ତୁ ନିର୍ବାଚନ ପ୍ରକ୍ରିୟା ମଧ୍ୟକୁ ସ୍ୱଚ୍ଛ ଧନ ଆଣିବା ଉଦ୍ୟମ ସଫଳ ହୋଇପାରିବ, ଯଦି ଏହା ସମ୍ପୂର୍ଣ୍ଣ ତଥ୍ୟ ଜରୁରୀ ଭାବେ ପ୍ରଦାନ କରିବ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ, ଭାରତ ସମେତ ପ୍ରାୟ ସବୁ ଦେଶ ନିର୍ବାଚନରେ କଳାଧନ ବ୍ୟବହାର ସମସ୍ୟାରୁ ମୁକ୍ତ ହେବା ଲାଗି ଉଦ୍ୟମ ଚଳାଇଛନ୍ତି। ନିର୍ବାଚନ ପ୍ରକ୍ରିୟାରୁ କଳାଧନକୁ ଦୂରେଇ ରଖିବା ପାଇଁ ଇଲେକ୍ଟୋରାଲ ବଣ୍ଡ୍ ଏକ ସଚେତନ ଉଦ୍ୟମ। ତେବେ କଳାଧନ ସମସ୍ୟା ଦୂର କରିବା ଦିଗରେ ଏହା ଏକମାତ୍ର ଉଦ୍ୟମ ଭାବେ ଅଦାଲତ ଗ୍ରହଣ କରି ନ ପାରନ୍ତି। ଡିଜିଟାଇଜ୍‌ଡ ପେମେଣ୍ଟ, ୨.୩୮ ଲକ୍ଷ ବେନାମୀ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଦି ଅନେକ ପଦକ୍ଷେପ ନିଆଯାଉଛି ବୋଲି ମେହେଟ୍ଟା କହିଥିଲେ।

## ୧୪ ହାତୀ, ୬ କଲରାପତରିଆ...

ସୂଚନାରୁ ଜଣାପଡ଼ିଛି । ୨୦୧୭ ହାତୀ ଗଣନା ଅନୁସାରେ ଗୁଡ଼ାରି ଜଙ୍ଗଲରେ ୮, ମୁନିଗୁଡ଼ା ବନାଞ୍ଚଳରେ ୬ ଏବଂ କଲ୍ୟାଣସିଂହପୁର ବନାଞ୍ଚଳରେ ୨ଟି ହାତୀ ଥିଲେ। ସେହିଭଳି ୨୦୧୬ ବ୍ୟାଘ୍ର ଗଣନା ଅନୁସାରେ ରାୟଗଡ଼ା ରେଞ୍ଜ ଅଧୀନ ଗୁମ୍ମା ସେକ୍ସନର ନାଥମା ଅଞ୍ଚଳରେ ୨, ମୁନିଗୁଡ଼ା ରେଞ୍ଜ ଅଧୀନ ପୋଖରୀରେ ୧, ଅମ୍ବାଦଳାରେ ୧ ଏବଂ ଚନ୍ଦ୍ରପୁର ଜଙ୍ଗଲରେ ୨ ବାଘ ରହିଥିବା ରାୟଗଡ଼ା ବନଖଣ୍ଡ କାର୍ଯ୍ୟାଳୟରୁ ଜଣାପଡ଼ିଛି। ୨୦୨୩ ଅକ୍ଟୋବରରେ ଶେଷ ହୋଇଥିବା ବାଘ ଗଣନା ଅନୁସାରେ ଜିଲାର କୌଣସି ଜଙ୍ଗଲରେ ଗୋଟିଏ ହେଲେ କଲରାପତରିଆ ବାଘ ନ ଥିବା ସୂଚନା ମିଳିଛି। ବିଭାଗୀୟ କର୍ମଚାରୀଙ୍କ ଦାୟିତ୍ୱରେ ଅବହେଳା କାରଣରୁ ବାଘ ଓ ହାତୀବଂଶ ଲୋପ ପାଇବାକୁ ବସିଥିଲେ ମଧ୍ୟ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ବନ ବିଭାଗ ପକ୍ଷରୁ ସେଭଳି କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି । କେବଳ ହାତୀ ଓ ବାଘ ନୁହେଁ, ଜଙ୍ଗଲ ଅବକ୍ଷୟ ଓ ଶିକାରୀଙ୍କ ଦୌରାତ୍ମ୍ୟ କାରଣରୁ ଜିଲାରୁ ଅନ୍ୟ ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ୍ୟ ଧୀରେ ଧୀରେ କମିବାରେ ଲାଗିଛି। ଗତ ଏପ୍ରିଲ ୧୦ ତାରିଖରେ ଗୋଟିଏ କୁଟୁରା ବାଟବଣା ହୋଇ ସହର ଭିତରକୁ ଆସିଥିବାବେଳେ ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ କୌଣସ ସୂଚନା ନ ଥିଲା । ସ୍ଥାନୀୟ ଲୋକେ ଏହାକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ । କୁକୁରଙ୍କ ଆକ୍ରମଣରେ କ୍ଷତାକ୍ତ ହୋଇଥିବାରୁ କୁଟୁରାର ମୃତ୍ୟୁ ଘଟିଥିଲା । ଏକଦା ହାତୀ ଓ ବାଘର ସୁରକ୍ଷିତ ଜଙ୍ଗଲ ଭାବେ ପରିଚିତ ରାୟଗଡ଼ା ଜିଲାରେ ଏବେ ହାତୀ ଓ ବାଘ ବଂଶ ଲୋପ ପାଇବାକୁ ବସିଥିଲେ ମଧ୍ୟ ଏ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ସେମାନଙ୍କ ସୁରକ୍ଷା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଜିଲାରେ ବନ୍ୟଜନ୍ତୁଙ୍କ ଅବସ୍ଥିତି ଓ ସୁରକ୍ଷାକୁ ନେଇ ରାୟଗଡ଼ା ବନଖଣ୍ଡ ଭାରପ୍ରାପ୍ତ ଡିଏଫ୍‌ଓ ଏସ୍.ଆନନ୍ଦଙ୍କୁ ପଚାରିବାରୁ ବନ୍ୟଜନ୍ତୁଙ୍କ ନିୟମିତ ଟ୍ରାକିଂ କରିବା ସହ ଜନ ସଚେତନତା କରାଯାଉଛି। ଜନବସତି ଅଞ୍ଚଳଙ୍କୁ ହାତୀ ଓ ବାଘ ପଶି ଆସିଲେ ସେମାନଙ୍କୁ ଆକ୍ରମଣ ନ କରି ତୁରନ୍ତ ବନ ବିଭାଗକୁ ସୂଚନା ଦେବା ପାଇଁ ସଚେତନ କରାଯାଉଛି । ଏଥିସହ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସୂଚନା ପାଇଁ ରେଲୱେ ଓ ବିଦ୍ୟୁତ୍ ବିଭାଗ ସହ ସମ୍ପର୍କ ସ୍ଥାପନ କରାଯାଉଥିବା ଡିଏଫ୍‌ଓ ଆନନ୍ଦ କହିଛନ୍ତି। ତେବେ ଗଣନା ବେଳେ ହାତୀ ଓ କଲରାପତରିଆ ବାଘ ନିଖୋଜ ହେବା ଘଟଣାର ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି ।

## ଘରେ ପଢୁଥିବା ବେଳେ ...

ମୃତ ଛାତ୍ରଙ୍କ ଶରୀରରେ ୫ରୁ ୬ ସ୍ଥାନରେ ଗଭୀର କ୍ଷତ ହୋଇଥିବା ଦେଖାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ଜଟଣୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଦୁଇଟି ଟିମ ଗଠନ କରି ବେଣାପଞ୍ଜରୀ ଗ୍ରାମ ଏବଂ ଖୋର୍ଦ୍ଧା ମେଡିକାଲରେ ତଦନ୍ତ କରାଯାଉଥିବା ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଲିୟାରସିଂ ସୂଚନା ଦେଇଛନ୍ତି। ତେବେ ଶୁଭମ୍‌ଙ୍କୁ କେହି ହତ୍ୟା ନା ସେ ଆତ୍ମହତ୍ୟା କରିଛନ୍ତି ସେନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ମୃତ ଛାତ୍ରଙ୍କ ପରିବାର ଉକ୍ତ ଗ୍ରାମର ଜଣେ ଶିକ୍ଷିତ ଏବଂ ଭଦ୍ର ପରିବାର ଅଟନ୍ତି। ମୃତ ଛାତ୍ରଙ୍କ ପିତା ଏବଂ ଅନ୍ୟ ସଦସ୍ୟ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କର କାହା ସହିତ କୌଣସି ଶତ୍ରୁତା ନ ଥାଇପାରେ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ବିଭିନ୍ନ ଭିଡିଓ ଗେମ୍ ଖେଳରୁ ଛାତ୍ର ଜଣକ ଏଭଳି ଚରମ ନିଷ୍ପତ୍ତି ନେଇଥାଇ ପାରନ୍ତି ବୋଲି ସ୍ଥାନୀୟ ଗ୍ରାମରେ ଆଲୋଚନା ହେଉଥିବାରୁ ଘଟଣାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଶୁଭମ୍‌ଙ୍କ ମା' କହିଛନ୍ତି ଯେ, ପୁଅ ଅପରାହ୍ନ ୫ଟାରେ ସ୍କୁଲରୁ ଘରକୁ ଫେରିଥିଲା। ତାକୁ ଖାଇବାକୁ ଦେଇଥିଲି। ପରେ ମୁଁ ପିଲାଙ୍କୁ ଟ୍ୟୁଶନ କରୁଥିବାବେଳେ ପୁଅ ଚିତ୍କାର ଶୁଣିଥିଲି। ଆସି ଦେଖିବା ବେଳକୁ ରକ୍ତାକ୍ତ ଅବସ୍ଥାରେ ପୁଅ ପଡ଼ିଥିବାବେଳେ ଏକ ଛୁରି ନିକଟରେ ପଡ଼ିଥିଲା। ସେ ଛୁରି ଆମର ନୁହେଁ ବୋଲି ମା' ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି ।

### ପ୍ରଥମ ପୃଷ୍ଠାରୁ...

## ଆର୍‌ବିଆଇରେ ଇଓଡବ୍ଲ୍ୟୁ...

(ପ୍ରଥମ ପୃଷ୍ଠାରୁ)

କରିଥିଲେ। ଏ ସଂକ୍ରାନ୍ତରେ ଆର୍‌ବିଆଇ ଭୁବନେଶ୍ୱର ଆଞ୍ଚଳିକ ଶାଖା ନିର୍ଦ୍ଦେଶକ ସାରଦା ପ୍ରସନ୍ନ ନାୟକ କହିଛନ୍ତି, ଏହି ବଡ଼ ନୋଟ ବଦଳାଉଥିବା ସମସ୍ତ ଲୋକଙ୍କ ତଥ୍ୟ ରହିଛି। ଏଥିସହ ଏହାର ସିସିଟିଭି ଫୁଟେଜ ମଧ୍ୟ ରଖାଯାଉଛି। ଯେକୌଣସି ତଦନ୍ତକାରୀ ସଂସ୍ଥା ଆଲୋଚନା କଲେ ସବୁ ପ୍ରକାର ସହଯୋଗ କରାଯିବ ବୋଲି ସେ କହିଛନ୍ତି। ଏହି ନୋଟ୍ ବଦଳ କାରବାରରେ ବଡ଼ ବ୍ୟବସାୟୀ, ରାଜନେତା ପ୍ରମୁଖଙ୍କ ହୋଇଥିବା କୁହାଯାଉଥିବା ବେଳେ ଏଜେଣ୍ଟଙ୍କ ଦ୍ୱାରା ଦିନମଜୁରିଆଙ୍କୁ ନିୟୋଜିତ କରାଯାଇ ବଦଳାଯାଉଥିବା ଜଣାପଡ଼ିଛି। ତେବେ ଏହି କାରବାର ପଛରେ ଥିବା ବଡ଼ବଡ଼ିଆଙ୍କୁ ଧରିବା ତଦନ୍ତକାରୀ ସଂସ୍ଥା ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି। ଗରିବଙ୍କୁ ମୋହରା କରି କଳା ଟଙ୍କାକୁ ଧଳା କରୁଥିବା କାର୍ପେଟଦାରଙ୍କ ପାଖରେ ତଦନ୍ତକାରୀ ସଂସ୍ଥା ପହଞ୍ଚିପାରିବ କି ନାହିଁ ତାହା ସାଧାରଣରେ ଚର୍ଚ୍ଚା ହେଉଛି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ବ୍ୟାଙ୍କଗୁଡ଼ିକରେ ୨ ହଜାରିଆ ନୋଟ ବଦଳାଇବା ସମୟସୀମା ଅକ୍ଟୋବର ୭ ରହିଥିଲା। ଏହା ପରଠୁ ଆର୍‌ବିଆଇର ୧୯ଟି ଆଞ୍ଚଳିକ କାର୍ଯ୍ୟାଳୟରେ ଏହି ନୋଟ୍‌କୁ ବଦଳାଯାଇପାରିବ। ଜଣେ ବ୍ୟକ୍ତି ୧୦ ଖଣ୍ଡ ନୋଟ୍ ଅର୍ଥାତ ୨୦ହଜାର ଟଙ୍କା ବଦଳାଇପାରିବେ କିମ୍ବା ଡିପୋଜିଟ୍ କରିପାରିବାର ଗାଇଡଲାଇନ୍ ରହିଛି। ତେବେ ଯେଉଁମାନେ ଟଙ୍କା ବଦଳାଉଛନ୍ତି, ସେମାନଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଯିବାର ବ୍ୟବସ୍ଥା ରହିଛି। ତେବେ ଉକ୍ତ ବ୍ୟବସ୍ଥା ନ ଆପଣାଇ ଲୋକଙ୍କୁ ୨ହଜାର ଟଙ୍କିଆ ବଦଳରେ ଖୁଚୁରା ଟଙ୍କା ଦିଆଯାଉଥିବାରୁ, ପରବର୍ତ୍ତୀ ସମୟରେ ସେ ଟଙ୍କାର ହିସାବ ନେଇ ତଥ୍ୟ ଉପଲବ୍ଧ ହେବା କଷ୍ଟକର ହୋଇପଡ଼ିବ ବୋଲି ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କହିଛନ୍ତି। ଆର୍‌ବିଆଇର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ବର୍ତ୍ତମାନ ସୁଦ୍ଧା ଦେଶର ୯୭% ନୋଟ୍ ଫେରି ଆସିଲାଣି। ବଜାରରେ ଆଉ ୩% ଅର୍ଥାତ ପ୍ରାୟ ୧୦ ହଜାର କୋଟି ଟଙ୍କାର ୨ହଜାରିଆ ନୋଟ୍ ରହିଥିବା ସେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଏବଂ ଅଭାବବୋଧ ବିଶେଷ ବାଧିବ ନାହିଁ। ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସାମାଜିକ ସ୍ତରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ।

**ବୃଷ** ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ଗତି କଲେ ମଧ୍ୟ କିଛି ଅସୁବିଧା ହେବନି। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** ପାରିବାରିକ କ୍ଷେତ୍ରରେ ଲୁଚି ରହିଥିବା ମନର ଦୁଃଖକୁ ଲୁଚାଇ ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। କର୍ମକ୍ଷେତ୍ରରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ସାମୟିକ ଭାବରେ ମନରେ ଆଶ୍ୱସ୍ତି ଭରିପାରେ। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ କୃତକାର୍ଯ୍ୟ ମଧ୍ୟ ହେବେ।

**କର୍କଟ** ଅତୀତ ଦିନରୁ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ଆକସ୍ମିକ ଭାବରେ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟା ଗୁଡ଼ିକର ମୁକାବିଲା କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ** ପାରିବାରିକ କ୍ଷେତ୍ରର ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ବନ୍ଧୁଗହଣରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରାଦିରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା** ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିବେ। ଈର୍ଷାପରାୟଣ ମନୋଭାବ ନେଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ।

**ତୁଳା** ପରିସ୍ଥିତିକୁ ସମ୍ଭାଳିବା ପରିପ୍ରେକ୍ଷୀରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ମିଷ୍ଟାନ୍ନ ଲାଭରୁ ମନ ଖୁସି ରହିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କରିବେ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ବିଛା** ଅତୀତର କୌଣସି ଘଟଣା ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସହକର୍ମୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିବା ଦ୍ୱାରା ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସାମ୍ବାଦିକତା ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ।

**ଧନୁ** ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଅଫିସିଆଲି କାମରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ସାମୟିକ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। କେତେକ କ୍ଷେତ୍ରରେ ଅନ୍ୟମନସ୍କ ହୋଇ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହି ସମାଲୋଚିତ ହେବେ, ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ।

**କୁମ୍ଭ** କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ବନ୍ଧୁମାନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ। ସାମୟିକ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତ ରହିପାରେ।

**ମୀନ** ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଏବଂ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଅସମର୍ଥିତ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ନିକଟରୁ ଦୂରେଇ ରହିବା ଭଲ ହେବ।

ଆଜି କାର୍ତ୍ତିକ କୃଷ୍ଣ ୫ମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୨ ତାରିଖ, ଭଜନସମ୍ରାଟ ଭିକାରୀବଳଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୫୧ମି. ଗତେ ଘ.୦୭.୨୧ମି. ମଧ୍ୟେ, ଘ.୦୧.୨୨ମି. ଗତେ ଘ.୦୨.୫୩ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଅପରାହ୍ନ ଘ.୧୨.୫୪ମି. ଗତେ ଘ.୦୨.୧୯ମି. ମଧ୍ୟେ ରାହୁକାଳ।

# ଘରେ ଘରେ ଖୁସି ଆଣିବ ଲକ୍ଷ୍ମୀ



କଳାହାଣ୍ଡିରେ ଶୁଭାରମ୍ଭ ହୋଇଥିବା ଲକ୍ଷ୍ମୀ ବସ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

- କଳାହାଣ୍ଡି ପ୍ରତିଷ୍ଠା ଦିବସରେ ଜିଲାବାସୀଙ୍କୁ ୧୨ ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି
- ଲକ୍ଷ୍ମୀ ବସ୍, ଶହୀଦ ରେଣ୍ଡୋ ମାଝି ମେଡ଼ିକାଲ କଲେଜର ଲୋକାର୍ପଣ
- ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ନାଁରେ ନାମିତ ହେଲା କଳାହାଣ୍ଡି ବିଶ୍ୱବିଦ୍ୟାଳୟ

ଭବାନୀପାଟଣା,୧।୧୧
(ଉତ୍ତମ କୁମାର ଦାଶ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କଳାହାଣ୍ଡି ଗସ୍ତରେ ଆସି ଜିଲାବାସୀଙ୍କୁ ପ୍ରତିଷ୍ଠା ଦିବସରେ ୧୨ ଶହ କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ଏଥିରେ ସେ ୩ଶହ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଏବଂ ୯ଶହ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ କରିଥିଲେ। ଏହା ଦ୍ୱାରା ଜିଲାର ବିକାଶ ଗତିକୁ ଆହୁରି ଜୋରଦାର କରିବ ବୋଲି ସେ କହିଥିଲେ। ସେହିପରି ଭଙ୍ଗାବାରୀସ୍ଥିତ ଶହୀଦ ରେଣ୍ଡୋ ମାଝି ମେଡ଼ିକାଲ କଲେଜ, ଭବାନୀପାଟଣାସ୍ଥିତ ଆଦର୍ଶ ବସ୍ ଟର୍ମିନାଲ ଲୋକାର୍ପଣ କରିବା ସହ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଥିଲେ। ଭବାନୀପାଟଣାସ୍ଥିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଲକ୍ଷ୍ମୀ ଯୋଜନା ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଜିଲାବାସୀଙ୍କୁ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲକ୍ଷ୍ମୀ ଯୋଜନାରେ ଜିଲାରେ ୬୩ଟି ବସ ଚାଲିବ ଓ ସବୁ ପଞ୍ଚାୟତକୁ ବସ ଯିବ। ଲକ୍ଷ୍ମୀ ଘରେ ଘରେ ଖୁସି ଆଣିବ ଓ ବିକାଶର ଗାଡିକୁ ଆହୁରି ଜୋରରେ ଆଗକୁ ନେବ। ଘର ପାଖକୁ ଆସିବ ଲକ୍ଷ୍ମୀ ବସ୍। ପିଲାଙ୍କୁ ସ୍କୁଲ, ଚାଷୀଙ୍କୁ ମାର୍କେଟ ସହିତ ଯୋଡିବ ବସ୍। ଏହି ବସ୍‌ରେ ଗାଁରୁ ବ୍ଲକ ପର୍ଯ୍ୟନ୍ତ ଲୋକେ ସୁବିଧାରେ ଯାଇପାରିବେ। ସାରା ରାଜ୍ୟରେ ଏହି ଯୋଜନାରେ ୧୦୦୦ଟି ବସ ଚାଲିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭାବେ ନାମିତ କରିଥିଲେ। ଏହା ପୂର୍ବରୁ ଭଙ୍ଗାବାରୀଠାରେ ଥିବା ନବନିର୍ମିତ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ ମୁଖ୍ୟମନ୍ତ୍ରୀ।

ଦୀର୍ଘଦୁଇଦଶନ୍ଧିଧରିଜିଲାବାସୀଙ୍କ ମେଡିକାଲ କଲେଜ ଆଶା ପୂରଣ ହୋଇଛି। ଭବାନୀପାଟଣା ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲକୁ ୧୦୦ ସିଟରେ ନାମଲେଖା ପାଇଁ ଏନ୍‌ଏମ୍‌ସିଠାରୁ ଅନୁମତି ମିଳିଛି। ଏହି ମେଡିକାଲ କଲେଜ ଓ ହସ୍ପିଟାଲଟିର ନାମ କଳାହାଣ୍ଡି ଜିଲାର ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲ ରଖାଯାଇଛି। କଳାହାଣ୍ଡି ଆଜି ରୂପାନ୍ତରଣରେ ଉଦାହରଣ ସାଜିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କଳାହାଣ୍ଡି ଆଜି ନିଜ ଇତିହାସକୁ ପରିବର୍ତ୍ତନ କରିଛି। ସଫଳତାର ନୂଆ କାହାଣୀ ଯୋଡ଼ିଛି। ସାରା ଦେଶକୁ ଆଜି କଳାହାଣ୍ଡି ଚାଉଳ ଯୋଗାଉଛି। ଇନ୍ଦ୍ରାବତୀ ପ୍ରୋଜେକ୍ଟ କଳାହାଣ୍ଡି ବିକାଶର ଇଞ୍ଜିନ ବୋଲି ମତଦେଇ ସେ କହିଥିଲେ ଯେ, ଏହି ପ୍ରୋଜେକ୍ଟ କଳାହାଣ୍ଡିର ଚେହେରାକୁ ଉଜ୍ଜ୍ୱଳ କରିଛି। ଖୁବଶୀଘ୍ର ଏଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହେବ। ସବୁ ପଞ୍ଚାୟତକୁ ମିଳିବ ୫୦ ଲକ୍ଷ ଟଙ୍କା। ଆମ ସଂସ୍କୃତି ଓ ଆଧୁନିକ ଭିତ୍ତିଭୂମି ପାଇଁ ଏହି ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ସମସ୍ତଙ୍କ ସହଯୋଗରେ ଆଗାମୀ ଦିନରେ କଳାହାଣ୍ଡିର ବିକାଶ ଯାତ୍ରା ଆହୁରି ଆଗକୁ ଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଭବାନୀପାଟଣାସ୍ଥିତ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ନର୍ଲା ବିଧାୟକ ଭୂପିନ୍ଦର ସିଂ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସେହିପରି ଶହୀଦ ରେଣ୍ଡୋ ମାଝି ମେଡିକାଲ ଲୋକାର୍ପଣ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଝାରୀ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ଏମ୍‌ପି ବସନ୍ତ ପଣ୍ଡା, କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏନଏଚଏମ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସଭା ପରିଚାଳନା କରିଥିଲେ।

# ଭାରତ ଓ ୟୁଏଇ ମଧ୍ୟରେ ଷ୍ଟ୍ରାଟେଜିକ୍ ସମ୍ପର୍କ ଶିଖରକୁ ନେବା ଆମ ଲକ୍ଷ୍ୟ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୧।୧୧(ସୁନିତ୍ ମିଶ୍ର)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୟୁଏଇ ଗସ୍ତର ପ୍ରଥମ ଦିନରେ ୟୁଏଇ ଶିକ୍ଷାମନ୍ତ୍ରୀ ଅହମ୍ମଦ ଅଲ୍ ଫଲାସୀଙ୍କ ସହ ବୈଠକ କରି ଆବୁଧାବୀରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଭାରତ ଓ ୟୁଏଇ ମଧ୍ୟରେ ଷ୍ଟ୍ରାଟେଜିକ୍ ସମ୍ପର୍କକୁ ଶିଖରକୁ ନେବା ଆମର ଲକ୍ଷ୍ୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ସମୟରେ ଶିକ୍ଷା ଓ ଦକ୍ଷତା ସମେତ ଅନେକ କ୍ଷେତ୍ରରେ ଭାରତ ଏବଂ ୟୁଏଇ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ଷ୍ଟ୍ରାଟେଜିକ୍ ଭାଗୀଦାରି ତଥା ବିଶେଷ ଭାବେ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇଛି। ୟୁଏଇରେ ଆଇଆଇଟି ଖୋଲାଯାଉଛି ଏବଂ ଭାରତର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡିକ ଏଠାରେ ଅବସ୍ଥାପିତ ଅଛି। ଭବିଷ୍ୟତରେ ମଧ୍ୟ ଅନେକ ବିଶ୍ୱବିଦ୍ୟାଳୟ ୟୁଏଇରେ ଖୋଲାଯିବା ସମ୍ଭାବନା ରହିଛି। ଭାରତର ପ୍ରମୁଖ ଜାତୀୟ ଶିକ୍ଷା ବୋର୍ଡ ସିବିଏସ୍‌ଇର ୧୦୦ରୁ ଅଧିକ ବିଦ୍ୟାଳୟ ୟୁଏଇରେ କାର୍ଯ୍ୟ କରୁଛି। ଖୁବ୍‌ଶୀଘ୍ର ଏଠାରେ ଏକ ସିବିଏସ୍‌ଇ କାର୍ଯ୍ୟାଳୟ ଖୋଲାଯିବା ଯୋଜନା ରହିଛି। ୟୁଏଇ ଶିକ୍ଷାମନ୍ତ୍ରୀଙ୍କ ସହ ହୋଇଥିବା ବୈଠକ ଶିକ୍ଷା ଓ ଦକ୍ଷତା କ୍ଷେତ୍ରରେ ୨ ଦେଶର ପାରସ୍ପରିକ ସ୍ୱାର୍ଥର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଯୋଗ ଏବଂ ସମନ୍ୱୟକୁ ପ୍ରୋତ୍ସାହିତ କରିବ। ଏହି ଗସ୍ତକାଳରେ କେନ୍ଦ୍ରମନ୍ତ୍ରୀ '୪୨ ଆବୁଧାବୀ' ସ୍କୁଲ ପରିଦର୍ଶନ କରିଥିଲେ। ଉକ୍ତ କୋଡିଂ ସ୍କୁଲରେ ପ୍ରକଳ୍ପ ଭିତ୍ତିକ ପାଠ୍ୟକ୍ରମ ମାଧ୍ୟମରେ ଇନୋଭେଶନକୁ ପ୍ରୋତ୍ସାହନ ଦେବା, ସୃଜନଶୀଳତା ଏବଂ ଶିକ୍ଷାକୁ ପ୍ରାଥମିକତା ଦିଆଯାଉଥିବା ଦେଖି ଖୁସିବ୍ୟକ୍ତ କରିଛନ୍ତି। ଉପସାଗରୀୟ ଦେଶରେ ପ୍ରଥମ ଥର ପାଇଁ ଏହି ଟେକ୍ନୋଲୋଜି ଆଧାରିତ ସ୍କୁଲ ଭବିଷ୍ୟତର ସ୍ୱପ୍ନ ସାକାର କରିବା ପାଇଁ ଶିକ୍ଷା ପ୍ରତି ଥିବା ପ୍ରତିବନ୍ଧକକୁ ଦୂରକରିବା ଉପରେ ଗୁରୁତ୍ୱ ଦେଉଛି। ଏହି ଅନୁଷ୍ଠାନ ବିଦ୍ୟାର୍ଥୀମାନଙ୍କୁ ସେମାନଙ୍କର କାର୍ଯ୍ୟସୂଚୀ ଅନୁଯାୟୀ ଶିକ୍ଷା ଦେବା ସହ ରୋଜଗାର କରିବା ଉପରେ ଉତ୍ତମ ବାତାବରଣ ପ୍ରଦାନ କରିବା ପ୍ରଶଂସନୀୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ସମଲିଙ୍ଗୀ ବିବାହ ରାୟ ସମୀକ୍ଷା ପାଇଁ ପିଟିଶନ୍

ନୂଆଦିଲ୍ଲୀ,୧।୧୧

ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବାକୁ ଗତ ୧୭ରେ ସୁପ୍ରିମକୋର୍ଟ ମନା କରିଦେବା ପରେ ଏହି ରାୟର ସମୀକ୍ଷା ପାଇଁ ବୁଧବାର ଆଉ ଏକ ପିଟିଶନ ଦାଖଲ ହୋଇଛି। ସର୍ବୋଚ୍ଚ ଅଦାଲତଙ୍କ ରେଜିଷ୍ଟ୍ରିରେ ବୁଧବାର ଦାଖଲ ଉକ୍ତ ପିଟିଶନରେ ଆବେଦନକାରୀ ଉଦିତ୍ ସୁଦ୍ ଉଲ୍ଲେଖ କରିଛନ୍ତି, କ୍ୱିର୍ ଯୋଡ଼ିଙ୍କ ବିରୋଧରେ ହେଉଥିବା ଭେଦଭାବ ସମ୍ପର୍କରେ ସାମ୍ବିଧାନିକ ପୀଠର ଅଧିକାଂଶ ବିଚାରପତି ମାନିଛନ୍ତି। କିନ୍ତୁ ଏହି ପ୍ରସଙ୍ଗ ଉପରେ କିଛି ବଡ଼ ନିଷ୍ପତ୍ତି ନେଇ ନାହାନ୍ତି। ତେଣୁ ତ୍ରୁଟି ଥିବା ପୂର୍ବ ରାୟର ସମୀକ୍ଷା କରି ଏଥିରେ ସୁଧାର ଆଣିବାକୁ ସେ ନିବେଦନ କରିଛନ୍ତି।

ପ୍ରକାଶ ଯେ, ସମଲିଙ୍ଗୀ ବିବାହକୁ ଆଇନଗତ ସ୍ୱୀକୃତି ପ୍ରଦାନ ସକାଶେ ମୋଟ ୨୧ଟି ପିଟିଶନ ଦାଖଲ ହୋଇଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ସଞ୍ଜୟ କିଶାନ୍ କୌଲ, ଏସ୍. ରବୀନ୍ଦ୍ର ଭଟ୍ଟ, ହିମା କୋହଲି ଏବଂ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠ ଅକ୍ଟୋବର ୧୭ରେ ସେଗୁଡ଼ିକୁ ରଦ୍ଦ କରିଦେବା ସହ ଏପରି ମିଳନକୁ ବୈଧ କରିବା ସକାଶେ ଆଇନରେ ପରିବର୍ତ୍ତନ ପାଇଁ ପାର୍ଲାମେଣ୍ଟ ନିଷ୍ପତ୍ତି ନେଇପାରିବ ବୋଲି ସ୍ପଷ୍ଟ କରିଥିଲେ।




# ୬ ଲକ୍ଷ ଟଙ୍କା ସହ କନ୍‌ଷ୍ଟେବଲଙ୍କୁ ଧରିଲା ଭିଜିଲାନ୍ସ

ଫୁଲବାଣୀ/ବୌଦ୍ଧ/ ବଘିଆପଡ଼ା,୧।୧୧ ( ରାକେଶ କୁମାର ରାଉତ/ ଅଜିତ କୁମାର ବାରିକ/ ଶ୍ରୀକାନ୍ତ ସାହୁ)

ଭିଜିଲାନ୍ସ ବିଭାଗ ପକ୍ଷରୁ ବୁଧବାର ବୌଦ୍ଧ ଜିଲାର ବଘିଆପଡ଼ା ଅଞ୍ଚଳରେ ଚଢାଉ କରାଯାଇ ଡାଇରେକ୍ଟ ଭଲ୍ୟୁଣ୍ଟାରି ଫୋର୍ସ (ଡିଭିଏଫ୍) କନ୍‌ଷ୍ଟେବଲ ହରିଶଚନ୍ଦ୍ର ସାହୁଙ୍କଠାରୁ ୬ ଲକ୍ଷ ଟଙ୍କା ସହ ଏକ ବନ୍ଧୁକ ଜବତ କରାଯାଇଛି। ଜଣେ କନ୍‌ଷ୍ଟେବଲଙ୍କଠାରୁ ଏତେ ପରିମାଣର ଟଙ୍କା ଜବତ ହେବା ପରେ ଜିଲାରେ ଚୋରା ଗଞ୍ଜେଇ ବ୍ୟବସାୟ ସହ ପୋଲିସର ସମ୍ପୃକ୍ତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ବେଆଇନ କାରବାରରେ ଆଉ କେଉଁ ଅଧିକାରୀମାନେ ସମ୍ପୃକ୍ତ ଅଛନ୍ତି, ଉପଯୁକ୍ତ ତଦନ୍ତ କଲେ ତାହା ଜଣାପଡ଼ିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ସୂଚନା ମୁତାବକ, ଡିଭିଏଫ୍ କନ୍‌ଷ୍ଟେବଲ ହରିଶଚନ୍ଦ୍ର ଗଞ୍ଜେଇ କାରବାରରେ ସମ୍ପୃକ୍ତି ନେଇ ଭିଜିଲାନ୍ସ ସ୍କାନରରେ ରହିଥିଲେ। ବୁଧବାର ଅପରାହ୍ନରେ ସେ ଗଞ୍ଜେଇ ବ୍ୟବସାୟୀଙ୍କ ସହ ଟଙ୍କା କାରବାର କରୁଥିବା ସୂଚନା ପାଇ ବ୍ରହ୍ମପୁର ଓ ବୌଦ୍ଧ ଭିଜିଲାନ୍ସ ବିଭାଗ ପକ୍ଷରୁ ବଘିଆପଡ଼ା ଫାଣ୍ଡି ଉପରେ ମିଳିତ ଚଢ଼ାଉ ଯୋଜନା କରାଯାଇଥିଲା। ଭିଜିଲାନ୍ସ କର୍ମଚାରୀମାନେ ଫାଣ୍ଡି ନିକଟରେ ଜଗିଥିବାବେଳେ ହରିଶଚନ୍ଦ୍ର ଏକ ବାଇକ୍‌ରେ ସେହି ବାଟ ଦେଇ ଯାଉଥିଲେ। ସେମାନେ ହରିଶଚନ୍ଦ୍ରଙ୍କୁ ଅଟକାଇ ଯାଞ୍ଚ କରିବା ପରେ ତାଙ୍କ ନିକଟରୁ ଏକ ପିସ୍ତଲ ଓ ୬ ଲକ୍ଷ ଟଙ୍କା ଜବତ କରିଥିଲେ। ଜଣେ ସରକାରୀ କର୍ମଚାରୀ ହୋଇ ଏତେ ଟଙ୍କା ଧରି କେଉଁଠାରୁ ଆସୁଥିଲେ ସେ ନେଇ ହରିଶଚନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ସେ ଡିଭିଏଫ୍ ସ୍କ୍ୱାଡ୍ କର୍ମଚାରୀ ହୋଇଥିବାରୁ ଏହି ଅର୍ଥ ଗଞ୍ଜେଇ ବ୍ୟବସାୟୀ ଓ ଗଞ୍ଜେଇ ଚାଷୀଙ୍କୁ କାରବାର ଲାଗି ସୁଯୋଗ ଦେବାକୁ ଆଣିଥିବା ତଦନ୍ତରୁ ଜଣାପଡ଼ିଛି। କିନ୍ତୁ ତାଙ୍କଠାରୁ ସୂଚନା ପାଇ ଭିଜିଲାନ୍ସ ବିଭାଗ ପକ୍ଷରୁ ତିନୋଟି ସ୍ଥାନରେ ଚଢ଼ାଉ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ହରିଶଚନ୍ଦ୍ରଙ୍କ କନ୍ଧମାଳ ଘର ସମେତ ବୌଦ୍ଧରେ ଥିବା ସରକାରୀ ବାସଭବନ ଓ ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦସ୍ଥିତ ଶଶୁରଘରେ ମଧ୍ୟ ଏକକାଳୀନ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଡିଏସ୍‌ପି ହେମନ୍ତ କୁମାର ମହାନ୍ତି କହିଛନ୍ତି। ଚଢ଼ାଉରେ ବୌଦ୍ଧ ଡିଏସ୍‌ପି ସୁରେଶ କୁମାର କହଁର, ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟର ଏଏସ୍‌ଆଇ ମନୋଜ କୁମାର ନାୟକ, ଲୋକନାଥ ସାହୁଙ୍କ ସମେତ କେତେଜଣ ଭିଜିଲାନ୍ସ କର୍ମଚାରୀ ସାମିଲ ଥିଲେ। ହରିଶଚନ୍ଦ୍ରଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବାଲି ଭିଜିଲାନ୍ସ ଏସ୍‌ପି ଗଣେଶ ପ୍ରଧାନ ସୂଚନା ଦେଇଛନ୍ତି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଏକ (ନଂ. ୨୦/୨୩) ମାମଲା ରୁଜୁ କରିଛି।

**ଗଞ୍ଜେଇ ଚାଷୀଙ୍କଠାରୁ ବଟି ଆଦାୟ କରୁଥିଲେ**


କନ୍‌ଷ୍ଟେବଲ ହରିଶଚନ୍ଦ୍ର ସାହୁ

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆବେଦନ ଆରମ୍ଭ

**ଭୁବନେଶ୍ୱର, ୧।୧୧(ଅସମାପିକା ସାହୁ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ରାଜ୍ୟରେ ଥିବା ୩୧୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ନାମଲେଖା ପାଇଁ ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେବେ। ଉପଲବ୍ଧ ଥିବା ସମସ୍ତ ସିଟ୍ ମଧ୍ୟରୁ ୫୦ପ୍ରତିଶତ ସିଟ୍ ଛାତ୍ରୀଙ୍କ ପାଇଁ ସଂରକ୍ଷିତ ରହିଛି। ଛାତ୍ରୀଛାତ୍ର www.oav.edu.in ୱେବ୍‌ସାଇଟ୍‌ରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୧୧୭ଟି ଆଦର୍ଶ ବିଦ୍ୟାଳୟରେ ଛାତ୍ରନିବାସ କାର୍ଯ୍ୟକ୍ଷମ ହେଉଛି। ସିବିଏସ୍‌ଇ ଢାଞ୍ଚାରେ ଏଠାରେ ଶିକ୍ଷାଦାନ କରାଯାଉଥିବାବେଳେ ପ୍ରଶିକ୍ଷିତ ଓ ଅଭିଜ୍ଞ ଶିକ୍ଷକ ପାଠପଢ଼ା ପାଇଁ ନିୟୋଜିତ ଅଛନ୍ତି।

# ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଁ ଆବେଦନ ଅବଧି ବଢ଼ିଲା

**ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ):** ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ ଅଧ୍ୟକ୍ଷ ଏବଂ କାରିଗରଙ୍କ ଅନୁରୋଧକ୍ରମେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର-୨୦୨୨ ପାଇଁ ଆବେଦନ ତାରିଖ ନଭେମ୍ବର ୧୦କୁ ବୃଦ୍ଧି କରାଯାଇଛି। ହସ୍ତଶିଳ୍ପ କୃତିର ପ୍ରସ୍ତୁତି ନିମନ୍ତେ ପର୍ଯ୍ୟାପ୍ତ ସମୟର ଆବଶ୍ୟକତାକୁ ଉପଲବ୍ଧି କରି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଏହି ଅବଧିକକୁ ବଢାଇଛି। ସୂଚନାଯୋଗ୍ୟ, ଏହି ପୁରସ୍କାର ପାଇଁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଯୋଗ୍ୟତା ସମ୍ପନ୍ନ ହସ୍ତଶିଳ୍ପ କାରିଗରଙ୍କଠାରୁ ସେପ୍ଟେମ୍ବର ୨ରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆବେଦନ ପତ୍ର ସହିତ ପ୍ରସ୍ତୁତ କୃତିକୁ ସମ୍ପୃକ୍ତ ଜିଲା ହସ୍ତଶିଳ୍ପ କାର୍ଯ୍ୟାଳୟରେ ଦାଖଲ କରିବାର ଶେଷ ତାରିଖ ଅକ୍ଟୋବର ୩୧କୁ ଘୁଞ୍ଚା ଯାଇଥିଲା।

# ସବୁ ବିରୋଧୀ ନେତାଙ୍କୁ ଭାଜପା ଗିରଫ କରିବ: ମମତା

କୋଲକାତା,୧।୧୧

ଦିଲ୍ଲୀ ଅବକାରୀ ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ 'ଇଡି'ର ସମନକୁ ନେଇ ପଶ୍ଚିମବଙ୍ଗ ଖୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ମମତା ବୁଧବାର କହିଛନ୍ତି, ୨୦୨୪ ନିର୍ବାଚନ ପୂର୍ବରୁ ଭାଜପା ସବୁ ବିରୋଧୀଦଳ ନେତାଙ୍କୁ ଗିରଫ କରିବାକୁ ଯୋଜନା କରିଛି। ସେମାନେ ଏକ ଖାଲି ଦେଶରେ ନିଜ ପାଇଁ ଭୋଟ ଚାହୁଁଛନ୍ତି। ଆଉ କେତେକ ଏମ୍‌ପିଙ୍କ ଫୋନ ହ୍ୟାକ କରାଯାଉଛି। ଏଭଳି ସ୍ଥିତିରେ ଅନ୍ୟ ଦେଶଗୁଡ଼ିକ ଆମ ଦେଶ ବିଷୟରେ କ'ଣ ଭାବୁଥିବେ। ବାହାର ଲୋକଙ୍କ ଆଗରେ ଆମେ ଦେଶକୁ କେବେ ଛୋଟ କରି ପାରିବୁନାହିଁ। ଆମେ ଏହାର ନିଶ୍ଚିତ ପ୍ରତିବାଦ କରିବୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ନଭେମ୍ବର ୨ରେ ପଚରାଉଚରା ପାଇଁ ଇଡି ଅରବିନ୍ଦ କେଜ୍‌ରିୱାଲଙ୍କୁ ସମନ କରିଛି। ଅକ୍ଟୋବର ୩୧ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଟିଏମ୍‌ସି ଏମ୍‌ପି ମହୁଆ ମିତ୍ର, କଂଗ୍ରେସ ଏମ୍‌ପି ଶଶି ଥରୁର, ଆମ ଆଦମୀ ପାର୍ଟି ନେତା ରାଘବ ଚଡ୍ଢାଙ୍କ ସମେତ ଅନେକ ନେତା ଆପଲର ସତର୍କ ସୂଚନାକୁ ଦର୍ଶାଇ ସରକାର ସେମାନଙ୍କୁ ହ୍ୟାକ କରୁଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସମସ୍ତ ଅଭିଯୋଗ ଭିତ୍ତିହୀନ। ସମଗ୍ର ଘଟଣାର ତଦନ୍ତ କରାଯିବ।


ମମତା ବାନାର୍ଜୀ



ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। **–ଶ୍ରୀମା**



# ଲକ୍ଷ୍ମୀ ଓ ଅଲକ୍ଷ୍ମୀ



ଦେବଦତ୍ତ ପଟ୍ଟନାୟକ

କେତେଜଣ କୁହନ୍ତି, ଲକ୍ଷ୍ମୀ ପେଚା ଉପରେ ବସି ଯାତ୍ରା କରନ୍ତି। ଆଉ କେତେକେ ବିଶ୍ୱାସ କରନ୍ତି, ଯେତେବେଳେ ଲକ୍ଷ୍ମୀ ହାତୀ ଉପରେ ବସି ଯାଆନ୍ତି, ସେତେବେଳେ ପେଚା କେବଳ ତାଙ୍କ ସହିତ ରହିଥାଏ। ହାତୀ ହିଁ ଲକ୍ଷ୍ମୀଙ୍କର ଉପଯୁକ୍ତ ବାହନ; ଯାହା ଧନ, ଶକ୍ତି ଏବଂ ରାଜକୀୟ ବୈଭବ ସହିତ ଜଡିତ। ପେଚାମାନେ ଅନ୍ୟ ପ୍ରାଣୀଙ୍କଠାରୁ ଦୂରେଇ ରହି ଏକୁଟିଆ ରହିବାକୁ ଭଲପାଆନ୍ତି। ସେମାନେ ଦିନସାରା ଶୋଇଥା'ନ୍ତି ଏବଂ ରାତିରେ ବାହାରି ଶିକାର କରନ୍ତି। ଦିନରେ ଶୋଇ ରାତିରେ ଚଳପ୍ରଚଳ ହେବା ଏବଂ କର୍କଶ ଡାକ ଯୋଗୁ ସେମାନଙ୍କୁ ଦୁର୍ଭାଗ୍ୟ ଏବଂ ମୃତ୍ୟୁର ପ୍ରତୀକ ଭାବେ ଗଣାଯାଏ। ଏଥିରୁ ନିଷ୍କର୍ଷରେ ପହଞ୍ଚିବାକୁ ହୁଏ ଯେ, ପେଚା ଲକ୍ଷ୍ମୀଙ୍କ ବଡ଼ ଯାଆଁଳା ଭଉଣୀ, ଯିଏ ବିବାଦ ଏବଂ ଦୁର୍ଭାଗ୍ୟର ଦେବୀ। କିନ୍ତୁ ପେଚାର ଗୋଲାକାର ଆଖି ଥିବାରୁ ଏହା କେବେ ବି ଆଗକୁ ଗତି କରେ ନାହିଁ ଏବଂ ସିଧା ଆଗକୁ ଚାହିଁପାରେ ନାହିଁ। ପେଚା ଦୁନିଆର ଅନେକ ଅଞ୍ଚଳରେ ବିଶେଷକରି ପ୍ରାଚୀନ ଗ୍ରୀସ୍‌ରେ ଜ୍ଞାନର ପ୍ରତୀକ ଥିଲା। ସେଠାରେ ଏହା ଜ୍ଞାନର ଦେବୀ ଆଥେନା ସହିତ ଜଡିତ ଥିଲା। ଗୋଲାକାର ଆଖି ଥିବା ଦେବତା ବା ଚକାଡୋଳା ଶବ୍ଦ ଓଡ଼ିଶାର ପୁରୀରେ କୃଷ୍ଣ-ବିଷ୍ଣୁଙ୍କ ରୂପରେ ପୂଜା ପାଉଥିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ବ୍ୟବହାର କରାଯାଇଛି। ଏଥିରୁ କଳ୍ପନା କରାଯାଉଛି ଯେ, ପେଚା ଲକ୍ଷ୍ମୀଙ୍କ ସ୍ୱାମୀ ବିଷ୍ଣୁଙ୍କୁ ସୂଚିତ କରେ। ଏହି ବିଚାରଧାରାକୁ ସମର୍ଥନ କରିବାର ବାସ୍ତବତା ହେଉଛି, ହିନ୍ଦୁ ପୁରାଣରେ ଦେବୀଙ୍କର ସହଯୋଗୀ ସର୍ବଦା ପୁରୁଷ, ନାରୀ ନୁହେଁ। ଲକ୍ଷ୍ମୀ ନିଜ ସ୍ୱାମୀଙ୍କୁ ବାହନ କରିବା ସିଦ୍ଧାନ୍ତ ନାରୀବାଦୀଙ୍କ ପାଇଁ ଗ୍ରହଣୀୟ, କିନ୍ତୁ ପରମ୍ପରାବାଦୀଙ୍କ ପାଇଁ ସ୍ୱୀକାର୍ଯ୍ୟ ନୁହେଁ। ସେମାନେ ଜିଦ୍ ଧରିଛନ୍ତି ଯେ, ପେଚା ଦେବୀଙ୍କ ସହିତ ରହେ; ସେ ଏହା ଉପରେ ବସି ବୁଲନ୍ତି ନାହିଁ। ଯଦି ସେ ପେଚାରେ ବସି ଯାଆନ୍ତି ନାହିଁ, ତେବେ ଏହା ବିଷ୍ଣୁ କିମ୍ବା ଅଲକ୍ଷ୍ମୀ ହୋଇପାରେ। କିନ୍ତୁ ବିଷ୍ଣୁ କେବେ ଲକ୍ଷ୍ମୀଙ୍କୁ ଅନୁସରଣ କରନ୍ତି ନାହିଁ; ବରଂ ଲକ୍ଷ୍ମୀ ତାଙ୍କୁ ଅନୁସରଣ କରନ୍ତି। ସେ ଯେଉଁଆଡେ ଯାଆନ୍ତି ବ୍ୟବସ୍ଥା କିମ୍ବା ଧର୍ମକୁ ସମର୍ଥନ ବା ପାଳନ କରନ୍ତି। ଅନ୍ୟପଟେ ଅଲକ୍ଷ୍ମୀ ସର୍ବଦା ଲକ୍ଷ୍ମୀଙ୍କ ସାଙ୍ଗରେ ଥାଆନ୍ତି, କାରଣ ସେ ବଡ଼ ଭଉଣୀ। ଛବିରେ ଉଭୟ ବିଷ୍ଣୁ ଏବଂ ପେଚା ସହିତ ଲକ୍ଷ୍ମୀ ଦୃଶ୍ୟ ହୋଇଥା'ନ୍ତି। ଚିତ୍ରକଳା ବିଶ୍ଳେଷକମାନେ ମତ ଦିଅନ୍ତି ଯେ, ଯେହେତୁ ଅଲକ୍ଷ୍ମୀଙ୍କୁ ଚିତ୍ରଣ କରିବା ଅଶୁଭ, ସେଥିପାଇଁ ଚିତ୍ରକରମାନେ ତାଙ୍କୁ ଏକ ପେଚା ଭାବେ ଦର୍ଶାଇବାକୁ ଚାହିଁଛନ୍ତି।



ଲକ୍ଷ୍ମୀଙ୍କର ଯାଆଁଳା ଭଉଣୀ ଥିବାର କଳ୍ପନା ଏକ ପ୍ରାଚୀନ ବିଚାର। କେହି କେହି କୁହନ୍ତି, ଲକ୍ଷ୍ମୀ ବ୍ରହ୍ମାଙ୍କ ମୁହଁରୁ ଜନ୍ମ ହୋଇଥିବାବେଳେ ଅଲକ୍ଷ୍ମୀ ତାଙ୍କ ପିଠିରୁ ଜାତ ହୋଇଥିଲେ। ଆଉ କେତେକେ କୁହନ୍ତି, ଦେବତାମାନେ କ୍ଷୀରସାଗରକୁ ମନ୍ଥନ କରୁଥିବାବେଳେ ଅମରତ୍ୱର ରସ (ଅମୃତ) ସହିତ ଲକ୍ଷ୍ମୀ ଆବିର୍ଭାବ ହୋଇଥିଲେ। ସେହି ସମୟରେ ଦୁନିଆକୁ ଧ୍ୱଂସ କରିବାର ଶକ୍ତି ନେଇ ଉତ୍କଟ ବିଷ (ହଳାହଳ) ସହିତ ଅଲକ୍ଷ୍ମୀ ବି ପ୍ରକାଶ ହୋଇଥିଲେ। ଅଲକ୍ଷ୍ମୀଙ୍କୁ ଅନେକ ଭାବରେ ସମ୍ବୋଧନ କରାଯାଏ, ଯଥା: ଦାରିଦ୍ର୍ୟ, ଯାହା ଗରିବୀକୁ ବ୍ୟକ୍ତ କରେ; କଳହ, ଯାହା ସଂଘର୍ଷକୁ ପ୍ରକାଶ କରେ; କାଳିକାନି, ଯାହା ଝଗଡ଼ାକୁ ସୂଚିତ କରେ; ନିର୍‌ତି ଯିଏ କ୍ଷୟର ଦେବୀ। ଶିବ ପୁରାଣରେ ଅଲକ୍ଷ୍ମୀ ହେଉଛନ୍ତି କାଳୀ। ସେ ଶକ୍ତିଙ୍କର ଭୟାନକ ରୂପ ହୋଇଥିବାବେଳେ ଲକ୍ଷ୍ମୀ ହେଉଛନ୍ତି ଗୌରୀ, ଯିଏ ଶକ୍ତିଙ୍କର ଶାନ୍ତ ଓ ପ୍ରେମମୟ ରୂପ। ବିଷ୍ଣୁ ପୁରାଣରେ ଲକ୍ଷ୍ମୀ ଧର୍ମ (ସହାନୁଭୂତିରୁ ଜନ୍ମିତ)କୁ ଆଦର କରୁଥିବାବେଳେ ଅଲକ୍ଷ୍ମୀ ଅଧର୍ମ (ଶୋଷଣରୁ ଜାତ କାର୍ଯ୍ୟ)କୁ ପସନ୍ଦ କରନ୍ତି। ଏହିପରି ଲକ୍ଷ୍ମୀ ଏବଂ ଅଲକ୍ଷ୍ମୀ ଏକ ପୂର୍ଣ୍ଣ ସୃଷ୍ଟିର ଦୁଇଟି ଭାଗ। ଲକ୍ଷ୍ମୀ ହେଉଛନ୍ତି ସେହି ଫଳ, ଯାହାକି ସ୍ୱାଦିଷ୍ଟ ଓ ସଞ୍ଚିତ ହୋଇଥିବାବେଳେ ଅଲକ୍ଷ୍ମୀ ହେଉଛି ନଷ୍ଟ କରିବା, ଯାହାକି ପରିହାରଯୋଗ୍ୟ। ଦୁହେଁ ଏକ ପୂର୍ଣ୍ଣତା ଭାବରେ ବିଦ୍ୟମାନ; ସେ ଦୁହେଁ ନ ଥିଲେ ସୃଷ୍ଟିର କିଛି ନାହିଁ ବୋଲି ବୁଝାଯିବ।

ପୁରାଣରେ ଲକ୍ଷ୍ମୀ କୌଣସି ମୂଲ୍ୟଯୁକ୍ତ ବିଚାର ରଖନ୍ତି ନାହିଁ। ଗିନାଏ ଭାତ ଜଣେ ସାଧୁ ଏବଂ ପାପୀର ଭୋକ ମେଣ୍ଟାଏ; ଜଣେ ବିଚାରପତିଙ୍କ ହାତରେ ଟଙ୍କିକିଆ ମୁଦ୍ରାର ମୂଲ୍ୟ ଯାହା, ଜଣେ ହତ୍ୟାକାରୀର ହାତରେ ତାହାର ମୂଲ୍ୟ ସମାନ। କିନ୍ତୁ ଲକ୍ଷ୍ମୀ ସବୁବେଳେ ନିଜ ଭଉଣୀ ଅଲକ୍ଷ୍ମୀଙ୍କୁ ସାଥିରେ ନେଇ ଆସନ୍ତି। ଅଲକ୍ଷ୍ମୀଙ୍କୁ ଚିହ୍ନିବାରେ ବିଫଳତା ହିଁ ବିପଜ୍ଜନକ, କାରଣ ସେ ସମସ୍ତ ନକାରାତ୍ମକ ଶକ୍ତିକୁ ପ୍ରତିନିଧିତ୍ୱ କରନ୍ତି, ଯାହା ଯେକୌଣସି ଧନ ସମ୍ପତ୍ତି ସହିତ ଆସିଥାଏ। ଏଣୁ ସମସ୍ତେ ଜାଣନ୍ତି ଯେ ଟଙ୍କା ଝଗଡ଼ା ଓ ଈର୍ଷା ସୃଷ୍ଟି କରେ। ଅଲକ୍ଷ୍ମୀ ଧନର ସେହି ଖରାପ ବିଷୟକୁ ଧାରଣ କରେ। ସେ ହିଁ ଧନୀ ଭାଇମାନଙ୍କ ମଧ୍ୟରେ ଝଗଡା କରେ। ସେ ପରିବାରକୁ ଭାଙ୍ଗି ଛାରଖାର କରିଦିଏ। ସେ ସୁନାର ସଂସାରରେ ଶାନ୍ତି ଆସିବାକୁ ଦିଏ ନାହିଁ। ଅଲକ୍ଷ୍ମୀଙ୍କୁ ଦୁର୍ବଳ କରିବାର ଏକମାତ୍ର ଉପାୟ ହେଉଛି ତା' ବିଷୟରେ ନିରନ୍ତର ସଚେତନ ହେବା; ତା' ଭଉଣୀ(ଲକ୍ଷ୍ମୀ)ଙ୍କ ପରି ତାକୁ ଜୀବନରେ ସ୍ୱୀକାର କରିବା। ସାଧାରଣତଃ ରୀତିନୀତି ଅନୁଯାୟୀ, ଘର ଭିତରେ ଲକ୍ଷ୍ମୀଙ୍କୁ ମିଠା ଅର୍ପଣ କରାଯାଉଥିବାବେଳେ ଘର ବାହାରେ ରଖାଯାଇଥିବା ଲେମ୍ବୁ ଏବଂ ଚିଲି ଅଲକ୍ଷ୍ମୀ ପାଇଁ ଉଦ୍ଦିଷ୍ଟ ଥାଏ। ଶାସ୍ତ୍ରଗୁଡ଼ିକରେ କୁହାଯାଇଛି ଯେ, ଲକ୍ଷ୍ମୀ ତାଙ୍କ ଭଉଣୀ ବିନା କୌଣସି ସ୍ଥାନକୁ ଯାଆନ୍ତି ନାହିଁ। ଅନ୍ୟ ଅର୍ଥରେ, ଧନ କଦାପି ବିବାଦର ମଞ୍ଜି ବିନା କୌଣସି ସ୍ଥାନକୁ ଯାଏ ନାହିଁ।

କାହାଣୀଟିଏ ଅଛି। ଥରେ ଜଣେ ବ୍ୟବସାୟୀଙ୍କୁ ଦେଖା କରି ଲକ୍ଷ୍ମୀ ଏବଂ ଅଲକ୍ଷ୍ମୀ ପଚାରିଲେ- ସେମାନଙ୍କ ମଧ୍ୟରେ କିଏ ଅଧିକ ସୁନ୍ଦର? ବ୍ୟବସାୟୀ ଜଣକ ଉଭୟଙ୍କୁ ଅସନ୍ତୁଷ୍ଟ କରିବାକୁ ଡରୁଥିଲେ। ତେଣୁ ସେ ଉଭୟଙ୍କୁ ଖୁସି କରିବା ଭଳି ଏକ ଚତୁର ଉତ୍ତର ଦେଲେ। କହିଲେ, ଲକ୍ଷ୍ମୀ ଯେତେବେଳେ ମୋ ଆଡ଼କୁ ଆସନ୍ତି ସେତେବେଳେ ସୁନ୍ଦର ଦେଖାଯାଆନ୍ତି ଓ ଅଲକ୍ଷ୍ମୀ ଯେତେବେଳେ ମୋ'ଠାରୁ ଦୂରେଇ ଯାଆନ୍ତି ସେତେବେଳେ ସୁନ୍ଦର ଲାଗନ୍ତି। ଏହି ଉତ୍ତରରେ ସନ୍ତୁଷ୍ଟ ହୋଇ ସମ୍ପତ୍ତି ବ୍ୟବସାୟୀ ପାଖକୁ ଗଲାବେଳେ କଳହ ତାଙ୍କଠାରୁ ଦୂରେଇଗଲା।

ଏବେ ଆମ ଘରେ ଝଗଡ଼ାକୁ ଆମନ୍ତ୍ରଣ କରୁଥିବା ପରି ମନେହେଉଛି। ଝଗଡ଼ା ଖବର ପ୍ରକାଶ ପାଉଛି। ବିବାଦ ଉପରେ ଆଧାରିତ ଟେଲିଭିଜନ ଶୋ' ଚାଲୁଛି। କହିବାକୁ ଗଲେ ସମସ୍ତେ କଳହରେ ଲିପ୍ତ। ଯୁବକମାନେ ରିଆଲିଟି ଶୋ'ରେ ଲଢୁଛନ୍ତି ଏବଂ ଦର୍ଶକ ତାହାକୁ ଭଲ ପାଆନ୍ତି। ବିଚାରପତିମାନେ ଓ ଗାୟକମାନେ ବି ଝଗଡ଼ା କରୁଛନ୍ତି ଏବଂ ଆମେ ଏହି ଚିନ୍ତାଧାରାକୁ ଆମ ପରିବାରରେ ଡିନର ସମୟରେ ଆନନ୍ଦରେ ଆଲୋଚନା କରୁଛୁ। ଝଗଡ଼ାକୁ ମନୋରଞ୍ଜନ ଭାବରେ ଉପସ୍ଥାପନ କରାଯାଉଛି। ବଳାତ୍କାର, ନିର୍ଯାତନା ଏବଂ ହତ୍ୟା କାହାଣୀ ବିଭିନ୍ନ ପ୍ରକାରର ରୋମାଞ୍ଚ ସୃଷ୍ଟି କରୁଛି। ଭାରତ ଉଦାରୀକରଣର ଲାଭ ଉଠାଉଥିବାବେଳେ ଏସବୁ ଘଟୁଛି। ଅନୁମାନ, ଆମେ ସବୁବେଳେ ଲକ୍ଷ୍ମୀଙ୍କୁ ଅନୁସରଣ କରି ଅଲକ୍ଷ୍ମୀଙ୍କୁ ଭଲପାଇବା ଏବଂ ସମ୍ମାନ ଦେଖାଇବାକୁ ଭୁଲିଯାଇଛୁ।

–devduttofficial@gmail.com

# ଗ୍ରାମୀଣ ଜୀବନ



ବିପିନ ବିହାରୀ ମହାନ୍ତି

ଗ୍ରାମାଞ୍ଚଳର ବିଶାଳ କଇଁ ପୋଖରୀ କେଉଁଠି ପୋତିହୋଇ ଗଲାଣି ତ ଆଉ କେଉଁଠି କଇଁଫୁଲକୁ ସଫାକରି ମାଛଚାଷ କରାଗଲାଣି। କଦବା କ୍ୱଚିତ୍ ଯେଉଁଠି କଇଁଫୁଲ ପୋଖରୀଟିଏ ରହିଛି ତାହା ଧୀରେଧୀରେ ଗାଁ ଲୋକଙ୍କ ସଚେତନତା ଅଭାବରୁ ଅଳିଆଗଦାର ଭ୍ରମ ସୃଷ୍ଟି କଲାଣି। ନାଳ, ଖାଲ, ଖମା, ଯୋର ଗାଡ଼ିଆ ଯେଉଁଠି କଇଁଫୁଲ ଫୁଟୁଥିଲା ସେସବୁକୁ ଗ୍ରାମାଞ୍ଚଳରେ ସକ୍ରିୟ ଥିବା ଭୂ-ମାଫିଆ ମାନେ ନିଜ ଚାଷଜମିରେ ମିଶାଇ ସାରିଲେଣି ବା ପୋତି ପକାଇଲେଣି। ଗାଁ ମାଟିର କ୍ଷତାକ୍ତ ପରିବେଶକୁ ବର୍ଣ୍ଣନା କରିବା ପାଇଁ କଇଁଫୁଲର ଦୁର୍ଦ୍ଦଶା ଏଠାରେ ପ୍ରତିକାତ୍ମକ ପ୍ରସଙ୍ଗଟିଏ।

ଗାଁ ଶେଷ ମୁଣ୍ଡରେ ଥିବା ବିସ୍ତୀର୍ଣ୍ଣ ପଡ଼ିଆର କଥା କୁହନ୍ତୁ କିମ୍ବା ଏହି ପଡ଼ିଆରେ ଥିବା ଘଞ୍ଚ କିଆବୁଦାର କଥା, ଗାଁଠାରୁ ଗହୀର ଆଡ଼କୁ ଲମ୍ବିଯାଇଥିବା ରାସ୍ତାର ମାଳ ମାଳ ତାଳଗଛର କଥା କୁହନ୍ତୁ କିମ୍ବା ଏଇ ତାଳଗଛରେ ଝୁଲୁଥିବା ବାଇଚଢ଼େଇର ବସାର କଥା; ସମସ୍ତେ ଯେମିତି ନିଜର ଅସ୍ତିତ୍ୱ ରକ୍ଷା କରିବା ପାଇଁ ସଂଘର୍ଷରତ। ଆଉ କିଛିଦିନ ଗଲେ ହେଟାବାଘ, ବିଲୁଆ, ଶାଳିଆପତନି, କୋକି, ନେଉଳ ଇତ୍ୟାଦିଙ୍କୁ ଆମେ କେବଳ ନନ୍ଦନକାନନରେ ହିଁ ଦେଖିବାକୁ ପାଇବା। କାରଣ ଏମାନେ ବଞ୍ଚିରହିବା ପାଇଁ ଯେଉଁ ପରିବେଶର ଆବଶ୍ୟକତା ରହିଛି ତାହା ପ୍ରାୟ ଉଜୁଡ଼ି ଗଲାଣି। ଗ୍ରାମାଞ୍ଚଳରେ ଦେଖାଯାଉଥିବା ଅନେକ ପକ୍ଷୀ ଉଚ୍ଚବୃକ୍ଷର ଅଭାବରୁ ଆଉ ବସାବାନ୍ଧି ପାରୁନାହାନ୍ତି। ଫଳରେ ସେମାନେ ମଧ୍ୟ ଧୀରେ ଧୀରେ ନିଶ୍ଚିହ୍ନ ହେବାକୁ ବସିଲେଣି।

ସାଧାରଣତଃ ଗ୍ରାମାଞ୍ଚଳରେ ନିଶା ରାତିକୁ ଭୟ ଲାଗିଥାଏ। କିନ୍ତୁ ଆଜି ନିଶାରାତି ଅପେକ୍ଷା ନିଶାଡ଼ିମାନେ ଗ୍ରାମାଞ୍ଚଳରେ ବେଶି ଭୟର ବାତାବରଣ ସୃଷ୍ଟି କରୁଛନ୍ତି। କଥା କଥାକେ ଗଣ୍ଡଗୋଳ ମାରପିଟ। ଦିନଥିଲା ଗାଁର ବଡ଼ ବଡ଼ ବିବାଦ ଭାଗବତ ଟୁଙ୍ଗିରେ ସମାଧାନ ହେଉଥିଲା। କିନ୍ତୁ ଆଜି ବାଡ଼ିରୁ ଭେଣ୍ଡି, ବାଇଗଣ ଚୋରି ହେଲେ ଲୋକେ ଥାନାର ଦ୍ୱାରସ୍ଥ ହେଉଛନ୍ତି। ଗ୍ରାମୀଣ ନ୍ୟାୟିକ ବ୍ୟବସ୍ଥା ସଂପୂର୍ଣ୍ଣ ଭାବରେ ଭୁଶୁଡ଼ି ପଡ଼ିଛି। ପ୍ରତ୍ୟେକ ଗ୍ରାମରେ ରାଜନୀତି ପ୍ରବେଶ କଲାଣି। ଲୋକେ ଆଉ ଆଗଭଳି ସତ୍ୟ ଏବଂ ନ୍ୟାୟର ସମର୍ଥନ କରୁ ନାହାନ୍ତି। ଫଳରେ ପ୍ରତିଟି ଗାଁରେ ବିଶୃଙ୍ଖଳା ସୃଷ୍ଟି ହେଉଛି ଏବଂ ଧୀରେ ଧୀରେ ଏହା ଉଗ୍ରରୂପ ଧାରଣ କରି ଗ୍ରାମୀଣ ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଗାଁରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଗଭଳି ଲୋକମାନଙ୍କ ମଧ୍ୟରେ ଏକତା କି ଆଗ୍ରହ ନାହିଁ। ପାଲା, ଦାସକାଠିଆ, ଧୁଡୁକି ନାଚ, ଘୋଡ଼ା ନାଚ, କଣ୍ଢେଇ ନାଚ ଭଳି ପ୍ରାଚୀନ ସାଂସ୍କୃତିକ କାର୍ଯ୍ୟକ୍ରମ କଥା ଶୁଣିଲେ ଗାଁ ଲୋକମାନେ ନାକ ଟେକୁଛନ୍ତି। ଆଗଭଳି ଗାଁର ପ୍ରତ୍ୟେକ ପରିବାରରେ ଗୋରୁ ପାଳୁ ନାହାନ୍ତି। ଏକଥା ସତ୍ୟ ଯେ, କୃଷି କ୍ଷେତ୍ରରେ ଟ୍ରାକ୍ଟରର ପ୍ରୟୋଗ ଫଳରେ ବଳଦଙ୍କର ଆଉ ଆବଶ୍ୟକତା ପଡୁ ନାହିଁ। କିନ୍ତୁ ଆମେ ଘରେ ଗାଈଟିଏ ତ ପାଳି ପାରିବା। ହେଲେ ଗାଁ ଲୋକମାନେ ଧୀରେ ଧୀରେ ଗୋପାଳନ ପ୍ରତି ବିମୁଖ ହେଲେଣି। ବାଡ଼ିରେ ହାଟ ବସାଇବା ଉକ୍ତିଟି ଆଜି ଗ୍ରାମାଞ୍ଚଳରେ ଅପ୍ରାସଙ୍ଗିକ ମନେହୁଏ। ଏକ ସମୟରେ ପ୍ରତ୍ୟେକ ପରିବାରର ବାଡ଼ିରେ ପନିପରିବା ଚାଷ ହେଉଥିଲା। କିନ୍ତୁ ଆଜି ତାହା ମଧ୍ୟ ଦେଖିବାକୁ ମିଳୁ ନାହିଁ। ଯେଉଁମାନେ ପରିବା ଚାଷ କରୁଛନ୍ତି ସେମାନେ ବ୍ୟବସାୟିକ ଦୃଷ୍ଟିରୁ କରୁଛନ୍ତି, ବାକି ଲୋକମାନେ ନିଜ ଆଳସ୍ୟଗୁଣ ତଥା କର୍ମ ବିମୁଖତା ପାଇଁ ହାଟରୁ ପନିପରିବା କିଣୁଛନ୍ତି। ଫଳରେ ବର୍ଷସାରା ପରିବା ମୂଲ୍ୟରେ ହାତ ମାରି ହେଉ ନାହିଁ। ଉପରୋକ୍ତ ଆଲୋଚନାରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଗ୍ରାମୀଣ ଜୀବନ ଆଜି ଅବକ୍ଷୟମୁଖୀ। ଏହାର କାରଣ ହେଲା ଭୌତିକ ସୁଖକୁ ଜୀବନର ସର୍ବୋଚ୍ଚ ସୁଖ ବୋଲି ଧରିନେବା ଏବଂ ଏହି ସୁଖ କେବଳ ସହରରେ ଉପଲବ୍ଧ ବୋଲି ଅନୁଭବ କରିବା। ଯେଉଁମାନେ ସହରକୁ ଚାଲିଗଲେ ସେମାନେ ସେହି ସୁଖର ଅଧିକାରୀ ବୋଲି ଗର୍ବ କଲେ ଆଉ ଯେଉଁମାନେ ନ ଯାଇପାରି ଗାଁରେ ରହିଗଲେ ସେମାନେ ସେହି ସୁଖକୁ ଅନୁକରଣ କଲେ। ଏହି ଦୁଇ ଗୋଷ୍ଠୀର ମଣିଷମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହିଁ ଗ୍ରାମ୍ୟ ପରିବେଶ ବା ଗ୍ରାମ୍ୟ ସଂସ୍କୃତିର ଧ୍ୱଂସର କାରଣ।

**ସାହାଡ଼ା, ଜାନକାଦେଇପୁର, ବୋରିକିନା, ଜଗତ୍‌ସିଂହପୁର, ମୋ:୯୪୩୮୨୮୨୮୨୫**

## ଏଇ ଭାରତରେ

ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପାଇଁ କୋଚିଂ ନେବା ଲାଗି ପ୍ରତି ବର୍ଷ ପ୍ରାୟ ୨ ଲକ୍ଷ ଛାତ୍ରୀଛାତ୍ର ରାଜସ୍ଥାନ କୋଟାର ବିଭିନ୍ନ କୋଚିଂ ସେଣ୍ଟରରେ ନାମ ଲେଖାଉଛନ୍ତି। ଉଦ୍‌ବେଗର ବିଷୟ ହେଉଛି, ସେଠାରେ ପଢ଼ାଚାପ ଯୋଗୁ ଅନେକ ପିଲା ଆତ୍ମହତ୍ୟା କରୁଛନ୍ତି। ଏପରି କି ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସେଠାରେ ୨୫ ଜଣ ପ୍ରତ୍ୟାଶୀ ଆତ୍ମହତ୍ୟା କରିସାରିଲେଣି। ଏଭଳି ସ୍ଥିତିରେ ପିଲାମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ କୋଟାର ସହକାରୀ ପୋଲିସ ଅଧୀକ୍ଷକ ଚନ୍ଦ୍ରଶିଲ ଠାକୁର ଏକ ବଡ଼ ଅଭିଯାନ ଆରମ୍ଭ କରିଛନ୍ତି। ସେ ବିଗତ ୮ ବର୍ଷ ହେଲା କୋଟାରେ ଯୁବକଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରି ସଫଳ ହେବା ପରେ ଏହି ଅଭିଯାନ ପାଇଁ ସମର୍ପିତ ରହିଛନ୍ତି। ସେ ସ୍ପେଶାଲ ଷ୍ଟୁଡେଣ୍ଟ ସେଲ୍ ଗଠନ କରିବା ସହ ଏକ ୩ ଜଣିଆ ଟିମ୍ ଗଠନ କରି ପିଲାମାନଙ୍କ ମଧ୍ୟରୁ ଚାପ ଦୂରକରିବା ଲାଗି ପ୍ରୟାସ କରୁଛନ୍ତି। ମହିଳା ଓ ପୁରୁଷ ପୋଲିସ ଅଧିକାରୀମାନେ ବି ଏଥିରେ ସାମିଲ ହୋଇଛନ୍ତି। ଏକ ୨୪ ଘଣ୍ଟିଆ ହେଲ୍‌ପଲାଇନ ଖୋଲିଛନ୍ତି। ପ୍ରତିଦିନ ପାଖାପାଖି ୭ଟି କଲ୍ ସେ ପାଉଛନ୍ତି। ୪ ମାସ ମଧ୍ୟରେ ୫୦୦ରୁ ଅଧିକ କଲ୍ ପାଇଛନ୍ତି। ଷ୍ଟୁଡେଣ୍ଟ ସେଲ୍ ଏଯାବତ ୮୦,୦୦୦ ଛାତ୍ରୀଛାତ୍ରଙ୍କୁ ଭେଟି ସେମାନଙ୍କ ସମସ୍ୟା ଦୂର କରିବାକୁ ଚେଷ୍ଟା କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨ ନଭେମ୍ବର ୧୯୯୮**

- ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଆଧୁନିକୀକରଣ ସାଇଟ ଅନ୍ତର୍ଗତ କ୍ୟାଲସିନିଂ ପ୍ଲାଣ୍ଟ-୨ର ବଙ୍କର ଭୁଶୁଡ଼ି ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷତି।
- ରାଜ୍ୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଘେନି ଗ୍ରୀଡ୍‌କୋର ନିଷ୍ପତ୍ତି ହାଇକୋର୍ଟଙ୍କ ଦ୍ୱାରା ଖାରଜ।
- ହଣ୍ଡୁରା ଓ ନିକାରାଗୁଆରେ ପ୍ରବଳ ସାମୁଦ୍ରିକ ଝଡ଼ ପ୍ରବାହିତ ହେବା ଫଳରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନୀ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | | | | 1 | 7 | |
| | 5 | | | | 9 | | | |
| 1 | | 4 | | 3 | 6 | | | |
| 2 | | | | | | | 3 | 1 |
| 5 | | 8 | 4 | | | | | 2 |
| | | | 9 | 2 | | | | |
| | | | | | | 5 | | |
| | | 1 | | | | 4 | | 3 |
| | 2 | | 8 | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 5 | 2 | 4 | 9 | 1 | 7 | 8 |
| 1 | 8 | 4 | 3 | 6 | 7 | 2 | 9 | 5 |
| 9 | 7 | 2 | 1 | 5 | 8 | 4 | 6 | 3 |
| 5 | 9 | 8 | 4 | 2 | 1 | 6 | 3 | 7 |
| 4 | 2 | 6 | 7 | 8 | 3 | 9 | 5 | 1 |
| 3 | 1 | 7 | 5 | 9 | 6 | 8 | 4 | 2 |
| 2 | 4 | 9 | 8 | 7 | 5 | 3 | 1 | 6 |
| 8 | 5 | 3 | 6 | 1 | 4 | 7 | 2 | 9 |
| 7 | 6 | 1 | 9 | 3 | 2 | 5 | 8 | 4 |

ଗତକାଲିର ଉତ୍ତର

# ଦ୍ୱନ୍ଦ୍ୱରେ ଶିକ୍ଷକ



ଡ. ମନୋରଞ୍ଜନ ପ୍ରଧାନ

ଜଣେ ଅଭିଭାବକ ବା ଅଧ୍ୟାପକ ଭାବରେ ବିଭିନ୍ନ ସମୟରେ ଶିକ୍ଷକ ଅଭିଭାବକ ସମ୍ମିଳନୀରେ ଯୋଗଦେବା ପାଇଁ ସୁଯୋଗ ମିଳିଥାଏ। ବିଦ୍ୟାଳୟ ଓ ପରିବାର ମଧ୍ୟରେ ସମ୍ପର୍କ, ସମ୍ବନ୍ଧ ଓ ସମନ୍ୱୟ ସ୍ଥାପନା ଦିଗରେ ଅଭିଭାବକ ସମ୍ମିଳନୀ ଏକ ସୁଦୃଢ଼ ସେତୁ। ଏହା ଦ୍ୱାରା ଉଭୟ ଶିକ୍ଷାନୁଷ୍ଠାନ ଓ ଶିକ୍ଷାର୍ଥୀମାନଙ୍କର ଅଶେଷ ମଙ୍ଗଳ ହୁଏ। ଶିକ୍ଷକ ଶିକ୍ଷୟିତ୍ରୀ ଶିଶୁମାନଙ୍କ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିପାରନ୍ତି। ଫଳରେ ଉପଯୁକ୍ତ ଶିକ୍ଷାଦାନ ଓ ଶିଶୁମାନଙ୍କର ଆଚରଣ ପରିମାର୍ଜିତ ସକାଶେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଶେଷ ସୁବିଧା ଓ ସହାୟତା ପ୍ରଦାନ କରେ। ଅପରପକ୍ଷେ ଅଭିଭାବକମାନଙ୍କ ପ୍ରତ୍ୟକ୍ଷ ସହଭାଗିତା ବିଦ୍ୟାଳୟଗୁଡ଼ିକର ସମସ୍ୟାକୁ ସହଜ ଓ ସୁଚାରୁରୂପେ ସମାଧାନ କରିବାରେ ବିଶେଷ ସହାୟତା ପ୍ରଦାନ କରେ। କିନ୍ତୁ ସମ୍ମିଳନୀଗୁଡ଼ିକରେ ଅଭିଭାବକମାନଙ୍କ ଦ୍ୱାରା ଆସୁଥିବା ଅନେକ ପ୍ରସ୍ତାବ, ପରାମର୍ଶ ଓ ଅନୁରୋଧ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଦିଏ। କେତେକ ବାସ୍ତବ ଉଦାହରଣ ଏଠାରେ ଉପସ୍ଥାପନ କରୁଛି।

ପ୍ରଥମତଃ, ଶିକ୍ଷାର୍ଥୀମାନଙ୍କୁ ଆକଟ କରିବା ପାଇଁ ଅନେକ ଅଭିଭାବକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଦଣ୍ଡବିଧାନ ପାଇଁ ପ୍ରସ୍ତାବ ଦିଅନ୍ତି, ଯାହାକି ଆଇନତଃ ଗ୍ରହଣୀୟ ନୁହେଁ। ସେମାନଙ୍କ କହିବା କଥା, ଆମେ ଛାଟ ଖାଇଥିଲୁ ବୋଲି ଆଜି ଶୃଙ୍ଖଳିତ ସଭ୍ୟ ମଣିଷ ଭାବରେ ସମାଜରେ ବସବାସ କରିପାରୁଛୁ। ସାମାନ୍ୟ ତ୍ରୁଟି ବା ଅନୁଶାସନହୀନ କାର୍ଯ୍ୟ ପାଇଁ ଆମେ ଶିକ୍ଷାଦାତାଙ୍କ ଦ୍ୱାରା ଦଣ୍ଡିତ ହେଉଥିଲୁ। କିନ୍ତୁ ଆଜି ଦଣ୍ଡମୁକ୍ତ ଅଞ୍ଚଳ ଯୋଗୁ ପିଲାମାନେ ଭୟମୁକ୍ତ ଓ ଭକ୍ତିଶୂନ୍ୟ ହୋଇଯାଉଛନ୍ତି। ଏପରିକି ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ପ୍ରତି ସାମାନ୍ୟ ସମ୍ମାନବୋଧ ନାହିଁ। ଏହା ସତ୍ୟ ଯେ, ଆଜିକାଲି ବିଦ୍ୟାଳୟଗୁଡ଼ିକରେ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ପିଲାଙ୍କୁ ଆକଟ କରିବା ପାଇଁ ମାଡ଼ ମାରିବା ବା ଗାଳି କରିବା ତ ଦୂରର କଥା, ଆଖି ଦେଖେଇବାକୁ ମଧ୍ୟ ଡରୁଛନ୍ତି। କାରଣ ଏହା ଆଇନତଃ ଅପରାଧ ଓ ମାନବିକ ଅଧିକାରର ବିରୋଧାଭାସ। ଅପରପକ୍ଷେ, ଶିକ୍ଷାଧିକାରୀମାନେ ବାଚନିକ ଭାବେ କହନ୍ତି ପିଲାମାନେ ବହୁତ ଦୁଷ୍ଟ ହେଉଛନ୍ତି, ଆପଣମାନଙ୍କର ନିୟନ୍ତ୍ରଣ ନାହିଁ ସେମାନଙ୍କ ଉପରେ, ଇତ୍ୟାଦି। ଏ ସମ୍ପର୍କରେ ଯଦି ଶିକ୍ଷକ/ ଶିକ୍ଷୟିତ୍ରୀ ମୁହଁ ଖୋଲି କହନ୍ତି ଆକଟ କରିବୁ କେମିତି! ସାଧାରଣ ଦଣ୍ଡ (ବାଚନିକ ବା ମାନସିକ ବା ଶାରୀରିକ) ଦେବା ଆଇନତଃ ଅପରାଧ। ସେତେବେଳେ ଅଧିକାରୀମାନେ କଥା ଛଳରେ କହନ୍ତି, ତୁମକୁ ଚୋଟ ମାରିବାକୁ ମନା କରାଯାଇଛି ସିନା ଫଣାଟେକି ଫଁ କରିବାକୁ କିଏ ମନା କରିଛି? ଏ କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦ୍ୱନ୍ଦ୍ୱରେ। ଏଣେ ମାରିଲେ ଗୋହତ୍ୟା, ତେଣେ ମାରିଲେ ବ୍ରହ୍ମହତ୍ୟା। କାରଣ ଅନୁଶାସନ ପାଇଁ ଯଦି କୌଣସି ସାମାନ୍ୟ ପଦକ୍ଷେପ ନିଅନ୍ତି, ସବୁ ଠିକ୍‌ଠାକ୍ ଚାଲିଥିଲେ କିଛି ଅସୁବିଧା ନାହିଁ। ଯଦି ସାମାନ୍ୟ ସ୍ୱାର୍ଥ ହାନି ହେଲା ନା ଅଭିଭାବକ ନା ଅଫିସର କେହି ପିଠିରେ ପଡ଼ିବେ ନାହିଁ। ସେତେବେଳେ ସମସ୍ତେ ଆଇନ ବିଶାରଦ ବନିଯିବେ। ବିଚରା ଶିକ୍ଷକ ଆଇନ ଫାଶରେ ଛନ୍ଦି ହେଉଥିବ।

ଦ୍ୱିତୀୟରେ, ଆମେ ପାଠ ପଢ଼ିବା ବେଳେ ବିଦ୍ୟାଳୟ ସଫେଇଠାରୁ ବଗିଚା କାମ ଭଳି ଅନେକ କାମ କରୁଥିଲୁ। ସେତେବେଳେ ଆମେ କେବେ ନିଜକୁ ମୂଲିଆ ଭାବୁନଥିଲୁ କି ଆମ ସ୍ୱାଭିମାନ ନଷ୍ଟ ହେଉଛି ବୋଲି ବିଚାର ହିଁ ନଥିଲା। ବରଂ ଶ୍ରମର ମହତ୍ତ୍ୱକୁ ବୁଝିପାରୁଥିଲୁ। ମା'ବାପାମାନେ ମଧ୍ୟ ଏଭଳି କାମକୁ ପ୍ରୋତ୍ସାହନ ଦେଉଥିଲେ। ଆଜି କିନ୍ତୁ ଠିକ୍ ଓଲଟା। ଆଜିର ପରିସ୍ଥିତିରେ ପିଲାଙ୍କୁ ଭୁଲ୍‌ବଶତଃ ଯଦି ଏଭଳି କାମରେ ଲଗାଯାଇଥାଏ,



ଗଣମାଧ୍ୟମଠାରୁ ଅଭିଭାବକ ପର୍ଯ୍ୟନ୍ତ ସବୁ ମହଲରେ ଭର୍ତ୍ସନା ଶୁଣିବାକୁ ପଡ଼େ। ବେଳେବେଳେ ଅଭିଭାବକ ସମ୍ମିଳନୀରେ ମାତାପିତାମାନେ ପିଲାମାନଙ୍କୁ ବଗିଚା କାମ ଭଳି କିଛି କାର୍ଯ୍ୟ କରିବାକୁ କହନ୍ତି। କିନ୍ତୁ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। କାରଣ ସବୁ ମା'ବାପାଙ୍କ ସମାନ ବିଚାର ନ ଥାଏ।

ତୃତୀୟରେ, ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାମ୍ବିଧାନିକ କର୍ତ୍ତବ୍ୟ। ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଓ ଅଧୁନା ଜାତୀୟ ଶିକ୍ଷା ନୀତି ୨୦୨୦ ବିଶେଷକରି ବିଦ୍ୟାଳୟ ସ୍ତରରେ କୋମଳମତି ବାଳକ ବାଳିକାମାନଙ୍କ ନିମନ୍ତେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରାବଧାନ ରହିଛି। ହେଲେ ଏ କ୍ଷେତ୍ରରେ ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। କେମିତି? ପ୍ରଥମତଃ, ଆଜି ମଧ୍ୟ ଆମ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଅଧିନିୟମ ଅନୁସାରେ ଶିକ୍ଷକ-ଛାତ୍ର ଅନୁପାତ ଠିକ୍ ନୁହେଁ। ବିଶେଷକରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଶିକ୍ଷକ ଅଭାବର ବିକଳ ରୂପ କାହାକୁ ଅଛପା ନାହିଁ। ଏଭଳି ପରିସ୍ଥିତି ଓ ପରିପ୍ରେକ୍ଷୀରେ ବିଦ୍ୟାଳୟରେ ନିୟୋଜିତ ସୀମିତ ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବେ ନା ଅଫିସରମାନଙ୍କ ନାଲି ଆଖିରୁ ତ୍ରାହି ପାଇବା ପାଇଁ ଫାଇଲ ଚାଷ କରିବେ? କାରଣ ବିଦ୍ୟାଳୟଗୁଡ଼ିକରେ ଅଫିସ୍ କାମ ପାଇଁ କିରାଣି ବା ସହଯୋଗୀ କାହିଁ? ଯଦି ଶିକ୍ଷକ ଧର୍ମ ପାଳନ କରି ପିଲାଙ୍କୁ ଦେଖିବେ ଶିକ୍ଷା ଅଧିକାରୀମାନଙ୍କ କ୍ରୋଧର ଶିକାର ହେବା ଥୟ। ଆଉ ଯଦି ଅଧିକାରୀମାନଙ୍କୁ ସନ୍ତୁଷ୍ଟ କରିବେ ପିଲାମାନେ ହତାଦର, ଅନାଦର ଓ ଅବହେଳିତ ହେବେ। ଫଳରେ ମୌଳିକ ସାକ୍ଷରତା ଓ ମୌଳିକ ସଂଖ୍ୟା ଜ୍ଞାନ ଭଳି ଅଭିଯାନ ଆରମ୍ଭ କରିବାକୁ ପଡ଼ିବ। ଏ କ୍ଷେତ୍ରରେ ମଧ୍ୟ ଶିକ୍ଷକ ଦ୍ୱନ୍ଦ୍ୱରେ।

ଚତୁର୍ଥରେ, କେଉଁ ପଦ୍ଧତି ବା ପ୍ରଣାଳୀ ଅବଲମ୍ବନ କରି ପାଠଦାନ କରିବେ ସେଥିପାଇଁ ମଧ୍ୟ ଶିକ୍ଷକ ଦ୍ୱନ୍ଦ୍ୱରେ। କିପରି? ନିୟମ ଦୃଷ୍ଟିରୁ ଶିକ୍ଷକ ଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟର ଉପଲବ୍ଧ ସମ୍ବଳ, ପାଠ୍ୟଖସଡ଼ା, ପାଠ୍ୟ ପୁସ୍ତକ ଏବଂ ସର୍ବୋପରି ଶିଶୁମାନଙ୍କ ଦକ୍ଷତା, ଇଚ୍ଛା ଓ ଆବଶ୍ୟକତା ଦେଖି ଶିକ୍ଷାଦାନ ଦେବା କଥା। ବିଶେଷକରି ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପୂର୍ଣ୍ଣ ସ୍ୱତନ୍ତ୍ରତା ଦେଲେ ଉଦ୍ୟମୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ଆବଶ୍ୟକତା ଆଧାରରେ ଶିକ୍ଷାଦାନ କୌଶଳ ଅବଲମ୍ବନ କରି ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିପାରନ୍ତେ। କିନ୍ତୁ ବାସ୍ତବରେ ତାହା ହେଉନାହିଁ ବୋଲି ଏ ଲେଖକଙ୍କ ବ୍ୟକ୍ତିଗତ ମତ। ବିଦ୍ୟାଳୟ ସ୍ତରରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବର୍ଷସାରା ଯେତିକି ପ୍ରଶିକ୍ଷଣ ବ୍ୟବସ୍ଥା ହେଉଛି, ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। ନାନା ମୁନି ନାନା ମତ ଭଳି ବେଳେବେଳେ ପ୍ରଶିକ୍ଷକଗଣ ନିଜ ପାଣ୍ଡିତ୍ୟ ଓ ପ୍ରଭାବ ବିଚରା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପରେ ଲଦିବାକୁ ଚେଷ୍ଟା କରିଥା'ନ୍ତି। ଫଳରେ ଶିକ୍ଷାଦାତାମାନେ ବୁଝିପାରନ୍ତି ନାହିଁ ଯେ ନିଜ ବିଦ୍ୟାଳୟର ପିଲାଙ୍କ ଆବଶ୍ୟକତା ଭିତ୍ତିରେ ପାଠ ପଢ଼େଇବେ ନା ପ୍ରଶିକ୍ଷଣ ପାଇଥିବା ଆଧାରରେ ପଢ଼େଇବେ। ଏଠି ମଧ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଦ୍ୱନ୍ଦ୍ୱରେ। ହେଲେ ଏସବୁ ଦ୍ୱନ୍ଦ୍ୱର କୁପରିଣାମ ବିଚରା କୁନିକୁନି ପିଲାମାନଙ୍କ ଭାଗ୍ୟ ଓ ଭବିଷ୍ୟତ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପଡୁଛି। ଏସବୁ ବିଷୟରେ ଗଭୀର ଭାବରେ ଚିନ୍ତନ କରିବା ସମୟ ଉପନୀତ।

**ସହକାରୀ ପ୍ରାଧ୍ୟାପକ, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, କୋରାପୁଟ**
**ମୋ: ୯୪୩୭୯୧୪୮୧୮**

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଜନାର ସଫଳ ରୂପାୟନ ହେଉ

ମହାଶୟ,

ଜନସାଧାରଣଙ୍କର ସୁବିଧା ନିମନ୍ତେ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ସରକାରୀ ସୁବିଧା ପାଇବାକୁ ଆଶାୟୀ। କୃଷକ, ମହିଳା,ରୋଗୀ, ବେକାରୀ, କଳାକାର ଏମିତି ଅନେକ କ୍ଷେତ୍ରରେ ସରକାରୀ ସୁବିଧା ଉପଲବ୍ଧ ହେଉଛି। ପୁଣି ଅନେକ ନୂଆ ନୂଆ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସରକାର ତତ୍ପର। ମାତ୍ର ସମସ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହେଉଥିବା ଜନତା କ'ଣ ସରକାରୀ ସୁବିଧା ପାଇବା ନିମନ୍ତେ ଯୋଗ୍ୟ? ଏହାର ଉତ୍ତର ନା, ବୁଦ୍ଧିବଳ ଓ କୌଶଳ ଲଗାଇ ଅନେକ ଅଯୋଗ୍ୟ ହୀତାଧିକାରୀ ସରକାରୀ ସୁବିଧା ସୁଯୋଗ ପାଉଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ମାନେ ଏହି ଯୋଜନା ଦୌଡ଼ରେ ସାମିଲ ହୋଇ ପାରୁନାହାନ୍ତି। ଫଳରେ ସରକାରୀ ସୁବିଧା ତାଙ୍କ ପାଇଁ ଦିବା ସ୍ୱପ୍ନ ହୋଇ ରହିଯାଉଛି। ଏଣୁ ଯୋଜନା ଯେତେ ହେଉନା କାହିଁକି, ସମସ୍ତ ଯୋଜନାର ସଫଳ ରୂପାୟନ କରିବା ହେଉଛି ସରକାରୀ କର୍ମଚାରୀଙ୍କର ମୁଖ୍ୟ ଦାୟିତ୍ୱ। କର୍ମଚାରୀ ଦୁର୍ନୀତି କଲେ କୌଣସି ଯୋଜନା ଫଳପ୍ରଦ ହୋଇପାରିବ ନାହିଁ। ଦଳମତ ନିର୍ବିଶେଷର ସରକାର ଏ ବିଷୟରେ ଗମ୍ଭୀରତାର ସହ ବିଚାର କରିବାର ଆବଶ୍ୟକତା ଅଛି।

**–ଅଶୋକ ରାଉଳ, ଅଡ଼ଙ୍ଗ, ଜଗତସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କମନୀୟ କମଳର
ସୁକୋମଳ ବୁକୁରେ
ଝଡ଼ିପଡ଼େ ନୀଳଜଳ-ମୁକୁରେ!
କାଶ ଫୁଲେ ହସିହାସି
ଝରାଇ ଶେଫାଳି ରାଶି
ଦୂରବନ- ସୁଚିକଣ ଚିକୁରେ
ଢଳିପଡ଼େ ନୀଳଜଳ ମୁକୁରେ!

–(ଶିଶିର-ହାସ୍ୟ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସଂକ୍ଷେପରେ

## ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ଯୁବକ ଗିରଫ

**କାକଟପୁର,୧।୧୧(ଶୁଭଦର୍ଶନ ମିଶ୍ର):** କାକଟପୁର ଥାନା ଅଞ୍ଚଳର ଜଣୈକା ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗରେ ଯୁବକ ବୁଧବାର ଗିରଫ ହୋଇଛନ୍ତି। ସେ ହେଲେ ଥାନା ଅଧୀନ ସୁହାଣପୁର ଗ୍ରାମର ଦେବବ୍ରତ ଘଡେଇ। ଏନେଇ ପୋଲିସ ଦଫା ୩୪୨, ୩୨୩, ୩୭୬, ୫୦୬ ଓ ୬ ପୋକ୍ସୋ ଆଇନରେ ୨୧୪/୨୦୨୩ ରେ ଏକ ମାମଲା ରୁଜୁ କରି ପୁରୀ କୋର୍ଟକୁ ଚାଲାଣ କରିଛି। ପ୍ରକାଶ ଯେ, ଦେବବ୍ରତ ନାବାଳିକାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ତାଙ୍କ ସହ ୨ ମାସ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଦେବବ୍ରତ ନାବାଳିକାଙ୍କୁ ଦେହ ବେପାରରେ ଲଗାଇବାକୁ ଯୋଜନା କରୁଥିବା ଜାଣିପାରି ସେ ଭୁବନେଶ୍ୱରରୁ ଖସି ଆସି କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସୁହାଣପୁର ଗ୍ରାମରେ ଚଢ଼ାଉ କରି ଦେବବ୍ରତଙ୍କୁ କାବୁ କରିଥିଲା।

## ସୂଚନା ଓ ଲୋକସମ୍ପର୍କ ବିଭାଗର ୨ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ସୂଚନା ଓ ଲୋକସମ୍ପର୍କ ବିଭାଗର ୨ ଅଧିକାରୀଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଡାଟା ପ୍ରୋସେସିଂ ଅଧିକାରୀ ହେମନ୍ତ କୁମାର ସାହୁ ଓ ଟ୍ରେଜେରି ଅଧିକାରୀ ରଥି ଖୁରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଲୋକସମ୍ପର୍କ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ସଙ୍ଗଠନ ପକ୍ଷରୁ ବିଡିଓଙ୍କୁ ସ୍ୱାଗତ

ବାଲିପାଟଣା, ୧।୧୧(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକକୁ ବଦଳିହୋଇ ଆସିଥିବା ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ବାଲିପାଟଣା ବିଜେଡି ସଂଗଠନ ପକ୍ଷରୁ ଫୁଲତୋଡ଼ା ଓ ଉପଢ଼ୌକନ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଛି। ବାଲିପାଟଣା ବ୍ଲକ ବିଜେଡି ସଂଗଠନ ଆବାହକ ତଥା ପୂର୍ବତନ ବାଲିପାଟଣା ବ୍ଲକ ବିଜେଡି ସଭାପତି ପ୍ରତାପ କେଶରୀ ନାୟକଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ବିଡିଓଙ୍କ କାର୍ଯ୍ୟାଳୟରେ ସ୍ମୃତିପ୍ରଜ୍ଞାଙ୍କୁ ସ୍ୱାଗତ କରିବା ସହ ସରକାରୀ ଯୋଜନାର ସୁଫଳ ରୂପାୟନ ପାଇଁ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେଉଳିଧରପୁର ସମିତିସଭ୍ୟ ସୌଭାଗ୍ୟଲକ୍ଷ୍ମୀ ପ୍ରିୟଦର୍ଶିନୀ, ଗୁଆପୁର ସରପଞ୍ଚ କୁନି ସେନାପତି, ଝରଣା ଭୋଇ, ପୂର୍ବତନ ଜିଲା ପରିଷଦ ସଭ୍ୟ ମୀର୍ ନାସିର୍ ଅଲ୍ଲୀ, ବରିଷ୍ଠ ନେତା ସଦାଶିବ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗରେ ସେ ତାଙ୍କ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବେ ବୋଲି ବିଡିଓ ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ପ୍ରତିଶ୍ରୁତି ଦେଇଛନ୍ତି।

# 'କଠିନ ପରିଶ୍ରମ ସହ ନିଷ୍ଠା ରହିଲେ ସଫଳତା ମିଳିବ'

### ସୃଜନଶୀଳ ପ୍ରତିଭାକୁ ବିକଶିତ କରେ 'ସୁରଭି'

■ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

ଖୋର୍ଦ୍ଧା,୧।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବୁଧବାର ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମହାନଗର ନିଗମ ସମେତ ଜିଲାର ୧୦ଟି ବ୍ଲକର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି, ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ଡ. ଅମ୍ରିତା ପ୍ରୀତିନନ୍ଦା, ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ଏବଂ ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲାପାଳ କହିଥିଲେ, ପିଲାଙ୍କ ସୃଜନଶୀଳତା, ପ୍ରତିଭା ବିକାଶ ଦିଗରେ ଶିକ୍ଷକ, ଅଭିଭାବକଙ୍କ ପ୍ରମୁଖ ଭୂମିକା ରହିଛି। କଠିନ ପରିଶ୍ରମ ସହ ନିଷ୍ଠା ରହିଲେ ସଫଳତା ହାସଲ କରିପାରିବ। ସ୍ୱପ୍ନ ସାକାର ନ ହେବା ପର୍ଯ୍ୟନ୍ତ ପ୍ରୟାସ ଜାରି ରଖିବାକୁ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ କୃଷି ଅଧିକାରୀ ପରିଡ଼ା ମିଲେଟ ଉପାଦେୟତା ଉପରେ କହିଥିଲେ। ବକ୍ତୃତା, ତର୍କ, ସୃଜନଶୀଳ ଲିଖନ, ଡ୍ରଇଁ, ଦେଶାତ୍ମବୋଧକ ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର, କୁଇଜ୍ ଆଦି ପ୍ରତିଯୋଗିତାରେ ଜୁନିୟରସ୍ତରରେ ୬ଟି ବିଭାଗ, ସିନିୟର୍ ସ୍ତରରେ ୯ଟି ଓ ଉଚ୍ଚ ମାଧ୍ୟମିକ ସ୍ତରରେ ୯ଟି ବିଭାଗରେ ଏମ୍‌ଡିଏମ୍ ଆର୍ଟ ଏବଂ କ୍ରାଫଟ୍ ସହିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ତାପସ କୁମାର ନାୟକ, ସୁନୀତା ପଟ୍ଟନାୟକ ଯୋଗଦେଇଥିଲେ। ଆଗାମୀ ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ବିଇଓ, ଏବିଇଓ, ସିଆର୍‌ସିସି, ସମଗ୍ର ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଶିବ ପ୍ରସାଦ ମହାପାତ୍ର, ପ୍ରହ୍ଲାଦ ବାରିକ, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ପ୍ରସନ୍ନ ମହାପାତ୍ର ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ମମିତା ସାହୁ, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ରବି ନାରାୟଣ ସାହୁ, ରବିନାରାୟଣ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ବଦ୍ରି ନାରାୟଣ ରଥ, ଗୋପାଳଚନ୍ଦ୍ର ତ୍ରିପାଠୀ, ବିଭୁ ପ୍ରସାଦ ସେନାପତି, ଅଭିରାମ ପଣ୍ଡା, ପ୍ରବୀର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



'ସୁରଭି' କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କଳାକାରମାନେ।

### ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ

ଜିଲାସ୍ତରୀୟ ପ୍ରତିଯୋଗିତାରେ ଜୁନିୟର ବିଭାଗ କୁଇଜ୍‌ରେ ଆଶୁତୋଷ ପ୍ରଧାନ ବାଣପୁର ବ୍ଲକ, ଚିତ୍ରାଙ୍କନରେ ଟିଙ୍କିରାଣୀ ଦାସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ-ଆରଇଓ କଲୋନୀ-ଖୋର୍ଦ୍ଧା ବ୍ଲକ, ସୃଜନଶୀଳ ଲେଖନୀରେ ଦେବସ୍ମିତା ପଣ୍ଡା ବେଗୁନିଆ ବ୍ଲକ, ବକ୍ତୃତାରେ ସୌମ୍ୟଜିତ୍ ବେହେରା ବାଲିପାଟଣା ବ୍ଲକ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପ୍ରବନ୍ଧରେ ସୁଶିଲ କୁମାର ନାୟକ, ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଏମ୍‌ସି, କୁଇଜରେ ସୀତାକାନ୍ତ ସାହୁ, ଓଏଭି ବେଗୁନିଆ ଓ ଚିତ୍ରାଙ୍କନରେ ଆକାଂକ୍ଷା ଆୟୁଷୀ ବଳ ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଏମ୍‌ସି, ସୃଜନଶୀଳ ଲିଖନରେ ସୁନୀଲ କୁମାର ନାୟକ, ବକ୍ସି ଜଗବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଏମ୍‌ସି ଏବଂ ସଙ୍ଗୀତରେ ସ୍ମିତିପ୍ରଜ୍ଞା ନାୟକ, ବକ୍ତୃତାରେ ଓମ୍‌ଶ୍ରୀ ରଣବୀର ସିଂ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି।

## ବ୍ୟାଙ୍କକୁ ଆସୁନାହାନ୍ତି କର୍ମଚାରୀ : ଲୋକେ ହୀନସ୍ତା

କାକଟପୁର, ୧।୧୧ (ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକ ମୁଖ୍ୟ ବଜାରରେ ଥିବା ୟୁକୋ ବ୍ୟାଙ୍କକୁ ନିୟମିତ କର୍ମଚାରୀ ଆସୁନଥିବାରୁ ଲୋକେ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ବରିଷ୍ଠ ନାଗରିକ ଓ ପେନସନ୍‌ଭୋଗୀ ମହିଳାମାନେ ଗୋଟିଏ କାଉଣ୍ଟରରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇରହୁଥିବା ବେଳେ ଟଙ୍କା ଉଠାଣ ଓ ଡିପୋଜିଟ୍ ପାଇଁ ଗୋଟିଏ କାଉଣ୍ଟର ବ୍ୟତୀତ ଆଉ କେଉଁଠି କର୍ମଚାରୀ ଦେଖିବାକୁ ମିଳୁନାହିଁ। ଏ ସମ୍ପର୍କରେ ଶାଖା କର୍ମଚାରୀଙ୍କୁ ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ମୁଦ୍ରା ଯୋଜନାରେ ଋଣ ନେଇଥିବା ହିତାଧିକାରୀଙ୍କଠାରୁ ବ୍ୟାଙ୍କ କର୍ମଚାରୀମାନେ ଚଞ୍ଚକତା କରି ହାତ ଚିକ୍କଣ କରୁଥିବା ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତୁରନ୍ତ ୟୁକୋ ବ୍ୟାଙ୍କ କାକଟପୁର ଶାଖାକୁ ତଦନ୍ତ ପରିସରଭୁକ୍ତ କରାଗଲେ ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ମା' କାଳୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

ଚାରିଛକ,୧।୧୧(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧୀନ ଭୋଦର ପଞ୍ଚାୟତ ଭୋଦର ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମା' କାଳୀଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ସ୍ୱତନ୍ତ୍ର ନୀତି ନିୟମ ଅନୁସାରେ ବୁଧବାର ପୂଜାର୍ଚ୍ଚନା କରି ଘଣ୍ଟ, ପଖୋଜ ବଜାଇ ମା'ଙ୍କ ମାଟିପୂଜା କରିମାଟି ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମରେ ନାମ କୀର୍ତ୍ତନ, ହରିବୋଲ ହୁଳହୁଳିରେ ଗାଁ କମ୍ପି ଉଠିଥିଲା। ମାଟି ପୂଜା କାର୍ଯ୍ୟକ୍ରମରେ ଗ୍ରାମର ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ପ୍ରଫେସର ଡ. ସନ୍ତୋଷ ମିତ୍ର, କାହ୍ନୁଚରଣ ବେହେରା, ବସନ୍ତ ଦାଶଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବାଙ୍କୀକୁ ୨-୦ ରେ ହରାଇ ସାତପଡ଼ା ଚାମ୍ପିୟନ

ଗମ୍ଭାରୀମୁଣ୍ଡା, ୧।୧୧(ଦିଲ୍ଲୀପ କୁମାର ସ୍ୱାଇଁ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟକୁ ଜୋନ୍ କରାଯାଇ ମହାବିଦ୍ୟାଳୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୋଦାବରୀଶ ମହାବିଦ୍ୟାଳୟଠାରେ ୧୫ଟି ମହାବିଦ୍ୟାଳୟର ଟିମ୍‌କୁ ନେଇ ଦୁଇଦିନିଆ ଭଲିବଲ ଟୁର୍ନାମେଣ୍ଟର ଶୁଭାରମ୍ଭ ହୋଇଯାଇଛି। ଏହାକୁ ବାଣପୁର ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ମିଟୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତା, ପ୍ରଫେସର ଏସ୍‌ପି ନରେନ୍ଦ୍ରସିଂହ ବର୍ମା, ଅଧ୍ୟାପିକା ଡ. ସୁଜାତା ମିଶ୍ର, ଏନସିସି, ରେଞ୍ଜର ରୋଭର ଦାୟିତ୍ୱରେ ଥିବା ଅଧ୍ୟାପକଙ୍କ ଦ୍ୱାରା ଖେଳ ପରିଚାଳନା କରାଯାଇଥିଲା। ତେବେ ୧୫ଟି କଲେଜରୁ ଆସିଥିବା ଭଲିବଲ ଖେଳାଳିମାନେ ନିଜ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେମିଫାଇନାଲରେ ଭୁବନେଶ୍ୱର ରାଜଧାନୀ କଲେଜକୁ ହରାଇ ପୁରୀର ସାତପଡ଼ା ଫାଇନାଲକୁ ଯାଇଥିବାବେଳେ ନୟାଗଡ଼ର କଣ୍ଟିଲୋ ନୀଳମାଧବକୁ ହରାଇ କଟକର ବାଙ୍କୀ ଫାଇନାଲକୁ ଯାଇଥିଲା। ଫାଇନାଲରେ ସାତପଡ଼ା ୨-୦ ଗୋଲରେ ବାଙ୍କୀକୁ ହରାଇ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତାକୁ ଗ୍ରାମୀଣ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ, ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନାରାୟଣ ସାହୁ, କ୍ରୀଡା ଶିକ୍ଷକ ବାସ୍ତବ ମହାପାତ୍ର, ସିଦ୍ଧାନ୍ତ ସ୍ୱାଇଁ, ବୈରାଗୀ ବଳ ପ୍ରମୁଖ ପରିଚାଳନା କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଦଳ।

# ବର୍ତ୍ତମାନର ପିଲା ଭବିଷ୍ୟତର ପ୍ରତିନିଧି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ତ୍ରୟୋଦଶ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଆହ୍ୱାନ- ଆସନ୍ତୁ ଶିଶୁ ଅଧିକାର ସୁରକ୍ଷା ପାଇଁ ହାତ ମିଳେଇବା' ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ କହିଲେ, ବର୍ତ୍ତମାନର ପିଲାମାନେ ଭବିଷ୍ୟତର ପ୍ରତିନିଧି ଓ ଆସନ୍ତାକାଲି ବିଭିନ୍ନ କ୍ଷେତ୍ରରେ ସେମାନେ ନେତୃତ୍ୱ ନେବେ । ପରିବାର ହରାଇଥିବା ପିଲାଙ୍କ ପାଇଁ ଆମେ ରାଜ୍ୟର ବ୍ୟବସ୍ଥାକୁ ଦୃଢ଼ କରିଛୁ। ତା'ସହ କୋଭିଡ ମହାମାରୀ ସମୟରେ ଆରମ୍ଭ ହେଇଥିବା 'ଆଶୀର୍ବାଦ ଯୋଜନା' ଅଧୀନରେ ମାତାପିତାଙ୍କୁ ହରାଇଥିବା ପଚାଶ ହଜାରରୁ ଅନେକ ପିଲାଙ୍କୁ ସହାୟତା ପ୍ରଦାନ କରିଛୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, ଆମେ ସମସ୍ତେ ମିଶି କେବଳ ଆମ ପିଲାଙ୍କ ଅଧିକାରର ସୁରକ୍ଷା କରୁନାହୁଁ ବରଂ ସେମାନଙ୍କ ସାମର୍ଥ୍ୟକୁ ମଧ୍ୟ ପରି ପୁଷ୍ଟ କରୁଛୁ। ବିଭାଗର କମିଶନର ତଥା ଶାସନ ସଚିବ ଶୁଭାଶର୍ମା ପରସ୍ପର ସମନ୍ୱୟ ରକ୍ଷା କରି କର୍ତ୍ତବ୍ୟ କରିବା ଦ୍ୱାରା ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହେଇପାରିବ ବୋଲି କହିଛନ୍ତି। ଏହି ଅବସରରେ ଶିଶୁ ସୁରକ୍ଷା ଅଧିକାର ଉଦ୍ଦେଶ୍ୟର ଉତ୍ତମ କାର୍ଯ୍ୟ କରିଥିବା ପୁରୀକୁ ସର୍ବୋତ୍ତମ ଶିଶୁ ଅଧିକାର ଜିଲା ଭାବେ ଓ ଗଞ୍ଜାମ ଜିଲାର କବି ସୂର୍ଯ୍ୟନଗରର ବିଧାୟକ ଲତିକା ପ୍ରଧାନଙ୍କୁ ସମ୍ମାନ ପତ୍ର ସହ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଶିଶୁ ଅଧିକାର ଓ ବାଲ୍ୟ ବିବାହ ସଂପର୍କିତ ବିଭିନ୍ନ ପୋଷ୍ଟର ଉନ୍ମୋଚିତ ହୋଇଥିଲା। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ମନ୍ଦାକିନୀ କର ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ସୁଶାନ୍ତ ରାଉତ, ୟୁନିସେଫର ମୁଖ୍ୟ ଫିଲ୍ଡ ଅଫିସର ୱିଲିୟମ୍ ହାନଲନ, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁମିତ୍ରା ଜେନା ଓ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଚିବ ପ୍ରଭାତ କୁମାର ସାହୁ ଉପସ୍ଥିତ ଥିଲେ।

# ୟୁଏମ୍‌ଆଇ ଆୱାର୍ଡ : କ୍ରୁଟ୍ ଟିମ୍‌କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୧(ଅନୁରାଧା ମହାରଣା)

ରାଜ୍ୟରେ 'ମୋ ବସ୍' ପରିଚାଳନା କରୁଥିବା କ୍ରୁଟ୍ କ୍ରମାଗତ ପଞ୍ଚମଥର ପାଇଁ ଜାତୀୟ ସ୍ତରରର ୟୁଏମ୍‌ଆଇ ଆୱାର୍ଡ ପାଇଛି। ଏହି ପରିପ୍ରେକ୍ଷୀରେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ବରିଷ୍ଠ ପଦାଧିକାରୀଙ୍କ ସହିତ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସମୟରେ କ୍ରୁଟ୍ କ୍ରମାଗତ ପଞ୍ଚମଥର ପାଇଁ ଜାତୀୟ ସ୍ତରର ୟୁଏମ୍‌ଆଇ ଆୱାର୍ଡ୍ ହାସଲ କରିବାରେ ଉଲ୍ଲେଖନୀୟ ସଫଳତା ପାଇଥିବାରୁ ମୁଖ୍ୟମନ୍ତ୍ରୀ କ୍ରୁଟ୍ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବୋଥ୍ରା କ୍ରୁଟ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ମୋ ବସ୍‌ର ଏକ ସ୍ମୃତିଚିହ୍ନ ପ୍ରଦାନ କରିଥିଲେ। ଜନସାଧାରଣଙ୍କ ପାଇଁ ସହରାଞ୍ଚଳ ପରିବହନରେ ଉତ୍କର୍ଷତା ହାସଲ କରିଥିବାରୁ କ୍ରୁଟ୍‌କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଏଥିସହ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିୟାନ୍ ମଧ୍ୟ କ୍ରୁଟ୍ ଟିମ୍ ସହ ଆଲୋଚନା କରି ୟୁଏମ୍‌ଆଇ ଆୱାର୍ଡ୍ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ସାକ୍ଷାତ୍ ସମୟରେ ବୋଥ୍ରାଙ୍କ ସହ ପ୍ରସନ୍ନ କୁମାର ଷଡଙ୍ଗୀ, ଜେନେରାଲ୍ ମ୍ୟାନେଜର (ପି ଆଣ୍ଡ୍ ଏ), ଜେନେରାଲ ମ୍ୟାନେଜର ଲୋକନାଥ ପ୍ରସାଦ ମହାପାତ୍ର, ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ବିଶ୍ୱାଳ (ଓ ଆଣ୍ଡ୍ ଏମ୍), ଇନ୍‌ଚାର୍ଜ ଅପରେଶନ୍ ମ୍ୟାନେଜର ଏମ୍. ଜୟନ୍ତ କୁମାର ଏବଂ କମ୍ୟୁନିକେଶନ୍ ମ୍ୟାନେଜର ନିବେଦିତା ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।


ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ଅରୁଣ ବୋଥ୍ରା ଓ ଅନ୍ୟମାନେ।

# ରାସ୍ତା ନିର୍ମାଣରେ ଅନିୟମିତତା

■ ଜିଲାପାଳଙ୍କ ନିକଟରେ ଅଭିଯୋଗ

■ କାର୍ଯ୍ୟାନୁଷ୍ଠାନ ଦାବିକଲେ ଗ୍ରାମବାସୀ

ଖୋର୍ଦ୍ଧା, ୧।୧୧ (ପ୍ରଭାତ ପାଣିଗ୍ରାହୀ)

ଗୋଟିଏ ପଟେ ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ କଥା କହୁଥିବା ବେଳେ ଅସାଧୁ ବିଭାଗୀୟ କର୍ମଚାରୀ ଏବଂ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିଛି। ବେଗୁନିଆ ବ୍ଲକର ମାଣିବନ୍ଧ ଠାରୁ କୋଲୁହପାଟଣା ଭାୟା ତେଲିରଙ୍ଗଣୀ ପାଟଣା ଗ୍ରାମକୁ ୨.୪୫୦ କି.ମି. ପର୍ଯ୍ୟନ୍ତ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ ହୋଇଛି। ନିମ୍ନମାନର କାମ ଓ ରାସ୍ତା ରକ୍ଷଣାବେକ୍ଷଣ ବାବଦରେ ଲକ୍ଷାଧିକ ଟଙ୍କା ହରିଲୁଟ କରାଯାଇଥିବା କୋଲୁହପାଟଣା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏହାର ନିରପେକ୍ଷ ତଦନ୍ତ ସହ ଏହି ଅନିୟମିତତାରେ ସଂପୃକ୍ତ ବ୍ୟକ୍ତିବିଶେଷ, ବିଭାଗୀୟ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ବୋଲି ଜିଲାପାଳ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପିଏମ୍‌ଜିଏସ୍‌ୱାଇରେ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କରାଯାଇଛି। ଏଥିରୁ ୨.୦୫ କି.ମି. ପିଚୁ ରାସ୍ତା ଏବଂ ୦.୪୯୦ କି.ମି. କଂକ୍ରିଟ ରାସ୍ତା ରହିଛି। ଏହି ରାସ୍ତାରେ ୭ଟି କଲଭର୍ଟ ନିର୍ମାଣ କରାଯାଇଛି। ରାସ୍ତା ରକ୍ଷଣାବେକ୍ଷଣ ବାବଦକୁ ୨୦୨୦ ଜାନୁୟାରୀଠାରୁ ୨୦୨୪ ଡିସେମ୍ବର ୩୧ ତାରିଖ ମଧ୍ୟରେ ୫ବର୍ଷ ପାଇଁ ୮କୋଟି ୭୨ଲକ୍ଷ ୬୭୫ ଟଙ୍କା ଖର୍ଚ୍ଚ କରାଯାଇଥିବା ଫଳକରେ ଦର୍ଶାଯାଇଛି। ଫଳକରେ ଦର୍ଶାଯାଇଥିବା ବ୍ୟୟ ଅଟକଳ ଅନୁଯାୟୀ ୨୦୧୯-୨୦ରେ ୧କୋଟି ୨୬ଲକ୍ଷ ୪୭୭, ୨୦୨୦-୨୧ରେ ୧କୋଟି ୪୫ଲକ୍ଷ ୩୪୨, ୨୦୨୧-୨୨ରେ ୧କୋଟି ୬୭ଲକ୍ଷ ୯୮୭, ୨୦୨୨-୨୩ରେ ୧କୋଟି ୯୫ଲକ୍ଷ ୧୦୨ ଏବଂ ୨୦୨୩-୨୪ରେ ୧କୋଟି ୨୭ଲକ୍ଷ ୭୩୭ ଟଙ୍କା ଖର୍ଚ୍ଚ କରାଯାଇଛି। ଏଥିରେ ଘାସ ଓ ଜଙ୍ଗଲ ପରିଷ୍କାର, ମାଟି ପାର୍ଶ୍ୱର ରକ୍ଷଣାବେକ୍ଷଣ, ପିଚୁ ଗାତ ମରାମତି, ରାସ୍ତା ପାର୍ଶ୍ୱ ତାଳି ମରାମତି, ଛୋଟ ବଡ ପୋଲ ମରାମତି, ରାସ୍ତା ନାମଫଳକ(ଖମ୍ବ) ମରାମତି ଏବଂ କଲଭର୍ଟ ବାଡର ଧଉଳିକରଣ ବାବଦକୁ ଏହି ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ନିମ୍ନମାନର କାମ ଯୋଗୁ ରାସ୍ତାର ବିଭିନ୍ନ ସ୍ଥାନରେ ଢଳେଇ ହୋଇଥିବା ପିଚୁ ପରସ୍ତ ପରସ୍ତ ଛାଡିଯାଉଥିବା ବେଳେ ବାଡିରେ ତାଡିଲେ ବାହାରି ପଡୁଛି। ଏପରିକି ପିଚୁ ରାସ୍ତାର ପାର୍ଶ୍ୱ ମାଟି ଧସେଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ରାସ୍ତାପାର୍ଶ୍ୱ ମାଟି ଧସେଇ ପଶି ଖାଲ ସୃଷ୍ଟି ହେଲାଣି। ଲୋକେ ଜାଣି ନ ପାରି ରାସ୍ତା ପାର୍ଶ୍ୱକୁ ଖସି ଖାଲରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଠିକାଦାର ଓ ଯନ୍ତ୍ରୀ ମିଳିମିଶି ମିଳିମିଶି ଏହି ରାସ୍ତା ରକ୍ଷଣାବେକ୍ଷଣ ବାବଦ ଅର୍ଥ ହରିଲୁଟ କରିଛନ୍ତି। ନିର୍ମାଣ କଲଭର୍ଟରୁ ସିମେଣ୍ଟ କଂକ୍ରିଟ ଓ ପିଚୁ ଦେଖାଯାଉଥିବା ବେଳେ ଏହାର ମରାମତି ନକରି ଉପରୁ ରଙ୍ଗ ବୋଳି ଟଙ୍କା ଚଲୁ କରାଯାଇଛି। ପ୍ରତିବର୍ଷ ରାସ୍ତା ଦୁଇ ପାର୍ଶ୍ୱ ମୋରମ ପକାଇ ରାସ୍ତା ଓ ପୋଲ ମରାମତି ନ କରି ଅର୍ଥକୁ ହରିଲୁଟ କରାଯାଇଛି। କଲଭର୍ଟ ଓ ପୋଲକୁ ସଂଯୋଗ କରୁଥିବା ରାସ୍ତା ଉଭୟ ପାର୍ଶ୍ୱ ଦବି ଗଲାଣି। ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀଙ୍କ ନୀରବତାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ଏହି ରାସ୍ତା ମରାମତି ସହ ସଂପୃକ୍ତ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



# ଗଜା ଧାନକେଣ୍ଡା ଧରି ଜିଲାପାଳଙ୍କ ଦ୍ୱାରସ୍ଥ ଚାଷୀ

## କାର୍ଯ୍ୟାଳୟ ଘେରିଲେ, ମରୁଡ଼ି ଘୋଷଣା ଦାବିକଲେ

ଖୋର୍ଦ୍ଧା,୧।୧୧(ପ୍ରଭାତ ପାଣିଗ୍ରାହୀ)

ପ୍ରକୃତି ଦାଉ ସାଧୁଛି। ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି ସମସ୍ୟାକୁ ଚାଷୀ ସାମ୍ନା କରି ଯେନତେନ ପ୍ରକାରେ ଚାଷକରି ଫସଲ ଅମଳ କଲାବେଳକୁ କେନାଲରେ ପାଣି ନାହିଁ। ଫଳରେ ଜମି ଫାଟି ଆଁ କଲାଣି। ଧାନର ଥୋଡ଼ ବାହାରିବା ସମୟରେ ଜଳାଭାବରୁ ବିଲ ଶୁଖି ଫସଲ ନଷ୍ଟହେବାକୁ ବସିଛି। ମରୁଡ଼ି ଆଶଙ୍କା ନେଇ ଚିନ୍ତାରେ ପଡ଼ିଛି ଚାଷୀ। ପାଚିଲା ଧାନ ଅମଳ ପୂର୍ବରୁ ଗଜା ହେଲାଣି। ଏଭଳି ସମସ୍ୟା ନେଇ ବୁଧବାର ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ଓ ହଜ୍ ପଞ୍ଚାୟତର ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ହାତରେ ଗଜା ଧାନ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ କ୍ରନ୍ଦନ କରିବାକୁ ଲାଗିଥିଲେ। ତୁରନ୍ତ ମରୁଡ଼ି ଘୋଷଣା କରାଯିବାକୁ ଦାବି କରିଥିଲେ।

ପ୍ରକାଶ ଯେ, ଜମିରେ ଜଳାଭାବ କାରଣରୁ ବୋଲଗଡ଼ ଓ ବେଗୁନିଆ ଅଞ୍ଚଳରେ ଗଜା ମରୁଡ଼ି ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। ଧାନ ପାଚିବା ପରିବର୍ତ୍ତେ ଗଜା ହେଲାଣି। ବେଗୁନିଆ ବ୍ଲକ ହଜ୍ ପଞ୍ଚାୟତର ହଜ୍, କଲରାଝର, ନିଧିପୁର, ମୁକ୍ତାପୁର, ନାରୋଗଦା ଏବଂ କାଳୁଚରଣପାଟଣା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏଠାରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀ ବର୍ଷା ଉପରେ ନିର୍ଭରଶୀଳ। ତେବେ ଚଳିତ ବର୍ଷ ବିଳମ୍ବ ମୌସୁମୀ, ସ୍ୱଳ୍ପ ବୃଷ୍ଟି କାରଣରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ନଦୀ, ନାଳ, ପୋଖରୀ, କେନାଲ ଶୁଖିବାରେ ଲାଗିଛି। ଧାନ ଫସଲ ଗର୍ଭାବସ୍ଥାରେ ପାଣି ସୁବିଧା ନ ଥିବାରୁ ଜମି ଫାଟିଲାଣି। ପାଣି ନ ପାଇ ଧାନଗଛ ଜଳିଗଲାଣି। ଏହି ଗାଁଗୁଡ଼ିକରେ ଚିନ୍ତା ଛାଇଯାଇଛି। ଅଧିକାଂଶ ଚାଷୀ ସମିତି, ବ୍ୟାଙ୍କ ଓ ମହାଜନଙ୍କଠାରୁ ଋଣ, ଧାରକରଜ କରି ଚାଷ କରିଛନ୍ତି। କିପରି ଫସଲ ଅମଳ କରି ପରିବାର ପ୍ରତିପୋଷଣ କରିବା ସହ ଋଣ, ଧାରକରଜ ଶୁଝିବେ ସେମାନଙ୍କୁ ସେହି ଚିନ୍ତା ଘାରିଛି। ଜିଲା ପ୍ରଶାସନ ସ୍ଥିତି ଅନୁଧ୍ୟାନ କରି ମରୁଡ଼ି ଘୋଷଣା କରିବାକୁ ଚାଷୀମାନେ ଦାବି କରିଛନ୍ତି। ଦେଉଳି ପଞ୍ଚାୟତର ପ୍ରମୋଦ ଶ୍ରୀଚନ୍ଦନ, ଶୁଚିସ୍ମିତା ସାହୁ, ମହେଶ୍ୱର ବିଶ୍ୱାଳ, ଭାସ୍କର ସାହୁ, ମଧୁସୂଦନ ଜେନା, ଜାନକୀ ବେହେରା, ରବୀନ୍ଦ୍ର ମାଣିଆ ପ୍ରମୁଖ ବହୁ ଚାଷୀ ଅନୁରୂପ ଅଭିଯୋଗ ଆଣିଛନ୍ତି। ହଜ ପଞ୍ଚାୟତର ଦିବାକର ବାରିକ ୨ ଏକର ଜମିରେ ଫସଲ ପାଇଁ ୨୦ ହଜାର ଟଙ୍କା ଋଣ କରିଥିବା ବେଳେ ବୈକୁଣ୍ଠନାଥ ବାରିକ ୧.୫ ଏକର ପାଇଁ ୨୦ ହଜାର ଟଙ୍କା ଋଣ କରିଥିଲେ। ସେହିପରି ଜିତେନ୍ଦ୍ର ମହାପାତ୍ର ୩ ଏକର ଜମି ପାଇଁ ୫୦ ହଜାର ଟଙ୍କା ଓ କାଳନ୍ଦୀ ଚରଣ ବାରିକ ୨ ଏକର ପାଇଁ ୧.୫ ଲକ୍ଷ ଟଙ୍କା ଋଣ କରିଥିବା କହିଛନ୍ତି। ପଦ୍ମଲୋଚନ ଖଣ୍ଡାୟତରାୟ ୧୨ ଏକର ଚାଷ ଜମି ପାଇଁ ୧.୭୦ ଲକ୍ଷ ଟଙ୍କା ଋଣ ଆଣି ଚାଷ କରିଥିଲେ। ତେବେ ପର୍ଯ୍ୟାପ୍ତ ପାଣି ଅଭାବରୁ ଧାନଗଜା ହେବାକୁ ବସିଲାଣି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଉଇଲକିଶନ ନଗରର ଗୋପାଳ ପ୍ରଧାନ ପ୍ରଶାସନର ସହଯୋଗ କାମନା କରିଛନ୍ତି। ବୋଲଗଡ଼ ବ୍ଲକର ବଡ଼କୁମାରୀ ଏବଂ ବାଙ୍କୋଇ ପଞ୍ଚାୟତ ଅଧୀନ ହରିକେଶର, ଖାଲିକୋଟ, କନ୍ତାଇଲେ, ଦୁର୍ଗାପୁର, ଶ୍ରୀଚନ୍ଦନପୁର ଓ ଶ୍ରୀଚନ୍ଦନପୁରପାଟଣା ଗ୍ରାମର ଶତାଧିକ ଚାଷୀ କହିଛନ୍ତି, ଜିଲା କୃଷି ବିଭାଗର ଅଧିକାରୀ କିମ୍ବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ କେହି ଚାଷୀଙ୍କ ଦୁଃଖ ବୁଝିବାକୁ ଆସିନାହାନ୍ତି। ଭାଜପା ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଚାଷୀ ପ୍ରତିବର୍ଷ ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି ପରେ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କ୍ଷତି ସହୁଛନ୍ତି। ସରକାର କେବଳ ଘୋଷଣା ଓ ଭାଷଣରେ ସୀମିତ ରହିଛନ୍ତି। ରାଜ୍ୟ ସରକାର ୩୫ ପ୍ରତିଶତ ଚାଷଜମିକୁ ଜଳସେଚନ ପାଇଁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରନ୍ତୁ ବୋଲି ସେ ଦାବି କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉରେ ସାମିଲ ଦେଉଳି ଓ ହଜ୍ ପଞ୍ଚାୟତର ଶତାଧିକ ଚାଷୀ

## ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

ଖୋର୍ଦ୍ଧା,୧।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବୁଧବାର ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମହାନଗର ନିଗମ ସମେତ ଜିଲାର ୧୦ଟି ବ୍ଲକର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି, ଜିଲା ମୁଖ୍ୟ କୃଷି ଅଧିକାରୀ ଶରତ କୁମାର ପଣ୍ଡା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର, ଡ. ଅମ୍ରିତା ପ୍ରୀତିନନ୍ଦା, ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ଏବଂ ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବକ୍ତୃତା, ତର୍କ, ସୃଜନଶୀଳ ଲିଖନ, ଡ୍ରଇଁ, ଦେଶାତ୍ମବୋଧକ ସଙ୍ଗୀତ, ସୁନ୍ଦର ହସ୍ତାକ୍ଷର, କୁଇଜ୍ ଆଦି ପ୍ରତିଯୋଗିତାରେ ଜୁନିୟରସ୍ତରରେ ୬ଟି ବିଭାଗ, ସିନିୟର୍ ସ୍ତରରେ ୯ଟି ଓ ଉଚ୍ଚ ମାଧ୍ୟମିକ ସ୍ତରରେ ୯ଟି ବିଭାଗରେ ଏମ୍‌ଡିଏମ୍ ଆର୍ଟ ଏବଂ କ୍ରାଫଟ୍ ସହିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଅପରାହ୍ନରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନସିଂହ, ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ତାପସ କୁମାର ନାୟକ, ସୁନୀତା ପଟ୍ଟନାୟକ ଯୋଗଦେଇଥିଲେ। ଆଗାମୀ ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଭୁବନେଶ୍ୱର ୟୁନିଟ୍-୯ସ୍ଥିତ ବାଳକ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ବିଇଓ, ଏବିଇଓ, ସିଆର୍‌ସିସି, ସମଗ୍ର ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଶିବ ପ୍ରସାଦ ମହାପାତ୍ର, ପ୍ରହ୍ଲାଦ ବାରିକ, ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ପ୍ରସନ୍ନ ମହାପାତ୍ର ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ମମିତା ସାହୁ, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ରବି ନାରାୟଣ ସାହୁ, ରବିନାରାୟଣ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ବଦ୍ରି ନାରାୟଣ ରଥ, ଗୋପାଳଚନ୍ଦ୍ର ତ୍ରିପାଠୀ, ବିଭୁ ପ୍ରସାଦ ସେନାପତି, ଅଭିରାମ ପଣ୍ଡା, ପ୍ରବୀର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମାମଲା ଲଢ଼ିଲେନି ଓକିଲ: ଜେଲ୍ ଗଲେ ସାବତମା', ବାପା

### କଟକ ସ୍ଥାନାନ୍ତର ହେଲେ ସୌମ୍ୟଶ୍ରୀ

ଆଠଗଡ଼,୧।୧୧(ସତ୍ୟ ପ୍ରସାଦ ରଥ)

ଆଠଗଡ଼ ଥାନା ଅନ୍ତର୍ଗତ ଅଶୋକ ନଗର ଅଞ୍ଚଳରେ ସୋମବାର ସାବତମା' ମାଡ଼ରେ ଝିଅ ଓ ପୁଅ ଗୁରୁତର ହେବା ଘଟଣାରେ ମଙ୍ଗଳବାର ଅଭିଯୁକ୍ତ ପୁଷ୍ପଲତା ଶତପଥୀ ଓ ସୁନୀଲ କୁମାର ନନ୍ଦଙ୍କୁ ପୋଲିସ ଗିରଫ କରିଥିଲା। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଆଠଗଡ ଓକିଲ ସଂଘର ନିଷ୍ପତ୍ତି ଅନୁଯାୟୀ କୌଣସି ଓକିଲ ଉଭୟଙ୍କ ମାମଲା ନ ନେବାରୁ ସେମାନଙ୍କ ଜାମିନ ନାମଞ୍ଜୁର ହୋଇଯାଇଛି। ଏହାପରେ ଉଭୟ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୁନୀଲଙ୍କ ପୁଅ ସୌରଭ ନନ୍ଦ(୧୩) ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଝିଅ ସୌମ୍ୟଶ୍ରୀ(୧୦)ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ପ୍ରଦୀପ କୁମାର ସାହୁ ଗୁରୁତର ଭାଇ, ଭଉଣୀ ଓ ସେମାନଙ୍କ ମା' ସୁହାସିନୀ ନନ୍ଦଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭେଟି ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।


ଉତ୍ର ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଥିବା ୨ଦିନିଆ କୁମାର ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ହବିଷିଆଳିଙ୍କୁ ଠକେଇ: ଯୁବକ ଗିରଫ

ପୁରୀ ୧।୧୧( ଅଜିତ୍ ମହାନ୍ତି)

ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ଖୋଲାଯାଇଥିବା ହବିଷିଆଳି ଶିବିରରେ ହବିଷିଆଳିମାନଙ୍କୁ ରଖେଇଦେବାକୁ କହି ୭ହଜାର ଟଙ୍କା ଠକିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଭଣ୍ଡାରିକୁଦା ଅଞ୍ଚଳର କୌଶିକ ସାମନ୍ତରାୟ(୨୨)। ପୋଲିସ ତାଙ୍କ ନିକଟରୁ ୨ହଜାର ଟଙ୍କା ଓ ଗୋଟିଏ ବାଇକ ଜବତ କରିଛି।

## ବିଡିଏ ପକ୍ଷରୁ ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ

ଭୁବନେଶ୍ୱର,୧।୧୧ (ଅନୁରାଧା ମହାରଣା)

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ବୁଧବାର ଇନ୍‌ଫୋସିଟି ଓ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପଟିଆ ବିଗ୍ ବଜାର ଛକରୁ ଏକ ବେଆଇନ୍ ଓମଫେଡ୍ ବୁଥ୍‌କୁ ଭାଙ୍ଗି ଦିଆଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ରେଲ୍‌ୱେ ଷ୍ଟାଡିୟମ୍‌ଠାରୁ କେଳୁଚରଣ ପାର୍କ ଦେଇ ଡମଣା ପର୍ଯ୍ୟନ୍ତ ଜବରଦଖଲ ହଟାଯାଇଛି। ଏହି ଉଚ୍ଛେଦ ପ୍ରକ୍ରିୟାରେ ଗୋଟିଏ ଗ୍ୟାସ୍ ଗୋଦାମ ଭଙ୍ଗାଯାଇଛି। ଏହି ପ୍ରକ୍ରିୟାରେ ବିଡିଏ ପକ୍ଷରୁ ଗୋଟିଏ ଜେସିବି ଏବଂ ବିଏମ୍‌ସି ଉତ୍ତର ଜୋନ୍ ପକ୍ଷରୁ ଗୋଟିଏ ଜେସିବି ନିୟୋଜିତ ହୋଇଥିଲା। ବିଡିଏର ଓଏସ୍‌ଡି ଦେବରାଜ ସେଠୀ, ଜନସମ୍ପର୍କ ଅଧିକାରୀ ଶୁଭ୍ରାଂଶୁ ଶେଖର ମହାନ୍ତି, ଇନ୍‌ଫୋସିଟି ଥାନା ଏଏସ୍‌ଆଇ ଅଜୟ କୁମାର ଲେଙ୍କା ଚନ୍ଦ୍ରଶେଖରପୁର ଏଏସ୍‌ଆଇ ସୁଶାନ୍ତ ଭୁଜବଳଙ୍କ ସହ ବିଡିଏର ସ୍କ୍ୱାଡ୍ ନଂ.୨୨, ୨୪ ଓ ୨୫ ଏବଂ ବିଏମ୍‌ସିର ସ୍କ୍ୱାଡ୍ ନଂ ୧, ୪ ଓ ୫ ଉପସ୍ଥିତ ଥିଲା। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୋଟିଏ ସେକ୍ସନ ରିଜର୍ଭ ପୋଲିସ୍ ଏବଂ ଗୋଟିଏ ସେକ୍ସନ ମହିଳା ପୋଲିସ୍ ମୁତୟନ କରାଯାଇଥିଲା।

## ବୀଣାପାଣି ନାୟକଙ୍କୁ 'ଗୁରୁ ସହଦେବ ପାଢୀ ସ୍ମୃତି ସମ୍ମାନ'

ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଗୁରୁ ସହଦେବ ପାଢ଼ୀଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଉତ୍ର ପକ୍ଷରୁ ୨ଦିନିଆ କୁମାର ଉତ୍ସବ ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ହୋଇଯାଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ଷ୍ଟେଟ୍ ବ୍ୟାଙ୍କର ଅଧିକାରୀ ଲଡ୍ଡୁ ମାଧବ ମିଶ୍ର, ପୀତାମ୍ବର ସାହୁ, ଅମରେଶ ଦାସ, ମେନାଜ କୁମାର ସିଂ, ଅଭିନେତା ସୁକାନ୍ତ ରଥ, ପ୍ରତିଷ୍ଠାତା ଉପଦେଷ୍ଟା ଶରତ କୁମାର ରାଉତ, ସଭାପତି ବଟକୃଷ୍ଣ ତ୍ରିପାଠୀ ଏବଂ ଅନପୂର୍ଣ୍ଣା ଦାସ ଯୋଗଦେଇଥିଲେ। ଏହି ଅବସରରେ ବିଦୂଷୀ ବୀଣାପାଣି ନାୟକଙ୍କୁ 'ଗୁରୁ ସହଦେବ ପାଢୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଶିଳ୍ପୀଙ୍କ ପ୍ରସ୍ତୁତିରେ ନୃତ୍ୟାଭିନୟ ଦେବୀ, କୁଆଁର ପୂନେଇଁ ଜହ୍ନ ଗୋ..., ପଲ୍ଲୀ ନୃତ୍ୟ, ଶ୍ରୀ ଗଣେଶ, ଜୟ ଜଗନ୍ନାଥ, ତ୍ରାହି ଦୁର୍ଗା, ରାଧା-କୃଷ୍ଣ ଆଦି ନୃତ୍ୟ ବେଶ୍ ଚମତ୍କାର ଥିଲା। ଅନୁଷ୍ଠାନର ନିର୍ଦ୍ଦେଶିକା ଶ୍ୱେତା ପାଢୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିଲେ।

## ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟର ଇଣ୍ଡକଶନ ପ୍ରୋଗ୍ରାମ ଉଦ୍‌ଘାଟନ



ବାରଙ୍ଗ,୧।୧୧(ଲିଙ୍ଗରାଜ ରାଉତ)

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅଧୀନ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରେ ୨୦୨୩ -୨୪ ଶିକ୍ଷାବର୍ଷରେ ଯୋଗଦାନ କରିଥିବା ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଇଣ୍ଡକଶନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏଏସ୍‌ବିଏମ୍ କୁଳପତି ପ୍ରଫେସର ରଞ୍ଜନ ବଳ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବି.ଆର୍. ଶର୍ମା ଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ମନଦେଇ ପାଠପଢି ବିଶ୍ୱ ଦରବାରରେ ଆୟୁର୍ବେଦକୁ ପରିଚୟ କରିବା ଦାୟିତ୍ୱ ନେବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ଡିନ୍ ପ୍ରଫେସର ପ୍ରଦୀପ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଆଡମିସନ ବିଭାଗ ମୁଖ୍ୟ ଜୟେଶ ଜୀ, ବିଶ୍ୱବିଦ୍ୟାଳୟ ଭାରତୀୟ କଳାସଂସ୍କୃତି ଓ ସାହିତ୍ୟ ବିଭାଗର ଡିନ୍ ପ୍ରଫେସର ରତିକାନ୍ତ ମହାପାତ୍ର, ଅଧାପିକା ଅଧାପକ, ପୁରାତନ ଓ ନୂତନ ବର୍ଷର ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଯୋଗ ଦେଇଥିଲେ। ଚିକିତ୍ସାଳୟ ଅଧୀକ୍ଷକ ପ୍ରଫେସର ଦୁର୍ଗାପ୍ରସାଦ ଦାଶ ଧନ୍ୟବାଦ ଦେଇଥିଲେ।

## ନାଟକ 'ଯାନ୍ତ୍ରିକ' ମଞ୍ଚସ୍ଥ

ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)



ବିଜ୍ଞାନ ଆବିଷ୍କାର ମାନବ ସମାଜ ପାଇଁ ଆଶୀର୍ବାଦ। ଏହାର ଅପବ୍ୟବହାର ଅଭିଶାପ ହୋଇ ମାନବ ସମାଜକୁ ଧ୍ୱଂସ କରିବାକୁ ଆରମ୍ଭ କରୁଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି କରୋନା ମହାମାରୀ ରୂପରେ। ଏଥିରୁ ରକ୍ଷା ପାଇବା ପାଇଁ ମଣିଷ ମଧ୍ୟ ସେହି ବିଜ୍ଞାନର ସାହାଯ୍ୟ ନେଇଥିଲା। ନିର୍ମାଣ କରିଥିଲା ରୋବଟ ଭଳି ଯନ୍ତ୍ର ମାନବ। ଏଭଳି କଥାବସ୍ତୁକୁ ନେଇ ମଞ୍ଚସ୍ଥ ହୋଇଯାଇଛି ନାଟକ 'ଯାନ୍ତ୍ରିକ'।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ସହଯୋଗରେ ଭଞ୍ଜକଳା ମଣ୍ଡପଠାରେ ନାଟ୍ୟଧାରା ଆରମ୍ଭ ହୋଇଛି। ୩ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ବୁଧବାର ଉଦ୍‌ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱରର ମ୍ୟାଜିକ ଥିଏଟର ପକ୍ଷରୁ ମଞ୍ଚସ୍ଥ ହୋଇଥିଲା ନାଟକ 'ଯାନ୍ତ୍ରିକ'। ନାଟକର ରଚନା ନବୀନ ପରିଡା କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ପ୍ରଜ୍ଞାରଞ୍ଜନ ଖଟୁଆ। ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ନବୀନ, ପ୍ରଜ୍ଞା, ସୁନନ୍ଦା, ଭକ୍ତିରଞ୍ଜନ, ଶୁଭସ୍ମିତା ଏବଂ ସୁଶାନ୍ତ। ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନାଟ୍ୟ ନିର୍ଦ୍ଦେଶକ ପ୍ରକାଶ ମହାରଣା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ନାଟ୍ୟ ସଂଘ ସମ୍ପାଦକ ଶୁଭକାନ୍ତ ପାଢୀ ଏବଂ କୋଷାଧ୍ୟକ୍ଷ ସୁଶୀଲ ପଟ୍ଟନାୟକ।

## ଡକାୟତି ଯୋଜନା ବିଫଳ: ମାରଣାସ୍ତ୍ର ସହ ୩ ଗିରଫ

ଟାଙ୍ଗୀ ଖୋର୍ଦ୍ଧା, ୧।୧୧(ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥ ଦୀକ୍ଷିତପଡ଼ା ଛକ ନିକଟରେ ଡକାୟତି ପାଇଁ ଯୋଜନା କରୁଥିବା ସଂପର୍କରେ ଖବରପାଇ ଟାଙ୍ଗୀ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୩ ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲୁଗାଁର ଅଶୋକ ପ୍ରଧାନ, ସୋମନାଥ ବେହେରା ଓ ଟାଙ୍ଗୀ ଥାନା ଅନ୍ତର୍ଗତ ମାନସିଂହପୁରର ମାଗୁ ବେହେରା। ଗିରଫ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଖଣ୍ଡା, ଲୁହା ରଡ଼, ଛୁରି, ୧୧୫୦ ଟଙ୍କା ସହ ଏକ ହିରୋ ଗ୍ଲାମର ବାଇକ୍ ଜବତ କରାଯାଇଛି। ଜାତୀୟ ରାଜପଥରେ ଯାଉଥିବା ଗାଡିଗୁଡ଼ିକୁ ଅଟକାଇ ଅଭିଯୁକ୍ତମାନେ ଡକାୟତି କରୁଥିବା ଜଣାପଡ଼ିଛି। ଫେରାର ହୋଇଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି।



ଘାଟିକିଆସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଭୁବନେଶ୍ୱର ମହାନଗର ସ୍ତରୀୟ ଶିଶୁ ମହୋତ୍ସବ-୨୦୨୩ ଏବଂ ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମଞ୍ଚରେ ଉପସ୍ଥିତ ଅତିଥିବୃନ୍ଦ।



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବୁଧବାର ଓଡ଼ିଶା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ରାଜଭବନ ଛକରୁ କଳିଙ୍ଗ ଷ୍ଟାଡିୟମ ଅଭିମୁଖେ ବାହାରିଥିବା ସଚେତନତା ରାଲି।

# ଟିଟିଏସ୍‌ରେ ଲାଗିବ ୮ ଟ୍ରମେଲ

ଭୁବନେଶ୍ୱର,୧।୧୧(ଅନୁରାଧା ମହାରଣା)

ସହରର ପରିମଳକୁ ବ୍ୟବସ୍ଥିତ କରିବାପାଇଁ ସୈନିକସ୍କୁଲ ନିକଟସ୍ଥ ଟେମ୍ପୋରାରି ଟ୍ରାନଜିଟ ଷ୍ଟେଶନ(ଟିଟିଏସ୍)ରେ ପଡୁଥିବା ଆବର୍ଜନା ପରିଚାଳନା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି ) ପକ୍ଷରୁ ଲଗାତର ପ୍ରୟାସ କରାଯାଉଛି। ବୁଧବାର ଏନେଇ ବିଏମ୍‌ସି ମୁଖ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହେବା ସହ ସହରବାସୀଙ୍କ ସହଯୋଗ ଲୋଡ଼ାଯାଇଛି। ବର୍ଜ୍ୟର ପୃଥକୀକରଣ, ସଂଗେ ସଂଗେ ପ୍ରତିଦିନ ଆସୁଥିବା ବର୍ଜ୍ୟର ପ୍ରକ୍ରିୟାକରଣ, ସ୍ୱତନ୍ତ୍ର ଜୈବିକ ଦ୍ରବଣର ପ୍ରୟୋଗରେ ବର୍ଜ୍ୟର କ୍ଷୟ ପ୍ରକ୍ରିୟା କରାଯାଇ ପରିମଳ ପରିଚାଳନା କରାଯାଉଛି। ଏହି ପ୍ରକ୍ରିୟାକରଣ ସମୟରେ ବାହାରୁଥିବା ଗନ୍ଧକୁ କମାଇବା ସ୍ୱତନ୍ତ୍ର କେମିକାଲ ସିଞ୍ଚନ କରାଯାଉଥିବା କୁହାଯାଉଛି। ବର୍ଜ୍ୟବସ୍ତୁର ପୃଥକୀକରଣ ପାଇଁ ଦୁଇଟି ଧାଡିରେ ୮ଟି ଟ୍ରମେଲ୍‌ର ଉପଯୋଗ କରାଯିବ। ଗୋଟିଏପଟର ଟ୍ରମେଲ ଦ୍ୱାରା ଘଣ୍ଟାକୁ ୩୫ରୁ ୪୦ଟନ୍‌ର ବର୍ଜ୍ୟ ପ୍ରକ୍ରିୟାକରଣ କରାଯାଇପାରିବାର ବ୍ୟବସ୍ଥା କରାଯାଉଛି। ଦୁଇପଟର ଟ୍ରମେଲ୍ ଦ୍ୱାରା ଘଣ୍ଟାକୁ ୭୦ ରୁ ୮୦ ଟନ୍ ବର୍ଜ୍ୟ ପ୍ରକ୍ରିୟାକରଣ ହୋଇପାରିବ। ବର୍ତ୍ତମାନ ଟ୍ରମେଲ୍ ବସାଇବା କାର୍ଯ୍ୟ ଚାଲୁରହିଛି। ୧୫ଦିନ ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଟ୍ରମେଲରେ ପୃଥକୀକରଣ ଦ୍ୱାରା ୬ରୁ ୭ ମାସ ମଧ୍ୟରେ ଅଳିଆଗଦା କମିଆସିବ। ଏହାପରେ ବର୍ଜ୍ୟବସ୍ତୁ ଜମା ରହିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ଏବଂ 'ଡମ୍ପିଂ ଫ୍ରି ସିଟି'ର ଲକ୍ଷ୍ୟରେ ଆମେ ପହଞ୍ଚିବା ବୋଲି ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି।

ସୂଚନା ଥାଉ କି, ଦାରୁଠେଙ୍ଗ ଡମ୍ପିଂୟାର୍ଡରେ ଅଳିଆ ପକାଇବା ବନ୍ଦ ହେବା ପରେ ପଡି ରହିଥିବା ଅଳିଆର ପ୍ରକ୍ରିୟାକରଣ କରାଯାଉଛି। ମେ ମାସରୁ ବିଏମ୍‌ସି ଅଞ୍ଚଳର ସମସ୍ତ ବର୍ଜ୍ୟ ଟିଟିଏସରେ ପଡୁଥିବାରୁ ଏହାର ପରିଚାଳନା ବିଏମ୍‌ସି ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଏହା ବ୍ୟତୀତ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍‌ଗୁଡିକରେ ପ୍ରକ୍ରିୟା ପାଇଁ ଅଣାଯାଇ ଏହାର ପ୍ରକ୍ରିୟାକରଣ କରାଯାଉଅଛି। ସହରରୁ ବାହାରୁଥିବା ମିଶ୍ରିତବର୍ଜ୍ୟକୁ ଟିଟିଏସ୍‌କୁ ନିଆଯାଇ ରଖାଯାଉଛି। ଏହି ଅଳିଆର ବିଜ୍ଞାନ ସମ୍ମତ ପ୍ରକ୍ରିୟାକରଣ ପାଇଁ ସାରା ଦେଶରୁ ନୂଆ ନୂଆ ପ୍ରଣାଳୀ ଆପଣାଉଛି।

## ସଂକ୍ଷେପରେ

### ୪ ମାସ ବିତିଲା: ମୃତ ଶିକ୍ଷକଙ୍କ ପରିବାରକୁ ମିଳିଲାନି ପ୍ରାପ୍ୟ

କଣ୍ଟାପଡା, ୧।୧୧ (ସୁରନାରାୟଣ ସାହୁ)

କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା କ୍ଷେତ୍ରମୋହନ ସାହୁ ନାମକ ଜଣେ ଶିକ୍ଷକଙ୍କର ଗତ ଜୁନ୍ ୨୮ ତାରିଖରେ ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ ତାଙ୍କ ପରିବାରକୁ ତାଙ୍କର ପ୍ରାପ୍ୟ ମିଳିପାରିନାହିଁ। ଫଳରେ କ୍ଷେତ୍ରମୋହନଙ୍କ ସ୍ତ୍ରୀ ଶକୁନ୍ତଳା ସାହୁ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଯୋହଳ ୟୁପି ସ୍କୁଲରେ ସହକାରୀ ଶିକ୍ଷକ ଭାବେ କ୍ଷେତ୍ରମୋହନ କାର୍ଯ୍ୟ କରୁଥିଲେ। ତାଙ୍କର କିଡ୍‌ନୀ ଜନିତ ସମସ୍ୟା ଥିବାରୁ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଓ ଦୁଇ ପୁଅ ଅର୍ଥାଭାବ ଯୋଗୁ ବହୁ କଷ୍ଟରେ ଚଳୁଛନ୍ତି। ହେଲେ ତାଙ୍କ ପରିବାର ଲୋକଙ୍କୁ ଫ୍ୟାମିଲି ପେନ୍‌ସନ୍, ଜିଆଇଏସ୍ ଓ ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ ପ୍ରତାପ କୁମାର ପ୍ରଧାନ କହିଛନ୍ତି, କର୍ମଚାରୀ ଅଭାବରୁ ତାଙ୍କ କାମ ହୋଇପାରୁନାହିଁ। କର୍ମଚାରୀ ଆସିଲେ ତୁରନ୍ତ କାମ କରିଦେବୁ।

### କାର୍ତ୍ତିକେଶ୍ୱର ମେଢ଼ ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ

**ଭସାଣିରେ ଡିଜେ ମନା**

ଖୁଣ୍ଟୁଣୀ, ୧।୧୧ (ସଚ୍ଚିଦାନନ୍ଦ ପଣ୍ଡା)

ଚଳିତବର୍ଷ କାର୍ତ୍ତିକେଶ୍ୱର ମେଢ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ ଖୁଣ୍ଟୁଣୀ ବଜାର ବ୍ୟବସାୟୀ ମହାସଂଘ ପକ୍ଷରୁ ବୁଧବାର ରାତିରେ ସ୍ଥାନୀୟ ନୂଆବଜାର ପୂଜା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆବଜାର, ଶାନ୍ତିବଜାର, ଗଣେଶ ବଜାର, ଲକ୍ଷ୍ମୀ ବଜାର, ତ୍ରିନାଥ ସାହି, ଉପର ସାହି, ବଣିକ ସାହି, ମଣ୍ଡପ ସାହି ସମେତ ୨୫ଟି ସାହି ଓ ବଜାର କମିଟି ସଦସ୍ୟମାନେ ଯୋଗଦେଇଥିଲେ। ଶିଶିର କୁମାର ମିଶ୍ର, ସୁଶାନ୍ତ କୁମାର ସାହୁ, ଗୌରହରି ମହାନ୍ତି, ସଚ୍ଚିଦାନନ୍ଦ ପଣ୍ଡା, କିଶୋର ସ୍ୱାଇଁ, ପ୍ରଦ୍ୟୁମ୍ନ ନାୟକ ଓ ଗୋପାଳ ସାମନ୍ତରାୟ ପ୍ରମୁଖ ସଭା ପରିଚାଳନା କରିଥିଲେ। ଭସାଣି ଶୋଭାରେ ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିବାବେଳେ ଶାନ୍ତି କମିଟି ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମେଢଗୁଡିକ କ୍ରମାନ୍ୱୟରେ ଭସାଣି ପାଇଁ ଯିବାକୁ ନିଷ୍ପତ୍ତି ହେଲା। ଏଥିପାଇଁ ପୋଲିସ ପ୍ରଶାସନର ସହଯୋଗ ନେବାକୁ କମିଟି ନିଷ୍ପତ୍ତି ନେଇଛି। ଏହି ବୈଠକରେ ଗତିକୃଷ୍ଣ ସାମନ୍ତରାୟ, ବିଶ୍ୱଜିତ୍ ମହାପାତ୍ର, ସୁଶାନ୍ତ କୁମାର ସାହୁ, ଆର୍ତ୍ତ ସାହୁ, ଜ୍ୟୋତିପ୍ରକାଶ ଦଳାଇ, ସୁମନ୍ତ ନାଏକ, ପରେଶ ସାହୁ, ପ୍ରଶାନ୍ତ ଦାଶ, ଚିତ୍ତରଞ୍ଜନ ଜେନା, ବିଶ୍ୱରଞ୍ଜନ ଦାସଙ୍କ ସମେତ ସମସ୍ତ ସାହିର ମୁରବୀ ଉପସ୍ଥିତ ଥିଲେ।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ କଟକ ଆର୍ଟ ଗ୍ୟାଲେରି

କଟକ, ୧।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)

**ଚିତ୍ରଶିଳ୍ପୀଙ୍କୁ ନେଇ ସିଏମ୍‌ସି ଅଧିକାରୀଙ୍କ ବୈଠକ**

କଟକ ମହାନଗର ନିଗମ(ସିଏମ୍‌ସି) ଖୁବ୍‌ଶୀଘ୍ର କଟକ ସହରରେ ଏକ ଆର୍ଟ ଗ୍ୟାଲେରି ପ୍ରତିଷ୍ଠା କରିବାକୁ ଯାଉଛି। ଟାଉନ୍‌ହଲ୍‌ର ଉପର ମହଲାରେ ଏହି ଆର୍ଟ ଗ୍ୟାଲେରି କାର୍ଯ୍ୟକ୍ଷମ ହେବ। ହଜାର ବର୍ଷର ସହରର ଐତିହ୍ୟ, କଳା ଓ ସଂସ୍କୃତିକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ସିଏମ୍‌ସି ପକ୍ଷରୁ ଏଭଳି ନିଆରା ପ୍ରୟାସ ଆରମ୍ଭ ହୋଇଛି। ବିଶେଷକରି ଚିତ୍ରଶିଳ୍ପୀମାନେ ସେମାନଙ୍କ କଳା ନୈପୁଣ୍ୟର ପ୍ରଦର୍ଶନ ପାଇଁ ଏହି ଗ୍ୟାଲେରି ଅଧିକ ସହାୟକ ହେବ ବୋଲି କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ ପକ୍ଷରୁ କୁହାଯାଇଛି। ଆର୍ଟ ଗ୍ୟାଲେରି କାର୍ଯ୍ୟକ୍ଷମ କରିବା ପାଇଁ ବୁଧବାର ସିଏମ୍‌ସି ବିଜୁଭବନରେ ଚିତ୍ରଶିଳ୍ପୀମାନଙ୍କୁ ନେଇ ସିଏମ୍‌ସି ଅଧିକାରୀଙ୍କ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିତ୍ରଶିଳ୍ପୀମାନେ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଏହି



ବୈଠକରେ ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣଙ୍କ ସମେତ ଅନ୍ୟମାନେ।

ଆର୍ଟ ଗ୍ୟାଲେରୀ ଚିତ୍ରଶିଳ୍ପୀମାନଙ୍କ ଦକ୍ଷତା ବୃଦ୍ଧି କରିପାରିବ ବୋଲି କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନର ସମ୍ପାଦକ ସଞ୍ଜିବ ବିଶ୍ୱାଳ କହିଥିଲେ। ଏହି ଆର୍ଟ ଗ୍ୟାଲେରି ଶିଳ୍ପୀଙ୍କ ଚିତ୍ରକଳା, ଭାସ୍କର୍ଯ୍ୟ, ଫଟୋଗ୍ରାଫି, ହସ୍ତଶିଳ୍ପ ଆଦି ସୃଜନଶୀଳତାକୁ ଅଧିକ ପ୍ରୋତ୍ସାହିତ କରିବ ବୋଲି ସିଏମ୍‌ସି କମିଶନର ନିଖିଲ ପଵନ କଲ୍ୟାଣ କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଉକ୍ତ ଗ୍ୟାଲେରିରେ କଟକ ସହରର ୪୦ ଜଣ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନ କରାଯିବା ସହ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଆର୍ଟ ଗ୍ୟାଲେରିର ରକ୍ଷଣାବେକ୍ଷଣ ପାଇଁ କେତେଜଣ ଚିତ୍ରଶିଳ୍ପୀଙ୍କୁ ନେଇ ଏକ କମିଟି ଗଠନ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ନୂତନ ଆର୍ଟ ଗ୍ୟାଲେରିରେ ସହରର ବରିଷ୍ଠ ଓ ସୁନାମ ଅର୍ଜନ କରିଥିବା ଚିତ୍ରଶିଳ୍ପୀଙ୍କ ତୈଳଚିତ୍ର ପ୍ରଦର୍ଶିତ ହେବ। ଏତଦ୍‌ବ୍ୟତୀତ ବାଲିଯାତ୍ରା ପଡିଆରେ କଟକର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଆଧାର କରି ଚିତ୍ରକଳା ପ୍ରଦର୍ଶନୀ ପାଇଁ ସହରର ଚିତ୍ରଶିଳ୍ପୀମାନଙ୍କୁ ସୁଯୋଗ ଦିଆଯିବା ଲାଗି ବୈଠକରେ ଆଲୋଚନା ହୋଇଥିଲା। କର୍ତ୍ତୃପକ୍ଷ ଏଥିପାଇଁ ସ୍ୱୀକୃତି ଦେଇଥିବା କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ୍ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ସଙ୍ଗଠନ ସଭାପତି ସ୍ମିତା ମୂଳିଆ, ଚିତ୍ରଶିଳ୍ପୀ ଦୀପକ ବିଶ୍ୱାଳ, ବିଜୟ କୁମାର ସାହୁ, ମନୀଷା କର, ଜସ୍ମିନ୍ ସାହୁ, ଜିତେନ୍ଦ୍ର ସାହୁ, ଲକ୍ଷ୍ମୀଧର ପ୍ରଧାନ ଓ ପ୍ରଭାତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ନବକଳିକା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ କୁମାର ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଶୈଳବାଳା ମହିଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ



ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କଟକ, ୧।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର**

କଟକସ୍ଥିତ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଉ। ଏ ନେଇ ମଧୁ ସ୍ମୃତି ସୁରକ୍ଷା ମଞ୍ଚର ସଦସ୍ୟମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ତାଙ୍କ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟକୁ ଯଥାଶୀଘ୍ର ହେରିଟେଜ୍ ଅଥବା ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଦାବିପତ୍ର ପ୍ରଦାନବେଳେ ମଞ୍ଚ ପକ୍ଷରୁ ପ୍ରଫେସର ନଟବର ଶତପଥୀ, ପ୍ରଫେସର ଓଁକାରନାଥ ମହାନ୍ତି, ସନ୍ତୋଷ ମହାରଣା, ଜଗନ୍ନାଥ ମହାନ୍ତି, ଡ. ସୁରେଖା ସୁନ୍ଦରୀ ସ୍ୱାଇଁ, ବିଜୟିନୀ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# ଏସ୍‌ସିବି ମେଡିକାଲ: ରୋଗୀଙ୍କ ପାଇଁ ନୂତନ ଖାଦ୍ୟ ତାଲିକା

କଟକ, ୧।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ରୋଗୀଙ୍କ ପାଇଁ ନୂତନ ଖାଦ୍ୟ ତାଲିକା ବୁଧବାର ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ତାଲିକା ନିର୍ଦ୍ଧାରଣ ହୋଇଛି। ବୁଧବାରଠାରୁ ରୋଗୀଙ୍କୁ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଯୋଗାଇ ଦିଆଯାଇଛି। ଗତ ୮ ବର୍ଷ ହେବ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟରେ ପରିବର୍ତ୍ତନ କରାଯାଇଛି। ଏହି ନୂତନ ତାଲିକାରେ ମାଛ ଓ ମାଂସ ତରକାରିକୁ ସମ୍ପୂର୍ଣ୍ଣ ବାଦ୍ ଦିଆଯାଇଛି। ବିଭିନ୍ନ ବାର ଓ ଓଳି ଅନୁସାରେ ରୋଗୀଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟସୂଚୀ ରହିଛି। ସକାଳ ଭୋଜନରେ ୨୫୦ ମିଲିଲିଟର କ୍ଷୀର, ଇଡ୍‌ଲି, ସମ୍ବର, ଫଳ, ଉପମା, ଆଳୁମଟର ତରକାରି, ସୁଜି ଆଦି ରହିଛି। ସେହିପରି ମଧ୍ୟାହ୍ନ ଭୋଜନ ତାଲିକାରେ ଭାତ, ଡାଲି, ଡାଲମା, ଅଣ୍ଡା ତରକାରି, ଚଣାମସଲା, ପନିର ତରକାରୀ, ଦହି, ବନ୍ଧା କୋବି ଫ୍ରାଏ, ଆଳୁ ତରକାରି ଆଦି ପାଇଛି। ସେହିପରି ରାତ୍ରି ଭୋଜନରେ ଭାତ, ରୁଟି, ଡାଲମା, ସୋୟାବିନ ତରକାରି, ୨୫୦ମିଲିଲିଟର କ୍ଷୀର, ବିଭିନ୍ନ ପନିପରିବା ତରକାରି, ଆଳୁ ତରକାରି, ଅଣ୍ଡା/ପନିର ତରକାରି ଆଦି ରୋଗୀଙ୍କୁ ଦିଆଯିବ। ଏତଦ୍‌ବ୍ୟତୀତ ଡାକ୍ତରଙ୍କ ପରାମର୍ଶ ଅନୁସାରେ କେତେକ ରୋଗୀଙ୍କ ଖାଦ୍ୟ ତାଲିକାରେ ପରିବର୍ତ୍ତନ ଅଣାଯାଇପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦତ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

# ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ମେୟର ସୁବାସ ସିଂ, ଡିସିପି ପିନାକ ମିଶ୍ର, ଅଭିନେତା ଅନୁଭବ ମହାନ୍ତି ଓ ଅରିନ୍ଦମ ରଏଙ୍କ ସହ ଅନ୍ୟମାନେ।

କଟକ, ୧।୧୧ (ସୁପ୍ରିୟା ପ୍ରିୟଦର୍ଶିନୀ)

ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ସେବା ଡଟ୍ କମ୍‌ର ଆପ୍ ଏବଂ 'ଜାଗୃତି' ବହିର ଉନ୍ମୋଚନ ସହିତ ସାଇବର କ୍ରାଇମ୍ ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କମେଡିଆନ୍ ରାଜୁ ଦାସ, ଶକ୍ତି ମିଶ୍ର, ଅଦ୍ୟାଶ୍ରୀ, ରାପର ଏମ୍‌ସି ଟୁର ମଲଖମ ଜ୍ଞାନରଞ୍ଜନ, ଜି. ଦୁର୍ଗାପ୍ରସାଦ, ଅଭିଜିତ୍ ମଜୁମଦାର, ଟିମ୍ ସନା ପ୍ରଭୃତି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଆଙ୍କର ଶୁଭମ୍ ଏବଂ ପ୍ରୟାସ୍ କାନୁନ୍‌ଗୋ ମଞ୍ଚ ପରିଚାଳନା କରିଥିଲେ। ଟ୍ରଷ୍ଟର ପ୍ରତ୍ୟେକ ସଦସ୍ୟ ସମାଜ ସେବାରେ ନିଜକୁ ନିୟୋଜନ କରି ଅନେକଙ୍କ ମୁହଁରେ ହସ ଭରି ଦେଇଛନ୍ତି। ତାଙ୍କର ଏହି ପରିଶ୍ରମ ଆଜି ସଫଳତାର ସହ ଟ୍ରଷ୍ଟ ତାର ପଞ୍ଚମ ବାର୍ଷିକ ଉତ୍ସବ ପାଳନ କରୁଛି ବୋଲି ସଭାପତି ମନୋଜ ପଣ୍ଡା କହିଛନ୍ତି । ଏଥିରେ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ଡିସିପି ପିନାକ ମିଶ୍ର, ବିଧାୟକ ସୌଭିକ୍ ବିଶ୍ୱାଳ, ଅଭିନେତା ଅନୁଭବ ମହାନ୍ତି, କୁନା ତ୍ରିପାଠୀ, ଅରିନ୍ଦମ ରଏ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଡା. ପ୍ରଭୁ ଚରଣ ମହାନ୍ତି, ଡା. ସତ୍ୟବ୍ରତ ମହାପାତ୍ର, ଏସିପି-୨ ଅମିତାଭ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ଶଶାଙ୍କଶେଖର ଦାଶ ଧନ୍ୟବାଦ ଦେଇଥିଲେ।

### ପାଲେଷ୍ଟାଇନ ସଂହତି ଦିବସ ପାଳିତ

କଟକ, ୧।୧୧ (କାର୍ତ୍ତିକ ସାହୁ)

ଅଖିଳ ଭାରତ ଶାନ୍ତି ଓ ସଂହତି ପରିଷଦ ଏବଂ ବିଭିନ୍ନ ଶ୍ରମିକ, କୃଷକ, ଛାତ୍ର, ଯୁବ ଓ ମହିଳା ସଂଗଠନ ପକ୍ଷରୁ ପାଲେଷ୍ଟାଇନ ସଂହତି ଦିବସ ବୁଧବାର ପାଳିତ ହୋଇଯାଇଛି। ଗାଜା ପଟି ଓ ପାଲେଷ୍ଟାଇନରେ ଇସ୍ରାଏଲ ପକ୍ଷରୁ ଚାଲିଥିବା ଯୁଦ୍ଧ, ନରସଂହାର ଓ ଅମାନବିକ ବାସନ୍ଦ ବନ୍ଦ କରିବା, ସ୍ୱାଧୀନ ଓ ସାର୍ବଭୌମ ପାଲେଷ୍ଟାଇନ ରାଷ୍ଟ୍ର ପ୍ରତିଷ୍ଠା କରିବା ଏବଂ ଭାରତ ସରକାର ଆମେରିକାର ଚାଟୁକାରିତା ଛାଡ଼ି ପାଲେଷ୍ଟାଇନ ମୁକ୍ତି ସଂଗ୍ରାମକୁ ସମର୍ଥନ କରିବା ଦାବିରେ କଲେଜ ଛକ ନେତାଜୀ ପ୍ରତିମୂର୍ତ୍ତି ନିକଟରୁ ଏକ ପଦୁଆର ବାହାରିଥିଲା। ରାଣୀହାଟ ଘଣ୍ଟା ଘର ଦେଇ ଏହି ପଦୁଆର ପୁଣି ସେହି ସ୍ଥାନକୁ ଫେରି ସେଠାରେ ପଥପ୍ରାନ୍ତ ସଭା ହୋଇଥିଲା। ବିଜୟ ପଡିଆରୀ, କିଶୋର ଜେନା, ରବିନାରାୟଣ ମଲ୍ଲିକ, ଅଭୟ ସ୍ୱାଇଁ, ବିନୋଦ ବେହେରା, ଅମରେନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ପ୍ରତାପ ମହାପାତ୍ର, ପ୍ରସନ୍ନ ମହାପାତ୍ର, ମନମୋହନ ପତି, ଚନ୍ଦ୍ରକାନ୍ତ ବେହେରା, ଭଞ୍ଜ କିଶୋର ବେହେରା, ପରମାନନ୍ଦ ମହାକୁଡ଼, ନବଘନ ପରିଡ଼ା, ମହେଶ୍ୱର ସାହୁ, ଈଶ୍ୱର ସେଠୀ, ସୁବଳ ଜେନାଙ୍କ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିବିରରୁ ୩୫୫ ୟୁନିଟ୍ ରକ୍ତ ସଂଗ୍ରହ



ରକ୍ତଦାନ ଶିବିରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

ଖୁଣ୍ଟୁଣୀ, ୧।୧୧ (ସଚ୍ଚିଦାନନ୍ଦ ପଣ୍ଡା)

ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ କୁମାରପୁର ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଆଠଗଡ଼ରେ ହୋଇଥିବା ରକ୍ତଦାନ ଶିବିରଠାରୁ ଏହି ଶିବିରରେ ରେକର୍ଡ ସଂଖ୍ୟକ ୩୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରି କହିଥିଲେ, ରକ୍ତ ବିନା ଯେପରି କାହାର ମୃତ୍ୟୁ ନ ଘଟେ ସେଥିପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଉଛନ୍ତି। ତାଙ୍କ ଦୂରଦୃଷ୍ଟି ଯୋଗୁ ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ବ୍ୟାପକ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏହି ଶିବିରରେ ଆଠଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ଆଚାର୍ଯ୍ୟ, କୃଷିମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ୨ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ମିନତୀ ଗାଗରାଇ, ସରପଞ୍ଚ ମଞ୍ଜୁଲତା ନାୟକ, ଅଜିତ୍ କୁମାର ଦାସ, ତୁଷାରକାନ୍ତ ସାହୁ, ପ୍ରଭାତ ଥାଟୋଇ, ଜ୍ଞାନରଞ୍ଜନ ଦାସ, ବିନୋଦ ମାଝୀ, ବିଶ୍ୱଜିତ୍ ମାଝୀ, ନୃସିଂହ ଚରଣ ସାହୁ, ନାରୀନେତ୍ରୀ ମିତାଲି ରାଉତ ପ୍ରମୁଖ ଯୋଗଦେଇଥିଲେ। ଆଠଗଡ଼ ଜୀବନ ବିନ୍ଦୁ ସଂଯୋଜକ ରାକେଶ ଦାସ, ଶିଶିର ପ୍ରସାଦ ମାନସିଂହ, ଶ୍ୟାମ ପ୍ରସାଦ ପଣ୍ଡାଙ୍କ ସମେତ ବିଜେଡି କର୍ମୀମାନେ ପରିଚାଳନା କରିଥିଲେ।

# ଏସ୍‌ୟୁସିଆଇ(ସି) ପକ୍ଷରୁ ପ୍ରତିବାଦ ଦିବସ

କଟକ, ୧।୧୧ (ଶିଳ୍ପା ପ୍ରିୟଦର୍ଶିନୀ)

ଗାଜା ଉପରେ ଇସ୍ରାଏଲର ଅମାନବୀୟ ଆକ୍ରମଣ ଏବଂ ମିଳିତ ଜାତିସଂଘର ଯୁଦ୍ଧ ବିରତି ପ୍ରସ୍ତାବ ଉପରେ ଭାରତ ସରକାର ଭୋଟ ଦେବାରୁ ବିରତ ରହିବା ବିରୋଧରେ ଏସ୍‌ୟୁସିଆଇ(ସି) ପକ୍ଷରୁ ସାରା ଭାରତ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ବୁଧବାର କଟକ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସମ୍ପାଦକ ବିଶ୍ୱାବସୁ ଦାସ, ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲା କମିଟି ସଭ୍ୟ ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ଟିକା ସାମଲ, ସିଦ୍ଧାର୍ଥ ରଥ, ବବି ବଳବନ୍ତରାୟ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।




ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ବୁଧବାର କଟକ କଲେଜ ଛକଠାରେ ସାରା ଭାରତ ପ୍ରତିବାଦ ଦିବସ ପାଳନ।

# 'ଦୃଢ଼ ଇଚ୍ଛାଶକ୍ତି ରହିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିହେବ'

କଟକ, ୧।୧ (ସୁପ୍ରିୟା ପ୍ରିୟଦର୍ଶିନୀ)

**ଜିଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଏବଂ ଓଡ଼ିଶା ମିଲେଟ୍ ପ୍ରତିଯୋଗିତା**




ରେଭେନ୍‌ଶା କଲିଜିଏଟ ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସମଗ୍ର ଶିକ୍ଷା ଏବଂ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କଟକସ୍ଥିତ ରେଭେନ୍‌ଶା କଲିଜିଏଟ ସ୍କୁଲର ନେତାଜୀ ଅଡିଟୋରିୟମଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଏବଂ ଓଡ଼ିଶା ମିଲେଟ୍ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ କହିଥିଲେ, ଦୃଢ଼ ମନୋବଳ, ଇଚ୍ଛାଶକ୍ତି ଏବଂ ଆତ୍ମବିଶ୍ୱାସ ରହିଲେ ଛାତ୍ରୀଛାତ୍ରମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ। ମିଲେଟ୍ ପ୍ରତିଯୋଗିତା କଟକକୁ ବିଶ୍ୱସ୍ତରରେ ପରିଚିତ କରାଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଅଭିନେତ୍ରୀ ଉଷସୀ ମିଶ୍ର, ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜର ମାତାପିତାଙ୍କୁ ସମ୍ମାନ ଜଣାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୀପ୍ତିମୟୀ ଶୁଭଦର୍ଶିନୀ ସ୍ୱାଗତ ଭାଷଣ ଓ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଗତି ମିଶ୍ର ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅକ୍ଷୟ କୁମାର ଷଡ଼ଙ୍ଗୀ, ବିଶ୍ୱନାଥ ମିଶ୍ର, ଡ. ପୁଷ୍ପାଞ୍ଜଳି ବେହେରା, ଜିଲା ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା ଡ. ଶୁଚିସ୍ମିତା ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨ ନଭେମ୍ବର, ୨୦୨୩

**ହବିଷିଆଳି ପଡ଼ି ଆହତ, ଅନ୍ୟ ଜଣଙ୍କୁ ମାଙ୍କଡ଼ କାମୁଡ଼ିଲା**

ପୁରୀ,(ଅଜିତ ମହାନ୍ତି): କାର୍ତ୍ତିକ ବ୍ରତ ପାଳନ ପାଇଁ ପୁରୀରେ ଏବେ ହବିଷିଆଳିଙ୍କ ଗହଳି ରହିଛି। ବୁଧବାର ପ୍ରବଳ ଗହଳି କାରଣରୁ ଗରୁଡ଼ ସ୍ତମ୍ଭ ପାଖରେ ଠେଲାପେଲା ହୋଇଥିଲା। ଗହଳିରେ ପଡ଼ି ଜଣେ ହବିଷିଆଳିଙ୍କ ଗୋଡ଼ରେ ଆଘାତ ଲାଗିଛି। ଆହତ ଜଣକ ହେଉଛନ୍ତି ଭୁବନେଶ୍ୱର ବାପୁଜୀ ନଗର ଅଞ୍ଚଳର ଅନ୍ନପୂର୍ଣ୍ଣା ତ୍ରିପାଠୀ(୬୭)। ସେ ଅକ୍ଷୟ ପାତ୍ର ଫାଉଣ୍ଡେଶନ ହବିଷିଆଳି କେନ୍ଦ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ଜଣାପଡ଼ିଛି। ସେହିପରି ମୋଚିସାହି କଲ୍ୟାଣ ମଣ୍ଡପ ହବିଷିଆଳି କେନ୍ଦ୍ରରେ ରହୁଥିବା ଜଣେ ହବିଷିଆଳିଙ୍କୁ ମନ୍ଦିର ବେଢ଼ାରେ ମାଙ୍କଡ କାମୁଡି ଏକାଧିକ ଯାଗାରେ କ୍ଷତ ବିକ୍ଷତ କରିଥିବା ସୂଚନା ମିଳିଛି।



## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ପିପିଲି,୧।୧୧(ଦୁର୍ଗାମାଧବ ମିଶ୍ର):** ପିପିଲି ବ୍ଲକ ଅଧୀନ ଦୁର୍ଗାଦାସପୁର ଗ୍ରାମର ଜଣେ ଯୁବକଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେବାରୁ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସ୍ୱର୍ଗତ ହଟ ସ୍ୱାଇଁଙ୍କ ସାନ ପୁଅ କାଳନ୍ଦୀ ସ୍ୱାଇଁ(୪୦)। କାଳନ୍ଦୀ ବୁଧବାର ସକାଳେ ଧାନ ବିଲକୁ ଔଷଧ ପକାଇବାକୁ ଯାଇଥିଲେ। ସେ ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଏହାପରେ ସେ ଘରକୁ ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ମଙ୍ଗଳପୁର ଡାକ୍ତରଖାନାକୁ ନେଇଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ନୂତନ ସହଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**କଣାସ,୧।୧୧(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକର ନୂତନ ସହଶିକ୍ଷାଧିକାରୀ ରୂପେ ବିପିନ ବିହାରୀ ସେଠୀ ବୁଧବାର ଯୋଗଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକରେ ପ୍ରଧାନଶିକ୍ଷକ ରୂପେ କାର୍ଯ୍ୟରତ ସେଠୀ ପଦୋନ୍ନତି ପାଇ କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରିଛନ୍ତି। କାର୍ଯ୍ୟାଳୟରେ ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ସାଧନକେନ୍ଦ୍ର ସଂଯୋଜକ ଭୂପତି ତ୍ରିପାଠୀ, ବୈକୁଣ୍ଠ କୋଦମାସିଂ, ସନ୍ତୋଷ ବେହେରା, ଦାମୋଦର ସୁନ୍ଦରାୟ, ସସ୍ମିତା ଜାଲି, ଧନେଶ୍ୱର ପାତାଳସିଂ ତଥା କାର୍ଯ୍ୟାଳୟର କର୍ମଚାରୀ ରଶ୍ମିରଞ୍ଜନ ଦାସ, ଜିତେନ୍ଦ୍ର ପ୍ରଧାନ, ଅଜୟ ଛୁଆଳସିଂ, ବିଜୟ ଜେନା, ଶଶିଭୂଷଣ ବେବର୍ତ୍ତା ପ୍ରମୁଖ ନୂତନ ସହଶିକ୍ଷାଧିକାରୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ସହିତ ସ୍ୱାଗତ କରିଥିଲେ। ପ୍ରତ୍ୟୁତ୍ତରରେ ଶ୍ରୀ ସେଠୀ ସମସ୍ତଙ୍କ ସହଯୋଗରେ କଣାସ ବ୍ଲକକୁ ଶିକ୍ଷା କ୍ଷେତ୍ରରେ ଆଗକୁ ନେବାକୁ ଚେଷ୍ଟା କରିବେ ବୋଲି ମତ ପ୍ରକାଶ କରିଥିଲେ।

### ଲୋକଙ୍କ ସମସ୍ୟାକୁ ସରକାରୀସ୍ତରରେ ସମାଧାନ କରାଯାଉଛି

**ଗୋପ,୧।୧୧(ଭାରତୀ ଭୂଷଣ ଉପାଧ୍ୟାୟ):** ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରୀସ୍ତରରେ ସମାଧାନ କରାଯାଉଛି। ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ କିପରି ଆହୁରି ଅଧିକ ମାତ୍ରାରେ ଗାଁ ଗାଁରେ ପହଞ୍ଚିବା ସହ ଅଭିଯୋଗ ଉପରେ ଅଧିକ ମାତ୍ରାରେ ଗୁରୁତ୍ୱ ଦିଆଯିବ ତା' ଉପରେ ମଧ୍ୟ ସରକାର ଦୃଷ୍ଟି ରଖିଛନ୍ତି। ବୁଧବାର ଗଣେଶ୍ୱରପୁର ପଞ୍ଚାୟତର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। ପଞ୍ଚାୟତର ବିଜେଡି ସଭାପତି ପ୍ରହଲ୍ଲାଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ବିଜେଡିର ପର୍ଯ୍ୟବେକ୍ଷକ ପୁନେଶ ସେନାପତି, ପୂର୍ବତନ ସମିତି ସଭ୍ୟ କରୁଣାକର ସାହୁ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଓ ବିଧାୟକ ଦାଶଙ୍କୁ ନିମାପଡ଼ା ବିଧାୟକ ଭାବେ ନିର୍ବାଚିତ କରିବାକୁ କର୍ମୀମାନେ ଶପଥ କରିଥିଲେ।

# ଚାନ୍ଦା ନ ଦେବାରୁ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ

**ପୁରୀ,୧।୧୧(ଅଜିତ ମହାନ୍ତି)**



ଚାନ୍ଦା ନ ଦେବାରୁ ଜଣେ କଲେଜ ଛାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଛାତ୍ର ହେଉଛନ୍ତି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷରେ ପଢୁଥିବା ସୁରଞ୍ଜନ ପାହାଡ଼ ସିଂ। ମାତ୍ର ଦୁଇଶହ ଟଙ୍କା ଚାନ୍ଦା ନ ଦେବାରୁ ବାଉଁଶ ଫାଳିଆରେ ତାଙ୍କୁ କିଛି ଛାତ୍ର ଓ ଅଣଛାତ୍ର ମିଶି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୁରଞ୍ଜନଙ୍କ ପିଠିରେ ଗଭୀର ଆଘାତ ଲାଗିଥିବା ବେଳେ ତାଙ୍କ ଡାହାଣପଟ ଆଖି ଓ ହାତରେ ମଧ୍ୟ ଆଘାତ ଲାଗିଛି। ଚିକିତ୍ସା ପାଇଁ ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ଯୁକ୍ତ ୩ ଫ୍ରେସର୍ସମାନଙ୍କୁ ୱେଲକମ୍ ପାର୍ଟି ଦେବା ପାଇଁ କଲେଜରେ ଛାତ୍ରମାନେ ଚାନ୍ଦା ଆଦାୟ କରୁଥିଲେ। ସୁରଞ୍ଜନ ଚାନ୍ଦା ଦେବାକୁ ମନା କରିଦେଇଥିଲେ। ଏହାକୁ ନେଇ ସୁରଞ୍ଜନ ଓ ଅନ୍ୟ ଛାତ୍ରମାନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବୁଧବାର କଲେଜରେ ପରୀକ୍ଷା ସରିବା ପରେ କିଛି ଛାତ୍ର ଓ ଅଣଛାତ୍ର କଲେଜ ଭିତରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ସୁରଞ୍ଜନ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

# ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ଦିବ୍ୟାଙ୍ଗଙ୍କ ସହାୟତା



ତହସିଲଦାରଙ୍କୁ ଉପେନ୍ଦ୍ର ସାମନ୍ତରାୟ ଟଙ୍କା ପ୍ରଦାନ କରୁଛନ୍ତି।

**କଣାସ,୧।୧୧(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅଧୀନ କଣାସ ଗ୍ରାମପଞ୍ଚାୟତ ସହନା ଗ୍ରାମର ଦିବ୍ୟାଙ୍ଗ ଉପେନ୍ଦ୍ର ସାମନ୍ତରାୟ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ଶହ ଟଙ୍କା ପ୍ରଦାନ କରିଛନ୍ତି। ସାମନ୍ତରାୟ କଣାସ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ପାଣ୍ଠି ପାଇଁ ଟଙ୍କା ପ୍ରଦାନ କରିଥିଲେ। ତହସିଲଦାର ପାଣିଗ୍ରାହୀ ସାମନ୍ତରାୟଙ୍କ ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ୧୧ତମ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତା

**ପୁରୀ,୧।୧୧(ଅଜିତ ମହାନ୍ତି)**

'ଆରମ୍ଭ' ଅନୁଷ୍ଠାନ ପକ୍ଷରୁ ପୁରୀ ସଦରର ୩୦ଟି ପଞ୍ଚାୟତକୁ ନେଇ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ଅବସରରେ ଅନୁଷ୍ଠାନର ୧୧ତମ ପ୍ରତିଯୋଗିତା ପୁରୀ ସଦର ଗଡମୃଗଶିରା ପଞ୍ଚାୟତରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମବାୟ କେନ୍ଦ୍ରଠାରେ ସଙ୍ଗୀତ, ନୃତ୍ୟ, ଝୋଟି, ହୁଳହୁଳି, ଆଧ୍ୟାତ୍ମିକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୦୨୪ ଜାନୁୟାରୀରେ ହେବାକୁ ଥିବା ଆରମ୍ଭର ବାର୍ଷିକ ଉତ୍ସବ ରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ସବରେ ଅତିଥି ଭାବେ ଅନୁଷ୍ଠାନର ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସଦର ବ୍ଲକ ଚେୟାରମ୍ୟାନ ଦିବାକର ପାତ୍ର, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର୍ ମିଶ୍ର, ଯୁବ ସମାଜସେବୀ ଅଭିନାଶ ମିଶ୍ର, ସମିତି ସଭ୍ୟ ନୀଳକଣ୍ଠ ସ୍ୱାଇଁ, ଏମ୍‌ବିକେ ରିନୁ ବେହେରା ଓ ସୁବର୍ଣ୍ଣ ଅଳଙ୍କାର ତରଫରୁ ଅଭିଷେକ ବିନାନି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ଚଳଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ତଥା ପ୍ରଯୋଜକ ଆଶୁତୋଷ ପଟ୍ଟନାୟକ, ଉପସଭାପତି ସମୀର୍ କୁମାର ଶତପଥୀ, ସମ୍ପାଦକ ଦେବାଶିଷ ସିଂ, ରାକେଶ ଜେନା, ସୌମ୍ୟରଞ୍ଜନ ମିଶ୍ର, ଗଣେଶ୍ୱର ଦାସ, ପ୍ରଭୁପାଦ ମହାପାତ୍ର, ରବୀନ୍ଦ୍ର ଆଚାର୍ଯ୍ୟ, ଆଶିଷ ବେହେରା, ବିଶ୍ୱଜିତ ଦାସ୍, ସୁଜିତ ରାଉତରାୟ, ଜ୍ୟୋତି ରଞ୍ଜନ ମେକାପ, ପ୍ରଣୟ କୁମାର ରଣସିଂହ, ସନ୍ତୋଷ କୁମାର ବିନ୍ଧାଣି, ଆଶିଷ ବେହେରା, ଅଭିନାଶ ସାହୁ ପରିଚାଳନା କରିଥିଲେ।




'ଆରମ୍ଭ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶ୍ରୀକ୍ଷେତ୍ର ଲକ୍ଷ୍ମୀ ପ୍ରତିଯୋଗିତାରେ ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ୨ ଘରୁ ଚୋରି ଅଭିଯୋଗ

**ବଳଙ୍ଗା,୧।୧୧(କେଦାରେଶ୍ୱର ନନ୍ଦ):** ବଳଙ୍ଗା ଥାନା ନିକଟ ସାହାଡାପଡ଼ା ଗ୍ରାମରେ ଦୁର୍ବୃତ୍ତମାନେ ୨ ଗୋଟି ଘରର ତାଲା ଭାଙ୍ଗି ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ନେଇ ଥାନାରେ ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗ୍ରାମର ସୁଶାନ୍ତ ସାହୁଙ୍କ ଅଭିଯୋଗ ଅନୁଯାୟୀ, ଗାଁ ମୁଣ୍ଡରେ ଏକ କଳ ଘର ରହିଛି। ଦୁର୍ବୃତ୍ତମାନେ ମଙ୍ଗଳବାର ବିଳମ୍ବିତ ରାତିରେ କଳ ଘରର ତାଲା ଭାଙ୍ଗି ଘର ଭିତରେ ଥିବା କମ୍ପ୍ୟୁଟର କଣ୍ଟା ସହ ସମସ୍ତ ରେଜିଷ୍ଟର ନେଇ ଯାଇଛନ୍ତି। ସେହିଭଳି ଗ୍ରାମର ରାଜକିଶୋର ମହାନ୍ତିଙ୍କ ପରିବାର ପୁରୀରେ ରହୁଥିବାବେଳେ ତାଙ୍କ ଘରର ତାଲାକୁ ଭାଙ୍ଗି ଘରେ ପଶି ଗୋଦରେଜ୍ ଭାଙ୍ଗି ସମସ୍ତ ଆସବାବପତ୍ର ଫିଙ୍ଗା ଫୋପଡା କରିଛନ୍ତି। ଏନେଇ ରାଜକିଶୋରଙ୍କ ପୁତୁରା ଖଗେଶ୍ୱର ବୁଧବାର ଥାନାରେ ଅଭିଯୋଗ କରିଛନ୍ତି।

# ହବିଷିଆଳିଙ୍କୁ ଠକେଇ: ଯୁବକ ଗିରଫ

**ପୁରୀ ୧।୧୧( ଅଜିତ୍ ମହାନ୍ତି)**

ରାଜ୍ୟ ସରକାରଙ୍କ ପକ୍ଷରୁ ପୁରୀରେ ଖୋଲାଯାଇଥିବା ହବିଷିଆଳି ଶିବିରରେ ହବିଷିଆଳିମାନଙ୍କୁ ରଖେଇଦେବାକୁ କହି ୭ହଜାର ଟଙ୍କା ଠକିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଭଣ୍ଡାରିକୁଦା ଅଞ୍ଚଳର କୌଶିକ ସାମନ୍ତରାୟ(୨୨)। ପୋଲିସ ତାଙ୍କ ନିକଟରୁ ୨ହଜାର ଟଙ୍କା ଓ ଗୋଟିଏ ବାଇକ ଜବତ କରିଛି। ସୂଚନା ଅନୁସାରେ, ଖୋର୍ଦ୍ଧା ଜିଲା ବାଣପୁର ଖୁଜରିଆ ଅଞ୍ଚଳର କୈଳାସ ପ୍ରଧାନ ଓ ତାଙ୍କ ସହ ୬ଜଣ ହବିଷିଆଳି ଶିବିରରେ ରହିବା ପାଇଁ ପୁରୀ ଆସିଥିଲେ। ତେବେ ସେମାନେ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରି ନ ଥିବାରୁ ଶିବିରରେ ରହିବା ପାଇଁ ଅଧିକାରୀମାନେ ମନା କରିଦେଇଥିଲେ। କେତେଜଣ ବ୍ୟକ୍ତି ତାଙ୍କୁ ପୌରପରିଷଦର କର୍ମଚାରୀ ବୋଲି କହି ଫୋନ କରିଥିଲେ। ହବିଷିଆଳି ଶିବିରରେ ରଖେଇଦେବାପାଇଁ ସେମାନଙ୍କୁ ୭ ହଜାର ଟଙ୍କା ମଗାଯାଇଥିଲା। ଏନେଇ କୈଳସ କହିଥିଲେ, ସେ ବଗଲା କେନ୍ଦ୍ରରେ ଭଲରେ ଅଛନ୍ତି, ବୃନ୍ଦାବତୀ ଶିବିରକୁ ଯିବେ ନାହିଁ। ତେଣୁ ସେ ଟଙ୍କା ନେଇ ଯାଇପାରିବେ ନାହିଁ। ଏହାର କିଛି ସମୟ ପରେ ସମ୍ପୃକ୍ତ ବ୍ୟକ୍ତି ପୁଣି ଫୋନ କରି ତମର ରୁମ ବୁକ୍ ହୋଇଯାଇଛି, ତେଣୁ ଟଙ୍କା ନେଇ ଶନିମନ୍ଦିର ନିକଟକୁ ଆସ ବୋଲି କହିଥିଲେ। ଏନେଇ କୈଳାସ ଶିବିରରେ ଥିବା ଅଧିକାରୀମାନଙ୍କୁ ଜଣାଇଥିଲେ। ଏହାପରେ ସେ ବୃନ୍ଦାବତୀ ନିବାସ ନିକଟରେ ପହଞ୍ଚିବା ପରେ ମୁହଁରେ ନାଲି ଗାମୁଛା ବାନ୍ଧି ଜଣେ ବ୍ୟକ୍ତି ପହଞ୍ଚି ଟଙ୍କା ମାଗିଥିଲେ। ସେଠାରେ ହବିଷିଆଳିଙ୍କ ନିକଟରୁ ଟଙ୍କା ନେବାକୁ ଉଦ୍ୟମ କରିବା ସମୟରେ ସ୍ଥାନୀୟ ଲୋକେ ଓ ଉପସ୍ଥିତ ଅଧିକାରୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରିଥିଲେ। ଏ ନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### କୁନି କଳାକାରଙ୍କ ଅଭିନୟରେ ପ୍ରକମ୍ପିତ ମଞ୍ଚ

**ଅସ୍ତରଙ୍ଗ,୧।୧୧(ମମତା ଜେନା):** ପ୍ରଥମ ଥର ଅସ୍ତରଙ୍ଗ ଅଞ୍ଚଳରେ କୁନି କୁନି ପିଲାଙ୍କୁ ନେଇ ଏକ ସାମାଜିକ ନାଟକ 'ଲକ୍ଷେ ଶିବ ପୂଜି ପାଇଛି ପୁଅ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ ଏଥିରେ ନିର୍ଦ୍ଦେଶନା ଦେଇଥିବାବେଳେ ରେନ୍ଧୁଅ ଗ୍ରାମବାସୀ ସହଯୋଗ କରିଥିଲେ। କୁନି କଳାକାରଙ୍କ ଅଭିନୟରେ ମଞ୍ଚ ପ୍ରକମ୍ପିତ ହୋଇଉଠିଥିଲା। ଏହି ନାଟକ ଦେଖିବାକୁ ଶହଶହ ମହିଳା, ପୁରୁଷଙ୍କ ଭିଡ଼ ଜମିଥିଲା। ବର୍ତ୍ତମାନ ସମାଜରେ ଅନେକ ପାରିବାରିକ ସମସ୍ୟା ଦେଖିବାକୁ ମିଳୁଛି। ଏବେ ପରିବାର ବଢିବା ସହିତ ବୃଦ୍ଧାଶ୍ରମ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ମା'ଟିଏ ୧୦ ମାସ ଗର୍ଭଧାରଣ କରି ପିଲାଟିକୁ ଜନ୍ମ ଦେଇ ପାଳିପୋଷି ମଣିଷ କରନ୍ତି। ପରେ ଯେତେବେଳେ ପିଲା ବଡ଼ ହୋଇଯାଆନ୍ତି, ସେତେବେଳେ ସେମାନେ ମା'ବାପାଙ୍କୁ ଅଣଦେଖା କରନ୍ତି। ପରେ ସେମାନେ ଯାଇ ବୃଦ୍ଧାଶ୍ରମରେ ଆଶ୍ରୟ ନିଅନ୍ତି, ଯାହା ଅତ୍ୟନ୍ତ ଦୁଃଖଦାୟକ। ଏପରି ଏକ ଘଟଣାକୁ ଜୀବନ୍ତ ରୂପେ ରେନ୍ଧୁଅ ଓ ଆଖପାଖ ଅଞ୍ଚଳର କୁନି କୁନି କଳାକାର ମଞ୍ଚ ଉପରେ ପରିବେଷଣ କରିଛନ୍ତି। ଆମେ ମା'ବାପାଙ୍କ ସହିତ ଯେପରି ବ୍ୟବହାର କରିବା ଭବିଷ୍ୟତରେ ଆମକୁ ଆମ ପିଲାମାନେ ମଧ୍ୟ ସେପରି ବ୍ୟବହାର କରିବେ ବୋଲି ନାଟକ ଜରିଆରେ ଦର୍ଶାଇ ଦିଆଯାଇଥିଲା।

# ଶ୍ରାଦ୍ଧବାର୍ଷିକରେ 'ସ୍ମରଣିକା' ଉନ୍ମୋଚିତ



କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ସାକ୍ଷୀଗୋପାଳ,୧।୧୧(ଭରତ ରାଉତ)**

ସତ୍ୟବାଦୀ ବ୍ଲକ ଅଳଗୁମ ପଞ୍ଚାୟତର ବାର୍ଟୁଳିପଡ଼ା ଗ୍ରାମରେ ସ୍ୱର୍ଗତ ବ୍ରଜବନ୍ଧୁ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ବୁଧବାର 'ସ୍ମରଣିକା' ପୁସ୍ତକ ଉନ୍ମୋଚନ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ରୂପେ ସାମାଜିକ କର୍ମୀ ଓଁପ୍ରକାଶ ମିଶ୍ର ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ୨ ପୁତ୍ର ସଂଗ୍ରାମ କେଶରୀ ପ୍ରଧାନ ଓ ଧନେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମକୁ ଅଲଗୁମର ସ୍ୱେଚ୍ଛାସେବୀ ସଂଗଠନ ଅଳଗୁମ ପୂଜ୍ୟପୂଜା ସ୍ମୃତି ପରିଷଦ ପରିଚାଳନା କରିଥିଲା। ପୁସ୍ତକ ଉନ୍ମୋଚନ ସଭାରେ ପୂର୍ବତନ ସରପଞ୍ଚ ସଦାଶିବ ନାୟକ, ପାଲାଗାୟକ ମାଧବ ନାୟକ, ଡା. ଯୋଗେନ୍ଦ୍ର ନାୟକ, କମିଟି ସଭାପତି କୁଳମଣି ବିଶ୍ୱାଳ, ଉପସଭାପତି ସଚ୍ଚିକାନ୍ତ ବିଶ୍ୱାଳ, ବିଶ୍ୱମ୍ଭର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ମିଶ୍ର ଶ୍ରାଦ୍ଧବାର୍ଷିକ ଅବସରରେ କଳା ସଂସ୍କୃତିକୁ ବଞ୍ଚାଇ ରଖିଥିବା ସଂକୀର୍ତ୍ତନ ଗୁରୁ, ଗାୟକଙ୍କୁ କମିଟି ପକ୍ଷରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାମାଜିକ କର୍ମୀ ଧୀରେନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ହେଉଛନ୍ତି ଛାତ୍ର ସମାଜର ପଥ ପ୍ରଦର୍ଶକ

**ଡେଲାଙ୍ଗ,୧।୧୧(ରଶ୍ମିରଞ୍ଜନ ପ୍ରଧାନ):** ଡେଲାଙ୍ଗ ବ୍ଲକ ବୋଲକଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିମଳା ସୁନ୍ଦରୀ ମଲ୍ଲିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା ଏଥିରେ ସଭାପତିତ୍ୱ କରିଥିଲେ। ସମାବେଶରେ ବ୍ଲକ ଶିକ୍ଷାଧିକାରୀ ବିନୋଦ ପାରମାଣିକ, ପୂର୍ବତନ ବିଇଓ ସଚ୍ଚିଦାନନ୍ଦ ପ୍ରଧାନ, ଶିକ୍ଷାବିତ୍ ପ୍ରହଲ୍ଲାଦ ସ୍ୱାଇଁ, ସତ୍ୟବାଦୀ ଦାଶ, ଏବିଓ ଲକ୍ଷ୍ମଣ ପ୍ରଧାନ, ସଂଯୁକ୍ତା ମିଶ୍ର, ଶିକ୍ଷକ ପ୍ରଶାନ୍ତ ଦାଶ, ଦିଗମ୍ବର ରଥ, ହୃଷୀକେଶ ବଳିୟାରସିଂ, ସାମାଜିକ କର୍ମୀ ବୁଦ୍ଧିନାଥ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ହେଉଛନ୍ତି ଛାତ୍ର ସମାଜର ପଥ ପ୍ରଦର୍ଶକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଶ୍ରୀଧର ପ୍ରଧାନ ଓ ଶିକ୍ଷକ ଲକ୍ଷ୍ମୀଧର ବସ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶିକ୍ଷକ ଦିଲୀପ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମଲ୍ଲିକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ବିଇଓ କାର୍ଯ୍ୟାଳୟ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଓ ପ୍ରୋଭିଜନାଲ ପେନସନ ପେପର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦାୟ ସଙ୍ଗୀତ ଗାନ କରାଯାଇଥିବାବେଳେ ଶିକ୍ଷକ ଅଭୟ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

# 'ଅବସର ସମସ୍ତଙ୍କ ଜୀବନରେ ଆସିଥାଏ'

**ଗୋପ, ୧।୧୧ (ଭାରତୀ ଭୂଷଣ ଉପାଧ୍ୟାୟ)**

ଜୀବନ ଅଛି ତ ଅବସର ଅଛି। ଅବସର ପରେ ଆମେ ଆମକୁ ପ୍ରସ୍ତୁତ କରିବାର ମଧ୍ୟ ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର ଗୋପ ମହାବିଦ୍ୟାଳୟର ଇତିହାସ ବିଭାଗର ବରିଷ୍ଠ ଅଧ୍ୟାପକ ଶୈଳେନ୍ଦ୍ର କୁମାର ରଥଙ୍କ ଅବସରକାଳୀନ ସଭାରେ ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅଧ୍ୟାପକ ନିରଞ୍ଜନ ଦାସ, ବିଭୂତି ଭୂଷଣ ସେନାପତି, ଅଧ୍ୟାପିକା ପ୍ରତିମା ଦେଇ, ପ୍ରଜ୍ଞା ପ୍ରକାଶିନୀ ଦାସ କାନୁନ୍‌ଗୋ, ପ୍ରଜ୍ଞା ମଞ୍ଜରୀ ବଡ଼ଜେନା ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟାପକ ଶୈଳେନ୍ଦ୍ର କୁମାର ରଥ ଜଣେ ଉଚ୍ଚକୋଟୀର ଅଧ୍ୟାପକ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ପକ୍ଷରୁ ଶୈଳେନ୍ଦ୍ର କୁମାର ରଥଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହେନ୍ଦ୍ର କୁମାର ପ୍ରଧାନ, ବିଜୁଳି ମଲ୍ଲ, ଶାଶ୍ୱତ ରଞ୍ଜନ ପ୍ରଧାନ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ରାଷ୍ଟ୍ରୀୟ ଏକତା ଦିବସରେ ପ୍ରତିଯୋଗିତା

**ଡେଲାଙ୍ଗ,୧।୧୧(ରଶ୍ମିରଞ୍ଜନ ପ୍ରଧାନ)**

ଭାରତ ସରକାରଙ୍କ ରାଷ୍ଟ୍ରୀୟ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ଜନଶିକ୍ଷଣ ସଂସ୍ଥାନ ପୁରୀ ଦ୍ୱାରା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍‌ଙ୍କ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଡେ଼ଲାଙ୍ଗସ୍ଥିତ ଆଞ୍ଚଳିକ ଦକ୍ଷତା ବିକାଶ ପ୍ରତିଷ୍ଠାନ କେନ୍ଦ୍ରରେ ବୁଧବାର ପାଳିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ୫୦ରୁ ଅଧିକ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ପିଲାଙ୍କ ମଧ୍ୟରେ ଏକତା ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏକ ଶପଥପାଠ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ଆଞ୍ଚଳିକ ଦକ୍ଷତା ବିକାଶ ପ୍ରତିଷ୍ଠାନଠାରୁ ଏକ ଗଣଦୌଡ଼ ବାହାରି ସରକାରୀ ରାଧାକାନ୍ତ ବିଦ୍ୟାପୀଠ ପର୍ଯ୍ୟନ୍ତ ଯିବା ସହ ବିଭିନ୍ନ ପ୍ରକାର ସ୍ଲୋଗାନ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଜନଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ଜ୍ଞାନବିକାଶ ଗଜେନ୍ଦ୍ର ଶୁଭାରମ୍ଭ କରିବା ସହ ପିଲାଙ୍କୁ ଭାରତର ଏକତା, ଅଖଣ୍ଡତା ଓ ନିରାପତ୍ତା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ସଂସ୍ଥାନର ପଦ୍ମଚରଣ ସେଠୀ, ପ୍ରତ୍ୟୁଷ ବରାଳ, ପୂର୍ଣ୍ଣେନ୍ଦୁ ପ୍ରଧାନ, ପ୍ରିୟବ୍ରତ ପ୍ରଧାନ, ରୋଜାଲିନ୍ ସ୍ୱାଇଁ, ନମିତା ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗୀ ଏବଂ ଅନ୍ୟମାନେ।

### ଖବରଦାତାଙ୍କ ପିତୃ ବିୟୋଗ

**ଅସ୍ତରଙ୍ଗ,୧।୧୧(ମମତା ଜେନା):** ଅସ୍ତରଙ୍ଗ କାକଟପୁର ଅଞ୍ଚଳ ବୈଦ୍ୟୁତିକ ଗଣମାଧ୍ୟମର ବରିଷ୍ଠ ଖବରଦାତା ନିରଞ୍ଜନ ଦାସଙ୍କ ବାପା ରାଜକିଶୋର ଦାସ (୭୭)ଙ୍କ ମଙ୍ଗଳବାର ବିୟୋଗ ହୋଇଛି। ସେ ଜଣେ ମିଷ୍ଟଭାଷୀ, ସାମାଜିକ କର୍ମୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ଅସ୍ତରଙ୍ଗ ଅଞ୍ଚଳରେ ଜଣାଶୁଣା ବ୍ୟକ୍ତି ଥିଲେ। ହଠାତ୍ ମଙ୍ଗଳବାର ତାଙ୍କ ଶରୀର ଅସୁସ୍ଥ ହୋଇଯାଇଥିଲା। ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ଶେଷଦର୍ଶନରେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ତି, ୱାର୍ଡ ସଭ୍ୟ ଯୁବ ସାମାଜିକ କର୍ମୀ ମନୋଜ ବିଶ୍ୱାଳ, ଅସ୍ତରଙ୍ଗ ଅଞ୍ଚଳର ସମସ୍ତ ଖବରଦାତା ଉପସ୍ଥିତ ଥିଲେ।

# ୧୧ ବଖରା ଭସ୍ମୀଭୂତ, ୩ ଗାଈ ମୃତ

**କଣାସ,୧।୧୧ (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅଧୀନ ସାହୁପଡ଼ା ଗ୍ରାମପଞ୍ଚାୟତର ସାହୁପଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ୧୧ ବଖରା ବାସଗୃହ ଜଳିଯିବା ସହ ୩ ଗାଈଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ରୁଷିଆ ସାହୁ ଓ କୃତୀବାସ ସାହୁ ଦୁଇ ଭାଇଙ୍କ ଘରୁ ପ୍ରଥମେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ପାଖ ଘର ନୀଳକଣ୍ଠ ରଣସିଂ ଓ ଗଣେଶ ରଣସିଂଙ୍କ ବାସଗୃହରେ ନିଆଁ ଲାଗି ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ରୁଷିଆ ଓ କୃତୀବାସଙ୍କ ୩ ଗାଈ ପୋଡି ଯାଇ ମୃତ୍ୟୁ ଘଟିଛି। ଖବରପାଇ କଣାସ ଓ ଟାଙ୍ଗୀରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀ ଏବଂ କଣାସ ମୁଖ୍ୟ ପଶୁଚିକିତ୍ସକ ଡାକ୍ତର ବିଶ୍ୱରଞ୍ଜନ ବେହେରା ଅଗ୍ନିବିପନ୍ନ ପରିବାର ଲୋକଙ୍କ ପାଖରେ ପହଞ୍ଚି ସାନ୍ତ୍ୱନା ଦେବା ସହ ତହସିଲଦାର ୪ ପରିବାରଙ୍କୁ ପଲିଥିନ ଯୋଗାଇ ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ଭିକାରୀ ଚରଣ ବଳିୟାରସିଂ ଅଗ୍ନିବିପନ୍ନ ପରିବାରଙ୍କୁ ରନ୍ଧାଖାଦ୍ୟ ଯୋଗାଇବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି।



## ହବିଷିଆଳି ପଡ଼ି ଆହତ, ଅନ୍ୟ ଜଣଙ୍କୁ ମାଙ୍କଡ଼ କାମୁଡ଼ିଲା

ପୁରୀ,(ଅଜିତ ମହାନ୍ତି): କାର୍ତ୍ତିକ ବ୍ରତ ପାଳନ ପାଇଁ ପୁରୀରେ ଏବେ ହବିଷିଆଳିଙ୍କ ଗହଳି ରହିଛି। ବୁଧବାର ପ୍ରବଳ ଗହଳି କାରଣରୁ ଗରୁଡ଼ ସ୍ତମ୍ଭ ପାଖରେ ଠେଲାପେଲା ହୋଇଥିଲା। ଗହଳିରେ ପଡ଼ି ଜଣେ ହବିଷିଆଳିଙ୍କ ଗୋଡ଼ରେ ଆଘାତ ଲାଗିଛି। ଆହତ ଜଣକ ହେଉଛନ୍ତି ଭୁବନେଶ୍ୱର ବାପୁଜୀ ନଗର ଅଞ୍ଚଳର ଅନ୍ନପୂର୍ଣ୍ଣା ତ୍ରିପାଠୀ(୬୭)। ସେ ଅକ୍ଷୟ ପାତ୍ର ଫାଉଣ୍ଡେଶନ ହବିଷିଆଳି କେନ୍ଦ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରୁଥିବା ଜଣାପଡ଼ିଛି। ସେହିପରି ମୋଚିସାହି କଲ୍ୟାଣ ମଣ୍ଡପ ହବିଷିଆଳି କେନ୍ଦ୍ରରେ ରହୁଥିବା ଜଣେ ହବିଷିଆଳିଙ୍କୁ ମନ୍ଦିର ବେଢ଼ାରେ ମାଙ୍କଡ କାମୁଡି ଏକାଧିକ ଯାଗାରେ କ୍ଷତ ବିକ୍ଷତ କରିଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## ମଦ ଦୋକାନ ସିଲ କଲା ଅବକାରୀ ବିଭାଗ



ବାରଙ୍ଗ,୧।୧୧(ଲିଙ୍ଗରାଜ ରାଉତ)- ବାରଙ୍ଗସ୍ଥିତ ରାମଦାସପୁରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ଅବକାରୀ ବିଭାଗ ବୁଧବାର ସିଲ କରିଛି। ଜଣେ ଗ୍ରାହକଙ୍କଠାରୁ ମଦ ବୋତଲ ପିଛା ୧୦ଟଙ୍କା ଅଧିକନେବା ଘଟଣାରେ ଗ୍ରାହକ ଜଣକ ଖାଉଟି ଅଦାଲତରେ ଅଭିଯୋଗ କରିଥିଲେ। ଗ୍ରାହକଙ୍କୁ କ୍ଷତିପୂରଣ ପ୍ରଦାନ ପୂର୍ବକ ୨୦ଲକ୍ଷ ଟଙ୍କା ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ କଟକ ଜିଲାପାଳ ନରହରି ସେଠୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଆୟୁକ୍ତ ନରସିଂହ ଭୋଳଙ୍କ ନେତୃତ୍ୱରେ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ମଦ ଦୋକାନକୁ ସିଲ କରାଯାଇଛି।

## ଗଜଲକ୍ଷ୍ମୀ ପୂଜା ମଣ୍ଡପ ଦାନବାକ୍ସରୁ ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୧।୧୧ (ସୂର୍ଯ୍ୟକାନ୍ତ ବେହେରା): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗି ଫେଜ୍-୧ସ୍ଥିତ ଗଜଲକ୍ଷ୍ମୀ ପୂଜା ମଣ୍ଡପର ଦାନବାକ୍ସରୁ ଟଙ୍କା ଚୋରି କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ସେ ହେଲେ କାରଗିଲ୍ ବସ୍ତିର ସୁଶାନ୍ତ ମଙ୍ଗରାଜ। ତାଙ୍କଠାରୁ ୫୯୫ ଟଙ୍କା ଜବତ ହୋଇଛି। ସୂଚନାନୁସାରେ, ମଙ୍ଗଳବାର ରାତିରେ ଅଭିଯୁକ୍ତ ପୂଜା ମଣ୍ଡପର ଦାନ ବାକ୍ସରୁ ଟଙ୍କା ଚୋରି କରୁଥିବାବେଳେ ସେଠାରେ ଶୋଇଥିବା କିଛି ଲୋକ ଶବ୍ଦ ଶୁଣି ଉଠିପଡିଥିଲେ। ଏହାପରେ ଅଭିଯୁକ୍ତଙ୍କୁ ପିଛା କରିବାରୁ ସେ ଘଟଣାସ୍ଥଳରୁ ଚାଲିଯାଇଥିଲେ। ଏନେଇ ପୂଜା କମିଟିର ସଦସ୍ୟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

## ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା

ବାରଙ୍ଗ,୧।୧୧(ଲିଙ୍ଗରାଜ ରାଉତ)- ନରାଜ ସିଦ୍ଧେଶ୍ୱର ବିଦ୍ୟାମନ୍ଦିର ପରିସରରେ କଟକ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କଟକ ଜିଲାର ମୋଟ ୧୪ ବ୍ଲକର ୨୩୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ସିନିୟର ଓ ଜୁନିୟର ବିଭାଗ କରାଯାଇ ୨୦ଟି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରରେ ହେବାକୁ ଥିବା ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଡ. ସନ୍ତୋଷ ରାଉତ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳେଇ, ନରାଜ-ମାର୍ଥାପୁର ସରପଞ୍ଚ ଗୀତାଞ୍ଜଳି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

# ବର୍ତ୍ତମାନର ପିଲା ଭବିଷ୍ୟତର ପ୍ରତିନିଧି : ମୁଖ୍ୟମନ୍ତ୍ରୀ

**ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ତ୍ରୟୋଦଶ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଆହ୍ୱାନ- ଆସନ୍ତୁ ଶିଶୁ ଅଧିକାର ସୁରକ୍ଷା ପାଇଁ ହାତ ମିଳେଇବା' ବିଷୟ ବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ କହିଲେ, ବର୍ତ୍ତମାନର ପିଲାମାନେ ଭବିଷ୍ୟତର ପ୍ରତିନିଧି ଓ ଆସନ୍ତାକାଲି ବିଭିନ୍ନ କ୍ଷେତ୍ରରେ ସେମାନେ ନେତୃତ୍ୱ ନେବେ । ପରିବାର ହରାଇଥିବା ପିଲାଙ୍କ ପାଇଁ ଆମେ ରାଜ୍ୟର ବ୍ୟବସ୍ଥାକୁ ଦୃଢ଼ କରିଛୁ। ତା'ସହ କୋଭିଡ ମହାମାରୀ ସମୟରେ ଆରମ୍ଭ ହେଇଥିବା 'ଆଶୀର୍ବାଦ ଯୋଜନା' ଅଧୀନରେ ମାତାପିତାଙ୍କୁ ହରାଇଥିବା ପଚାଶ ହଜାରରୁ ଅନେକ ପିଲାଙ୍କୁ ସହାୟତା ପ୍ରଦାନ କରିଛୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।



ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଓ ଅନ୍ୟ ଅତିଥିମାନେ।

ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି, ଆମେ ସମସ୍ତେ ମିଶି କେବଳ ଆମ ପିଲାଙ୍କ ଅଧିକାରର ସୁରକ୍ଷା କରୁନାହୁଁ ବରଂ ସେମାନଙ୍କ ସାମର୍ଥ୍ୟକୁ ମଧ୍ୟ ପରି ପୁଷ୍ଟ କରୁଛୁ। ବିଭାଗର କମିଶନର ତଥା ଶାସନ ସଚିବ ଶୁଭାଶର୍ମା ପରସ୍ପର ସମନ୍ୱୟ ରକ୍ଷା କରି କର୍ତ୍ତବ୍ୟ କରିବା ଦ୍ୱାରା ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହେଇପାରିବ ବୋଲି କହିଛନ୍ତି। ଏହି ଅବସରରେ ଶିଶୁ ସୁରକ୍ଷା ଅଧିକାର ଉଦ୍ଦେଶ୍ୟର ଉତ୍ତମ କାର୍ଯ୍ୟ କରିଥିବା ପୁରୀକୁ ସର୍ବୋତ୍ତମ ଶିଶୁ ଅଧିକାର ଜିଲା ଭାବେ ଓ ଗଞ୍ଜାମ ଜିଲାର କବି ସୂର୍ଯ୍ୟନଗରର ବିଧାୟକ ଲତିକା ପ୍ରଧାନଙ୍କୁ ସମ୍ମାନ ପତ୍ର ସହ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଶିଶୁ ଅଧିକାର ଓ ବାଲ୍ୟ ବିବାହ ସଂପର୍କିତ ବିଭିନ୍ନ ପୋଷ୍ଟର ଉନ୍ମୋଚିତ ହୋଇଥିଲା । ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ମନ୍ଦାକିନୀ କର ସ୍ୱାଗତ ଭାଷଣ ଦେଇଥିଲେ। ବିଧାୟକ ସୁଶାନ୍ତ ରାଉତ, ୟୁନିସେଫର ମୁଖ୍ୟ ଫିଲ୍ଡ ଅଫିସର ୱିଲିୟମ୍ ହାନଲନ, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁମିତ୍ରା ଜେନା ଓ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଚିବ ପ୍ରଭାତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।


କ୍ରୁଟ୍‌କୁ ୟୁଏମ୍ଆଇ ଆୱାର୍ଡ ମିଳିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

## କ୍ରୁଟ୍ ଟିମ୍‌କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୧(ଅନୁରାଧା ମହାରଣା)

**ୟୁଏମ୍ଆଇ ଆୱାର୍ଡ**

ରାଜ୍ୟରେ 'ମୋ ବସ୍' ପରିଚାଳନା କରୁଥିବା କ୍ରୁଟ୍ କ୍ରମାଗତ ପଞ୍ଚମଥର ପାଇଁ ଜାତୀୟସ୍ତରର ୟୁଏମ୍ଆଇ ଆୱାର୍ଡ ପାଇଛି। ଏହି ପରିପ୍ରେକ୍ଷୀରେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା ବରିଷ୍ଠ ପଦାଧିକାରୀଙ୍କ ସହିତ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ସମୟରେ କ୍ରୁଟ୍ କ୍ରମାଗତ ପଞ୍ଚମଥର ପାଇଁ ଜାତୀୟ ସ୍ତରର ୟୁଏମ୍ଆଇ ଆୱାର୍ଡ ହାସଲ କରିବାରେ ଉଲ୍ଲେଖନୀୟ ସଫଳତା ପାଇଥିବାରୁ ମୁଖ୍ୟମନ୍ତ୍ରୀ କ୍ରୁଟ୍ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ବୋଥ୍ରା କ୍ରୁଟ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ମୋ ବସ୍‌ର ଏକ ସ୍ମୃତିଚିହ୍ନ ପ୍ରଦାନ କରିଥିଲେ। ଜନସାଧାରଣଙ୍କ ପାଇଁ ସହରାଞ୍ଚଳ ପରିବହନରେ ଉତ୍କର୍ଷତା ହାସଲ କରିଥିବାରୁ କ୍ରୁଟ୍‌କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଏଥିସହ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ୍ ମଧ୍ୟ କ୍ରୁଟ୍ ଟିମ୍ ସହ ଆଲୋଚନା କରି ୟୁଏମ୍ଆଇ ଆୱାର୍ଡ଼ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ସାକ୍ଷାତ୍ ସମୟରେ ବୋଥ୍ରାଙ୍କ ସହ ପ୍ରସନ୍ନ କୁମାର ଷଡଙ୍ଗୀ, ଜେନେରାଲ୍ ମ୍ୟାନେଜର (ପି ଆଣ୍ଡ୍ ଏ), ଜେନେରାଲ ମ୍ୟାନେଜର ଲୋକନାଥ ପ୍ରସାଦ ମହାପାତ୍ର, ଜେନେରାଲ ମ୍ୟାନେଜର ସଞ୍ଜୟ କୁମାର ବିଶ୍ୱାଳ (ଓ ଆଣ୍ଡ୍ ଏମ୍), ଇନ୍‌ଚାର୍ଜ ଅପରେଶନ୍ ମ୍ୟାନେଜର ଏମ୍. ଜୟନ୍ତ କୁମାର ଏବଂ କମ୍ୟୁନିକେଶନ୍ ମ୍ୟାନେଜର ନିବେଦିତା ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

## ନନ୍ଦନକାନନରେ ସିଆମିଜ କୁମ୍ଭୀର ଅସୁସ୍ଥ, ବାରାଶିଙ୍ଗା, ମଣିପୁର ଜନ୍ମ

ବାରଙ୍ଗ,୧।୧୧(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ପୁଣି ଗୋଟେ ଜନ୍ତୁ ଅସୁସ୍ଥ ହୋଇପଡିଛି। ଗତକିଛିଦିନ ହେବ ପ୍ରତ୍ୟେକ ଦିନ ଗୋଟିଏ ପରେ ଗୋଟିଏ ଜନ୍ତୁଙ୍କ ଅସୁସ୍ଥତା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପ୍ରକାଶ ଯେ, ହୁଲକ୍ ଗିବନ, କାସୁୟରି, ସମ୍ବର ଓ ଗାଡ଼ଭାଲୁ ପରେ ଏବେ କୁମ୍ଭୀର ଅସୁସ୍ଥ ହୋଇପଡିଛି। ସରୀସୃପ ଉଦ୍ୟାନର ୪୫ ନମ୍ବର ଏନ୍‌କ୍ଲୋଜରରେ ରହୁଥିବା ମାଈ ସିଆମିଜ୍ କୁମ୍ଭୀର ଅଣ୍ଡା ଦେଇପାରୁନି। ତା' ପେଟରେ ଅଣ୍ଡା ସବୁ ରହିଯାଉଛି। ସେ ଯନ୍ତ୍ରଣାରେ ଛଟପଟ ହେଉଥିବାରୁ ତାକୁ ବୁଧବାର ଡାକ୍ତରଖାନାକୁ ଅଣାଯାଇଛି। କୁମ୍ଭୀରକୁ ଏକ ବକ୍ସରେ ଡାକ୍ତରଖାନାରେ ରଖାଯାଇଛି। ଗୁରୁବାର ନିଶ୍ଚେତକ ଦିଆଯାଇ ଚିକିତ୍ସା ସହ ଅଣ୍ଡା ବାହାର କରାଯିବ ବୋଲି ଜଣାପଡ଼ିଛି। ନନ୍ଦନକାନନରେ ଏହି ପ୍ରଜାତିର ୨୦ରୁ ଊର୍ଦ୍ଧ୍ୱ କୁମ୍ଭୀର ରହିଛନ୍ତି। ସେହିଭଳି ଭାବେ ୩୬ ନଂ. ଏନ୍‌କ୍ଲୋଜରରେ ରହୁଥିବା ମଣିପୁର ହରିଣ ଏକ ଶାବକ ଜନ୍ମ ଦେବା ପରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୨୨ରେ ପହଞ୍ଚିଛି। ୩୮ନଂ. ଏନ୍‌କ୍ଲୋଜରରେ ରହୁଥିବା ବାରାଶିଙ୍ଗା ମଧ୍ୟ ଗୁରୁବାର ଏକ ଶାବକ ଜନ୍ମ ଦେବାରୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇ ୧୩ରେ ପହଞ୍ଚିଥିବା ଜଣାପଡ଼ିଛି।

## ମଦ ଦୋକାନରୁ ଚୋରି, ୨ ଗିରଫ

ଭୁବନେଶ୍ୱର,୧।୧୧ (ସୂର୍ଯ୍ୟକାନ୍ତ ବେହେରା)

ଦଶହରା ଭସାଣିବେଳେ ଭୁବନେଶ୍ୱରର ଏକ ମଦ ଦୋକାନର ଶର୍ଟର ଭାଙ୍ଗି ଭିତରୁ ଟଙ୍କା, ମଦ ଓ କମ୍ପ୍ୟୁଟର ଚୋରି କରି ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଚନ୍ଦ୍ରଶେଖର ଥାନା ପୋଲିସ ୭ ଦିନ ପରେ ଗିରଫ କରି ବୁଧବାର କୋର୍ଟ ଚାଲଣ କରିଛି। ସେମାନେ ହେଲେ ଇନ୍‌ଫୋସିଟି ଥାନା ଅଞ୍ଚଳର ଧୂର୍ଜ୍ଜିବଲଭ ସ୍ୱାଇଁ ଓ ଦେବାଶିଷ ପ୍ରଧାନ। ଉଭୟଙ୍କଠାରୁ ଅପରାଧରେ ବ୍ୟବହୃତ ଗୋଟିଏ ମୋଟର ସାଇକେଲ ଓ ଲୁହା ରଡ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### କାର୍ ଧକ୍କାରେ ୨ ଗୁରୁତର ଘଟଣା

## ବିଧାୟିକାଙ୍କ ଡ୍ରାଇଭର ଗିରଫ

ଭୁବନେଶ୍ୱର,୧।୧୧ (ସୂର୍ଯ୍ୟକାନ୍ତ ବେହେରା): କ୍ୟାପିଟାଲ ଥାନା ଅନ୍ତର୍ଗତ ପାୱାର ହାଉସ୍ ଛକରେ କାର ଧକ୍କାରେ ବାଇକ ଆରୋହୀ ଆହତ ହେବା ଘଟଣାରେ ସ୍ଥାନୀୟ ପୋଲିସ ଜଣେ ବିଧାୟିକାଙ୍କ ଡ୍ରାଇଭରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୌଭାଗ୍ୟ କୁମାର ବାଗ୍। ତାଙ୍କଠାରୁ କାର ଜବତ ହୋଇଛି। ମଙ୍ଗଳବାର ଅପରାହ୍ନ ୩ଟା ୩୦ରେ ଅଭିଯୁକ୍ତ ଲ୍ୟାଣ୍ଡ ରୋଭର କାର୍‌କୁ ବେପରୁଆ ଭାବେ ଚଳାଉଥିଲେ। ୧୨୦ ବଟାଲିଅନ ପାର୍ଶ୍ୱରୁ ପାୱାର ହାଉସ୍ ଛକ ଆଡକୁ ଯାଉଥିବାବେଳେ ଡିଏଭି ସ୍କୁଲ ପାର୍ଶ୍ୱରୁ ପାୱାର ହାଉସ୍ ଛକ ଆଡକୁ ଆସୁଥିବା ଗୋଟିଏ ମୋଟରସାଇକେଲକୁ ଧକ୍କା ଦେଇଥିଲେ। ବାଇକରେ ବସିଥିବା ୨ଜଣ ଗୁରୁତର ଆହତ ହୋଇଥିଲେ। ସଙ୍କଟାପନ୍ନ ଅବସ୍ଥାରେ ଉଭୟଙ୍କୁ ହସ୍ପିଟାଲକୁ ପଠାଇଯାଇଥିଲା। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ ୬୪୩/୨୩) ରୁଜୁକରି ଘଟଣାର ତଦନ୍ତ ପରେ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଥିଲା ।

## ଗାଡ଼ି ପାର୍କିଂକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଦୁଇ ଆହତ

ଭୁବନେଶ୍ୱର,୧।୧୧
(ସୂର୍ଯ୍ୟକାନ୍ତ ବେହେରା)

ଭରତପୁର ଥାନା ଅନ୍ତର୍ଗତ ସାଁପୁର ରୋଡ୍‌ସ୍ଥିତ ଏକ ହୋଟେଲ ସମ୍ମୁଖରେ ବୁଧବାର ରାତିରେ ଗାଡ଼ି ପାର୍କିଂକୁ ନେଇ ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ୨ ଜଣ ସାଧାରଣ ଲୋକ ଆହତ ହୋଇଛନ୍ତି। ଆହତଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ୫ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁସାରେ, ରାତି ପ୍ରାୟ ୧୦ଟାବେଳେ ସାଁପୁର ଅଞ୍ଚଳର ଦୁଇଜଣ ଯୁବକ ଏକ ହୋଟେଲ ସମ୍ମୁଖରେ ମୋଟରସାଇକଲ ରଖି ଖାଇବାକୁ ଯାଇଥିଲେ। ସେମାନଙ୍କ ଗାଡ଼ି ପଛରେ ସ୍ଥାନୀୟ ମହାଲକ୍ଷ୍ମୀ ବିହାରର ୨ରୁ ୩ଜଣ ଯୁବକ ବାଇକ ରଖିଥିଲେ। କିଛି ସମୟ ପରେ ଗାଡ଼ି କାଢ଼ିବାକୁ ନେଇ ଉଭୟଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ମାରପିଟର ରୂପ ନେଇଥିଲା। ଏହାକୁ ଅଟକାଇବାକୁ ସେହି ବାଟ ଦେଇ ଯାଉଥିବା ଲୋକେ ଚେଷ୍ଟା କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମରାଯାଇଥିଲା। ଏପରି କି ଉକ୍ତ ହୋଟେଲର ଚେୟାର ଭଙ୍ଗାରୁଜା ମଧ୍ୟ ହୋଇଥିଲା। ପ୍ରାୟ ୪୫ ମିନିଟ ଧରି ଘଟଣାସ୍ଥଳରେ ଆତଙ୍କ ସୃଷ୍ଟି ହୋଇଥିଲା। ଏନେଇ ଭରତପୁର ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି।

## ଡିସେମ୍ବରରେ ରାଜଧାନୀ ପୁସ୍ତକମେଳା ପୁରସ୍କାର

ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଚଳିତ ବର୍ଷ ୨୩ତମ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ ନେଇ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। କମିଟିର ସଭାପତି ଡ. ଉପେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ, ଆବାହକ ରମେଶଚନ୍ଦ୍ର ସ୍ୱାଇଁ, ବୀରକିଶୋର ପ୍ରଧାନ, ଆକୁଳଚନ୍ଦ୍ର ନାଥ ଓ କମଳିନୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟର ୧୨ଟି ବିଭାଗ ଯଥା – ପ୍ରବନ୍ଧ, ଉପନ୍ୟାସ, କାବ୍ୟ-କବିତା, ଅନୁବାଦ, ନାଟକ ବା ଏକାଙ୍କିକା, ବିଜ୍ଞାନସାହିତ୍ୟ, ଭକ୍ତିସାହିତ୍ୟ, ଆତ୍ମଜୀବନୀ, ଭ୍ରମଣ କାହାଣୀ, ବଙ୍ଗ ସାହିତ୍ୟ ଓ ଶିଶୁ ସାହିତ୍ୟରେ ୨୦୨୧ରୁ ୨୦୨୩ ପର୍ଯ୍ୟନ୍ତ ପ୍ରକାଶିତ ପୁସ୍ତକଗୁଡ଼ିକ ବିଚାରକୁ ନିଆଯାଇ ଆସନ୍ତା ଡିସେମ୍ବରରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯିବ। ଚଳିତ ବର୍ଷଠାରୁ ପ୍ରଥମଥର ପାଇଁ ଯୁବ କବି ଓ ଗାଳ୍ପିକ ପୁରସ୍କାର ୩୫ବର୍ଷରୁ କମ୍ ବୟସ୍କ ୨ଜଣ ସାହିତ୍ୟିକଙ୍କୁ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗ୍ରହୀ ଲେଖକ କିମ୍ବା ପ୍ରକାଶକ ପୁସ୍ତକର ୩ଖଣ୍ଡ କପି ସହିତ ଲେଖକଙ୍କ ସଂକ୍ଷିପ୍ତ ପରିଚୟ ସହ ନଭେମ୍ବର ୧୫ ତାରିଖ ସୁଦ୍ଧା ପଠାଇବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

**ପ୍ରଥମଥର ଦିଆଯିବ 'ଯୁବ କବି ଓ ଗାଳ୍ପିକ ପୁରସ୍କାର'**

## ସୂଚନା ଓ ଲୋକସମ୍ପର୍କ ବିଭାଗର ୨ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା


ସୂଚନା ଓ ଲୋକସମ୍ପର୍କ ବିଭାଗର ୨ ଅଧିକାରୀଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ସୂଚନା ଓ ଲୋକସମ୍ପର୍କ ବିଭାଗର ୨ ଅଧିକାରୀଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଡାଟା ପ୍ରୋସେସିଂ ଅଧିକାରୀ ହେମନ୍ତ କୁମାର ସାହୁ ଓ ଟ୍ରେଜେରି ଅଧିକାରୀ ରଥି ଖୁରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଲୋକସମ୍ପର୍କ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିମାନବନ୍ଦରରେ ଭିଜିଲାନ୍ସ ସଚେତନତା ସପ୍ତାହ

ଭୁବନେଶ୍ୱର, ୧।୧୧(ଅସମାପିକା ସାହୁ)

ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଭିଜିଲାନ୍ସ ସଚେତନତା ସପ୍ତାହ ଆରମ୍ଭ ହୋଇଛି। ଏହାକୁ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନେ ଭିଜିଲାନ୍ସ ଶପଥ ନେଇଥିଲେ। ବିମାନବନ୍ଦର ନିର୍ଦ୍ଦେଶକ ଦୈନନ୍ଦିନ କାର୍ଯ୍ୟକଳାପରେ ସଜାଗ ରହିବାକୁ ଆହ୍ୱାନ ଦେବା ସହ ସପ୍ତାହବ୍ୟାପୀ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ତଥା କାର୍ଯ୍ୟକଳାପରେ ଭାଗ ନେବାକୁ ଅନୁରୋଧ କରିଥିଲେ। ଯାତ୍ରୀ ଓ ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମଙ୍ଗଳବାର ଏକ ପଦଯାତ୍ରା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବିମାନବନ୍ଦର ନିର୍ଦ୍ଦେଶକଙ୍କ ସହିତ ଅନ୍ୟ କର୍ମଚାରୀମାନେ ଭାଗ ନେଇଥିଲେ।


ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ତରଫରୁ ଆୟୋଜିତ ସଚେତନତା ପଦଯାତ୍ରା।

## ଅକ୍ଟୋବରରେ ୯୦ ଲକ୍ଷ ଜରିମାନା ଆଦାୟ

ଭୁବନେଶ୍ୱର,୧।୧୧
(ସୂର୍ଯ୍ୟକାନ୍ତ ବେହେରା)


ଫାଇଲ ଫଟୋ

**ରାଜଧାନୀରେ ସେଫ୍ ସିଟି ଡ୍ରାଇଭ୍**

ପାର୍ବଣକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ରାଜଧାନୀରେ ଜାରି ରହିଥିବା ସେଫ୍ ସିଟି ଡ୍ରାଇଭ୍ ଜରିଆରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି କ୍ରମରେ ଗତ ମାସରେ ୯୦ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ଦିଆଯାଇଛି। ଚେକିଂ ଏବଂ ଫୁଟ୍ ପାଟ୍ରୋଲିଂ କରାଯାଇ ସର୍ବସାଧାରଣ ସ୍ଥାନରେ ଅସାମାଜିକ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ଟାର୍ଗେଟ କରାଯାଇ ଜରିମାନା ଆଦାୟ କରାଯାଉଛି। ସେହିଭଳି ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ମଧ୍ୟ ଜରିମାନା ଆଦାୟ କରାଯାଇଛି।

ସୂଚନା ଅନୁଯାୟୀ, ଅକ୍ଟୋବର ୧ ରୁ ୩୧ ମଧ୍ୟରେ ଖୋଲାସ୍ଥାନରେ ମଦ୍ୟପାନ କରୁଥିବା ୩,୦୪୮ ଜଣଙ୍କ ଠାରୁ ୧୫ ଲକ୍ଷ ୩୦ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସିଗାରେଟ ଟାଣିବା ଅଭିଯୋଗରେ ୬୬୮ଜଣଙ୍କ ଠାରୁ ୭୨ ହଜାର ୧୦୦ ଟଙ୍କା ଏବଂ ଏମ୍‌ଭି ଆକ୍ଟ ଉଲଙ୍ଘନ କରିଥିବା ୨୦୫ ଜଣଙ୍କ ପାଖରୁ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ଅବକାରୀ ମାମଲାରେ ୭୨ଜଣଙ୍କଠାରୁ ୫ ହଜାର ଟଙ୍କା ଜବତ ହୋଇଛି। ଦାଦାବଟି ମାମଲାରେ ୧୧୭ ଓ ସମ୍ପତ୍ତିଗତ ଲୁଟ୍ ମାମଲାରେ ୧୬୦ ଜଣଙ୍କୁ ଗିରଫ ହୋଇଛନ୍ତି। ଟ୍ରାଫିକ୍ ଏନ୍‌ଫୋର୍ସମେଣ୍ଟ ଜରିଆରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବେଆଇନ ପାର୍କିଂ କରିବା ଅଭିଯୋଗରେ ୬୨୮ ଜଣଙ୍କ ଠାରୁ ୫ ଲକ୍ଷ ସାଢେ ୧୮ ହଜାର, ଏମ୍‌ଭି ଆକ୍ଟରେ ୭ ହଜାର ୪୦୩ ଜଣଙ୍କଠୁ ୬୭ ଲକ୍ଷ ୯୫ ହଜାର ୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ମଦ ପିଇ ଗାଡ଼ି ଚଳାଇ ୧୧ ଜଣ ଡ୍ରାଇଭର ଧରାପଡ଼ିଛନ୍ତି। ସେହିପରି ସହରର ବିଭିନ୍ନ ସ୍ଥାନରେ କାର ପାର୍କିଂ କରିଥିବା ଅଭିଯୋଗରେ ଟ୍ରାଫିକ୍ ପୋଲିସ ୧,୪୬୩ ଗାଡ଼ି ଟ୍ରାଫିକ ଥାନାକୁ ଟାଣି ଆଣିଥିଲା।

**ଚୋରା ମଦ ଜବତ: ଜଣେ ଗିରଫ**

ନିଶ୍ଚିନ୍ତକୋଇଲି,(ଅଶୋକ କୁମାର ମହାପାତ୍ର) : ନିଶ୍ଚିନ୍ତକୋଇଲି ଥାନା ନଡକାଇ ପଞ୍ଚାୟତ ଅନ୍ତର୍ଗତ ଏକରୁଖି ଗ୍ରାମରେ ଚୋରା ମଦ ବିକ୍ରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗ୍ରାମର ପ୍ରଭାକର ବେଜ। ତାଙ୍କଠାରୁ ୪ ଲିଟର ଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୧୯୬/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ମାଣିଆବନ୍ଧ, ୧।୧୧(ଅଖିଳ କୁମାର ସାହୁ):**

ବଡ଼ମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ମାଣିଆବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଷମା ମଞ୍ଜରୀ ମହାଲିକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ବିକ୍ରମ କେଶରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ପତି , ସମ୍ମାନିତ ଅତିଥି ଭାବେ ଉପସଭାନେତ୍ରୀ ସବିତା ସାହୁ ଯୋଗଦେଇ ସୁଷମା ଜଣେ କର୍ତ୍ତବ୍ୟ ପରାୟଣ ଓ ଛାତ୍ରବତ୍ସଳ ଶିକ୍ଷୟିତ୍ରୀ ଥିଲେ ବୋଲି କହିଥିଲେ। ବିଦ୍ୟାଳୟ ତରଫରୁ ତାଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ବାସନ୍ତୀ ଦେଇ, ଶାନ୍ତିଲତା ବାରିକ, ପୁଷ୍ପଲତା ପତି, ଦୀପ୍ତିମୟୀ ଖଟୁଆ, ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ମଲ୍ଲିକ, ପ୍ରକାଶ କୁମାର ପରିଡ଼ା, ସୁବାସ ଚନ୍ଦ୍ର ମାଝୀ, ସତ୍ୟବ୍ରତ ସେଠୀ, ଅମିୟ ଚୌଧୁରୀ, ମୁରଲୀଧର ଦେବତାଙ୍କ ସମେତ ପରିଚାଳନା କମିଟି କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷୟିତ୍ରୀ ମଧୁସ୍ମିତା ରାଉତରାୟ ଧନ୍ୟବାଦ ଦେଇଥିଲେ।

### ‘ତ୍ରିଲୋଚନଙ୍କ ପରଲୋକରେ ବିଜେଡିର ଅପୂରଣୀୟ କ୍ଷତି ହୋଇଛି’

**ବାଙ୍କୀ, ୧।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକର ପୂର୍ବତନ ଜିଲାପରିଷଦ ସଭ୍ୟ ସ୍ୱର୍ଗତ ତ୍ରିଲୋଚନ ରାଉତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ବୁଧବାର ତାଙ୍କ ଜନ୍ମସ୍ଥାନ ବିଲିପଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କୃଷିନେତା ଟଙ୍କଧର ପରିଡା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ସେ କହିଥିଲେ, ତ୍ରିଲୋଚନ ଡମପଡ଼ା ବ୍ଲକ ଉପାଧ୍ୟକ୍ଷ, ବିଲିପଡା ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଭାବେ ବହୁ ଉନ୍ନୟନମୂଳକ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ତାଙ୍କ ପରଲୋକରେ ବିଜେଡିର ଅପୂରଣୀୟ କ୍ଷତିହୋଇଛି ବୋଲି ବିଧାୟକ ତ୍ରିପାଠୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବରିଷ୍ଠ ବିଜେଡି ନେତା ଆର୍ତ୍ତଚରଣ ସ୍ୱାଇଁ, ଭାଗୀରଥି ପାଣୀ, ପ୍ରମୋଦ କୁମାର ସାହୁ, ପ୍ରଶାନ୍ତ ମତଗଜ ସିଂହ, ଶରତ ଚନ୍ଦ୍ର ମନ୍ତ୍ରୀ, ଅଜିତ୍ ଜେନା, ସମରେନ୍ଦ୍ର ମହାପାତ୍ର, ବରିଷ୍ଠ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗ୍ରାମରେ ସ୍ଥାପିତ ସ୍ୱର୍ଗତ ରାଉତଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ଶ୍ରୀ ତ୍ରିପାଠୀ ଉନ୍ମୋଚନ କରିଥିଲେ।

### ସାମାଜିକ କର୍ମୀଙ୍କ ପରଲୋକ



କଟକ, ୧।୧୧ (କାର୍ତ୍ତିକ ସାହୁ): ଚାଉଳିଆଗଞ୍ଜ ଅପର୍ଣ୍ଣାନଗରର ଜ ଣା ଶୁ ଣା ସାମାଜିକ କର୍ମୀ ସରୋଜ ନଳିନୀ ମହାନ୍ତି(୭୫)ଙ୍କର ବୁଧବାର ସକାଳେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସିତ ହେଉଥିଲେ। ସେ ସ୍ୱର୍ଗତ ଇଂ. ବୈଷ୍ଣବ ଚରଣ ମହାନ୍ତିଙ୍କ ଧର୍ମପତ୍ନୀ। ଦୀର୍ଘଦିନ ଧରି ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମ ସହିତ ଜଡ଼ିତ ଥାଇ ବିଭିନ୍ନ ଆଧ୍ୟାତ୍ମିକ ଓ ସାମାଜିକ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଦୀପକ ରଞ୍ଜନ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ମାନସ ରଞ୍ଜନ, ଆଲୋକ ରଞ୍ଜନ, କନ୍ୟା ଶୁଭଲକ୍ଷ୍ମୀ, ଜାମାତା ପ୍ରଦୀପଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

### ସାଲେପୁରରେ ନୂତନ ବିଡିଓଙ୍କ ଯୋଗଦାନ

**ସାଲେପୁର, ୧।୧୧ (ଅରବିନ୍ଦ ଭୂୟାଁ):**

ସାଲେପୁର ବ୍ଲକ ବିଡିଓ ପଦବୀ ବର୍ଷେ ପରେ ପୂରଣ ହୋଇଛି। ଏହି ପଦବୀରେ ଖଗେଶ୍ୱର ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ନୟାଗଡ ଜିଲା ଗଣିଆ ବ୍ଲକ ବିଡିଓ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବ୍ଲକରେ ଉକ୍ତ ପଦବୀ ଖାଲିଥିବାବେଳେ ଅତିରିକ୍ତ ବିଡିଓ ସୂର୍ଯ୍ୟକାନ୍ତ ରାଉତ ଏହି ଦାୟିତ୍ୱ ସମ୍ପାଦନ କରି ଆସୁଥିଲେ। ଖଗେଶ୍ୱର ଦାୟିତ୍ୱ ଗ୍ରହଣ କରିବା ପରେ ପଞ୍ଚାୟତ ପ୍ରତିନିଧି ଓ ବ୍ଲକ କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

# ଫୋନ୍‌ରେ କଥା ହୋଇ ଖୋଲୁଥିଲେ ଗାଡ଼ି ତାଲା

**୨ ଥାନା ଅଞ୍ଚଳରୁ ବାଇକ୍ ଚୋରି ମାମଲା**

■ ୧୫ ବାଇକ୍ ଜବତ, ୭ ଗିରଫ

**କଟକ, ୧।୧୧ (କାର୍ତ୍ତିକ ସାହୁ)**



ସିଡିଏ ଫେଜ୍-୨ ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଓ ଜବତ ହୋଇଥିବା ବାଇକ୍।

ସିଡିଏ ଫେଜ୍-୨ ଓ କଟକ ସଦର ଥାନା ଅଞ୍ଚଳରୁ ବାଇକ୍ ଚୋରି ଘଟଣାରେ ପୋଲିସ ୭ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୧୫ଟି ବାଇକ୍ ଜବତ କରାଯାଇଥିବା ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ମୋବାଇଲ୍‌ରେ କଥା ହେବା ବାହାନାରେ ମାଷ୍ଟର କି’ ଦ୍ୱାରା ବାଇକ୍ ତାଲା ଭାଙ୍ଗୁଥିଲେ ବୋଲି ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

ସିଡିଏ ଫେଜ୍-୨ ଥାନା ପୋଲିସ ବାଇକ ଚୋରି ମାମଲାର ତଦନ୍ତ କରି ଏକ ଗ୍ୟାଙ୍ଗର ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କାଫଲାବଜାରର ଆକାଶ ନରେନ୍ଦ୍ର, ତଳ ତେଲେଙ୍ଗାବଜାରର ସୁକୁଲ ଖାନ୍, ସାନଖଇରାର ଚିନ୍ମାରି ହରିକ୍ରିଷ୍ଣ, ଭୁବନେଶ୍ୱର ଶିଖରଚଣ୍ଡିର ଜାହାଙ୍ଗୀର ମଲ୍ଲିକ ଓ ସେକ୍ ଅମଜାଦ। ସେମାନଙ୍କ ନିକଟରୁ ୧୦ଟି ବାଇକ ଓ ଗୋଟିଏ ବାଇକ୍‌ର ଇଞ୍ଜିନ ସହ ଅଂଶବିଶେଷ ଜବତ କରାଯାଇଛି। ଗତ ୨୯ ତାରିଖ ରାତିରେ ସିଡିଏ ସେକ୍ଟର-୧୦ ଅଞ୍ଚଳର ଜ୍ୟୋତି ରଞ୍ଜନ ମହାନ୍ତି (୪୩) ନିକଟସ୍ଥ ତାଙ୍କ ଅଙ୍କଲଙ୍କ ଘରକୁ ଯାଇଥିଲେ। ଘର ସମ୍ମୁଖରେ ତାଙ୍କ ବାଇକ ରଖି ଭିତରକୁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି କରି ନ ପାଇବାରୁ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୩୩/୨୩) ରୁଜୁ କରିବା ସହ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଉକ୍ତ ଦିନ ସନ୍ଧ୍ୟା ୭ଟାରେ ମୁଖ୍ୟ ଅଭିଯୁକ୍ତ ଆକାଶ ନରେନ୍ଦ୍ର ଜଣେ ସହଯୋଗୀଙ୍କ ସହିତ ବାଇକରେ ବସି ସିଡିଏ ସେକ୍ଟର-୧୦ ପେଟ୍ରୋଲ ପମ୍ପ ଗଳିରେ ପ୍ରବେଶ କରିଥିଲେ। ରାସ୍ତାରେ ଯାଉଥିବାବେଳେ ଅଭିଯୋଗକାରୀଙ୍କ ବାଇକ ଘର ସାମ୍ନାରେ ଥିବା ଦେଖିଥିଲେ। ମୋବାଇଲରେ କଲ୍ ଆସୁଥିବା ଭଳି ଅଭିନୟ କରି ସେ ଉକ୍ତ ବାଇକ ନିକଟରେ ପହଞ୍ଚିଥିଲେ। ପରେ ସାଙ୍ଗରେ ନେଇଥିବା ମାଷ୍ଟର କି’ ସାହାଯ୍ୟରେ ଉକ୍ତ ବାଇକର ଚାବି ଖୋଲି ନେଇଯାଇଥିଲେ। ଗତ ୧୪ ତାରିଖରେ ସିଡିଏ ସେକ୍ଟର-୧୦ ଫୁଡ୍ କୋର୍ଟ ରେଷ୍ଟୁରାଣ୍ଟ ସମ୍ମୁଖରୁ, ୧୫ ତାରିଖରେ ସିଡିଏ ସେକ୍ଟର-୧୧ରୁ ଏବଂ ଚାଉଳିଆଗଞ୍ଜ, ମର୍କତନଗର, ବିଡ଼ାନାସୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ବାଇକ୍ ପୋଲିସ ଜବତ କରିଥିଲା। ଅନ୍ୟ ଅଭିଯୁକ୍ତମାନେ ଆକାଶଙ୍କୁ ବାଇକ ଚୋରି ଓ ବିକ୍ରି କରିବାରେ ସାହାଯ୍ୟ କରୁଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ କଟକ ଓ ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଗିରଫ କରିଥିଲା। ଆକାଶଙ୍କ ନାମରେ ସିଡିଏ ଫେଜ-୨, ବିଡ଼ାନାସୀ, ଚାଉଳିଆଗଞ୍ଜ ଓ ମର୍କତନଗର ଥାନାରେ ୯ଟି ମାମଲା ରହିଛି।

ସେହିପରି ବାଇକ ଚୋରି ମାମଲାରେ କଟକ ସଦର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଙ୍ଗଳାବାଗ ଥାନା ଅନ୍ତର୍ଗତ କେଶରପୁର ଅଞ୍ଚଳର ସେକ୍ ଫଇଜାନ ଓ ବାରଙ୍ଗ ଗୋଡ଼ିସାହି ଅଞ୍ଚଳର ବଳରାମ ଓଝା। ସେମାନଙ୍କଠାରୁ ୫ଟି ବାଇକ ଜବତ କରାଯାଇଛି। ସୁତାହାଟରେ ରହୁଥିବା ନସିମ୍ ଉଦ୍ଦିନ ଖାନ୍(୪୧) ଗତ ୧୪ ତାରିଖରେ ଭାଣପୁର ସୁନି ମସ୍‌ଜିଦ ନିକଟରେ ବାଇକ ରଖି ଭିତରେ ନମାଜ ପାଠ କରୁଥିଲେ। ସେଠାରୁ ଫେରିବା ପରେ ବାଇକ୍ ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୯୬/୨୩) ରୁଜୁ କରିଛି। ଅଭିଯୁକ୍ତଦ୍ୱୟଙ୍କ ନାମରେ ଲାଲବାଗ, ମର୍କତନଗର, ବିଡ଼ାନାସୀ, କ୍ୟାଣ୍ଟନମେଣ୍ଟ, ସଦର, ବାରଙ୍ଗ ଥାନାରେ ୧୦ଟି ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

# ଜେଲ ଗଲେ ସାବତମା’, ବାପା

**ନିର୍ଯାତନାଦେଇ ପିଲାଙ୍କୁ ଗୁରୁତର କରିବା ଘଟଣା**

■ ଝିଅ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର

■ ପ୍ରଶାସନ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା

**ଆଠଗଡ଼, ୧।୧୧(ସତ୍ୟ ପ୍ରସାଦ ରଥ)**

ଆଠଗଡ଼ ଥାନା ଅନ୍ତର୍ଗତ ଅଶୋକ ନଗର ଅଞ୍ଚଳରେ ସୋମବାର ସାବତମା’ ମାଡ଼ରେ ଝିଅ ଓ ପୁଅ ଗୁରୁତର ହେବା ଘଟଣାରେ ଅଭିଯୁକ୍ତ ପୁଷ୍ପଲତା ଶତପଥୀ ଓ ସୁନୀଲ କୁମାର ନନ୍ଦଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଥିଲା। ବୁଧବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଆଠଗଡ ଓକିଲ ସଂଘର ନିଷ୍ପତ୍ତି ଅନୁଯାୟୀ କୌଣସି ଓକିଲ ଉଭୟଙ୍କ ମାମଲା ନ ନେବାରୁ ସେମାନଙ୍କ ଜାମିନ ନାମଞ୍ଜୁର ହୋଇଯାଇଛି। ଏହାପରେ ଉଭୟ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୁନୀଲଙ୍କ ପୁଅ ସୌରଭ ନନ୍ଦ(୧୩) ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ଝିଅ ସୌମ୍ୟଶ୍ରୀ(୧୦)ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଆଠଗଡ ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ପ୍ରଦୀପ କୁମାର ସାହୁ ଗୁରୁତର ଭାଇ, ଭଉଣୀ ଓ ସେମାନଙ୍କ ମା’ ସୁହାସିନୀ ନନ୍ଦଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭେଟି ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ମାନବାଧିକାର କର୍ମୀ ତଥା ଆଇନଜୀବୀ ନିଶିକାନ୍ତ ମିଶ୍ର, ଆଇନଜୀବୀ ପ୍ରମୋଦ କୁମାର ଜେନା, ଅଶୋକ କୁମାର ସାହୁ ପ୍ରମୁଖ ଚିକିତ୍ସାଳୟରେ ପହଞ୍ଚି ଉଭୟ ପିଲାଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦେଇଛନ୍ତି।

ସୂଚନାଯୋଗ୍ୟ, ବାଙ୍କୀ ଥାନା ଅନ୍ତର୍ଗତ ପାଥପୁର ଉପରସାହି ଗ୍ରାମର ସୁନୀଲ ୪ ବର୍ଷ ପୂର୍ବେ ପୁଷ୍ପଲତାଙ୍କୁ ଦ୍ୱିତୀୟ ବିବାହ କରିବା ପରେ ପ୍ରଥମ ସ୍ତ୍ରୀ ସୁହାସିନୀଙ୍କୁ ମାଡ଼ମାରି ଖୋର୍ଦ୍ଧସ୍ଥିତ ବାପଘରକୁ ବିଦା କରିଦେଇଥିଲେ। ଏହାପରେ ସୁନୀଲ, ପୁଷ୍ପଲତା ଆଠଗଡ଼ରେ ଘର ଭଡ଼ାନେଇ ରହୁଥିଲେ। ସୁହାସିନୀଙ୍କ ପାଖରେ ତାଙ୍କ ସାନ ଝିଅ ରହୁଥିବା ବେଳେ ବଡ଼ ଝିଅ ଓ ପୁଅ ସୁନୀଲ ପାଖରେ ରୁହନ୍ତି। ସୋମବାର ସୁନୀଲ ନିଜର ବୋଲେରୋ ଗାଡ଼ି ଭଡା ନେଇ ବାହାରକୁ ଯାଇଥିଲେ। ଏହି ସମୟରେ ପୁଷ୍ପଲତା ପିଲା ଦୁହିଁଙ୍କୁ ମାଡ଼ ମାରି ଗୁରୁତର କରିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ଏନେଇ ସୁହାସିନୀ ଆଠଗଡ଼ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୨୩୩/୨୩ ) ରୁଜୁ ହୋଇଛି।

# ଗ୍ରାମାଞ୍ଚଳରେ ଆର୍ଥିକ ଅଭିବୃଦ୍ଧି କରିବ ବିଜୁ ସେତୁ

**ବିଜୁ ସେତୁର ଶିଳାନ୍ୟାସ**

**ଆଠଗଡ, ୧।୧୧(ସତ୍ୟ ପ୍ରସାଦ ରଥ)**

ଆଠଗଡ ଥାନା ସଠିଲୋ-କୁଆଁଳ ଗ୍ରାମ ନିକଟସ୍ଥ ସାପୁଆ ନଦୀ ଉପରେ ବୁଧବାର ବିଜୁ ସେତୁର ଶିଳାନ୍ୟାସ କରାଯାଇଛି। ଆଠଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି କାର୍ଯ୍ୟ କରାଯାଉଛି। ଗଣେଶ ମୁଣ୍ଡିଆଠାରେ ଏହି ସେତୁ ଆଠଗଡ଼ ସହରକୁ ସଂଯୋଗ କରିବ ବୋଲି କୁହାଯାଇଛି।

ଏହି ସ୍ଥାନରେ ସେତୁ ନିର୍ମାଣ ପାଇଁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲା। ଏହି କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ସେତୁ ଯୋଗୁ ସଠିଲୋ, ସମସରପୁର, କୁଆଁଳ, ଅମୃତମଣୋହି ପାଟଣା, କୋରଙ୍ଗା ଆଦି କୃଷିପ୍ରଧାନ ଗ୍ରାମ ସହ ବ୍ଲକ ସଦର ମହକୁମା ସଂଯୋଗ ହୋଇପାରିବ। ଫଳରେ ଗମନାଗମନ ସହ କୃଷିଜାତ ଦ୍ରବ୍ୟର ଭଲ ବ୍ୟବସାୟ ହୋଇପାରିବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ଅଭିବୃଦ୍ଧି ହେବ ବୋଲି କୃଷିମନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆଠଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ, ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ସ୍ଥାନୀୟ ସରପଞ୍ଚ ବୀଣାପାଣି ପରିଡା, ସମିତି ସଭ୍ୟ ସୁବାସ ଚନ୍ଦ୍ର ପାଲ, ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟମାନେ।



ଚୌଦ୍ୱାର ରୂପଯାତ୍ରା ଭସାଣି ଉତ୍ସବରେ ସାମିଲ ହୋଇଥିବା ମେଢ଼।

# ଭସାଣିରେ ୪୩ ମେଢ଼ ସାମିଲ

**ସରିଲା ଚୌଦ୍ୱାର ରୂପଯାତ୍ରା**

■ ମନମୋହିଲା ନାଗାନୃତ୍ୟ

**ଚୌଦ୍ୱାର, ୧।୧୧(ଆଶୁତୋଷ ଦାସ)**

ଚୌଦ୍ୱାର ରୂପଯାତ୍ରାର ଅନ୍ତିମ ପର୍ବ ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୪୩ ମଣ୍ଡପରେ ପୂଜା ପାଉଥିବା ମା’ ଦୁର୍ଗା, ମହାଲକ୍ଷ୍ମୀ, ଗଜଲକ୍ଷ୍ମୀ, ମହାଦେବ, ହରପାର୍ବତୀ, ରାଧାକୃଷ୍ଣ, ଲକ୍ଷ୍ମୀନାରାୟଣ, ହନୁମାନ ଆଦି ମୂର୍ତ୍ତି ମଙ୍ଗଳବାର ସାହି ପରିକ୍ରମା କରି ସ୍ଥାନୀୟ ମେଳଣ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରେ ବିଭିନ୍ନ ଷ୍ଟଲ ପଡିଥିବାବେଳେ ଘରକରଣା ସାମଗ୍ରୀ ବିକ୍ରି ହେଉଥିଲା। ଲୋକମାନେ ଠାକୁର ଦର୍ଶନ କରିବା ସହ ଚଟ୍‌ପଟି ଖାଦ୍ୟର ମଜା ଉଠାଇଥିଲେ। ମେଳଣ ପଡ଼ିଆରେ ସୂଚନାକେନ୍ଦ୍ର ଖୋଲା ଯାଇଥିବାବେଳେ ଅଗ୍ନିଶମ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ଜନସାଧାରଣଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୋଲିସ ପକ୍ଷରୁ ମେଳଣ ପଡ଼ିଆ ଓ ଏହାର ଆଖପାଖରେ ୪ଟି ଅସ୍ଥାୟୀ କ୍ୟାମ୍ପ କରାଯାଇ ପରିସ୍ଥିତି ଉପରେ ନଜର ରଖାଯିବା ସହିତ ସିସିଟିଭି ବ୍ୟବସ୍ଥା କରାଯାଇଥିବା ଚୌଦ୍ୱାର ଥାନାଧିକାରୀ ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି। ବୁଧବାର ସକାଳେ ପରମ୍ପରା ଅନୁଯାୟୀ ପୂଜା କମିଟି ତରଫରୁ ଛନ୍ଦା ପ୍ରଦାନ କରାଯିବା ପରେ ମେଢଗୁଡିକୁ କ୍ରମାନ୍ୱୟରେ ଶୋଭାଯାତ୍ରାରେ ନିଆଯାଇ ବିରୂପା ନଦୀକୂଳରେ ହୋଇଥିବା ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା। ଶୋଭାଯାତ୍ରାରେ ବାଜୁଥିବା ଅର୍କେଷ୍ଟ୍ରାର ତାଳେତାଳେ ମେଢ଼ କମିଟିର କର୍ମକର୍ତ୍ତା ଓ ଯୁବକମାନେ ନୃତ୍ୟ କରିଥିଲେ। ଏଥିସହ ଢୋଲ, ଘଣ୍ଟଘଣ୍ଟା, ପଶ୍ଚିମ ଓଡ଼ିଶାର ସିଙ୍ଗ ବାଜା, ତାଳମୂଳି ଆଦି ପାରମ୍ପରିକ ବାଦ୍ୟରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଚଳିତବର୍ଷ ଚୌଦ୍ୱାର ବ୍ରାହ୍ମଣସାହିର ଲକ୍ଷ୍ମୀଙ୍କ ରୂପା ମୁକୁଟ ଓ ଚାନ୍ଦିମେଢ ସହିତ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିବା ନାଗାବାବାଙ୍କ ନୃତ୍ୟ ଓ କଳସୀ ନୃତ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଏହି ଅବସରରେ ମେଢ ମାଲିକମାନଙ୍କୁ ବିଭିନ୍ନ ରାଜନୈତିକ ଦଳ ଓ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାଇକ୍ ଦୁର୍ଘଟଣାରେ ବାପ, ପୁଅ ଗୁରୁତର

**ନିଶ୍ଚିନ୍ତକୋଇଲି, ୧।୧୧ (ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ପଞ୍ଚାୟତ ଅନ୍ତର୍ଗତ ମଧୁବନ ଛକ ନିକଟରେ କଟକ-ଚାନ୍ଦବାଲି ରାସ୍ତାରେ ଏକ ବାଇକ ଦୁର୍ଘଟଣା ଘଟିଛି। ଏଥିରେ ବାପ, ପୁଅ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବୁଧବାର ସକାଳେ କେନ୍ଦ୍ରାପଡା ଜିଲା ବାଲିଆ ନିକଟସ୍ଥ ବଣହରା ଗ୍ରାମର ମଙ୍ଗୁ ମିଶ୍ର ଓ ତାଙ୍କ ପୁଅ ପାର୍ଥ ସାରଥି ମିଶ୍ର ଏକ ବାଇକ ଯୋଗେ କଟକ ଅଭିମୁଖେ ଯାଉଥିଲେ। ଏହି ସମୟରେ ମଧୁବନ ନିକଟରେ ବାଇକ୍ ସମ୍ମୁଖକୁ ଜଣେ ବୃଦ୍ଧ ପଶି ଆସିଥିଲେ। ତାଙ୍କୁ ବଞ୍ଚାଇବାକୁ ଯାଇ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

# ପୋଖରୀରେ ବୁଡ଼ି ଜଣେ ମୃତ

**ନିଶ୍ଚିନ୍ତକୋଇଲି, ୧।୧୧ (ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅନ୍ତର୍ଗତ ତରତଶାସନ ଗ୍ରାମରେ ପୋଖରୀରେ ବୁଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ପ୍ରହ୍ଲାଦ ଦଳାଇ(୫୮)। ଏନେଇ ସ୍ଥାନୀୟ ଲୋକେ ନେମାଳ ଥାନା ଅଧୀନ ନରେନ୍ଦ୍ରପୁର ଫାଣ୍ଡିରେ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଗୌରାଙ୍ଗ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ମୃତଦେହ ଜବତ କରିଛନ୍ତି। ପ୍ରହ୍ଲାଦଙ୍କ ପରିବାର ସଦସ୍ୟ କେନ୍ଦୁଝର ଜିଲା ବଡବିଲ ଅଞ୍ଚଳରେ ରହୁଥିବାରୁ ଘଟଣାସ୍ଥଳକୁ ଆସିପାରିନାହାନ୍ତି। ଫଳରେ ନେମାଳ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ବିଶ୍ୱାଳ କହିଛନ୍ତି। ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଯିବ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଅସହାୟ ବରିଷ୍ଠ ନାଗରିକ

**କଟକ ସଦର, ୧।୧୧(ସୁଶାନ୍ତ ଜେନା)**

ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ସୁବିଧା, ସୁଯୋଗ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ଜନ ସଚେତନତା ଅଭାବରୁ ଏହି ସୁବିଧା ଅନେକ ଗରିବ ଓ ନିରକ୍ଷର ବରିଷ୍ଠ ନାଗରିକ ଉଠାଇପାରୁ ନାହାନ୍ତି। ଏଥିପାଇଁ ପୋଲିସ ପ୍ରଶାସନ ସ୍ୱତନ୍ତ୍ର ଭାବେ ବ୍ୟବସ୍ଥା କରିବାକୁ କଟକ ସଦର ଭାଜପା ଯୁବ ନେତା ଇ. ପ୍ରକାଶ ଚନ୍ଦ୍ର ସେଠୀ ଉଭୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କାରଣ ଏହି ସୁବିଧା କେବଳ ଶିକ୍ଷିତ ବରିଷ୍ଠ ନାଗରିକମାନେ ଉଠାଉଛନ୍ତି। ଉକ୍ତ ନିର୍ବାଚନମଣ୍ଡଳୀ ଅଧୀନ କଟକ ସଦର, ୪୨ ମୌଜା, କନ୍ଦରପୁର, କିଶନ ନଗର ଓ ନେମାଳ ଥାନାରେ ବରିଷ୍ଠ ନାଗରିକ, ମହିଳା ଓ ଶିଶୁଙ୍କୁ ସାହାଯ୍ୟ କରିବାକୁ ସ୍ୱତନ୍ତ୍ର ଡେସ୍କ ରହିଛି। କିନ୍ତୁ ଏହି ସବୁ ଥାନା ଅଞ୍ଚଳରେ କେତେ ସଂଖ୍ୟାରେ ବରିଷ୍ଠ ନାଗରିକ ଏକାକୀ ବସବାସ କରୁଛନ୍ତି, ତା’ର ହିସାବ କାହା ପାଖରେ ନାହିଁ। ପିଲାମାନେ ଦୂରରେ ରହିଥିବାରୁ ବୃଦ୍ଧ ମାତା ଓ ପିତାଙ୍କ ଜରୁରୀ ଦେଖାଶୁଣା ସ୍ଥାନୀୟ ପୋଲିସର ଦାୟିତ୍ୱ। ଦୂରରେ ରହୁଥିବା ପିଲାମାନେ ଘରକୁ ଫେରିବା ପର୍ଯ୍ୟନ୍ତ ମାତା ପିତାଙ୍କ ଯତ୍ନ ପୋଲିସ ଓ ପଞ୍ଚାୟତ ପ୍ରଶାସନ ସହଯୋଗ କରିବା କଥା। ଅନ୍ୟପକ୍ଷରେ ଉତ୍କଳ ବିକାଶ ପରିଷଦ ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରି ତାହାରି ଜରିଆରେ ସେଠୀ ବହୁ ଅସହାୟ ବରିଷ୍ଠ ନାଗରିକଙ୍କୁ ୫ବର୍ଷ ହେବ ସହାୟତା କରି ଆସୁଛନ୍ତି। ଅତିକମ୍‌ରେ ବିଭିନ୍ନ ଥାନା ଅଞ୍ଚଳରେ ଝିଅ, ପୁଅଙ୍କଠାରୁ ଅଲଗା ରହୁଥିବା ବରିଷ୍ଠ ଅସହାୟ ନାଗରିକଙ୍କୁ ଚିହ୍ନଟ ପୋଲିସ ପ୍ରଶାସନ କରିବାକୁ ସେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅନୁରୋଧ କରି ପତ୍ର ଲେଖିଛନ୍ତି।

# କଳା, ସଂସ୍କୃତି, ପରମ୍ପରା ସହ ମଣିଷ ଅଙ୍ଗାଙ୍ଗୀ ଭାବେ ଜଡ଼ିତ

**ବାଙ୍କୀ ମହୋତ୍ସବ ଉଦ୍‌ଯାପିତ**

**ବାଙ୍କୀ, ୧।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**




ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଉଛି।

ବାଙ୍କୀ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ବାଚସ୍ପତି ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ସଂସ୍କୃତି, ସାହିତ୍ୟ ଓ ସାମାଜିକ ସଂସ୍କାର କ୍ଷେତ୍ରରେ ବାଙ୍କୀର ଅବଦାନ ଅନନ୍ୟ ଓ ସ୍ୱତନ୍ତ୍ର। ଏହି ମହୋତ୍ସବ ଜରିଆରେ ଅଞ୍ଚଳର ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସେ। ମୁଖ୍ୟ ଅତିଥିଭାବେ ରାଜ୍ୟ ସଂସ୍କୃତି, ଓଡ଼ିଆ ଭାଷା ସାହିତ୍ୟ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗଦେଇ କହିଥିଲେ କଳା, ସଂସ୍କୃତି ଓ ପରମ୍ପରା ସହ ମଣିଷ ଅଙ୍ଗାଅଙ୍ଗି ଭାବେ ଜଡିତ। ବାଙ୍କୀ ଅଧିବାସୀ ନିଜ ଜନ୍ମମାଟିର ଟେକ ରଖିବା ପାଇଁ ଶତ ଚେଷ୍ଟିତ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଗବେଷକ ଡ. କୃଷ୍ଣ କେଶବ ଷଡଙ୍ଗୀ ଓ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ମିନତୀ ମହାପାତ୍ର, ରଶ୍ମିତା ସାହୁ, ରଶ୍ମିରେଖା ପଣ୍ଡା, ସଞ୍ଜୟ ପାତ୍ର, ବାଙ୍କୀ ବ୍ଲକ ବିଡିଓ ମନସ୍ୱନୀ ଦାଶ, ବିଧାୟକ ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ମହୋତ୍ସବ ସଭାପତି ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏଥିରେ ଉଦ୍‌ବୋଧନ ଦେଇ କହିଥିଲେ, ଏହି ମହୋତ୍ସବ ବାଙ୍କୀର ଗର୍ବ ଓ ଗୌରବ। ୫ଦିନ ଧରି ଚାଲିଥିବା ଏହି ମହୋତ୍ସବ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଥିବାରୁ ସେ ବାଙ୍କୀବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ସମ୍ବର୍ଦ୍ଧନା ଉତ୍ସବ ଓ ଶ୍ରେଷ୍ଠ ମେଢ଼ଗୁଡିକୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହୋତ୍ସବ ଉପସଭାପତି ସନାତନ ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ସବିତା ପଟ୍ଟନାୟକ ଓ ଅନ୍ନପୂର୍ଣ୍ଣା ଦାଶଙ୍କ ପୁସ୍ତକ ଉନ୍ମୋଚନ ହୋଇଥିଲା। ମହୋତ୍ସବର ପ୍ରତିଷ୍ଠାତା ପ୍ରଭାତ କୁମାର ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିବାବେଳେ ମହୋତ୍ସବ ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ସଂଯୋଜକ ସୁରେଶ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆବାହନୀ ସଂଗୀତ ଗାନ କରାଯାଇଥିଲା। ସଂଯୋଜକ ଅଶୋକ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗଜା ଧାନକେଣ୍ଡା ଧରି ଜିଲାପାଳଙ୍କ ଦ୍ୱାରସ୍ଥ ଚାଷୀ

## କାର୍ଯ୍ୟାଳୟ ଘେରିଲେ, ମରୁଡ଼ି ଘୋଷଣା ଦାବିକଲେ

ଖୋର୍ଦ୍ଧା, ୧।୧୧ (ପ୍ରଭାତ ପାଣିଗ୍ରାହୀ)

ପ୍ରକୃତି ଦାଉ ସାଧୁଛି। ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟି ସମସ୍ୟାକୁ ଚାଷୀ ସାମ୍ନା କରି ଯେନତେନ ପ୍ରକାରେ ଚାଷକରି ଫସଲ ଅମଳ କଲାବେଳକୁ କେନାଲରେ ପାଣି ନାହିଁ। ଫଳରେ ଜମି ଫାଟି ଆଁ କଲାଣି। ଧାନର ଥୋଡ଼ ବାହାରିବା ସମୟରେ ଜଳାଭାବରୁ ବିଲ ଶୁଖି ଫସଲ ନଷ୍ଟହେବାକୁ ବସିଛି। ମରୁଡ଼ି ଆଶଙ୍କା ନେଇ ଚିନ୍ତାରେ ପଡ଼ିଛି ଚାଷୀ। ପାଚିଲା ଧାନ ଅମଳ ପୂର୍ବରୁ ଗଜା ହେଲାଣି। ଏଭଳି ସମସ୍ୟା ନେଇ ବୁଧବାର ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ଓ ହଜ୍ ପଞ୍ଚାୟତର ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେମାନେ ହାତରେ ଗଜା ଧାନ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହ କ୍ରନ୍ଦନ କରିବାକୁ ଲାଗିଥିଲେ। ତୁରନ୍ତ ମରୁଡ଼ି ଘୋଷଣା କରାଯିବାକୁ ଦାବି କରିଥିଲେ।

ପ୍ରକାଶ ଯେ, ଜମିରେ ଜଳାଭାବ କାରଣରୁ ବୋଲଗଡ଼ ଓ ବେଗୁନିଆ ଅଞ୍ଚଳରେ ଗଜା ମରୁଡ଼ି ପରିସ୍ଥିତି



ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉରେ ସାମିଲ ଦେଉଳି ଓ ହଜ୍ ପଞ୍ଚାୟତର ଶତାଧିକ ଚାଷୀ।

ଉପୁଜିବା ଆଶଙ୍କା ରହିଛି। ଧାନ ପାଚିବା ପରିବର୍ତ୍ତେ ଗଜା ହେଲାଣି। ବେଗୁନିଆ ବ୍ଲକ ହଜ୍ ପଞ୍ଚାୟତର ହଜ୍, କଲରାଝର, ନିଧିପୁର, ମୁକ୍ତାପୁର, ନାରୋଗଦା ଏବଂ କାଲୁଚରଣପାଟଣା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏଠାରେ ଜଳସେଚନ ସୁବିଧା ନ ଥିବାରୁ ଚାଷୀ ବର୍ଷା ଉପରେ ନିର୍ଭରଶୀଳ। ତେବେ ଚଳିତ ବର୍ଷ ବିଳମ୍ବ ମୌସୁମୀ, ସ୍ୱଳ୍ପ ବୃଷ୍ଟି କାରଣରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ନଦୀ, ନାଳ, ପୋଖରୀ, କେନାଲ ଶୁଖିବାରେ ଲାଗିଛି। ଧାନ ଫସଲ ଗର୍ଭାବସ୍ଥାରେ ପାଣି ସୁବିଧା ନ ଥିବାରୁ ଜମି ଫାଟିଲାଣି। ପାଣି ନ ପାଇ ଧାନଗଛ ଜଳିଗଲାଣି। ଏହି ଗାଁଗୁଡ଼ିକରେ ଚିନ୍ତା ଛାଇଯାଇଛି। ଅଧିକାଂଶ ଚାଷୀ ସମିତି, ବ୍ୟାଙ୍କ ଓ ମହାଜନଙ୍କଠାରୁ ଋଣ, ଧାରକରଜ କରି ଚାଷ କରିଛନ୍ତି। କିପରି ଫସଲ ଅମଳ କରି ପରିବାର ପ୍ରତିପୋଷଣ କରିବା ସହ ଋଣ, ଧାରକରଜ ଶୁଝିବେ ସେମାନଙ୍କୁ ସେହି ଚିନ୍ତା ଘାରିଛି। ଜିଲା ପ୍ରଶାସନ ସ୍ଥିତି ଅନୁଧ୍ୟାନ କରି ମରୁଡ଼ି ଘୋଷଣା କରିବାକୁ ଚାଷୀମାନେ ଦାବି କରିଛନ୍ତି। ଦେଉଳି ପଞ୍ଚାୟତର ପ୍ରମୋଦ ଶ୍ରୀଚନ୍ଦନ, ଶୁଚିସ୍ମିତା ସାହୁ, ମହେଶ୍ୱର ବିଶ୍ୱାଳ, ଭାସ୍କର ସାହୁ, ମଧୁସୂଦନ ଜେନା, ଜାନକୀ ବେହେରା, ରବୀନ୍ଦ୍ର ମାଣିଆ ପ୍ରମୁଖ ବହୁ ଚାଷୀ ଅନୁରୂପ ଅଭିଯୋଗ ଆଣିଛନ୍ତି। ହଜ ପଞ୍ଚାୟତର ଦିବାକର ବାରିକ ୨ ଏକର ଜମିରେ ଫସଲ ପାଇଁ ୨୦ ହଜାର ଟଙ୍କା ଋଣ କରିଥିବା ବେଳେ ବୈକୁଣ୍ଠନାଥ ବାରିକ ୧.୫ ଏକର ପାଇଁ ୨୦ ହଜାର ଟଙ୍କା ଋଣ କରିଥିଲେ। ସେହିପରି ଜିତେନ୍ଦ୍ର ମହାପାତ୍ର ୩ ଏକର ଜମି ପାଇଁ ୫୦ ହଜାର ଟଙ୍କା ଓ କାଳନ୍ଦୀ ଚରଣ ବାରିକ ୨ ଏକର ପାଇଁ ୧.୫ ଲକ୍ଷ ଟଙ୍କା ଋଣ କରିଥିବା କହିଛନ୍ତି। ପଦ୍ମଲୋଚନ ଖଣ୍ଡାୟତରାୟ ୧୨ ଏକର ଚାଷ ଜମି ପାଇଁ ୧.୭୦ ଲକ୍ଷ ଟଙ୍କା ଋଣ ଆଣି ଚାଷ କରିଥିଲେ। ତେବେ ପର୍ଯ୍ୟାପ୍ତ ପାଣି ଅଭାବରୁ ଧାନଗଜା ହେବାକୁ ବସିଲାଣି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଉଇଲକିଶନ ନଗରର ଗୋପାଳ ପ୍ରଧାନ ପ୍ରଶାସନର ସହଯୋଗ କାମନା କରିଛନ୍ତି। ବୋଲଗଡ଼ ବ୍ଲକର ବଡ଼କୁମାରୀ ଏବଂ ବାଙ୍କୋଇ ପଞ୍ଚାୟତ ଅଧୀନ ହରିକେଶର, ଖାଲିକୋଟ, କନ୍ତାଇଲେ, ଦୁର୍ଗାପୁର, ଶ୍ରୀଚନ୍ଦନପୁର ଓ ଶ୍ରୀଚନ୍ଦନପୁରପାଟଣା ଗ୍ରାମର ଶତାଧିକ ଚାଷୀ କହିଛନ୍ତି, ଜିଲା କୃଷି ବିଭାଗର ଅଧିକାରୀ କିମ୍ବା ସ୍ଥାନୀୟ ପ୍ରଶାସନିକ ଅଧିକାରୀ କେହି ଚାଷୀଙ୍କ ଦୁଃଖ ବୁଝିବାକୁ ଆସିନାହାନ୍ତି। ଭାଜପା ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି, ଚାଷୀ ପ୍ରତିବର୍ଷ ସ୍ୱଳ୍ପ ବୃଷ୍ଟି, ଅନାବୃଷ୍ଟିପରେ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କ୍ଷତି ସହୁଛନ୍ତି। ସରକାର କେବଳ ଘୋଷଣା ଓ ଭାଷଣରେ ସୀମିତ ରହିଛନ୍ତି। ରାଜ୍ୟ ସରକାର ୩୫ ପ୍ରତିଶତ ଚାଷଜମିକୁ ଜଳସେଚନ ପାଇଁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରନ୍ତୁ ବୋଲି ସେ ଦାବି କରିଛନ୍ତି।

## ଟିକେଟ ପାଇଁ ଆସିଥିବା ଯାତ୍ରୀଙ୍କୁ ଦୁର୍ବ୍ୟବହାର

ନିରାକାରପୁର, ୧।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ପୂର୍ବତଟ ରେଳପଥ ଖୋର୍ଦ୍ଧା ଡିଭିଜନ ଅଧିନରେ ଥିବା ନିରାକାରପୁର ଷ୍ଟେଶନରେ ଟିକେଟ ଦେଉଥିବା ଏସ୍‌ଟିବିଏ ଯାତ୍ରୀଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ବୁଧବାର ଦିନ ଷ୍ଟେଶନ ପରିଚାଳକଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ଅଭିଯୋଗକାରୀଜଣଙ୍କ ପରିବାର ସହିତ ପଲାସା-ଭୁବନେଶ୍ୱର ମେମୋ ଟ୍ରେନ୍‌ରେ ନିରାକାରପୁରରୁ ଜଟଣୀ ଯିବା ପାଇଁ ସ୍ଥାନୀୟ ଷ୍ଟେସନରେ ଥିବା ଟିକେଟ କାଉଣ୍ଟରକୁ ଯାଇଥିଲେ। ସେଠାରେ ସେ ଦୁଇଟି ଟିକେଟ (ଯାହାର ମୂଲ୍ୟ ୬୦ଟଙ୍କା) ପାଇଁ ଏସ୍‌ଟିବିଏଙ୍କୁ ୧୦୦ ଟଙ୍କା ଦେଇଥିଲେ। କିନ୍ତୁ ଏସ୍‌ଟିବି ଉକ୍ତ ଟଙ୍କାକୁ ଫେରାଇଦେବା ସହ ଖୁଚୁରା ଆଣିଲେ ଟିକେଟ୍ ଦେବେ ବୋଲି କହିଥିଲେ। ଯାତ୍ରୀ ଜଣଙ୍କ ବହୁ ଚେଷ୍ଟା କରିଥିଲେ ବି ଖୁଚୁରା ଯୋଗାଡ଼ କରିନପାରିବାରୁ ଉକ୍ତ ଟ୍ରେନ୍‌ରେ ଯାଇପାରି ନଥିଲେ। ଏନେଇ ସେ ଦାୟିତ୍ୱରେ ଥିବା ଉଚ୍ଚ ଅଧିକାରୀ ଓ ସ୍ଥାନୀୟ ଷ୍ଟେଶନ ପରିଚାଳକଙ୍କୁ ଜଣାଇବା ସହିତ ଷ୍ଟେଶନ ୨୩୮୯୩୧ କମ୍ପ୍ଲେନ୍ ବୁକ୍‌ରେ ଅଭିଯୋଗ କରିଛନ୍ତି। ସଂପୃକ୍ତ ଏସ୍‌ଟିବିଏଜଣଙ୍କ ଯାତ୍ରୀଙ୍କୁ ଅନେକ ସମୟରେ ଏଭଳି ବ୍ୟବହାର କରୁଥିବା ନେଇ ଅଭିଯୋଗ ରହିଛି।

## ସଂକ୍ଷେପରେ

### ଡକାୟତି ଯୋଜନା ବିଫଳ, ମାରଣାସ୍ତ୍ର ସହ ୩ ଗିରଫ

ଟାଙ୍ଗୀ ଖୋର୍ଦ୍ଧା, ୧।୧୧ (ରଘୁନାଥ ସାହୁ)

୧୬ ନମ୍ବର ଜାତୀୟ ରାଜପଥ ଦୀକ୍ଷିତପଡ଼ା ଛକ ନିକଟରେ ଡକାୟତି ପାଇଁ ଯୋଜନା କରୁଥିବା ସଂପର୍କରେ ଖବରପାଇ ଟାଙ୍ଗୀ ଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା। ପୋଲିସ ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୩ ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲୁଗାଁର ଅଶୋକ ପ୍ରଧାନ, ସୋମନାଥ ବେହେରା ଓ ଟାଙ୍ଗୀ ଥାନା ଅନ୍ତର୍ଗତ ମାନସିଂହପୁରର ମାଗୁ ବେହେରା। ଗିରଫ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଖଣ୍ଡା, ଲୁହା ରଡ଼, ଛୁରି, ୧୧୫୦ ଟଙ୍କା ସହ ଏକ ହିରୋ ଗ୍ଲାମର ବାଇକ୍ ଜବତ କରାଯାଇଛି। ଜାତୀୟ ରାଜପଥରେ ଯାଉଥିବା ଗାଡ଼ିଗୁଡ଼ିକୁ ଅଟକାଇ ଅଭିଯୁକ୍ତମାନେ ଡକାୟତି କରୁଥିବା ଜଣାପଡ଼ିଛି। ଫେରାର ହୋଇଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଛି। ଟାଙ୍ଗୀ ଥାନା ପକ୍ଷରୁ କେସ୍ ନମ୍ବର ୭୪୧/୨୩ରେ ମକଦ୍ଦମା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ସୁଶାନ୍ତ କୁମାର ବେହେରା ସୂଚନା ଦେଇନ୍ତି। କୋର୍ଟରେ ଜାମିନ ନାମଞ୍ଜୁର ହେବାପରେ ଅଭିଯୁକ୍ତମାନଙ୍କୁ ହାଜତକୁ ପଠାଇ ଦିଆଯାଇଛି।

### ଟ୍ରକ୍ ଧକ୍କାରେ ୫ ଗୋରୁ ମୃତ, ଯାତାୟାତ ବ୍ୟାହତ

ବାଲୁଗାଁ, ୧।୧୧ (ସଂଗ୍ରାମ ପାଇକରାୟ)

୧୬ନଂ ଜାତୀୟ ରାଜପଥ ବାଲୁଗାଁ ବାଇପାସ୍ ରାସ୍ତାର ବ୍ରାହ୍ମଣ କୁଶଡିହ ଛକଠାରେ ବୁଧବାର ଭୋର ସମୟରେ ଏକ ଅଜଣା ଟ୍ରକ୍ ଧକ୍କାରେ ୫ ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଗୋରୁ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଇଥିବା ଜଣାଯାଇଛି। ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଗୋରୁଗୁଡ଼ିକ ରାଜପଥରେ ବିକ୍ଷିପ୍ତ ଭାବେ ପଡ଼ିଥିବାରୁ ଦୀର୍ଘଘଣ୍ଟା ଧରି ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ଖବରପାଇ ବାଲୁଗାଁ ପଶୁଚିକିତ୍ସା ଅଧିକାରୀ ଡ଼ାକ୍ତର ଦେବାଶିଷ ଦାଶ ଘଟଣାସ୍ଥଳରେ ପହଞ୍ଚି ଆହତ ଗାଈଙ୍କୁ ଚିକିତ୍ସା କରିଥିଲେ।

### ଚିଲିକା ତହସିଲଦାର ଚକ୍ରଧର ପାଢ଼ୀଙ୍କ କାର୍ଯ୍ୟରେ ଯୋଗଦାନ

ଗମ୍ଭାରୀମୁଣ୍ଡା, ୧।୧୧ (ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ଚିଲିକା ତହସିଲରେ ନୂତନ ତହସିଲଦାର ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତିଓଏଏସ୍‌ଅଫିସର ଚକ୍ରଧର ପାଢ଼ୀ। କାର୍ଯ୍ୟରେ ଯୋଗ ଦେବାପରେ ତାଙ୍କୁ ତହସିଲର କର୍ମଚାରୀମାନେ ସ୍ୱାଗତ କରିଥିଲେ। ଚକ୍ରଧର ପାଢ଼ୀ ପୂର୍ବରୁ ଗଜପତି ଜିଲାରେ ଡେପୁଟି ଜିଲାପାଳ ଭାବେ କାର୍ଯ୍ୟରତ ଥିଲେ। ପ୍ରଶାସନିକ କ୍ଷେତ୍ରରେ ଲମ୍ବା ସମୟର ଅଭିଜ୍ଞତା ଥିବା ପାଢ଼ୀ ୨୦୨୦ରେ ଓଏଏସ୍ ଅଫିସର ଭାବେ ପଦୋନ୍ନତି ପାଇ ବିଭିନ୍ନ ସ୍ଥାନରେ ତହସିଲଦାର ଭାବେ କାର୍ଯ୍ୟକରିଛନ୍ତି। ଚିଲିକା ତହସିଲରେ ଜନସାଧାରଣଙ୍କ ଅଭିଯୋଗର ଆଶୁ ସମାଧାନ କରିବା ପ୍ରଥମ ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି।

### ଚୋରି ପାଇପ୍ ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଅଟକ

ବେଗୁନିଆ, ୧।୧୧ (ହର ପ୍ରସନ୍ନ ପଣ୍ଡା)

ମେଗା ଜଳ ଯୋଗାଣ ପାଇପ୍ ଚୋରି ହୋଇଥିବା ଅଭିଯୋଗ ପାଇବା ପରେ ପୋଲିସ ପାଇପ୍ ବୋଝେଇ ଏକ ଟ୍ରକକୁ ଜବତ କରିଛି। ଟ୍ରକର ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ସୂଚନାଯୋଗ୍ୟ ବେଗୁନିଆ ଥାନା ଅନ୍ତର୍ଗତ ମାଣିବନ୍ଧ ଗ୍ରାମ ନିକଟରେ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଉକ୍ତ ପ୍ରକଳ୍ପ ପଏଣ୍ଟରୁ ବିଭିନ୍ନ ଗ୍ରାମକୁ ଜଳ ଯୋଗାଣ ପାଇଁ ଆବଶ୍ୟକ ପାଇପ୍ ସେଠାରେ ଗଚ୍ଛିତ ରଖାଯାଇଥିଲା। ସେଠାରୁ ୩୫ଟି ପାଇପ୍ ବୋଝେଇ କରି ଉକ୍ତ ଟ୍ରକଟି ପଳାଇ ଯାଉଥିବା ବେଳେ ପ୍ରକଳ୍ପ କାର୍ଯ୍ୟ କରୁଥିବା ଶ୍ରମିକମାନେ ଠିକାଦାରଙ୍କୁ ଏ ବିଷୟରେ ଜଣାଇଥିଲେ। ଠିକାଦାର ତୁରନ୍ତ ବେଗୁନିଆ ଥାନାକୁ ଫୋନ୍ କରି ଜଣାଇବା ପରେ ପୋଲିସ ସମ୍ପୃକ୍ତ ଟ୍ରକକୁ ଜବତ କରିଥିଲା। ଏସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି ପ୍ରକଳ୍ପ ନିର୍ମାଣ କରୁଥିବା ଏକ ଘରୋଇ କମ୍ପାନୀର ପରିଚାଳକଙ୍କ ଅଭିଯୋଗ ଆଧାରରେ ଟ୍ରକ୍‌କୁ ଜବତ କରାଯାଇଛି। ପାଇପଗୁଡ଼ିକ କେଉଁ ସ୍ଥାନକୁ ଯାଉଥିଲା ସେ ନେଇ ଅଟକ ଡ୍ରାଇଭରଙ୍କୁ ପଚରାଉଚରା ଚାଲିଛି।

# ଦାବି ପୂରଣ ନହେଲେ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ଝୁଲିବ



ମାରୁତି ମଣ୍ଡପରେ ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକ।

## ବିଦ୍ୟୁତ୍ ବିଭ୍ରାଟରୁ ଜନ ଅସନ୍ତୋଷ

ନିରାକାରପୁର, ୧।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ବିଦ୍ୟୁତ ସେକ୍ସନ ଅଧୀନରେ ଥିବା ୧୨ଟି ପଞ୍ଚାୟତରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁ ଅକ୍ଟୋବର ୧୮ ତାରିଖରେ ଉକ୍ତ ପଞ୍ଚାୟତର ସମସ୍ତ ନିର୍ବାଚିତ ଲୋକପ୍ରତିନିଧି, ଶିକ୍ଷାବିତ, ବୁଦ୍ଧିଜୀବୀ ମିଳିତଭାବେ ଏକ ଦାବିପତ୍ର ସ୍ଥାନୀୟ ଯନ୍ତ୍ରୀଙ୍କ ଜରିଆରେ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ସ୍ପଷ୍ଟ ଉଲ୍ଲେଖ ଥିଲା, ଯଦି ୭ ଦିନ ଭିତରେ ଦାବି ପୂରଣ ନ ହୁଏ ତେବେ ଉକ୍ତ କାର୍ଯ୍ୟାଳୟଟିକୁ ତାଲା ପକାଇ ଦିଆଯିବ। ଇତିମଧ୍ୟରେ ୧୪ ଦିନ ବିତିଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନଥିବାରୁ ବୁଧବାର ୧୨ ନମ୍ବର ଜୋନ୍‌ର ଜିଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହଙ୍କ ନେତୃତ୍ୱରେ ପୁଣି ଏକ ବୈଠକ ସ୍ଥାନୀୟ ରାମ ମନ୍ଦିର ପରିସରରେ ଥିବା ମାରୁତି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ କାର୍ଯ୍ୟାଳୟରେ ତାଲା ପକାଇବା ପୂର୍ବରୁ ସ୍ଥାନୀୟ ଥାନା ଅଧିକାରିଣୀଙ୍କୁ ଅବଗତ କରାଯିବ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଛି।

# ୪ରେ ଉଦ୍‌ଘାଟନ ହେବ ବେଗୁନିଆ ଜେଏମ୍‌ଏଫ୍‌ସି କୋର୍ଟ

ବେଗୁନିଆ, ୧।୧୧ (ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆରେ ନୂତନ ଜେଏମ୍‌ଏଫସି କୋର୍ଟ ନଭେମ୍ବର ୪ରେ ଉଦଘାଟନ ହେବ। ଏ ନେଇ କଟକ ହାଇକୋର୍ଟଙ୍କ ପକ୍ଷରୁ ଚିଠି ପ୍ରକାଶ ପାଇଛି। ହାଇକୋର୍ଟ ଆଡମିନ୍‌ଷ୍ଟ୍ରେସନ ବିଭାଗ ଇନଚାର୍ଜ ସନ୍ତୋଷ କୁମାର ଦାଶ ଚିଠି ନଂ ୧୭୧୧୮ ଯୋଗେ ରାଜ୍ୟ ସରକାରଙ୍କ ଆଇନ ଓ ଘରୋଇ ବିଭାଗ ସେକ୍ରେଟାରୀଙ୍କୁ ଅବଗତ କରାଇଛନ୍ତି। ସେହିପରି ପ୍ରଥମ ବିଚାରପତି ଭାବେ ଆଦର୍ଶ ବେହେରା ଏବଂ ସରକାରୀ ଓକିଲ ଭାବେ ଅନସୁର ଅଲ୍ଲୀ ଓ ସୋମନାଥ ବାରିକ ଦାୟିତ୍ୱ ତୁଲାଇବେ ବୋଲି ଆଦେଶନାମା ଜାରି କରାଯାଇଛି। ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବେଗୁନିଆବାସୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ଦୀର୍ଘବର୍ଷର ଦାବି ଓ ଜନସାଧାରଣଙ୍କ ମୌଳିକ ଆବଶ୍ୟକତାକୁ ବହୁ ବିଳମ୍ବରେ ହେଲେ ମଧ ପୂରଣ କରାଯାଇଥିବାରୁ ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ରାୟ, ସାମାଜିକ କର୍ମୀ ଶିବ କୁମାର ମୁନିଙ୍କ ସହିତ ବେଗୁନିଆ ଗ୍ରାମବାସୀଙ୍କ ପକ୍ଷରୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଟ୍ରେଲର ପଛକୁ ପିଟିଲା ଯାତ୍ରୀବାହୀ ଅଟୋ, ୫ ଗୁରୁତର

ବାଲୁଗାଁ, ୧।୧୧ (ସଂଗ୍ରାମ ପାଇକରାୟ)

ବୁଧବାର ମଧ୍ୟାହ୍ନରେ ବାଲୁଗାଁ ବାଇପାସ୍ ରାସ୍ତା ୧୬ନଂ ଜାତୀୟ ରାଜପଥର କୋତରୀ ଛକଠାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏହି ଦୁର୍ଘଟଣାରେ ଏକ ଅଟୋରେ ବସିଥିବା ଡ୍ରାଇଭର ସମେତ ୫ ଜଣ ମହିଳା ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଖବରନେବାରେ ଜଣାଯାଇଛି, ବୁଧବାର କୋତରୀ ଛକ ରାଜପଥ ପାର୍ଶ୍ୱରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଏକ ଟ୍ରେଲର ପୂର୍ବରୁ ଠିଆ ହୋଇଥିଲା। ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ଉକ୍ତ ଟ୍ରେଲରର ପଛପାର୍ଶ୍ୱକୁ ଦ୍ରୁତ ଗତିରେ ଧକ୍କା ଦେଇଥିଲା। ଫଳରେ ଅଟୋ ଚାଳକଙ୍କ ସମେତ ୪ ଜଣ ମହିଳା ଶ୍ରମିକ ଗୁରୁତର ହୋଇଥିବା ଜଣାଯାଇଛି। ଅଟୋ ଚାଳକଙ୍କ ଅବସ୍ଥା ସଙ୍କଟପନ୍ନ ଥିବା ଜଣାଯାଇଛି। ମହିଳା ଶ୍ରମିକମାନେ ହେଉଛନ୍ତି ଗଞ୍ଜାମ ଅଞ୍ଚଳର। ସେମାନେ ଧାନ ଫସଲ କାଟିବାକୁ ଆସି ଉକ୍ତ ଅଟୋରେ ଘରକୁ ଫେରୁଥିଲେ। ଖବର ପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆହତଙ୍କୁ ଚିକିତ୍ସା ନିମନ୍ତେ ବାଲୁଗାଁ ଡାକ୍ତରଖାନାକୁ ଆଣିଥିଲେ। ତେବେ ସେଠାରେ ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ପୋଲିସ୍ ଘଟଣାର ତଦନ୍ତ ଜାରି ରଖିଛି।

# ମା' ଭଗବତୀଙ୍କୁ ଦର୍ଶନକଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ଗମ୍ଭାରୀମୁଣ୍ଡା, ୧।୧୧ (ଦିଲୀପ କୁମାର ସ୍ୱାଇଁ)

ବାଣପୁରସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା' ଭଗବତୀ ମନ୍ଦିର ଦର୍ଶନ କରିବା ଅବସରରେ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀଙ୍କୁ ବାଣପୁର ଓକିଲ ସଂଘ, ଦେବୋତ୍ତର ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଡ. ଷଡ଼ଙ୍ଗୀ ମା'ଙ୍କ ମନ୍ଦିର ପରିସରରେ ଦୀର୍ଘସମୟ ଅତିବାହିତ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ସ୍ଥାନୀୟ ରଙ୍ଗନାଥ ଦେବ ମନ୍ଦିର ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ତାଙ୍କୁ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୁଖ୍ୟ ବିଚାରପତିଙ୍କ ଗସ୍ତ ସମୟରେ ବାଣପୁର ସହକାରୀ ଦୌରା ଜଜ୍ ମନୋରଞ୍ଜନ ମିଶ୍ର, ଜେଏମ୍‌ଏଫ୍‌ସି ସ୍ନାତକୀ ଦାସ, ତହସିଲଦାର ଟି. ପଦ୍ମନାଭ ଦୋରା, ବାଣପୁର ଓକିଲ ସଂଘ ଉପସ୍ଥିତ ଥିଲେ।

# ରେଳ ଧାରଣା କଡ଼ ସଫା କରିବାକୁ ଦାବି



ନିରାକାରପୁର, ୧।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଯାତ୍ରୀମାନଙ୍କ ସୁବିଧା ପାଇଁ ରେଳ ବିଭାଗ ପକ୍ଷରୁ ଷ୍ଟେଶନର ଉନ୍ନତୀକରଣଠାରୁ ଆରମ୍ଭ କରି ବୋର୍ଡ ମାଧ୍ୟମରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଫଳକ ଲଗାଯାଇଛି। ସେଥିପାଇଁ ଅନେକ କର୍ମଚାରୀ ନିୟୋଜିତ ରହିଛନ୍ତି। କିନ୍ତୁ କେତେକ ତଳିଆ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ବହୁ ସମୟରେ ଛୋଟ ବଡ ଟ୍ରେନ୍ ଦୁର୍ଘଟଣାମାନ ଘଟି ଜୀବନହାନି ଘଟୁଛି। ଖୋର୍ଦ୍ଧା ରେଳ ଡିଭିଜନ ଅଧିନରେ ଥିବା ନିରାକାରପୁର ଷ୍ଟେଶନ ଅଞ୍ଚଳରେ ଦୀର୍ଘଦିନ ହେବ ରେଳ ଧାରଣା କଡ଼ ସଫା ନ ହେବା କାରଣରୁ ବିଭିନ୍ନ ଅନାବନା ଲଟା ବୋର୍ଡଗୁଡ଼ିକୁ ସଂପୂର୍ଣ୍ଣ ଆଚ୍ଛାଦିତ କରିସାରିଲାଣି। କେତେକ ସ୍ଥାନରେ ବଡ଼ ବଡ଼ ଗଛ ଉଠିଯାଇଥିବା ଦୃଶ୍ୟମାନ ହେଉଛି। ଏହାକୁ ଯଦି ତୁରନ୍ତ ସଫା କରାନଯାଏ ତେବେ କୌଣସି ମୁହୂର୍ତ୍ତରେ ବିପଦ ଘଟିବାର ଆଶଙ୍କା ସୃଷ୍ଟି ହୋଇଛି। ରେଳ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏହା ଉପରେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ବୃଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ପ୍ରଭାତୀ ନାୟକ ସଭାନେତ୍ରୀ, ସୁହାସିନୀ ଦେବତା ସମ୍ପାଦିକା

## ମା' ବିରଜାଈ ହସ୍ତତନ୍ତ ଉତ୍ପାଦକ ସଂଘର କର୍ମକର୍ତ୍ତା ଚୟନ

ବୋଲଗଡ଼, ୧।୧୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଦେଉଳି ଓ ଦୁର୍ଗାପ୍ରସାଦ ଗ୍ରାମର ୧୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାରକୁ ନେଇ କାର୍ଯ୍ୟ କରୁଥିବା ମା' ବିରଜାଈ ହସ୍ତତନ୍ତ ଉତ୍ପାଦକ କେନ୍ଦ୍ରର ଏକ ସାଙ୍ଗଠନିକ ବୈଠକ ଦେଉଳି ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ପ୍ରଦୀପ ବାରିକ ଏବଂ ସୁବଳ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ବୈଠକରେ ଶତାଧିକ ବୁଣାକାରଙ୍କ ଉପସ୍ଥିତରେ ମା' ବିରଜାଈ ହସ୍ତତନ୍ତ ଉତ୍ପାଦକ ସଂଘ ଗଠନ କରାଯାଇ ଏହାର କର୍ମକର୍ତ୍ତା ଚୟନ କରାଯାଇଥିଲା। ମନୋନୀତ ୧୧ଜଣିଆ କମିଟିରେ ସଭାନେତ୍ରୀ ଭାବେ ପ୍ରଭାତୀ ନାୟକ ଏବଂ ଉପସଭାପତି ଭାବେ ରାକେଶ ନାୟକଙ୍କୁ ଚୟନ କରାଯାଇଥିବାବେଳେ ସମ୍ପାଦିକା ସୁହାସିନୀ ଦେବତା, କୋଷାଧକ୍ଷ ରବୀନ୍ଦ୍ର ନାୟକ ଓ ସହସମ୍ପାଦିକା ଭାବେ ରଞ୍ଜୁ ଦେବତା ଚୟନ କରାଯାଇଥିଲା। ରାଜ୍ୟ ସରକାର ବିଭିନ୍ନ ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବୁଣାକାରମାନଙ୍କ ଉତ୍‌ଥାନ ପାଇଁ ଅନେକ ସହାୟତା ଯୋଗାଇ ଦେଉଥିବାବେଳେ ତାକୁ ହାସଲ କରିବା ପାଇଁ ସଂଘ ମାଧ୍ୟମରେ ଉଦ୍ୟମ କରାଯିବ ବୋଲି ଉପସଭାପତି ରାକେଶ ନାୟକ କହିଥିଲେ। କୁମର ନାୟକ ଓ ପ୍ରକାଶ ନାୟକଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମା' ବିରଜାଈ ହସ୍ତତନ୍ତ ଉତ୍ପାଦକ କେନ୍ଦ୍ରର ସାଙ୍ଗଠନିକ ବୈଠକରେ ସାମିଲ ବୁଣାକାର।

# ବାଲୁଗାଁ ଉଚ୍ଚବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ




ହୀରକ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି।

## ଅତିଥିଙ୍କ ଦ୍ୱାରା ସ୍ମରଣିକା 'ଚିଲିକା' ଉନ୍ମୋଚିତ

ବାଲୁଗାଁ, ୧।୧୧ (ସଂଗ୍ରାମ ପାଇକରାୟ)

ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ୨ ଦିନ ଧରି ଅନୁଷ୍ଠିତ ହୀରକ ଜୟନ୍ତୀ ସମାରୋହ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ କମିଟିର ସଭାପତି ବିଜୟ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଗୃହନିର୍ମାଣ ଓ ପୌର ଉନ୍ନୟନ ବିଭାଗୀୟ ମନ୍ତ୍ରୀ ଉଷା ଦେବୀ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବୈଦ୍ୟୁତିକ, ସୂଚନା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ, ବାଲୁଗାଁ ଏନ୍‌ଏସି ଅଧକ୍ଷା ସୁକାନ୍ତି ପାଇକରାୟ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଧୀନ ମଞ୍ଜରୀ ବେହେରା, ମୁଖ୍ୟବକ୍ତା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ ବିଦ୍ୟାଳୟଗୁଡ଼ିକ ୫-ଟି ରୂପାନ୍ତରଣ ପରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି ମତ ଦେଇଥିଲେ। ସେହିପରି ଆଧୁନିକ ଯୁଗରେ ମୋବାଇଲ୍ ଓ ଗୁଗୁଲ୍‌ର ସଦୁପଯୋଗ କରି ପାଠପଢ଼ାରେ ଗୁରୁତ୍ୱ ଦେବା ନିମନ୍ତେ ଅତିଥିବୃନ୍ଦ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ମା' ଭଗବତୀ କଳା ନିକେତନ, ମା'କାଳିଜାଇ କଳା ନିକେତନ ଏବଂ ସୁନ୍ଦରଗଡ଼ରୁ ଆସିଥିବା ଆଦିବାସୀ ନୃତ୍ୟ କଳା ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂଗୀତ ପରିବେଷଣ ପରେ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ବିଦ୍ୟାଳୟର ପୁରାତନ ଛାତ୍ର ସଂଗ୍ରାମ ଷଡ଼ଙ୍ଗୀ। କମିଟିର ସମ୍ପାଦକ ମୁରଲୀଧର ସାମନ୍ତସିଂହାର ବିଗତ ୭୫ବର୍ଷ ମଧ୍ୟରେ ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଦେଶ ବିଦେଶରେ ବହୁ ଉଚ୍ଚ ପଦପଦବୀରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ନାମ ଘୋଷଣା କରିଥିଲେ। ପୂର୍ବତନ ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ନାଥ ମାନସିଂହ ଏହି ହୀରକ ଜୟନ୍ତୀ ସମାରୋହକୁ ସଫଳ ରୂପାୟନ ଦେଇଥିବା ପୁରାତନ ଛାତ୍ରସଂସଦକୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସ୍ମରଣିକା 'ଚିଲିକା' ଉନ୍ମୋଚିତ କରାଯାଇଥିଲା। ଶେଷରେ ଓଡ଼ିଶାର ବହୁଚର୍ଚ୍ଚିତ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ନିମନ୍ତେ ବାଲୁଗାଁ ପୋଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ବଳାତ୍କାର ମାମଲାରେ ଯୁବକ ଜେଲ ଗଲେ

ନିମାପଡ଼ା,(ବିଚିତ୍ରାନନ୍ଦ ସାହୁ): ନିମାପଡ଼ା ଥାନା ଅଞ୍ଚଳର ୧୯ ବର୍ଷୀୟା ଯୁବତୀଙ୍କୁ ଜଣେ ଯୁବକ ବଳାତ୍କାର କରି ଘରୁ କାଢିଦେବା ଅଭିଯୋଗରେ ଯୁବକଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅଧୀନ ନରଦା ଗ୍ରାମର ସନ୍ତୋଷ ସାମଲ(୨୨)। ସନ୍ତୋଷଙ୍କୁ ପୋଲିସ ନିମାପଡ଼ା ମେଡିକାଲରେ ଡାକ୍ତରୀ ମାଇନା କରିବା ପରେ ପୁରୀ ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




୧।୧୧।୨୦୨୩

| ୩,୮୭,୦୩୩ ଟଙ୍କା | |
|---|---|
| ସୁନା | ୦.୩୫୦ ଗ୍ରାମ୍ |
| ରୁପା | ୦୭.୫୦୦ ଗ୍ରାମ୍ |

# ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ମନ୍ଥର

**ସାକ୍ଷୀଗୋପାଳ, ୧।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ୧୪ ପଞ୍ଚାୟତର ୪୬ଟି ଗ୍ରାମକୁ ବିଶୁଦ୍ଧ ପିଇବା ପାଣି ଯୋଗାଣ ପାଇଁ ପଞ୍ଚାୟତିରାଜ ବିଭାଗ ଏବଂ ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ପୂର୍ବ ସତ୍ୟବାଦୀରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ୨୦୧୭-୧୮ ମସିହା ସୁଦ୍ଧା ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଖାମଖିଆଲି ମନୋଭାବ ଯୋଗୁ ଏହି ପ୍ରକଳ୍ପ ଏପର୍ଯ୍ୟନ୍ତ ଶେଷ ହୋଇପାରିନାହିଁ। ସତ୍ୟବାଦୀର ଜଳକ୍ଲିଷ୍ଟ ଅଞ୍ଚଳବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବସୁଧା ଯୋଜନାରେ ୩୩ କୋଟି ଟଙ୍କା ବ୍ୟୟରେ ଏକ ବୃହତ ପାନୀୟ ଜଳ ପ୍ରକଳ୍ପ ୨୦୧୫-୧୬ରେ ଆରମ୍ଭ କରିଥିଲେ। ଏହି ପ୍ରକଳ୍ପ ଶୀଘ୍ର ସାରିବା ଲାଗି ଏକ ଘରୋଇ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଏପରି କି ୨୦୧୮-୧୯ ଆର୍ଥିକ ବର୍ଷ ସୁଦ୍ଧା ପ୍ରକଳ୍ପ କାମ ଶେଷ କରାଯାଇ ଲୋକାର୍ପଣ କରାଯିବା ପାଇଁ ସ୍ଥିର ହୋଇଥିଲା। ହେଲେ ଅବଧି ସମୟ ସରି ୨୦୨୩ ମସିହା ଶେଷ ହେବାକୁ ଯାଉଛି। ହେଲେ ଏବେ ବି ପ୍ରକଳ୍ପର ପାଇପ ବିଛେଇବା କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି। ଫଳରେ ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ସେନେଇ ଅନିଶ୍ଚିତତା ଦେଖାଦେଇଛି। ସରକାରୀ ସ୍ତରରେ ବାରମ୍ବାର ବୈଠକ ବସୁଥିଲେ ବି ଠିକା ସଂସ୍ଥା ସମୟ ପରେ ସମୟ ଗଡ଼ାଇ ଚାଲିଛି। ସୁଆଣ୍ଡୋ ପ୍ରକଳ୍ପ ଲୋକାର୍ପଣ ଅବସରରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କୁ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହାସତ୍ତ୍ୱେ ପ୍ରକଳ୍ପ କାର୍ଯ୍ୟ ଧିମେଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୁରୀ ଜିଲାପାଳ ନିଜେ ଏହି ପ୍ରକଳ୍ପର ତଦାରଖ ଚରୁଥିଲେ ସୁଦ୍ଧା କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଅନ୍ୟପଟେ ପ୍ରକଳ୍ପ ପାଇଁ ମାଟି ତଳେ ବିଛାଯାଇଥିବା ପାଇପ ଅତି ନିମ୍ନମାନର ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହାର ଠିକ୍ ତଦାରଖ କରି କାର୍ଯ୍ୟ ବରାନ୍ୱିତ କରାଯିବା ସହ ଶୀଘ୍ର ପାନୀୟ ଜଳ ଯୋଗାଣ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି। ପେଣ୍ଟପଡା ସରପଞ୍ଚ ଚିନ୍ମୟୀ ରାଉତ କହିଛନ୍ତି, ଦୁଇମାସରୁ ଉର୍ଦ୍ଧ୍ୱ ହେଲାଣି ଠିକାଦାର ପାଇପ ବିଛାଇବା ଲାଗି ପଞ୍ଚାୟତର ଗ୍ରାମଗୁଡିକ ଖୋଳି ଦେଇଛନ୍ତି। ସେହି ଗାତରେ ଛୋଟ ପିଲା ବୁଢାବୁଢ଼ୀ ପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ଏ ନେଇ ମୁଁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଜଣାଉଛି। ହେଲେ ଦୁଇ ତିନି ଦିନ ଭିତରେ ସମସ୍ୟା ସମାଧାନ ହୋଇଯିବ ବୋଲି ଅଧିକାରୀ କହୁଛନ୍ତି। ଅନ୍ୟପକ୍ଷରେ ଠିକା ସଂସ୍ଥା ଦାୟିତ୍ୱରେ ରହିଥିବା ସୁଜିତ ଗିରି କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ସରିଲାଣି। ଆମେ ୧୦ ଦିନ ମଧ୍ୟରେ ମୁଖ୍ୟ ପାଇପ୍‌ରେ ପାଣି ଛାଡ଼ିବୁ। ବାକି ମୁଖ୍ୟ ପାଇପରୁ ଗ୍ରାମ ସହ ପ୍ରତ୍ୟେକ ଘରକୁ ସଂଯୋଗ କରାଯାଇଥିବା ପାଇପରେ ପାଣି ଛାଡ଼ିବା ପାନୀୟ ଜଳ ବିଭାଗର ଦାୟିତ୍ୱ। ଏହି ପ୍ରକଳ୍ପ ପାଇଁ ସରକାର ୪ କୋଟି ଟଙ୍କା ବ୍ୟୟ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ସୁଜାତା ପଟ୍ଟନାୟକ କହିଛନ୍ତି, ଠିକା ସଂସ୍ଥାର ଏଭଳି ମନ୍ଥରଗତି ନେଇ ଆମେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛୁ। ଆଗାମୀ ଡିସେମ୍ବର ସୁଦ୍ଧା ଏହାର ସମ୍ପୂର୍ଣ୍ଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଉପଭୋକ୍ତା ବିନା ଅର୍ଥରେ ନିଜ ଘରେ ବିଶୁଦ୍ଧ ପାଣି ପାଇପାରିବେ। ସେହିପରି ସତ୍ୟବାଦୀ ବିଡିଓ ଲିପ୍ସା ରାୟ କହିଛନ୍ତି, ପ୍ରକଳ୍ପ କାର୍ଯ୍ୟକୁ ତଦାରଖ କରୁଛି। ପାନୀୟ ଜଳ ବିଭାଗ ଓ ସମ୍ପୃକ୍ତ ଠିକା ସଂସ୍ଥାକୁ ଉକ୍ତ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦେଇଛି।


ପାଇପ ବିଛାଇବା ପାଇଁ ଠିକା ସଂସ୍ଥା ପକ୍ଷରୁ ଖୋଳା ଯାଇଥିବା ଏକ ଗ୍ରାମର ରାସ୍ତା।

**ପାଇପ୍ ବିଛାଇବା ପାଇଁ ରାସ୍ତାଖୋଳି ଛାଡ଼ି ଦିଆଯାଇଛି**

- ଧାର୍ଯ୍ୟ ସମୟ ପରେ ବି ସରିପାରିନି
- ଅଞ୍ଚଳବାସୀଙ୍କ ଆଶା ମଉଳିଯାଉଛି

## ୫-ଟି ବିଭାଗ ଅର୍ଥର ସଦ୍‌ବିନିଯୋଗ ପାଇଁ ପରାମର୍ଶ

**ପୁରୀ, ୧।୧୧(ଅଜିତ୍ ମହାନ୍ତି):** ଶ୍ରୀଜଗନ୍ନାଥ ବେଦ-କର୍ମକାଣ୍ଡ ମହାବିଦ୍ୟାଳୟ ପାଇଁ ୫-ଟି ବିଭାଗ ଦେଇଥିବା ୫୦ ଲକ୍ଷ ଟଙ୍କାର ସଦ୍‌ବିନିଯୋଗ କରିବାକୁ ଜିଲାପାଳ ସମର୍ଥ ବର୍ମା ପରାମର୍ଶ ଦେଇଛନ୍ତି। ମହାବିଦ୍ୟାଳୟର ଅଧକ୍ଷ ଡ. ଜଗବନ୍ଧୁ ମିଶ୍ରଙ୍କ ଅବସରକାଳୀନ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲାପାଳ ଯୋଗଦେଇ କହିଥିଲେ ଯେ, ଛାତ୍ରୀଛାତ୍ରଙ୍କ ଲାଗି ସ୍ମାର୍ଟ ଶିକ୍ଷା ଗୃହ, ସମ୍ମିଳନୀ ଗୃହ ଓ କମ୍ପ୍ୟୁଟର ସୁବିଧା ନିମନ୍ତେ ଏହି ପାଣ୍ଠି ସହାୟକ ହେବ। ମହାବିଦ୍ୟାଳୟର ସଭାପତି ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀ, ଅଧକ୍ଷ ଡ. ଜଗବନ୍ଧୁ ମିଶ୍ର, ମୋ କଲେଜ ଅଭିଯାନ ସଦସ୍ୟ ବଦ୍ରି ମିଶ୍ର ଏବଂ ପରିଚାଳନା କମିଟି ସଦସ୍ୟ ଡ. ରବିଶଙ୍କର ମିଶ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟି ମହାବିଦ୍ୟାଳୟର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମହାବିଦ୍ୟାଳୟ ପରିସରରେ ଡ. କିଶୋର ଚନ୍ଦ୍ର ପାଢ଼ୀ,ନୂତନ ଅଧକ୍ଷା ଡ. ହରପ୍ରିୟା ଦାଶ, ଡ. ରବିଶଙ୍କର ମିଶ୍ର, ଅଧ୍ୟାପକ ରୂପେନ ମହାପାତ୍ର, ବିସ୍ମିତା ମିଶ୍ର, ସବିତାରାଣୀ ଦାଶ, ଜ୍ୟୋତିସ୍ମିତା ସାହୁ, କୃଷ୍ଣଚରଣ ଦାସଙ୍କ ସମେତ କର୍ମଚାରୀ, ଛାତ୍ରୀଛାତ୍ର, ପ୍ରାକ୍ତନ ବିଦ୍ୟାର୍ଥୀ ଏକ ସ୍ୱତନ୍ତ୍ର ଉତ୍ସବରେ ଅଧକ୍ଷ ମିଶ୍ରଙ୍କୁ ଅବସରକାଳୀନ ଅଭ୍ୟର୍ଥନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡ. ରବିଶଙ୍କର ମିଶ୍ର ପରିଚାଳନା କରିଥିଲେ।


ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର ପରିବେଷିତ ‘ଦାରୁଦିଅଁ’ ନାଟକର ଏକ ଦୃଶ୍ୟ। (ଫଟୋ - ଯଜ୍ଞେଶ୍ୱର ମହାନ୍ତି)

## ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ, କ୍ରେତା ବିକ୍ରେତା ସମ୍ମିଳନୀ


ଲୋକେ ଏକ ଷ୍ଟଲରେ ବସ୍ତ୍ର ଦେଖୁଛନ୍ତି।

**ପୁରୀ, ୧।୧୧(ଅଜିତ ମହାନ୍ତି)**

ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥା, ଅହମଦାବାଦ ଏବଂ ହ୍ୟାଣ୍ଡମେଡ୍ ଇନ୍ ଇଣ୍ଡିଆ ପ୍ରୋଜେକ୍ଟ କ୍ଲଷ୍ଟର ମିଶନ ଅଫିସ୍ ବରପାଲି ତରଫରୁ ଏଚ୍‌ଏସ୍‌ବିସି ବ୍ୟାଙ୍କ୍ ସହାୟତାରେ ପୁରୀ ବଡ଼ଦାଣ୍ଡସ୍ଥିତ ଏକ ହୋଟେଲଠାରେ ଦୁଇଦିନିଆ ସମ୍ବଲପୁରୀ ହସ୍ତତନ୍ତ ବସ୍ତ୍ର ପ୍ରଦର୍ଶନୀ ଓ କ୍ରେତା ବିକ୍ରେତା ସମ୍ମିଳନୀ ଆୟୋଜିତ ହୋଇଛି। ସମ୍ବଲପୁରୀ ହସ୍ତତନ୍ତର ପ୍ରଚାର ପ୍ରସାର ସହ ସ୍ଥାନୀୟ ବଜାରରେ ଏହାର ଚାହିଦା ବୃଦ୍ଧି କରିବା ଏବଂ କ୍ରେତାମାନଙ୍କ ସହିତ ବୁଣାକାରମାନେ କିପରି ସିଧାସଳଖ ଯୋଗାଯୋଗ କରି ଉଚିତ୍ ମୂଲ୍ୟ ପାଇପାରିବେ, ସେହି ଉଦ୍ଦେଶ୍ୟରେ ଉକ୍ତ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ବରଗଡ଼ କ୍ଲଷ୍ଟରର ୧୭ ବୁଣାକାର ପରିବାର ନିଜ ହସ୍ତତନ୍ତ ପୋଷାକ ପ୍ରଦର୍ଶନ କରିବା ସହିତ କ୍ରେତାଙ୍କୁ ସେମାନଙ୍କ ଉତ୍ପାଦ ସମ୍ପର୍କରେ ବୁଝାଇଥିଲେ। ପୁରୀର ପ୍ରତିଷ୍ଠିତ ଶାଢ଼ି ଓ ଲୁଗା ବ୍ୟବସାୟୀମାନେ ଏହି କର୍ମଶାଳାରେ ଯୋଗଦେଇ ଏହା ମାଧ୍ୟମରେ ବୁଣାକାରମାନଙ୍କ ସହିତ ସିଧାସଳଖ ଯୋଗାଯୋଗ ହୋଇପାରିଥିବାରୁ ଆଗକୁ ଏହା କ୍ରେତା-ବିକ୍ରେତା ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିପାରିବେ ବୋଲି ମତ ଦେଇଥିଲେ। କର୍ମଶାଳା ଓ ପ୍ରଦର୍ଶନୀର ଉଦ୍‌ଯାପନୀ ସନ୍ଧ୍ୟାରେ ପୁରୀ ଉପଜିଲାପାଳ ଭବତାରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଜାର ଚାହିଦାକୁ ଦେଖି ବୁଣାକାରମାନେ ଡିଜାଇନ୍ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ ଯୋଗଦେଇ ବର୍ତ୍ତମାନ ସମୟରେ ଅନ୍‌ଲାଇନ ଟ୍ରେଡିଂ ଚାହିଦା ରହିଥିବାରୁ ଅନ୍‌ଲାଇନ୍ ମାଧ୍ୟମରେ ବୁଣାକାରମାନେ ନିଜର ସାମଗ୍ରୀକୁ କିପରି ସିଧାସଳଖ ବିକ୍ରୟ କରିପାରିବେ ସେ ବ୍ୟବସ୍ଥା ହେବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ହ୍ୟାଣ୍ଡମେଡ୍ ଇନ୍ ଇଣ୍ଡିଆ ପ୍ରୋଜେକ୍ଟର କ୍ଲଷ୍ଟର ନୋଡାଲ ଅଫିସର ବିଷ୍ଣୁ ପ୍ରସାଦ ପଣ୍ଡା ଏବଂ କମ୍ୟୁନିଟି ମୋବିଲାଇଜର ଦୟାନନ୍ଦ ରାୟ ପରିଚାଳନା କରିଥିଲେ।

## ମା’ କାଳୀଙ୍କ ମୂର୍ତ୍ତି ନିର୍ମାଣ ପାଇଁ ମାଟି ଅନୁକୂଳ

**ଚାରିଛକ,୧।୧୧(ଶିଶିର ସ୍ୱାଇଁ):** ଚାରିଛକ ଥାନା ଅଧୀନ ଭୋଦର ପଞ୍ଚାୟତ ଭୋଦର ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ମା’ କାଳୀଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ସ୍ୱତନ୍ତ୍ର ନୀତି ନିୟମ ଅନୁସାରେ ବୁଧବାର ପୂଜାର୍ଚ୍ଚନା କରି ଘଣ୍ଟ, ପଖୋଜ ବଜାଇ ମା’ଙ୍କ ମାଟି ପୂଜା କରି ମାଟି ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମରେ ନାମ କୀର୍ତ୍ତନ, ହରିବୋଲ ହୁଳହୁଳିରେ ଗାଁ କମ୍ପି ଉଠିଥିଲା। ମାଟି ପୂଜା କାର୍ଯ୍ୟକ୍ରମରେ ଗ୍ରାମର ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ପ୍ରଫେସର ଡ. ସନ୍ତୋଷ ମିତ୍ର, କାହ୍ନୁଚରଣ ବେହେରା, ବସନ୍ତ ଦାଶଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସତ୍ୟବାଦୀରୁ ୧୬ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

**ସାକ୍ଷୀଗୋପାଳ, ୧।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):** ସ୍ଥାନୀୟ ପଞ୍ଚସଖା ଖେଳ ପଡିଆରେ ମଣ୍ଡଳସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାକୁ ସତ୍ୟବାଦୀ ବ୍ଲକ ଶିକ୍ଷାଧିକାରୀ ଭବମ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀଛାତ୍ରମାନେ ପାଠପଢ଼ା ସହ କ୍ରୀଡ଼ାରେ ଯେଭଳି ଅଧିକ ପାରଦର୍ଶିତା ଦେଖାଇପାରିବେ ସେ ନେଇ ସତ୍ୟବାଦୀ ଶିକ୍ଷା ମଣ୍ଡଳରେ ଥିବା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟ କରିବା ଉଚିତ ବୋଲି ସତ୍ୟବାଦୀ ମଣ୍ଡଳ କ୍ରୀଡ଼ା ସମ୍ପାଦକ ସୁଚିତ୍ର ଖଟେଇ କହିଥିଲେ। ପ୍ରତିଯୋଗିତାରେ ସତ୍ୟବାଦୀ ମଣ୍ଡଳର ୨୫ଟି ବିଦ୍ୟାଳୟରୁ ଜୁନିୟର ବିଭାଗ ଓ ସିନିୟର ବିଭାଗର ୧୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଭୟ ବିଭାଗରୁ ୮ ଜଣ ଲେଖାଏଁ ସମୁଦାୟ ୧୬ ଜଣ କୃତୀ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଶାରୀରିକ ଶିକ୍ଷକ ପୁଷ୍ପାଞ୍ଜଳି ଜେନା, ମୌସୁମୀ ଦାଶ, ଦାମୋଦର ମିଶ୍ର, ଉମାକାନ୍ତ ନାୟକ, ଚୟନକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସଂଗ୍ରାମ ମହାନ୍ତି, ସନ୍ଦୀପ ତ୍ରିପାଠୀ ଖେଳ ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ମହାବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଳଙ୍ଗା, ୧।୧୧ (କେଦାରେଶ୍ୱର ନନ୍ଦ):** ସ୍ଥାନୀୟ ବଳଙ୍ଗା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତଃମହାବିଦ୍ୟାଳୟ ଭଲିବଲ ଟୁର୍ନାମେଣ୍ଟ ୨ୟ ଜୋନ୍ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ଅଂଶଗ୍ରହଣ କରିଥିବା ୬ଟି ଦଳ ମଧ୍ୟରେ ଭୁବନେଶ୍ୱରସ୍ଥିତ ଅଭିନବ ବିଦ୍ରା ପ୍ରତିଷ୍ଠାନ, କଣାସ ଦୟାବିହାର କଲେଜ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱର, ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଜଗତ୍‌ସିଂହପୁର, ଗୋଦାବରୀଶ ମହାବିଦ୍ୟାଳୟ ବାଣପୁର, କୋଣାର୍କ ଭଗବତୀ ମହାବିଦ୍ୟାଳୟ ସାମିଲ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷ ପ୍ରଭାତ କୁମାର ସାହୁ, ବଳଙ୍ଗା ଥାନା ଉପଖଣ୍ଡ ଅଧିକାରୀ କେଦାର ଚନ୍ଦ୍ର ଦୋରା, ଶିକ୍ଷା ଅଧ୍ୟାପକ ନୀଳକଣ୍ଠ ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅଧ୍ୟାପକ ଚନ୍ଦ୍ରକାନ୍ତ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକାରିଣୀ କର୍ମକର୍ତ୍ତା ଭାବରେ ପ୍ରମୋଦ କୁମାର ବରାଳ, ସୀତାରାମ ଖଟୋଇ, ବୀରବର ଭଞ୍ଜ ତଥା ଜ୍ଞାନରଞ୍ଜନ ସାହୁ ଉପସ୍ଥିତ ରହି ଖେଳାଳି ଚୟନ କରିଥିଲେ।

## ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖି ଯୁବକ ଗିରଫ

**କାକଟପୁର,୧।୧୧(ଶୁଭଦର୍ଶନ ମିଶ୍ର):** କାକଟପୁର ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗରେ ଯୁବକ ବୁଧବାର ଗିରଫ ହୋଇଛନ୍ତି। ସେ ହେଲେ ଥାନା ଅଧୀନ ସୁହାଣପୁର ଗ୍ରାମର ଦେବବ୍ରତ ଘଡେଇ। ଏନେଇ ପୋଲିସ ଦଫା ୩୪୨, ୩୨୩, ୩୭୬, ୫୦୬ ଓ ୬ ପୋକ୍‌ସୋ ଆଇନରେ ୨୧୪/୨୦୨୩ ରେ ଏକ ମାମଲା ରୁଜୁ କରି ପୁରୀ କୋର୍ଟକୁ ଚାଲାଣ କରିଛି। ପ୍ରକାଶ ଯେ, ଦେବବ୍ରତ ନାବାଳିକାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ତାଙ୍କ ସହ ୨ ମାସ ଧରି ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଦେବବ୍ରତ ନାବାଳିକାଙ୍କୁ ଦେହ ବେପାରରେ ଲଗାଇବାକୁ ଯୋଜନା କରୁଥିବା ଜାଣିପାରି ସେ ଭୁବନେଶ୍ୱରରୁ ଖସି ଆସି କାକଟପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସୁହାଣପୁର ଗ୍ରାମରେ ଚଢ଼ାଉ କରି ଦେବବ୍ରତଙ୍କୁ କାବୁ କରିଥିଲା।

## ୧୨, ୧୩ରେ ଦକ୍ଷିଣକାଳୀ ପୂଜା

**ସାକ୍ଷୀଗୋପାଳ, ୧।୧୧(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର):** ପୁରୀ ଜିଲା ପ୍ରସିଦ୍ଧ ତନ୍ତ୍ରପୀଠ ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଗ୍ରାମରେ ଚଳିତ ମାସ ୧୨ ଓ ୧୩ରେ ମା’ ଦକ୍ଷିଣକାଳୀଙ୍କର ପୂଜା ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁଙ୍କ ସମାବେଶକୁ ଲକ୍ଷ୍ୟ କରି ପୁରୀ ଜିଲା ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଶୃଙ୍ଖଳିତ ଦର୍ଶନ ସହିତ ଯାତ୍ରା ପରିଚାଳନା ନିମନ୍ତେ ବୁଧବାର ସନ୍ଧ୍ୟାରେ ମା’ ଦକ୍ଷିଣକାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଦେବୀଙ୍କ ପୂଜା, ଦର୍ଶନ, ଦେବନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାଳୀପୂଜା ପୂର୍ବରୁ ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଓ ପରିମଳ, ଅଗ୍ନିଶମ, ଆଇନ ଶୃଙ୍ଖଳା ନିୟନ୍ତ୍ରଣ, ଟ୍ରାଫିକ ନିୟନ୍ତ୍ରଣ, ଆମ୍ବୁଲାନ୍ସ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶୁ ଚିକିତ୍ସାକେନ୍ଦ୍ର ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ପିପିଲି ଏସଡିପିଓ ବିରଞ୍ଚି ନାରାୟଣ ପତି, ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା, ବିଡିଓ ଲିପ୍ସା ରାୟ, ବ୍ଲକ ଅଧକ୍ଷ ସୁନୀଲ ପଣ୍ଡା, ଅଗ୍ନିଶମ ଅଧିକାରୀ ମନୋଜ ପାତ୍ର, ଗ୍ରାମ କୋଠ ସଭାପତି ନବକିଶୋର ନନ୍ଦ, ୩୩ ନମ୍ବର ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଦୁଗଲ ସରପଞ୍ଚ ଚିନ୍ମୟୀ କ୍ରିଷ୍ଣବେଣୀ ଭଞ୍ଜଙ୍କ ସମେତ କୋଠର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବାକି ଟଙ୍କା ମାଗିବାରୁ ଛୁରାମାଡ଼, ଆକ୍ରମଣକାରୀ ଗିରଫ

**ଗୋପ,୧।୧୧ (ଭାରତୀ ଭୂଷଣ ଉପାଧ୍ୟାୟ)**

ଦୋକାନର ବାକି ଟଙ୍କା ମାଗିବାରୁ ଜଣେ ବ୍ୟକ୍ତି ଦୋକାନୀଙ୍କୁ ଛୁରିରେ ଆକ୍ରମଣ କରି ବୁଧବାର ଗିରଫ ହୋଇଛନ୍ତି। ସେ ହେଲେ ଗୋପ ଥାନା ଅଧୀନ ତରଙ୍ଗିରା ସହିଦାବାଦର ଆଲୋକ ମାଝୀ (୪୨)। ଏନେଇ ପୋଲିସ ୪୪୪/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଉକ୍ତ ଗ୍ରାମର ଦିଲୀପ ସ୍ୱାଇଁ ସହିଦାବାଦଠାରେ ଡାଲି ଚାଉଳ ଦୋକାନ କରିଛନ୍ତି। କିଛି ଦିନ ତଳେ ଆଲୋକ ଦୋକାନରୁ ବାକିରେ ସଉଦା ନେଇଥିଲେ। ଦିଲୀପ ଆଲୋକଙ୍କୁ ବାକି ଥିବା ତାଙ୍କ ୫ ହଜାର ଟଙ୍କା ମାଗିଥିଲେ। ଏଥିରେ ଆଲୋକ ରାଗିଯାଇ ଦୋକାନରେ ଥିବା ଏକ ଛୁରିରେ ଦିଲୀପଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଆଲୋକଙ୍କୁ କାବୁ କରି ମାଡ଼ ମାରିବା ପରେ ପୋଲିସଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋକଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଛୁରି ଜବତ କରିଥିଲା। ଗୁରୁବାର ଆଲୋକଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ମହେଶ୍ୱର ସେଠୀ କହିଛନ୍ତି।

## ବ୍ୟାଙ୍କକୁ ଆସୁନାହାନ୍ତି କର୍ମଚାରୀ : ଲୋକେ ହୀନସ୍ତା

**କାକଟପୁର, ୧।୧୧ (ଶୁଭଦର୍ଶନ ମିଶ୍ର):** କାକଟପୁର ବ୍ଲକ ମୁଖ୍ୟ ବଜାରରେ ଥିବା ୟୁକୋ ବ୍ୟାଙ୍କକୁ ନିୟମିତ କର୍ମଚାରୀ ଆସୁନଥିବାରୁ ଲୋକେ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ବରିଷ୍ଠ ନାଗରିକ ଓ ପେନସନ୍‌ଭୋଗୀ ମହିଳାମାନେ ଗୋଟିଏ କାଉଣ୍ଟରରେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇରହୁଥିବା ବେଳେ ଟଙ୍କା ଉଠାଣ ଓ ଡିପୋଜିଟ୍ ପାଇଁ ଗୋଟିଏ କାଉଣ୍ଟର ବ୍ୟତୀତ ଆଉ କେଉଁଠି କର୍ମଚାରୀ ଦେଖିବାକୁ ମିଳୁନାହିଁ। ଏ ସମ୍ପର୍କରେ ଶାଖା କର୍ମଚାରୀଙ୍କୁ ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ମୁଦ୍ରା ଯୋଜନାରେ ଋଣ ନେଇଥିବା ହିତାଧିକାରୀଙ୍କଠାରୁ ବ୍ୟାଙ୍କ କର୍ମଚାରୀମାନେ ଚଞ୍ଚକତା କରି ହାତ ଚିକ୍କଣ କରୁଥିବା ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତୁରନ୍ତ ୟୁକୋ ବ୍ୟାଙ୍କ କାକଟପୁର ଶାଖାକୁ ତଦନ୍ତ ପରିସରଭୁକ୍ତ କରାଗଲେ ବହୁ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଲକ୍ଷ୍ମୀପୂଜା ମଣ୍ଡପ ବୁଲିଲେ ବିଧାୟକ, ଭାଜପା ନେତା

**ଚାରିଛକ,୧।୧୧(ଶିଶିର ସ୍ୱାଇଁ)**



ନିମାପଡ଼ା ବ୍ଲକ ଅଧୀନ ଭୋଦର ପଞ୍ଚାୟତର ପ୍ରତି ଗାଁରେ ହୋଇଥିବା ମା’ ଗଜଲକ୍ଷ୍ମୀଙ୍କୁ ବିଧାୟକ ସମୀର ରଞ୍ଜନ ଦାଶ ବୁଧବାର ବୁଲି ମା’ଙ୍କ ଆଶୀର୍ବାଦ ନେଇଛନ୍ତି। ବିଧାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ବାଜା ବଜାଇ ପ୍ରସେଶନରେ ପୂଜା ମଣ୍ଡପକୁ ପାଛୋଟି ନେବା ସହିତ ମହିଳାମାନେ ହୁଳହୁଳି ପକାଇ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପଞ୍ଚାୟତର ଚାରିଛକ, ବିଶୀମାତ୍ରି, ଯୁଣ୍ଡପୁରୁ, ନାଲବାଗ ପ୍ରମୁଖ ପୂଜା ମଣ୍ଡପ ବୁଲି ମା’ଙ୍କୁ ଦର୍ଶନ କରି ଅଞ୍ଚଳର ମଙ୍ଗଳ କାମନା କରିଥିଲେ। କାର୍ଯ୍ୟକ୍ରମରେ ବିଜେଡିର ନେତା ଏବଂ ଶହେରୁ ଉର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ସେହିପରି ଭାଜପା ନେତା ଦିଲୀପ ନାୟକ ଭୋଦର, ଛଣିଜଙ୍ଗ, ବାହାରଣା ଆଦି ପଞ୍ଚାୟତର ପୂଜାମଣ୍ଡପ ବୁଲି ମା’ଙ୍କୁ ଦର୍ଶନ କରି ଲୋକଙ୍କ ଶୁଭ ମନାସିଛନ୍ତି। ବିଭିନ୍ନ ପଞ୍ଚାୟତର ମା’ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ନିମାପଡ଼ା ଭାଜପା କର୍ମୀ ପ୍ରଦୀପ୍ତ ନାୟକ, ସନ୍ତୋଷ ରଥ, ଦୁର୍ଯ୍ୟୋଧନ ମହାନ୍ତି, ବାବୁରାମ ଦାସ, ଛଣିଜଙ୍ଗ ପଞ୍ଚାୟତ ସରପଞ୍ଚ ଅଜୟ ପରିଡ଼ା, ବଳରାମ ନାୟକ, ଛଣିଜଙ୍ଗ ପଞ୍ଚାୟତ ଭାଜପା ସଭାପତି ଅଭୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୁଆଁରୀ ଝିଅଙ୍କୁ ସୁରକ୍ଷା ଦିଅନ୍ତି ପାଳଭୂତ

**ଦୁଇ ଶହ ବର୍ଷ ଧରି ବଞ୍ଚିଛି ପରମ୍ପରା**

**ଗୋପ,୧।୧୧(ଭାରତୀ ଭୂଷଣ ଉପାଧ୍ୟାୟ)**

ଦୁଇ ଶହ ବର୍ଷ ଧରି ଗୋପ ବ୍ଲକ ଅଧୀନ ମହଲପଡ଼ା ପଞ୍ଚାୟତ ଓରେଇ ଗ୍ରାମରେ ବଞ୍ଚିଛି ପାଳଭୂତ ପରମ୍ପରା। ଗ୍ରାମରେ ଏହା ଏକ ଭିନ୍ନ ପରମ୍ପରା ଭାବରେ ଦେଖିବାକୁ ମିଳେ। ଏହି ପାଳଭୂତ ପରମ୍ପରାର ମୁଖ୍ୟ ଉଦ୍ଦେଶ୍ୟ କୁଆଁରୀ ଝିଅମାନେ ରାତିସାରା ଖେଳକୁଦରେ ବ୍ୟସ୍ତ ରହୁଥିବାବେଳେ ପାଳଭୂତ ସେମାନଙ୍କୁ ସୁରକ୍ଷା ଯୋଗାଇ ଥାନ୍ତି। ପ୍ରକାଶ ଯେ କାହିଁ କେଉଁ କାଳରୁ ଗ୍ରାମରେ ଏପରି ଏକ ଭିନ୍ନ ପରମ୍ପରା ପାଳନ ହୋଇଆସୁଛି। କୁମାର ପୂର୍ଣ୍ଣିମା ଉତ୍ସବ ଅବସରରେ ଗାଁର ଯୁବକମାନେ ପାଳଭୂତ ଭାବରେ ପ୍ରସ୍ତୁତ ହେବା ପରେ ପାରମ୍ପରିକ ବାଦ୍ୟ ସହିତ ନାଚି ନାଚି ବିଭିନ୍ନ ପଡ଼ା ଗାଁ ବୁଲିଥାନ୍ତି। ଏପଟେ ଗାଁର କୁମାରୀ ଝିଅମାନେ ‘କୁଆଁର ପୂନେଇଁ ଜହ୍ନଲୋ ଫୁଲ ବଉଳବେଣୀ’ ଗୀତ ମାଧ୍ୟମରେ ବିଭିନ୍ନ ଖେଳକୁଦରେ ବ୍ୟସ୍ତ ରହିଥାନ୍ତି।



ଏପରି ଏକ ପରମ୍ପରା ସମ୍ପର୍କରେ ଗ୍ରାମର ବରିଷ୍ଠ ବ୍ୟକ୍ତିମାନେ କୁହନ୍ତି, ଏହି ପାଳଭୂତ ପରମ୍ପରା କାହିଁ କେଉଁ କାଳରୁ ଚାଲି ଆସିଥିବାବେଳେ ଗାଁର କୁଆଁରୀ ଝିଅଙ୍କୁ କେବଳ ସୁରକ୍ଷା ଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଗାଁରେ ମା’ ଲକ୍ଷ୍ମୀଙ୍କ ମୂର୍ତ୍ତି ବସାଯାଇ ପୂଜାର୍ଚ୍ଚନା ହେବା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥାଏ। ଯୁବକମାନେ ଗଛ ଡାଳପତ୍ର ସହିତ ଆଉ କେତେକ ଜିନିଷ ଦେହରେ ଧାରଣ କରି ପାଳଭୂତ ହୋଇ ଥିବାବେଳେ ଆଉ କେତେକ ଯୁବକ ମଧ୍ୟ ଅନ୍ୟ ବେଶରେ ବାହାରି ଥାଆନ୍ତି। ଏବେ ବିଭିନ୍ନ ଗାଁରେ ଅନେକ ପରମ୍ପରା ବିଲୁପ୍ତ ହେଉଥିବାବେଳେ ଓରେଇ ଗ୍ରାମରେ ଏପରି ଏକ ପରମ୍ପରା ବଞ୍ଚି ରହିଛି।

# ଅବଢ଼ା ଦର ବୃଦ୍ଧିକୁ ନେଇ ଅସନ୍ତୋଷ

ପୁରୀ,୧।୧୧(ଅଜିତ୍ ମହାନ୍ତି)

କାର୍ତ୍ତିକ ମାସ ଆରମ୍ଭରୁ ଅବଢ଼ା ଦର ବୃଦ୍ଧିକୁ ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଆନନ୍ଦ ବଜାରରେ ଅଣସେବାୟତଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇପାରୁନାହିଁ। ଫଳରେ ଅନେକ ସମୟରେ ବିଶୃଙ୍ଖଳା ଦେଖିବାକୁ ମିଳୁଛି।

ବିଶ୍ୱାସ ଅନୁଯାୟୀ, ପବିତ୍ର କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ଦର୍ଶନ କରି କୈବଲ୍ୟ କଣିକା ଟିକିଏ ପାଇଲେ ପୁଣ୍ୟ ମିଳିଥାଏ। ତେଣୁ ମହାପ୍ରସାଦ କଣିକାଏ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଥାଏ। ମାତ୍ର ଏବେ ମହାପ୍ରସାଦ ଦର ମନଇଚ୍ଛା ନିଆଯାଉଛି। ଗତ ସେପ୍ଟେମ୍ବର ୧୩ରେ ଅନୁଷ୍ଠିତ ଶୃଙ୍ଖଳା କମିଟି ବୈଠକରେ ଆନନ୍ଦ ବଜାରରେ ଅଣସୂପକାର ପ୍ରବେଶ ବାରଣ କରାଯାଇଥିବା କଥା କୁହାଯାଇଥିଲା। ସୂପକାରଙ୍କ ସାଙ୍ଗରେ କେବଳ ଦୁଇଜଣ ସହାୟକ ରହିବା ନେଇ ନିଷ୍ପତ୍ତି ହୋଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ସେହିପରି ଅବଢ଼ା ଦର ଧାର୍ଯ୍ୟ କରାଯିବା ଓ ଆନନ୍ଦ ବଜାରରେ ଶୃଙ୍ଖଳା ପାଇଁ ସୁଆର ମହାସୁଆର ନିଯୋଗ ଦାବି କରିଆସୁଛି। ମାତ୍ର ୪ ମାସ ତଳେ ଏକ



ସବ୍‌କମିଟି ବୈଠକ କରି ପ୍ରଶାସନ ଚୁପ ବସିଛି। ଉତ୍ତରଦ୍ୱାର ପଟେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ଥିବାରୁ କେତେଜଣ ହକର ବା ଦଲାଲ ଏହାର ଫାଇଦା ନେଉଛନ୍ତି। ସେମାନେ ଭକ୍ତଙ୍କୁ ଚଢ଼ା ଦରରେ ମହାପ୍ରସାଦ ବିକୁଛନ୍ତି। ଫଳରେ ଅସନ୍ତୋଷ ଜାହିର କରୁଛନ୍ତି ଭକ୍ତ। ସେହିପରି ଅସ୍ୱଚ୍ଛ ଟଙ୍କତୋରାଣି ଓ କ୍ଷୀର, ରାବିଡ଼ି ବିକ୍ରିକୁ ନିଷେଧ କରାଯାଇଥିଲେ ମଧ୍ୟ ଅନେକ ବେପାରୀ ତାହା ବିକ୍ରି କରୁଛନ୍ତି। ଏହା ଭକ୍ତଙ୍କ ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇପାରେ ବୋଲି କୁହାଯାଉଛି। ରୋଷଘର ଦର୍ଶନ ନେଇ କୌଣସି ନିର୍ଦ୍ଦିଷ୍ଟ ସମୟ ନ ଥିବାରୁ ଅନେକ ସମୟରେ ଅବଢ଼ା ମାରା ହୋଇ କ୍ଷତି ହେଉଛି। ଏନେଇ ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ଆନନ୍ଦ ବଜାରରେ ଶୃଙ୍ଖଳା ଓ ମହାପ୍ରସାଦ ଦର ନିର୍ଦ୍ଧାରଣ ନେଇ ୪ ମାସ ତଳେ ଏକ ସବ୍‌କମିଟି ଗଠନ କରାଯାଇଥିଲା। ପରେ ୪ଟି ବୈଠକ ମଧ୍ୟ ହୋଇସାରିଲାଣି। ୧୨ଟି ପ୍ରସଙ୍ଗରେ ଆଲୋଚନା କରାଯାଇ ଅନୁମୋଦନ ପାଇଁ ମୁଖ୍ୟ ପ୍ରଶାସକଙ୍କ ନିକଟକୁ ପଠାଯାଇଥିଲା। ସେଗୁଡ଼ିକ ଅନୁମୋଦିତ ହୋଇସାରିଲାଣି। ହେଲେ ଫଳ ଶୂନ। ଏ ସଂକ୍ରାନ୍ତରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ କି ନିରାଶ ହେବାକୁ ପଡୁଛି। ସେହିପରି ଅବଢ଼ା ପ୍ରସ୍ତୁତ ପାଇଁ କାଠର ସମସ୍ୟା ରହୁଛି। ପୂର୍ବାପେକ୍ଷା ଅଧିକ ମୂଲ୍ୟରେ କାଠ କିଣାଯାଉଛି। ଶ୍ରୀମନ୍ଦିର ନାମରେ କାଠ ଆସି ଅନ୍ୟ ସ୍ଥାନକୁ ଯାଉଛି। ତେଣୁ କୋଟା ଅନୁଯାୟୀ କାଠ ଯୋଗାଇ ଦିଆଯାଉ। ଆଗାମୀ ଦିନରେ ଆନନ୍ଦ ବଜାର ଶୃଙ୍ଖଳା ଦିଗରେ ପଦକ୍ଷେପ ନିଆ ନ ଗଲେ ମହାପ୍ରସାଦ ରାନ୍ଧିବା ବନ୍ଦ କରିବାକୁ ବାଧ୍ୟ ହେବେ ବୋଲି ମହାସୁଆର କହିଛନ୍ତି। ପୁରୀ ବାସିନ୍ଦା ଦିଲୀପ ବରାଳ କହିଛନ୍ତି, କାର୍ତ୍ତିକ ମାସରେ ଯେଉଁଭଳି ମହାପ୍ରସାଦର ଦର ଅଧିକ ରହୁଛି ତାହା ବାଧୁଛି। ମହାପ୍ରସାଦ ଦର ନେଇ ୨୦୧୯ରେ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଥିଲେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟକାରୀ କରୁନାହିଁ। ପ୍ରଶାସନ ଆଜି ପର୍ଯ୍ୟନ୍ତ ମହାପ୍ରସାଦ ଦର ନିର୍ଣ୍ଣୟ କରି ତାଲିକା ଲଗାଇପାରିଲା ନାହିଁ। ଫଳରେ ଭକ୍ତ ଶୋଷଣର ଶିକାର ହେଉଛନ୍ତି। ଏ ଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଗୁଜରାଟରୁ ଆସିଥିବା ଶ୍ରଦ୍ଧାଳୁ ଇରାଲ ଭଟ୍ଟ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ କରି ଭଲ ଲାଗିଲା, କିନ୍ତୁ ବ୍ୟବସ୍ଥାକୁ ନେଇ ମନ ଦୁଃଖ ହେଲା। ମହାପ୍ରସାଦ ପାଇଁ ଅଧିକ ଅର୍ଥ ଦାବି କରୁଛନ୍ତି, ଯାହା ଠିକ୍ ନୁହେଁ। ଠାକୁରଙ୍କୁ ନେଇ ବ୍ୟବସାୟ କରିବା ଠିକ୍ ନୁହେଁ। ଭଗବାନଙ୍କ ନିକଟକୁ ଭକ୍ତ ଆସିଛି। ଭକ୍ତ ତାଙ୍କ କ୍ଷମତା ଅନୁଯାୟୀ ଠାକୁରଙ୍କୁ ଯାହା ଅର୍ପଣ କରିବା କଥା, ଜୋର ଜବରଦସ୍ତି କରାଯିବା ଅନୁଚିତ। ଏଥିପ୍ରତି ପ୍ରଶାସନ ନଜର ଦେବା ଆବଶ୍ୟକ। ସେହିପରି କଟକରୁ ଆସିଥିବା ଭକ୍ତ ସମ୍ପିତ ଦାଶ କହିଛନ୍ତି, ମହାପ୍ରଭୁଙ୍କ ନିକଟକୁ ଆସିଲେ ମହାପ୍ରସାଦ ପାଇବା ପାଇଁ ସମସ୍ତଙ୍କ ଇଚ୍ଛା ରହିଥାଏ। ମାତ୍ର ମହାପ୍ରସାଦର ଦର ଅଧିକ ରହୁଛି, ଫଳରେ ଗରିବ ଶ୍ରେଣୀର ଭକ୍ତ ମହାପ୍ରସାଦ ପାଇବାରେ ସମସ୍ୟା ହେଉଛି। ତେଣୁ ଉପଯୁକ୍ତ ଦର ନିର୍ଦ୍ଧାରଣ କରାଯାଉ। ଯାହାଫଳରେ ସମସ୍ତେ ମହାପ୍ରସାଦ ପାଇପାରିବେ।

**ଆନନ୍ଦ ବଜାରରେ ଆସିପାରୁନି ଶୃଙ୍ଖଳା**

- ■କାର୍ଯ୍ୟକାରୀ ହେଉନି କୋର୍ଟଙ୍କ ନିର୍ଦ୍ଦେଶ
- ■ମହାପ୍ରସାଦ ପ୍ରସ୍ତୁତ ବନ୍ଦ କରିବାକୁ ଚେତାବନୀ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ନ୍ୟାଶନାଲ ଡ୍ରିଙ୍କିଙ୍ଗ ୱାଟର ସୁମିଟ୍ ୨୦୨୩, ଆଇଟିସି ୱାଲକମ୍, ପୂର୍ବାହ୍ନ ୧୦ଟା।
- ଉତ୍କଳ ଡ୍ୟାନ୍ସ ଆଣ୍ଡ ରିସର୍ଚ୍ଚ ଏକାଡେମୀ ପକ୍ଷରୁ ୨୦ତମ କୁମାର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୫ଟା।
- ଶ୍ୱେତ ସଙ୍କେତର ସର୍ଜନ ସନ୍ଧ୍ୟା, କେଦାରନାଥ ଗବେଷଣା କେନ୍ଦ୍ର, ସନ୍ଧ୍ୟା ୬ଟା ୩୦।
- ଗୀତିକାର ରଘୁନାଥ ରାଉତଙ୍କୁ ଭିକାରୀ ବଳ ସମ୍ମାନ, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

## ଯୁଜି, ପିଜି ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି

ଭୁବନେଶ୍ୱର, ୧।୧୧(ଅସମାପିକା ସାହୁ): ରାଜ୍ୟରେ ଥିବା ଡିଗ୍ରୀ କଲେଜରେ ଯୁକ୍ତ୩ ବା ଯୁଜି ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ୪ ତାରିଖରୁ ଆବେଦନ ଆରମ୍ଭ ହେବ। ଏ ନେଇ ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୨ତାରିଖ ରାତି ୧୧ଟା ୪୫ସୁଦ୍ଧା ଛାତ୍ରୀଛାତ୍ର ଆବେଦନ କରିପାରିବେ। ୧୭ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ୧୮ରୁ ୨୦ତାରିଖ ମଧ୍ୟରେ ମନୋନୀତ ଛାତ୍ରୀଛାତ୍ର ନାମଲେଖାଇବେ। ୨୫ତାରିଖ ଅପରାହ୍ନ ୨ଟାରେ ଓ୍ୱେଟିଂ ଲିଷ୍ଟର ମେଧା ତାଲିକା ପ୍ରକାଶ ପାଇବ। ଏହି ଛାତୀଛାତ୍ର ୨୮ ଏବଂ ୨୯ତାରିଖ ସକାଳ ୧୦ଟାରୁ ଅପରାହ୍ନ ୫ଟା ଭିତରେ ନାମଲେଖାଇବେ। ରାଜ୍ୟରେ ୧,୦୪୭ଟି ଡିଗ୍ରୀ କଲେଜରେ ୨,୭୧,୦୯୧ ସିଟ୍ ଥିବା ବେଳେ ୧,୮୭,୦୭୦ଟି ପୂରଣ ହୋଇଛି। ଦୁଇଟି ପର୍ଯ୍ୟାୟରେ ନାମଲେଖା ହୋଇଥିଲେ ସୁଦ୍ଧା ବଳକା ରହିଥିବା ୮୪,୦୨୧ଟି ସିଟ୍‌ରେ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ତୃତୀୟ ପର୍ଯ୍ୟାୟ ଆବେଦନ ପାଇଁ ବିଜ୍ଞପ୍ତି ଜାରି କରିଛି। ସେହିପରି ପିଜି ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ୭ ତାରିଖରୁ ଆବେଦନ ପ୍ରକ୍ରିୟା ଆମ୍ଭ ହେବ।

## ଅନେକତା ମଧ୍ୟରେ ଏକତା ହିଁ ଭାରତୀୟତା



ରାଜଭବନରେ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟପାଳ ରଘୁବର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

**ରାଜଭବନରେ ୧୩ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଷ୍ଠା ଦିବସ**

ଆମର ଭାଷା ଅନେକ, ମାତ୍ର ଭାବ ଏକ। ଆମର ପନ୍ଥା ଅନେକ, କିନ୍ତୁ ଲକ୍ଷ୍ୟ ଏକ। ଅନେକତା ମଧ୍ୟରେ ଏକତା ହିଁ ଭାରତୀୟତା। ଏହା ଆମ ପରିଚୟର ମୂଳ ଆଧାର ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି। ବୁଧବାର ରାଜଭବନରେ ଆୟୋଜିତ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ ଦାସ କହିଛନ୍ତି, ଆମ ଇତିହାସ, ଐତିହ୍ୟ, ସଂସ୍କୃତି ଓ ପରମ୍ପରାରେ ଯେଉଁ ମୌଳିକତା ଅଛି, ତାହାକୁ ଅନୁସରଣ କରିବା ଦରକାର। 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ସଂକଳ୍ପକୁ ବାସ୍ତବତାରେ ପରିଣତ କରିବା ପାଇଁ ପ୍ରତ୍ୟେକେ ନିଜ ସ୍ତରରେ ପ୍ରୟାସ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଆନ୍ଧ୍ରପ୍ରଦେଶର ଭି. ଶ୍ରୀନିବାସ, ଛତିଶଗଡ଼ର ବିବେକ ଯାଦବ, ହରିୟାଣାର ଗୌରବ ଛାବ୍ରା, କର୍ନାଟକର ଲକ୍ଷ୍ମୀନାରାୟଣ ଭଟ୍ଟ, କେରଳର ଓ.ଜେ. ମାଥ୍ୟୁ, ମଧ୍ୟପ୍ରଦେଶର ରିଶିକା ଖେରେ, ପଞ୍ଜାବର ରାଜିନ୍ଦର ସିଂ, ତାମିଲନାଡୁର ଏସ୍. ଦୋରାଇ ସ୍ୱାମୀ, ଚଣ୍ଡିଗଡ଼ର ଯତୀନ୍ ସୈନି, ପୁଡୁଚେରୀର କୃଷ୍ଣକୁମାର ପ୍ରମୁଖ ଓଡ଼ିଶାରେ ନିଜର ଅନୁଭବ ଓ ଉପଲବ୍ଧି ପ୍ରକାଶ କରିଥିଲେ। ବିଭିନ୍ନ ରାଜ୍ୟର ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ସଂଗ୍ରାମ ଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଶ୍ୱବିଦ୍ୟାଳୟରେ ମିଳିବ ମାଗଣା ୱାଇଫାଇ ସେବା

ଭୁବନେଶ୍ୱର, ୧।୧୧
(ଅସମାପିକା ସାହୁ)

ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟରେ ୱାଇଫାଇ ସେବା ମିଳିବ। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସୁବିଧା ପାଇଁ ମାଗଣାରେ ୱାଇଫାଇ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ଡିଜିଟାଲ ମାଧ୍ୟମରେ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଇ-ଲାଇବ୍ରେରି ସହିତ କମ୍ପ୍ୟୁଟର ଲ୍ୟାବ୍ ଖୋଲିବା ପରେ ଏବେ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ପରିସରକୁ ୱାଇଫାଇ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏନେଇ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ବୁଧବାର ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର ପରିସର ୱାଇଫାଇଯୁକ୍ତ ହେବ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କୁ ୱାଇଫାଇ ସୁବିଧା ମାଗଣାରେ ମିଳିପାରିବ। ଏହି ସୁବିଧା ମିଳିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ସୁବିଧା ହେବ। ବର୍ତ୍ତମାନ ସମୟରେ ଅଧିକାଂଶ ପାଠ୍ୟପୁସ୍ତକ ଅନ୍‌ଲାଇନ୍‌ରେ ଉପଲବ୍ଧ ରହୁଛି। ମାଗଣା ଇଣ୍ଟରନେଟ୍ ସୁବିଧା ଦିଆଯିବା ଦ୍ୱାରା ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଏହା ସହାୟକ ହେବ। ଫଳରେ ଶୈକ୍ଷିକ ବାତାବରଣରେ ଉନ୍ନତି ଆସିପାରିବ। ତେଣୁ ଛାତ୍ରୀଛାତ୍ରଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ଏଥିପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ୱାଇଫାଇ ନେଟ୍‌ୱର୍କ ଇନ୍‌ଷ୍ଟଲେଶନ ବା ସ୍ଥାପନ ଲାଗି ବ୍ୟୟ ଅଟକଳ ପ୍ରସ୍ତାବ ଦେବା ପାଇଁ କୁଳସଚିବମାନଙ୍କୁ କୁହାଯାଇଛି।

## ମାନ୍ୟତା ନ ଥିବା କଲେଜ ତାଲିକା ମାଗିଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର, ୧।୧୧(ଅସମାପିକା ସାହୁ)

ରାଜ୍ୟରେ ବହୁ କଲେଜ ବୈଧ ମାନ୍ୟତା ନ ପାଇ ପିଲାଙ୍କ ନାମଲେଖାଛନ୍ତି। ଏହାକୁ ନେଇ ଉଚ୍ଚଶିକ୍ଷା ବିଭାଗ ଉଦ୍‌ବେଗ ପ୍ରକାଶ କରିଛି। ଏ ନେଇ ବିଭାଗ ପକ୍ଷରୁ ବୁଧବାର ଭୁବନେଶ୍ୱର, ବ୍ରହ୍ମପୁର, ବାଲେଶ୍ୱର, ସମ୍ବଲପୁର ଓ ଜୟପୁର ଆଦି ୫ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇ ଏଭଳି କଲେଜର ତାଲିକା ତୁରନ୍ତ ଦେବା ପାଇଁ ନିର୍ଦ୍ଦେଶ ଦେଇଛି। ମାନ୍ୟତା ନ ଥିବା ଏହି କଲେଜଗୁଡ଼ିକ ୨୦୨୩-୨୪ ଶିକ୍ଷାବର୍ଷରେ ମଧ୍ୟ ନାମ ଲେଖାଇଛନ୍ତି। ବିଭିନ୍ନ କାରଣରୁ ବିଶ୍ୱବିଦ୍ୟାଳୟଠାରୁ ଏହି କଲେଜଗୁଡିକ ଅନୁମୋଦନ ପାଇବାରେ ଅସମର୍ଥ ହୋଇଥିଲେ ମଧ୍ୟ ନାମଲେଖା ଜାରି ରଖିଛନ୍ତି। ସାମ୍ନ ଏବଂ ଅଫ୍‌ଲାଇନ୍‌ରେ କିଛି କଲେଜରେ ନାମଲେଖା ହୋଇଛି। ପିଲାମାନେ ଫେକ୍ କଲେଜର ମାୟାଜାଲରେ ପଡ଼ି ନାମଲେଖାଉଛନ୍ତି, ପାଠ ମଧ୍ୟ ପଢୁଛନ୍ତି। ମାତ୍ର ଅନୁମୋଦନ ନ ଥିବାରୁ ନା ପରୀକ୍ଷା ଦେଇପାରୁଛନ୍ତି ନା ବିଶ୍ୱବିଦ୍ୟାଳୟ ରେଜଲ୍ଟ ପ୍ରକାଶ କରୁଛି। କେବଳ ଡିଗ୍ରୀ କଲେଜ ନୁହେଁ, ପ୍ରଫେସନାଲ୍ କୋର୍ସ ଥିବା କଲେଜଗୁଡ଼ିକ ଏ ବର୍ଷ ନାମ ଲେଖାଇଥିବା ଜଣାପଡିଛି। ତେଣୁ ଯଥାଶୀଘ୍ର ଏହି କଲେଜଗୁଡ଼ିକର ତାଲିକା ଦେବା ପାଇଁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରଶ୍ମିକାନ୍ତ



@ ଅଗସ୍ତି



@ ଅଂଶୁମାନ୍



@ ଲବକିଶୋର



@ ବିକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଚିତ୍ରଶିଳ୍ପୀ ସୂର୍ଯ୍ୟସ୍ନାତାଙ୍କ କଳସକୁ ଚୟନକଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧।୧୧(ଶର୍ମିଷ୍ଠା ପାଣିଗ୍ରାହୀ)



ମେରି ମାଟି ମେରା ଦେଶ ଅଭିଯାନ ଅନ୍ତର୍ଗତ 'ଅମୃତ କଳସ ଯାତ୍ରା'ର ଶୁଭାରମ୍ଭ ପାଇଁ ଓଡ଼ିଆ ଚିତ୍ରଶିଳ୍ପୀ ଡ. ସୂର୍ଯ୍ୟସ୍ନାତା ମହାନ୍ତିଙ୍କ ହାତରେ ଚିତ୍ରାଙ୍କନ କରାଯାଇଥିବା କଳସକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୟନ କରିଛନ୍ତି। ଆମର ଅମର ଶହୀଦଙ୍କ ତ୍ୟାଗ ପ୍ରତି ସମ୍ମାନ ପାଇଁ ମେରି ମାଟି ମେରା ଦେଶ-ଅମୃତ କଳସ ଯାତ୍ରା' ହେଉଛି ଏକ ଜାତୀୟ ଅଭିଯାନ। ଏହି କଳସକୁ ବିଶିଷ୍ଟ ଚିତ୍ରଶିଳ୍ପୀ ତଥା କିଟ୍ ବିଶ୍ୱବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶିକା ସୂର୍ଯ୍ୟସ୍ନାତା ନିଜ ହାତରେ ଆଙ୍କିଛନ୍ତି। ବିଶିଷ୍ଟ ଓଡ଼ିଆ ପ୍ରଫେସର ତଥା ସାହିତ୍ୟିକ ଡ. ବିଜୟ କୁମାର ମହାନ୍ତି ଓ ରେଣୁବାଳା ମହାନ୍ତିଙ୍କ ଝିଅ ସୂର୍ଯ୍ୟସ୍ନାତା ନ୍ୟାଶନାଲ୍ ଲ' ସ୍କୁଲ ବାଙ୍ଗାଲୋରରୁ ଏଲ୍‌ଏଲ୍‌ଏମ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କ ଚିତ୍ରକଳା ଜାତୀୟସ୍ତରରେ ଅନୁଷ୍ଠିତ ପ୍ରଦର୍ଶନୀ ଯଥା ଜାତୀୟ ମଡର୍ନ ଆର୍ଟ ଗ୍ୟାଲେରି ଓ ଇଣ୍ଡିଆ ହାବିଟାଟ ସେଣ୍ଟରରେ ମାନ୍ୟତା ହାସଲ କରିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିଥିବା ଅନେକ ହଜାର କଳସ ମଧ୍ୟରୁ ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ ସୂର୍ଯ୍ୟସ୍ନାତା ଆଙ୍କିଥିବା କଳସକୁ ଚୟନ କରିଥିଲେ। ଏହି ଯାତ୍ରା ଅକ୍ଟୋବର ୩୧ରେ ଉଦ୍‌ଯାପିତ ହୋଇଯାଇଛି।

## କିଟ୍ ଟିବିଆଇକୁ 'ଇନ୍‌କ୍ୟୁବେଟର ଅଫ୍ ଦି ଇୟର' ପୁରସ୍କାର

ଭୁବନେଶ୍ୱର, ୧।୧୧(ଅସମାପିକା ସାହୁ)

KIIT
KIIT Technology Business Incubator
KIIT-TBI

ଟେକ୍ନୋଲୋଜି ଇନ୍‌କ୍ୟୁବେଶନ୍ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କିଟ୍‌ର ଇନୋଭେଟିଭ୍ ହବ୍ କିଟ୍-ଟିବିଆଇକୁ 'ଇନ୍‌କ୍ୟୁବେଟର୍ ଅଫ୍ ଦି ଇୟର୍ ୨୦୨୩' ପୁରସ୍କାର ମିଳିଛି। ବ୍ୟାଙ୍କକଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସିଆନ୍ ଆସୋସିଏଶନ ଅଫ୍ ବିଜ୍‌ନେସ୍ ଇନ୍‌କ୍ୟୁବେଶନ୍(ଏଏବିଆଇ) ପକ୍ଷରୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। କିଟ୍ ଟିବିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା କିଟ୍ ଆର୍‌ଆଣ୍ଡଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ସୁଆର ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ମାନ୍ୟତା ଫଳରେ କିଟ୍ ଟିବିଆଇ କେବଳ ଭାରତର ଶ୍ରେଷ୍ଠ ଇନ୍‌କ୍ୟୁବେଟର୍ ଭାବେ ନୁହେଁ, ଅନ୍ତର୍ଜାତୀୟସ୍ତରରେ ମଧ୍ୟ ଶ୍ରେଷ୍ଠ ଇନ୍‌କ୍ୟୁବେଟର ଭାବେ ସ୍ୱୀକୃତି ଲାଭ କରିଛି। ଏହି ସଫଳତାରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡ. ସୁଆର ଓ କିଟ୍ ଟିବିଆଇର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଏଭଳି ଅନ୍ତର୍ଜାତୀୟ ମାନ୍ୟତା ଦ୍ୱାରା କିଟ୍ ଟିବିଆଇ ଆହୁରି ଶୀର୍ଷକୁ ଉଠିବା ସହ ଏହି ସ୍ୱୀକୃତି ଆମକୁ ପ୍ରଯୁକ୍ତି ସର୍ଜନା କ୍ଷେତ୍ରରେ ଆହୁରି ଅନେକ ବଡ଼ବଡ଼ ସର୍ଜନା କରିବାରେ ପ୍ରେରଣା ଯୋଗାଇବ।

ବର୍ତ୍ତମାନ ସୁଦ୍ଧା କିଟ୍ ଟିବିଆଇ ଜୀବ ବିଜ୍ଞାନ, ବାୟୋଟେକ୍ନୋଲୋଜି, ଡିଜିଟାଲ୍ ହେଲ୍‌ଥ, ନବୀକରଣଯୋଗ୍ୟ ଶକ୍ତି, ସ୍ୱାସ୍ଥ୍ୟସେବା ପ୍ରଯୁକ୍ତି, କୃଷି ପ୍ରଯୁକ୍ତି, ସବୁଜ ପ୍ରଯୁକ୍ତି, ସାମାଜିକ ସର୍ଜନା ଓ ଉତ୍ପାଦନ ଭିତ୍ତିକ ସର୍ଜନା ଭଳି ବିଭିନ୍ନ କ୍ଷେତ୍ରରେ ୪ଶହରୁ ଊର୍ଦ୍ଧ୍ୱ ଷ୍ଟାର୍ଟ ଅପ୍‌କୁ ସହଯୋଗ କରିଆସୁଛି। କିଟ୍ ଟିବିଆଇକୁ ଭାରତ ସରକାରଙ୍କ ଡିଏସ୍‌ଟି-ନିଧି ଯୋଜନା, ଡିବିଟି-ବିରାକ, ମେଇଟି-ଏମ୍‌ଏସ୍‌ଏଚ୍, ଏମ୍‌ଏସ୍‌ଏମ୍‌ଇ, ଆଇଡେକ୍ସ (ପ୍ରତିରକ୍ଷା ମନ୍ତ୍ରାଳୟ) ଭଳି ବିଭିନ୍ନ ଫଣ୍ଡିଂ ସଂସ୍ଥା ସହଯୋଗ କରିଆସୁଛନ୍ତି। ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରାଳୟ ପକ୍ଷରୁ କିଟ୍ ଟିବିଆଇକୁ ସେଣ୍ଟର ଅଫ୍ ଏକ୍ସଲେନ୍ସ ମାନ୍ୟତା ପ୍ରଦାନ କରାଯାଇଛି। ଏହି କେନ୍ଦ୍ର ଭାରତର ପୂର୍ବ ଓ ଉତ୍ତର-ପୂର୍ବାଞ୍ଚଳରେ ଜୈବ-ଉଦ୍ୟୋଗୀ ତିଆରି କରିବାରେ ସହଯୋଗ କରିଆସୁଛି।

**ମିଳିଲା ବିଶ୍ୱ ମାନ୍ୟତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୀତ ଗାଇ ପୁଅଙ୍କୁ ପଟାନ୍ତି


ସବ୍ରିନା ଡୁଡା

ଅଟାୱା

ଅନେକ ସମୟରେ ପୁଅ ତା' ମନ ପସନ୍ଦର ଝିଅ ପଟେଇବାକୁ ପ୍ରୟାସ କରୁଥିବା ଦେଖିବାକୁ ମିଳେ। ଏଥିପାଇଁ ତାଙ୍କୁ ଫୁଲତୋଡ଼ା, ଚକୋଲେଟ୍, ଗିଫ୍ଟ ଆଦି ଦେବାକୁ ମଧ୍ୟ ପଡ଼ିଥାଏ। ହେଲେ ଝିଅମାନଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳି ନ ଥାଏ। ହେଲେ ନିକଟରେ ଜଣେ ଝିଅ ତାଙ୍କ ମନ ପସନ୍ଦର ପୁଅକୁ ପଟେଇବାକୁ ଲଭ୍ ଗୀତ ଲେଖୁଥିବା ଜଣାପଡ଼ିଛି। ଏଥିସହ ନିଜର ସମସ୍ତ ଆର୍ଟିଷ୍ଟିକ୍ କାର୍ଯ୍ୟ ମନ ପସନ୍ଦ ପୁଅ ପଛରେ ଲଗାଇ ଦିଅନ୍ତି। ସେ ସେଥିପାଇଁ କଷ୍ଟ କରି ଗୀତ ଲେଖନ୍ତି, ଯେପରି ଯାହା ପୁଅକୁ ପସନ୍ଦ ଆସିବ। କାନାଡ଼ାର ବାସିନ୍ଦା ୨୭ ବର୍ଷୀୟା ସବ୍ରିନା ଡୁଡାଙ୍କ କାହାଣୀ ଅନ୍ୟ ଝିଅଙ୍କଠାରୁ ପୂରା ଅଲଗା। ସବ୍ରିନାଙ୍କ କହିବା କଥା, ସେ ପୂର୍ବରୁ ଡେଟିଂ ଆପ୍‌ରେ ନିଜ ପାଇଁ ପୁଅ ପସନ୍ଦ କରୁଥିଲେ। ଏବେ ତାଙ୍କୁ ଏକ ପୁଅ ପସନ୍ଦ ଆସିଛି। ସେଥିପାଇଁ ସେ ସେହି ପୁଅକୁ ପଟେଇବାକୁ କିଛି ନୂଆ କରିବାକୁ ଚେଷ୍ଟା ଚଳାଇଛନ୍ତି। ପ୍ରକୃତରେ ସବ୍ରିନା ଜଣେ ସଙ୍ଗୀତକାର। ସେ ଅନେକ ଗୀତ ଲେଖି ତାକୁ ପପୁଲାର ଗୀତ ସହିତ ଅପଲୋଡ କରନ୍ତି। ଏବଂ ଡେଟିଂ ଆପରେ ଥିବା ପୁଅଙ୍କୁ ଭଏସ୍ ମେସେଜ ଜରିଆରେ ତାହା ପଠାଇ ଦିଅନ୍ତି। ଏହା ଫଳରେ ତାଙ୍କୁ କିଛି ଭଲ ଡେଟ୍‌ରେ ଯିବାକୁ ମଧ୍ୟ ସୁଯୋଗ ମିଳିଛି। ସେ ନିଜର ଏହି ଗୀତକୁ ମଧ୍ୟ ଟିକ୍‌ଟକ୍‌ରେ ମଧ୍ୟ ଶେୟାର କରିଛନ୍ତି। ଗୀତକୁ ଲକ୍ଷାଧିକ ଲୋକ ଶୁଣି ତାଙ୍କୁ ମେସେଜ୍ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ତାଙ୍କ ମନ ପସନ୍ଦର ରାଜକୁମାର ମିଳି ନାହାନ୍ତି। ତାଙ୍କ ଅଧିକାଂଶ ଗୀତର ଅର୍ଥ ସେ ଜଣେ ଭଲ ସ୍ୱାମୀଙ୍କ ସନ୍ଧାନରେ ଅଛନ୍ତି।

## କମ୍ପାନୀ ପକ୍ଷରୁ ୩ ଦିନ ସମୂହ ଛୁଟି କଟାଇବେ କର୍ମଚାରୀ

**ତଲାହାସି:** ବେସରକାରୀ ସଂସ୍ଥାରେ ଛୁଟି ମିଳିବା କଷ୍ଟକର ହୋଇଥାଏ। ଚାକିରିର ଏପରି ପ୍ରଣାଳୀକୁ ବଦଳାଇବାକୁ ଏକ କମ୍ପାନୀର ମୁଖ୍ୟ ପ୍ରୟାସ କରିଛନ୍ତି। ସେ ତାଙ୍କ ୧୨୦୦ କର୍ମଚାରୀଙ୍କୁ ସପରିବାର ୩ ଦିନ ପାଇଁ ଡିଜ୍‌ନୀଲାଣ୍ଡ ପଠାଇବାକୁ ପ୍ରସ୍ତାବ ରଖିଛନ୍ତି। ସିଟାଡେଲ୍ କମ୍ପାନୀର ସିଇଓ କିନେଥ୍ ସି. ଗ୍ରିଫିନ୍ କର୍ମଚାରୀଙ୍କ ପାଇଁ କମ୍ପାନୀ ପକ୍ଷରୁ ବିମାନ, ହୋଟେଲ ଏବଂ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯିବ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ADMISSION OPEN**
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha

**GNM** Duration : 3 Year, Eligibility : +2 Pass (Any Stream) 40% Mark

**ANM** Duration : 2 Year, Eligibility : +2 Pass (Any Stream)

**DMRT / DMLT** Duration : 2 Year, Eligibility : +2 Science

**CBCA** Certified Blood Collection Assistant Duration : 6 months, Eligibility : 10+

Stipend for SC/ST, OBC & SEBC
•Own Building •Hostel in Campus
•Transport facility•Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

**BUSINESS**
ଯୁବକ-ଯୁବତୀଙ୍କ ଆବଶ୍ୟକତା ରହିଛି। ଯେଉଁମାନେ ଘରେ ବସି ମୋବାଇଲ ଦ୍ୱାରା ପାର୍ଟ/ଫୁଲ୍ ଟାଇମ୍ କପି ପେଷ୍ଟ ୱାର୍କ କରିପାରିବେ।
ସୂଚନା ପାଇଁ ମିସ୍‌କଲ୍ କରନ୍ତୁ-
02240375702


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଶାହରୁଖ୍ ଖାନ୍

# ଧୁମଧାମରେ ପାଳିବେ ଜନ୍ମଦିନ

ମୁମ୍ବାଇ

ନଭେମ୍ବର ୨ରେ ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାନ୍‌ଙ୍କ ୫୮ତମ ଜନ୍ମଦିନ। ଚଳିତବର୍ଷ ତାଙ୍କର ସମସ୍ତ ଫିଲ୍ମ ବକ୍ସ ଅଫିସରେ ଧୁମ୍ ମଚାଇଛି। ଏହି ବର୍ଷ ତାଙ୍କ ପାଇଁ ବହୁତ ସ୍ମରଣୀୟ ହୋଇଥିବାରୁ ସୁପରଷ୍ଟାର ତାଙ୍କ ଜନ୍ମଦିନକୁ ଐତିହାସିକ ଭାବେ ଧୁମଧାମ୍‌ରେ ପାଳିବାକୁ ଯାଉଛନ୍ତି। ରିପୋର୍ଟ ଅନୁଯାୟୀ, ଏହି ଦିନଟି ଏକ ଭବ୍ୟ ଉତ୍ସବ ପରି ପାଳନ କରାଯିବ। ଏଥିସହ ଶାହରୁଖ୍‌ଙ୍କ ଅଭିନୀତ ରାଜକୁମାର ହିରାନୀଙ୍କ ଡଙ୍କିର ଟିଜର ତାଙ୍କ ଜନ୍ମଦିନରେ ମୁକ୍ତିଲାଭ କରିବ। ତାଙ୍କ ଚଳଚ୍ଚିତ୍ର 'ଯୱାନ' ସେଦିନ ଓଟିଟିରେ ମଧ୍ୟ ମୁକ୍ତିଲାଭ କରିବ। ଏହି ଗ୍ରାଣ୍ଡ ପାର୍ଟିରେ କରଣ ଜୋହର, ଆଲିଆ ଭଟ୍ଟ, କାଜୋଲ, ଦୀପିକା ପାଦୁକୋନ, ରାଜକୁମାର ହିରାନୀ, ଏଟଲି, ସିଦ୍ଧାର୍ଥ ଆନନ୍ଦଙ୍କ ସମେତ ଅନେକ କଳାକାର ଯୋଗଦେବାର ଯୋଜନା ରହିଛି। ତେବେ ୧୯୯୨ରେ ଫିଲ୍ମ 'ଦିୱାନା' ଜରିଆରେ ସେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ ଅଭିନୟର ଯାଦୁରେ ବର୍ତ୍ତମାନ ଅନେକଙ୍କ ପ୍ରିୟ ହୋଇପାରିଛନ୍ତି। ଶେଷ ଥର ପାଇଁ ତାଙ୍କୁ 'ଜୱାନ'ରେ ଦେଖିବାକୁ ମିଳିଥିଲା। ଯାହା ଶହେ କୋଟି କ୍ଲବରେ ସାମିଲ ହୋଇଛି। ଆଗକୁ ସେ 'ଡଙ୍କି' ଏବଂ 'ଟାଇଗର ୩'ରେ ନଜରକୁ ଆସିବେ। ଏଥିସହ ସେ ଟେଲିଭିଜନରେ ମଧ୍ୟ ଅନେକ ଚରିତ୍ର ପ୍ରତିପାଦନ କରିଛନ୍ତି। ଏହା ବ୍ୟତୀତ ସେ ଅନେକ ମ୍ୟୁଜିକ୍ ଭିଡିଓ ମଧ୍ୟ କରିଛନ୍ତି।

# ପୁଅର ପୂର୍ବତନ ଗର୍ଲଫ୍ରେଣ୍ଡକୁ ହରାଇଲେ ମା'



ବ୍ରୁସେଲ୍‌ସ

ନିକଟରେ ଜଣେ ମହିଳା ତାଙ୍କ ପୁଅଙ୍କ ପୂର୍ବତନ ଗର୍ଲଫ୍ରେଣ୍ଡଙ୍କ ସହିତ ବକ୍ସିଂ କରି ଜିତି ଯାଇଛନ୍ତି। ପୋଲାଣ୍ଡର ୫୦ ବର୍ଷୀୟା ଗୋସିଆ ମ୍ୟାଜିକାଲ ଓ ୧୯ ବର୍ଷୀୟା ନିକିତା ଫାଇଟ୍ କରୁଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ଲୋକେ ଭିନ୍ନ ଭିନ୍ନ ମତ ରଖିଛନ୍ତି। ସେମାନେ ଭାବୁଥିଲେ କି ନିକିତା ଏହି ଫାଇଟ୍‌ରେ ଜିତିଥିବେ, ହେଲେ ଗୋସିଆ ତାଙ୍କୁ ମାତ୍ ଦେଇଦେଲେ। ଭିଡିଓରେ ନିକିତା ଗୋସିଆଙ୍କୁ ମାରିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କର ସମସ୍ତ ପ୍ରୟାସ ବ୍ୟର୍ଥ ଯାଉଥିଲା। ଦୁହେଁ ଦୁହିଁଙ୍କୁ କିଛି ମୁଥ ମରାମରି ହେବା ପରେ ଗୋସିଆଙ୍କ ଗୋଟେ ମୁଥରେ ନିକିତା ତଳେ ପଡ଼ିଯାଇଥିଲେ। ରିପୋର୍ଟ ମୁତାବକ, ଲୋକେ ଏପରି ଏକ ଫାଇଟ୍‌କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। କିପରି ଜଣେ ମହିଳା ତାଙ୍କ ଅଧା ବର୍ଷୀୟାଙ୍କୁ ମାତ୍ ଦେଇଦେଲେ। ଏଥିରୁ ସ୍ପଷ୍ଟ ହେଉଛି ଯେ, ଜଣେ ମା' ତା' ପିଲା ପାଇଁ ସବୁ କିଛି କରିପାରେ। ଏଥିରେ ଜଣେ ୟୁଜର ଲେଖିଛନ୍ତି, ପୁଅର ହୃଦୟ ଭାଙ୍ଗିବା ପରେ ତାଙ୍କ ମା' ସହିତ କେବେବେଳେ ଟକ୍କର ଦେବା ଉଚିତ ନୁହେଁ। ଆଉ ଜଣେ ଲେଖିଛନ୍ତି, ଭଗବାନଙ୍କୁ ଧନ୍ୟବାଦ କି ଏଥିରେ ଚପଲ ପିନ୍ଧିଥିବାର ଅନୁମତି ନାହିଁ ନଚେତ୍ ଷ୍ଟେଜ୍ ରକ୍ତାକ୍ତ ହୋଇଯାଇଥାନ୍ତି।


# Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର ନୂଆଗାଁ କାଟେଣୀ ରୋଡ୍‌ରୁ 100mtr ଦୂରତାରେ boundary plot ମିଳୁଛି। 9583375452. D-75251

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75249

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ନିକଟରେ ଘରବାରି ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ। 9827119799. D-1670

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

Twincity ମଧ୍ୟଭାଗରେ Grand Bazar (Nakhara NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି Plot ସୁଲଭ ମୂଲ୍ୟରେ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ - 9658562429. D-75239

BDA Town planning ଏରିଆରେ ୩୦ଫୁଟ୍ ରୋଡ୍ ଥାଇ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ-850/- କିଣି ଘର କରନ୍ତୁ। (୬୦ଟା ପ୍ଲଟ୍ ଅଛି), 9853150290. D-75254

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ **- 9437205314, 9937513595.** D-75243

ଘରବାରି ପଟ୍ଟା **Plots, Resale Hotel /house at Puri Town,** ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। **7008067338, 9090746445.** D-75242

2BHK flat house for sale near Hi-Tech Plaza, Sundarpada, Bhubaneswar. (M) 9861150062. D-46566

ଭୁବନେଶ୍ୱର **NH-16** ପିତାପଲ୍ଲୀରୁ **1 K.M.** ମଧ୍ୟରେ **Carmel School** ପାଖରେ **30' road, boundary** ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି । **9337166296, 9853 474706.** D-75233

ପୁରୀ ସାତଶଙ୍ଖରେ 34000 sqft ଫାର୍ମହାଉସ 40ଟି ନଡ଼ିଆଗଛ, ମାଛପୋଖରୀ ଥାଇ ତୁରନ୍ତ ବିକ୍ରି ହେବ-7008833643. D-75257

**Nakhara-NIRTAR State Highway** କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି **SC** ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି **- 9937417899.** D-75256


ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Full body massage in homely atmosphere in all therapy. Mob: 8114881641. D-73445

All types of professional body massage by professional therapy. Contact 7077933109, 9556924059, 8658803018. D-1669

**Relax, Refresh your body, Mind at Saikrupa Spa with best therapies. 8984068077.** D-1696

Newly open health benefits Spa special offer @999. Contact: 7749034655. D-75166

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

**BUSINESS**

Good Running Tile Business with 6 Figure/ month profit at prime location of Chandpur, Nayagarh for sale contact 9124159073. D-1691

**HONORARY DOCTORATE AWARD**


ଓଡ଼ିଶାର ଯୁବ ଉଦ୍ୟୋଗୀ ଏବଂ ଫୋଲିଓ ଏକ୍ସପ୍ରେସ୍‌ର ଫାଉଣ୍ଡର **ଡ. ବିଶ୍ୱଜିତ ମୁଦୁଲିଙ୍କୁ** World Human Rights Protection Commissionର ଆୟୋଜନରେ ଅନୋରାରୀ ଡକ୍ଟରେଟ୍ ଆୱାର୍ଡ କାଉନ୍‌ସିଲ ତରଫରୁ ଗଲା ୨୮।୧୦।୨୦୨୩ଦିନ Delhi ସ୍ଥିତ ହୋଟେଲ ଅଶୋକଠାରେ ତାଙ୍କୁ ଏକ ସମ୍ମାନଜନକ ଡକ୍ଟରେଟ୍ ଉପାଧି ମିଳିଛି। ଏହି ଉପାଧିଟି ତାଙ୍କୁ Entrepreneurship ବା ଉଦ୍ୟୋଗ କ୍ଷେତ୍ରରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ BJP National General Secretary (Dushyant Kumar Goutam), Bollywood Actor (Govinda), Former Cricketer (Madan Lal Sharma), NCP National General Secretary (Brijmohan Srivastav) ଯୋଗଦେଇଥିଲେ। ଡ. ବିଶ୍ୱଜିତ କହିଛନ୍ତି ଯେ, ଉଦ୍ୟୋଗ କ୍ଷେତ୍ରରେ ଦେଶ ପାଇଁ ମୋତେ ବହୁତ କିଛି କରିବାର ଅଛି ଏବଂ ମାଲକାନଗିରି ଜିଲ୍ଲା ଯେହେତୁ ମୋର ଜନ୍ମସ୍ଥାନ ଏଥିପାଇଁ ସେହି ଅଞ୍ଚଳ କିପରି ଶିଳ୍ପ କ୍ଷେତ୍ରରେ ଦୁଇପାଦ ଆଗକୁ ଯାଇପାରିବ ଏବଂ ସେଠାକାର ସ୍ଥାନୀୟ ଅଞ୍ଚଳରେ କିପରି ଷ୍ଟାର୍ଟଅପ ଏବଂ ନୂଆ ଉଦ୍ୟୋଗୀ ତିଆରି ହୋଇପାରିବେ ଏଥିପ୍ରତି ବିଶେଷ ଧ୍ୟାନ ଦେବି।
ଧ-୧୭୦୬

**AFFIDAVIT**

I, Amulya Mishra, S/o - Late Gangadhar Mishra, resident of At- Cinema Hall Chak, Village - Bahadapitha, P.O. - Raanganipatana, P.S.- Odagaon, Dist.- Nayagarh, PIN-752081, Odisha, declare by this Affidavit No. 2/1, dated 31.10.2023 that now onwards I shall be known as Amulya Kumar Mishra for all future purposes.
D-1707

Your classified advertisement published in Dharitri will be listed free in Dharitri online edition: **dharitriepaper.in**


## ନୋଟିସ

ମାନ୍ୟବର ଅତିରିକ୍ତ କମିଶନର ଶ୍ରୀମତୀ ରାଜଶ୍ରୀ ମହାନ୍ତି (I.A.S.)ଙ୍କ ଅଦାଲତ
୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର
Court No.-III
ଓ.ଏସ୍.ଏସ୍. କେସ୍ ନମ୍ବର ୪୯୪/୨୧୫
[ଓଡ଼ିଶା ଭୂ-ବନ୍ଦୋବସ୍ତ ଆଇନ ଧାରା ୧୫(ଖ) ଅନୁଯାୟୀ]

ଶ୍ରୀ ଅଜୟ କୁମାର ସାହୁ, ପି ୰ଭିକାରୀ ସାହୁ, ସା./ପୋ.- ଗୋଳବାଇ, ଥାନା- ଜଙ୍କିଆ, ହାଲ ବାସସ୍ଥାନ ସା.- ପ୍ଲଟ୍ ନଂ.H-୧୫, ରାଜୀବ ନଗର, ଆଇଗିଣିଆ, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୭୫୧୦୦୩ ... ... ବାଦୀ

ବନାମ

୧. ଓଡ଼ିଶା ସରକାର ତରଫ ତହସିଲଦାର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
୨(a). ପ୍ରଦୀପ କୁମାର ରାଉତରା, ପି. ୰ମୀନକେତନ ରାଉତରା
୩(a). ହୃଷୀକେଶ ରାଉତରା, ପି. ୰କସ୍ତୁରୀ ରାଉତରା
୪(a). ଲୋଭା ବେୱା, ସ୍ୱା. ୰ ବଂଶୀଧର ରାଉତରା
୪(b-i). ବିନୋଦିନୀ ରାଉତରା, ସ୍ୱା. ୰ନରହରି ରାଉତରା
୪(b-ii) ଜିତୁ ରାଉତରା, ପି. ୰ନରହରି ରାଉତରା
୫(a). ବିଭସ୍ୱ ରାଉତରା, ପି. ୰ନାଥ ରାଉତରା
୬(a). କମଳା ବେୱା, ସ୍ୱା. ୰ଗୋଲେଖ ରାଉତରା
୬(b). ବିକ୍ରମ ରାଉତରା, ପି. ୰ଗୋଲେଖ ରାଉତରା
୬(c). ସଂଗ୍ରାମ ରାଉତରା, ପି. ୰ଗୋଲେଖ ରାଉତରା
କ୍ରମିକ ନଂ. ୨(a) ଠାରୁ ୬(c)ଙ୍କର ସା./ପୋ.- ଅନ୍ଧାରୁଆ, ଥାନା- ଚନ୍ଦକା, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ୭୫୧୦୨୯ ।
୭. ବିଦ୍ୟୁତ୍‌ଲତା ନାୟକ, ସ୍ୱା. ଲମ୍ବୋଦର ନାୟକ
ବାସସ୍ଥାନ ପାଞ୍ଚନପଡ଼ା, ପୋ. - ମଙ୍ଗରାଜପୁର, ଥାନା- ପଟ୍ଟାମୁଣ୍ଡାଇ, ଜିଲ୍ଲା- କେନ୍ଦ୍ରାପଡ଼ା ... ... ପ୍ରତିବାଦୀମାନେ

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆପଣଙ୍କୁ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଯୋଗେ ନୋଟିସ ପଠାଯାଇଥିଲା । କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଆପଣଙ୍କ ବିରୁଦ୍ଧରେ ଉପର ବର୍ଣ୍ଣିତ ମୋକଦ୍ଦମା ବାଦୀ ଦାୟର କରିଛନ୍ତି। ଯାହା ଜମିର ତଫସିଲ ନିମ୍ନରେ ଦର୍ଶାଯାଇଅଛି।

ଜମିଜମା ତଫସିଲ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା (ନ୪୪ମ୍ବର), ଜିଲ୍ଲା- ଖୋର୍ଦ୍ଧା ।

| ହାଲ ଖାତା ନଂ. | ହାଲ ପ୍ଲଟ୍ ନଂ. | ହାଲ ରକବା |
|---|---|---|
| ୧୮୪୩ | ୬୪୬୧ | ଏ୦.୦୬୦ ଡେସିମିଲ (ହେ୦.୦୨୪୩) |
| **ସାବିକ ଖାତା ନଂ.** | **ସାବିକ ପ୍ଲଟ୍ ନଂ.** | **ସାବିକ ରକବା** |
| ୫୦୧ | ୨୧୧୨ (ଅଂଶ) | ମୋଟ ରକବା ଏ୦.୭୧୦ ଡେସିମିଲ ସୁଧରୁ ଏ୦.୦୬୦ ଡେସିମିଲ |

ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ, ପୁନରୀକ୍ଷଣ ନ୍ୟାୟାଳୟ, ଭୁବନେଶ୍ୱରଙ୍କ ଅଦାଲତରେ ଆସନ୍ତା ତା୦୭।୧୧।୨୩ରିଖ ଦିବା ଘ୦୩.୦୦ମି. ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଅଛି । ଏଣୁ ଉପରୋକ୍ତ ପ୍ରତିବାଦୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏବଂ ଯଦି ପ୍ରତିବାଦୀ ମୃତ ଥିବେ ତେବେ ତାଙ୍କର ଉତ୍ତରାଧିକାରୀ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉପସ୍ଥିତ ରହି ମୋକଦ୍ଦମାର ତଦବୀର କରିବେ, ଅନ୍ୟଥା ଆଇନାନୁମୋଦିତ ପନ୍ଥାରେ ମୋକଦ୍ଦମା ଫଏସଲା କରାଯିବ।

ଅତିରିକ୍ତ କମିଶନରଙ୍କ ଆଦେଶକ୍ରମେ
**ସ୍ୱା./- ଲକ୍ଷ୍ମୀଧର ନାୟକ**
Court Officer

D-1704


## ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀ**


୰ଡାକ୍ତର ପ୍ୟାରୀ ମୋହନ ସିଂହ

ଆବିର୍ଭାବ - ୧୩.୦୪.୧୯୩୯
ତିରୋଧାନ - ୦୨.୧୧.୨୦୧୧

ଆପଣ ଆମକୁ ଛାଡ଼ି ଚାଲିଯିବା ଚାହୁଁ ଚାହୁଁ ବାର ବର୍ଷ ହୋଇଗଲା । ଆପଣଙ୍କ ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ । ଆପଣଙ୍କର ସ୍ମୃତି ଆମ ହୃଦୟରେ ସଦା ବିଦ୍ୟମାନ, ଆମର ଚଲା ପଥର ପାଥେୟ । ଆପଣଙ୍କ ଆତ୍ମା ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ଥାଉ, ଆଜି ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀରେ ଏହା ହିଁ ପ୍ରାର୍ଥନା ।

ଆପଣଙ୍କର ଆଶୀର୍ବାଦଭିକ୍ଷୁ ପରିବାରବର୍ଗ, ମଠସାହି ଏବଂ ଆଗରପଡ଼ା ବାସିନ୍ଦା ।
ଧ-୧୭୦୩

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ ।

# ଆକ୍ସନ ନିଶା


ସାରା

ଯାହାହେଉ ସୈଫ ତନୟା ସାରା ଅଲ୍ଲୀ ଖାଁଙ୍କର ଆଶା ପୂରଣ ହୋଇଛି। କଥା କ'ଣ କି ସେ ଏକ ଆକ୍ସନଭିତ୍ତିକ ସିନେମାରେ ଅଭିନୟ କରିବାକୁ ଚାହୁଁଥିଲେ। ଆଉ ଏହି ଆଶା ତାଙ୍କର ପୂରଣ ହୋଇଛି। ନିକଟରେ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାରା ଅଲ୍ଲୀ ଖାଁଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କୁ ଯୋଗାଯୋଗ କରିବା ପରେ ସେ ଏହି ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡ଼ିଥିଲେ ପ୍ରଯୋଜକ। ଶେଷରେ ଦୁହିଁଙ୍କ ଭିତରେ ପ୍ରାୟ ୩-୪ଥର ଆଲୋଚନା ହେବା ପରେ ସବୁ କଳ୍ପନା ଜଳ୍ପନାର ଅବସାନ ଘଟିଛି। ଏ ସମ୍ପର୍କରେ ସେ କହନ୍ତି, 'ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋର ଭୂମିକାରେ କିଛି ପରିବର୍ତ୍ତନ କରାଯାଇଛି। ବର୍ତ୍ତମାନ ପ୍ରଯୋଜକ ଏବଂ ମୋ ଭିତରେ କୌଣସି ମନୋମାଳିନ୍ୟ ନାହିଁ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।'

# ବସ୍


ବର୍ଷା

ଅନେକ ବର୍ଷ ପୂର୍ବେ ମହିଳାମାନଙ୍କୁ ଅବଳା, ଦୁର୍ବଳା ଭାବରେ ଗଣନା କରାଯାଉଥିଲା। ସେମାନେ ପ୍ରାୟ ନିଜକୁ ଘରର ଚାରିକାନ୍ଥ ଭିତରେ ଆବଦ୍ଧ କରି ରଖୁଥିଲେ। କିନ୍ତୁ ଏବେ ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ସାଉଁଟି ଚାଲିଛନ୍ତି ପ୍ରଶଂସା। ଏପରି କି ସେମାନେ ଅନେକ କ୍ଷେତ୍ରରେ ପୁରୁଷମାନଙ୍କ ସହ ସମକକ୍ଷ ହେଲେଣି। କେବଳ ସେତିକି ନୁହେଁ, ସମାଜରେ ପରିବର୍ତ୍ତନ ଆଣିବାରେ ସେମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବସ୍'। ଏକ କମ୍ପାନୀର ବସ୍ କିପରି ସମାଜର ଉନ୍ନତି ପାଇଁ ଚେଷ୍ଟା କରୁଛି ତାହାକୁ ନେଇ କାହାଣୀ ଗତିଶୀଳ। ଆର.ଆର. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଟାଇଟଲ ଭୂମିକାରେ ବର୍ଷା ପ୍ରିୟଦର୍ଶିନୀ ଅଭିନୟ କରୁଥିବା ବେଳେ ଅନ୍ୟାନ୍ୟ ରୋଲ୍‌ରେ ଅଭିନୟ କରିଛନ୍ତି ହରିହର ମହାପାତ୍ର, ରାଜ ରାକେଶ, ଐଶ୍ୱର୍ଯ୍ୟା, ପୁଷ୍ପା, ଅରବିନ୍ଦ ଷଡ଼ଙ୍ଗୀ ଏବଂ ଶିଶୁ କଳାକାର ଶିବାନ୍ ପ୍ରମୁଖ। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ।

# ଅପେକ୍ଷା ରଜକୁ


ବାବୁସାନ୍

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି କିପରି ତାଙ୍କ ଅଭିନୀତ ଲଗାତର ଦୁଇଟି ସିନେମା 'ଦମନ' ଏବଂ 'ମାଲ୍ୟଗିରି' ଦର୍ଶକାଦୃତ ହୋଇପାରିଛି। ହଁ, ସେହି ଭାଗ୍ୟବାନ୍ ଅଭିନେତା ଜଣକ ହେଉଛନ୍ତି ଓଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ବାବୁସାନ୍। କଥା କ'ଣ କି ଚଳିତ ବର୍ଷ ଦୁର୍ଗାପୂଜାରେ ରିଲିଜ ହୋଇଥିବା 'ମାଲ୍ୟଗିରି'ର ପ୍ରଯୋଜକ ରିଙ୍କୁ ରିନୁ ଜେନା ତାଙ୍କୁ ପୁଣି ଥରେ ରିପିଟ୍ କରିବାକୁ ଯାଉଛନ୍ତି। ଆସନ୍ତା ବର୍ଷ ରଜରେ ଏହି ଫିଲ୍ମଟି ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ନିକଟରେ ଏହାର ମହୁରତ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ବିଗ୍ ବଜେଟ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। ରେନ୍‌ଡ୍ରପ ପିକ୍ଚର୍ସ, ତଥ୍ୟ ପ୍ରଡକ୍ସନ ଏବଂ ବାବୁସାନ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି ଚିତ୍ରର ଅନ୍ୟତମ ପ୍ରଯୋଜକ ଅଛନ୍ତି ନିରଞ୍ଜନ ନାୟକ ଏବଂ ବାବୁସାନ ମହାନ୍ତି। ଏହାର ଲାଇନ୍ ପ୍ରଯୋଜକ ଦାୟିତ୍ୱ ତୁଲାଇବେ ସମ୍ବିତ ଜେନା। ଖାସ୍ କଥା ହେଲା, ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ଅଶୋକ ପତି। ପୂର୍ବରୁ ଅଶୋକ-ବାବୁସାନ୍‌ଙ୍କ ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇସାରିଛି। ଏଥିରେ ସଂଯୋଜିତ ଗୀତଗଡ଼ିକୁ ସ୍ୱର ଦେବେ ଗୌରବ ଆନନ୍ଦ। ତେବେ ଏହି ସିନେମାରେ କ'ଣ ମସଲା ରହିଛି ତାହା ଜାଣିବାକୁ ଆସନ୍ତା ବର୍ଷ ରଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହିଁ ପଡ଼ିବ।

## ଚାହିଁ ରହିଛନ୍ତି ପ୍ରିୟଙ୍କା

ଦିନ ଥିଲା ପ୍ରିୟଙ୍କା ଚୋପ୍ରା ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବରେ ପରିଗଣିତ ହେଉଥିଲେ। ହେଲେ ସେ ହଲିଉଡ୍‌ରେ ସୁଯୋଗ ପାଇବା ପରେ ତାଙ୍କୁ ଆଉ ହିନ୍ଦୀ ସିନେମାରେ ଦେଖିବାକୁ ମିଳି ନ ଥିଲା। କିଛି ବର୍ଷର ଗ୍ୟାପ୍ ପରେ ପ୍ରିୟଙ୍କା ପୁଣି ଥରେ ବଲିଉଡ୍‌କୁ ଫେରିଛନ୍ତି। ଜୋୟା ଅଖତରଙ୍କ ରିଲିଜ ଅପେକ୍ଷାରେ ଥିବା ସିନେମା 'ଜି ଲେ ଜରା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏ ନେଇ ପ୍ରିୟଙ୍କା କହନ୍ତି, 'ମୁଁ ସବୁଦିନ ପାଇଁ ହିନ୍ଦୀ ସିନେମାକୁ ଗୁଡ୍‌ବାୟ କରିଦେଇଛି ବୋଲି ଭାବିବା ଆଦୌ ଠିକ୍ ନୁହେଁ। ଏଇତ ମୋ ଅଭିନୀତ 'ଜି ଲେ ଜରା' ରିଲିଜ ହେବାକୁ ଯାଉଛି। ଆଗକୁ ଯଦି ଏଭଳି ଭଲ ଅଫର ମିଳେ ତେବେ ନିଶ୍ଚୟ ତାହାକୁ ଗ୍ରହଣ କରିବି।' ଏଥିରେ ପ୍ରିୟଙ୍କାଙ୍କ ବ୍ୟତୀତ ଆଲିୟା ଭଟ୍ଟ ଏବଂ କ୍ୟାଟ୍ରିନା କୈଫଙ୍କୁ ଦେଖିବାକୁ ମିଳିବ।

# ସୋନାକ୍ଷୀଙ୍କ ନୂଆ ଯୋଜନା


ସୋନାକ୍ଷୀ

ଦବଙ୍ଗ ଗର୍ଲ ସୋନାକ୍ଷୀ ଏବେ ନିଜ କ୍ୟାରିୟର ପ୍ରତି ବେଶ୍ ସଚେତନ। କୌଣସି ନୂଆ ଅଫର ପାଇବା ମାତ୍ରେ ତାହାକୁ ଭଲ ଭାବରେ ତର୍ଜମା କରୁଛନ୍ତି। ଏପରି ଚିନ୍ତାଧାରା ପାଇଁ ବେଶ୍ କେତୋଟି ଅଫର ତାଙ୍କ ହାତରୁ ଖସିଯାଇଛି। ହେଲେ ତାହାକୁ ନେଇ ମନଦୁଃଖ କରୁନାହାନ୍ତି ସେ। ନିଜ କ୍ୟାରିୟର ସମ୍ପର୍କରେ ସେ କହନ୍ତି, 'ଆକ୍ଟିଂ ଏପରି ଏକ ଲାଇନ୍, ଯେଉଁଥିପାଇଁ ବେଶ୍ ସତର୍କ ହେବାକୁ ପଡ଼ିବ। ଏକାଥରେ ପୁଲାଏ ସିନେମାରେ ଅଭିନୟ କରିବା ପୁଣି ସେଗୁଡ଼ିକ ବକ୍ସ ଅଫିସରେ ଫ୍ଲପ୍ ହେବା-କ୍ୟାରିୟର ପାଇଁ ଆଦୌ ଶୁଭପ୍ରଦ ନୁହେଁ। ତେଣୁ ମୁଁ ସ୍ଥିର କରିଛି, ଦେଖିଚାହିଁ ଫିଲ୍ମ ସାଇନ୍ କରିବି।' ସୋନାକ୍ଷୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଦବଙ୍ଗ'। ତା'ପରେ ସେ ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡ଼ିକ ହେଉଛି 'ରାଉଡି ରାଠୋର', 'ଜୋକର', 'ସନ୍ ଅଫ୍ ସର୍ଦ୍ଦାର', 'ଦବଙ୍ଗ-୨', 'ଲୁଟେରା', 'ଆର...ରାଜକୁମାର', 'ଆକ୍ସନ ଜ୍ୟାକସନ', 'ଅକିରା', 'ଫୋର୍ସ-୨' ଏବଂ 'ଡବଲ ଏକ୍ସଏଲ'। 'ଦବଙ୍ଗ' ଫିଲ୍ମ ପାଇଁ ତାଙ୍କୁ ୩୦ କିଗ୍ରା ଓଜନ କମାଇବାକୁ ପଡ଼ିଥିଲା। ଏଥିପାଇଁ ତାଙ୍କୁ ଦୁଇବର୍ଷ ସମୟ ଲାଗିଥିଲା।

## ପରଦାରେ..

# ପ୍ରଥା


ଶୀତଲ

ଚଳିତ ମାସ ୩ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ସିନେମା 'ପ୍ରଥା'। ଏକ ଭିନ୍ନଧରଣର କଥାବସ୍ତୁକୁ ଭିତ୍ତିକରି ଏହାକୁ ନିର୍ମାଣ କରାଯାଇଛି। କାହିଁ କେବେଠାରୁ ଆମେ ବିଭିନ୍ନ ପ୍ରଥା, ପରମ୍ପରାକୁ ମାନି ଆସିଛେ। ସେହିପରି କିଛି ପ୍ରଥା, ପରମ୍ପରା, ରୀତିନୀତି ଏବଂ ଏଥିରେ ଥିବା କିଛି ବିଶ୍ୱାସ, ଅବିଶ୍ୱାସ ଓ ଏଥିରେ ଆସିଥିବା ପରିବର୍ତ୍ତନକୁ ଆମ ସାଧାରଣ ଲୋକ କିପରି ଆପଣାଇବାକୁ ସକ୍ଷମ ଏବଂ ଅକ୍ଷମ ହେଉଛନ୍ତି, ତାହା ଏହି ଫିଲ୍ମରେ ଦେଖିବାକୁ ମିଳିବ। ଖାସ୍ କଥା ହେଲା, ଏଥିରେ ରୋମାଣ୍ଟିକ ନାୟକ ସ୍ୱରାଜ ବାରିକଙ୍କୁ ଭିନ୍ନଧରଣର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ଏହି ଚିତ୍ରଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି କେ. ମୁରଲୀକ୍ରିଷ୍ଣା। ସାନ୍ନିସା ସିଗ୍ନେଚର ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚଳଚ୍ଚିତ୍ରରେ ସ୍ୱରାଜଙ୍କ ବ୍ୟତୀତ ଶୀତଲ ପାତ୍ର ଓ ମୁମ୍ବାଇ ଅଭିନେତ୍ରୀ ତଥା ମଡେଲ ସିମ୍‌ରନ କୌର, ଚୌଧୁରୀ ବିକାଶ ଦାସ, ବବି ମିଶ୍ର, ଯଶଃ ଆଲୱାହଟ (ବଲିଉଡ୍ ଅଭିନେତା), ଆଶୁ ବର୍ମା (ପଞ୍ଜାବର ମଡେଲ, ଅଭିନେତା ଏବଂ ନିର୍ଦ୍ଦେଶକ), ରବି ମିଶ୍ର, ସତୀଶ୍ ପଟେଲ ଓ ଇଲ୍ଲୁ ବାନାର୍ଜୀ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅସିତା ଶତପଥୀ ମଧ୍ୟ କାଷ୍ଟିଂରେ ଅଛନ୍ତି। ଏହି ଚିତ୍ରରେ ଶୀତଲ ଜଣେ ଗାଁଉଲି ଝିଅ ଭୂମିକାରେ ଦେଖାଦେବେ। ଏହାର ଲାଇନ୍ ପ୍ରଯୋଜକ ଅଛନ୍ତି ବିଜୟ ପାତ୍ର। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ଗୀତିକାର ନିଜାମ୍‌ଙ୍କ ପୁତ୍ର ଅସଦ ନିଜାମ। ସିନେମାଟୋଗ୍ରାଫି ଦାୟିତ୍ୱ ନରେନ୍ଦ୍ର ଗୌଡ଼ ତୁଲାଉଥିବା ବେଳେ ସଂଳାପ ରଚନା କରିଛନ୍ତି ବିଜୟ କୁମାର ରାଉଳ। ଚଳଚ୍ଚିତ୍ର 'ପ୍ରଥା'ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀ। ଫିଲ୍ମଟିର ସଫଳତାକୁ ନେଇ ଆଶା ରଖିଛନ୍ତି ଏହାର ନିର୍ଦ୍ଦେଶକ।

# ରହସ୍ୟ ଖୋଲିଲେ ଅର୍ଜୁନ


ଅର୍ଜୁନ

ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜକ ବୋନି କପୁରଙ୍କ ପୁଅ ଅର୍ଜୁନ କପୁର ଅଭିନୟକୁ କ୍ୟାରିୟର କରିବା ପଛରେ ଏକ ରହସ୍ୟ ଲୁଚି ରହିଥିଲା। ହେଲେ ତାହା କ'ଣ ? ଆଜି ସେ କାହା ପାଇଁ ଅଭିନେତା ସାଜି ପାରିଛନ୍ତି। ଏ ନେଇ ଅର୍ଜୁନ କହନ୍ତି, 'ଆଜି ମୁଁ ବଲିଉଡରେ ଏଣ୍ଟ୍ରି କରିପାରିଛି ଆଉ କେତୋଟି ସିନେମାର ମଧ୍ୟ ଅଭିନୟ କରିଛି। ଏ ସବୁ ସମ୍ଭବ ହୋଇଛି କେବଳ ଜଣଙ୍କ ପାଇଁ। ଆଉ ସେ ହେଲେ ସଲମାନ ଖାଁ। ଏକଦା ତାଙ୍କ ସହ ମୋର ଭେଟ ହେବା ପରେ ସେ ମୋତେ ଆକ୍ଟିଂ ଲାଇନକୁ ଆପଣେଇବାକୁ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, କିପରି ଅଭିନୟ ମାଧ୍ୟମରେ ମୁଁ ଦର୍ଶକଙ୍କ ମନ ଜିଣିପାରିବି ସେ ନେଇ ଟିପ୍ସ ମଧ୍ୟ ଦେଇଥିଲେ। ମୋ ପ୍ରତି ତାଙ୍କର ସବୁଠାରୁ ବଡ ସହଯୋଗ ଥିଲା ଫିଟ୍‌ନେସ୍‌କୁ ନେଇ। ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବାକୁ ତାଙ୍କର ପରାମର୍ଶ ମୋ ପାଇଁ ବରଦାନ ସଦୃଶ ଥିଲା। ତେଣୁ ଏ ସବୁର ଶ୍ରେୟ ମୁଁ ତାଙ୍କୁ ହିଁ ଦେବି। ଏଥିଲାଗି ସଲମାନ୍‌ଜୀଙ୍କୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ।' ଅଭିନୟ କରିବା ପୂର୍ବରୁ ଅର୍ଜୁନ ଜଣେ ସହଯୋଗୀ ନିର୍ଦ୍ଦେଶକ ଭାବରେ ଦୁଇଟି ସିନେମା-'କଲ୍ ହୋ ନା ହୋ' ଏବଂ 'ସଲାମ୍-ଇ-ଇସ୍କ'ରେ କାମ କରିଥିଲେ। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ ଥିଲା 'ଇସ୍କଜାଦେ'।






# ଶ୍ରୀଲଙ୍କା ଚ୍ୟାଲେଞ୍ଜ ପାଇଁ ଭାରତ ପ୍ରସ୍ତୁତ

**ମୁମ୍ବାଇ, ୧।୧୧**

ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଗୁରୁବାର ଏହାର ୭ମ ମ୍ୟାଚ ଖେଳିବ। ଏଥର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଶ୍ରୀଲଙ୍କା। ପୂର୍ବ ମ୍ୟାଚଗୁଡ଼ିକରେ ଅଷ୍ଟ୍ରେଲିଆ, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡକୁ ହରାଇ ଟୁର୍ନାମେଣ୍ଟରେ ଏକମାତ୍ର ଦଳ ଭାବେ ଅପରାଜେୟ ରହିଛି ଟିମ୍ ଇଣ୍ଡିଆ। ମୋମେଣ୍ଟମ ବଜାୟ ରଖି ଶ୍ରୀଲଙ୍କା ବିପକ୍ଷରେ ବିଜୟ ହାସଲ ରୋହିତ ଶର୍ମାଙ୍କ ଦଳର ମୁଖ୍ୟ ଲକ୍ଷ୍ୟ। ୧୨ ପଏଣ୍ଟ ପାଇ ସାରିଥିବା ଭାରତ ଆଗାମୀ ମ୍ୟାଚ ଜିତିଲେ ସେମିଫାଇନାଲ ପ୍ରବେଶ ନିଶ୍ଚିତ ହୋଇଯିବ। ଅନ୍ୟପକ୍ଷରେ ପରାଜିତ ହେଲେ ଶ୍ରୀଲଙ୍କାର ବିଶ୍ୱକପ୍ ଅଭିଯାନ ଏକପ୍ରକାର ଶେଷ ହେବ। ୨୦୧୧ ବିଶ୍ୱକପ୍ ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା। ଶେଷ ଥର ପାଇଁ ୨୦୧୯ ବିଶ୍ୱକପ୍‌ରେ ଉଭୟ ଦଳ ମଧ୍ୟରେ ମୁକାବିଲାରେ ମଧ୍ୟ ଭାରତ ବାଜି ମାରିଥିଲା। ତେଣୁ ବର୍ତ୍ତମାନର ଫର୍ମକୁ ଦେଖିଲେ ଭାରତ ଫେଭରାଇଟ ବିବେଚିତ ହୋଇଛି। ତେବେ ଅତ୍ୟଧିକ ଆତ୍ମବିଶ୍ୱାସ ଦଳକୁ କ୍ଷତି ପହଞ୍ଚାଇପାରେ ବୋଲି ମଧ୍ୟ ଭାରତୀୟ ଦଳକୁ ମନେ ରଖିବାକୁ ହେବ। ଚେନ୍ନାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ଦଳ ଏକଦା ୨ ରନ ମଧ୍ୟରେ ୩ ଉଇକେଟ ହରାଇ ବିପର୍ଯ୍ୟୟରେ ପଡ଼ିଥିଲା। ସେହିପରି ଲକ୍ଷ୍ନୌରେ ଇଂଲଣ୍ଡ ବିପକ୍ଷରେ ଦଳୀୟ ଇନିଂସ ୨୨୯/୯ରେ ଶେଷ ହୋଇ ଯାଇଥିଲା।

ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ଦଳ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି। ମହମ୍ମଦ ଶାମି ନିଜ ଚୟନକୁ ଯଥାର୍ଥ ସାବ୍ୟସ୍ତ କରିଛନ୍ତି। ସେ ୨ଟି ମ୍ୟାଚରେ ଥରେ ୫ ଉଇକେଟ ସହ ୯ ଉଇକେଟ ହାସଲ କରି ସାରିଛନ୍ତି। ଆଗକୁ ବଡ଼ ମୁକାବିଲା ଆସୁଛି। ତେଣୁ ଯଶପ୍ରୀତ୍ ବୁମ୍‌ରାଙ୍କୁ ସତେଜ ରଖିବା ଦିଗରେ କୋଚ୍ ରାହୁଲ ଦ୍ରାବିଡ଼ ଓ ଅଧିନାୟକ ରୋହିତ ଶର୍ମାଙ୍କୁ ଚିନ୍ତା କରିବାକୁ ହେବ। କାରଣ ନେଦରଲାଣ୍ଡ୍ସ ବିପକ୍ଷ ଶେଷ ଲିଗ୍ ମ୍ୟାଚ ପୂର୍ବରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଆଶା ନାହିଁ। ଉଭୟ ଶୁବମନ ଗିଲ୍ ଓ ଶ୍ରେୟସ ଆୟର ଦିନିକିଆରେ ସ୍ଥିର ପ୍ରଦର୍ଶନ ସହ ବିଶ୍ୱକପ ଅଭିଯାନ ଆରମ୍ଭ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଉଭୟଙ୍କ ବ୍ୟାଟ୍‌ରୁ ସେପରି ଇନିଂସ ଦେଖିବାକୁ ମିଳିନାହିଁ। ଡେଙ୍ଗୁରେ ଆକ୍ରାନ୍ତ ଯୋଗୁ ଭାରତର ପ୍ରଥମ ୨ଟି ମ୍ୟାଚ ଖେଳିପାରି ନ ଥିବା ଗିଲ୍ ଅବଶିଷ୍ଟ ମ୍ୟାଚଗୁଡ଼ିକରେ ବ୍ୟାଟିଂ କରିଥିଲେ ହେଁ ମାତ୍ର ଗୋଟିଏ ଅର୍ଦ୍ଧଶତକ ହାସଲ କରି ପାରିଛନ୍ତି। ଏବେ ବଡ଼ ଇନିଂସ ଖେଳିବା ସମୟ ଆସିଯାଇଛି ବୋଲି ଗିଲ୍ ନିଶ୍ଚିତ ଅନୁଭବ କରୁଥିବେ। ଆୟର ମଧ୍ୟ ୬ ଇନିଂସରେ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ପାକିସ୍ତାନ ବିପକ୍ଷରେ ଚେଜ୍ ସମୟରେ ୫୩ ରନରେ ଅପରାଜିତ ରହି ପ୍ରଶଂସାର ପାତ୍ର ହୋଇଥିଲେ ଆୟର। ମାତ୍ର ଅନେକ ସମୟରେ ବଡ଼ ଇନିଂସ ଖେଳି ମ୍ୟାଚକୁ ଫିନିଶ୍ କରିବାର ସୁଯୋଗ ସେ ହାତଛଡ଼ା କରିଛନ୍ତି। ଆଗାମୀ ମ୍ୟାଚ ଘରୋଇ ପଡ଼ିଆରେ ଖେଳିବାକୁ ଯାଉଥିବାରୁ ଆୟରଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ରୋହିତ, ସୂର୍ଯ୍ୟକୁମାର ଯାଦବ ଓ ଶାର୍ଦ୍ଦୂଳ ଠାକୁରଙ୍କର ମଧ୍ୟ ଏହା ଘରୋଇ ପଡ଼ିଆ। ଚଳିତ ବିଶ୍ୱକପ୍‌ରେ ଗୋଟିଏ ଶତକ, ୨ଟି ଅର୍ଦ୍ଧଶତକ ସହ ୬୬.୩୩ ଆଭରେଜରେ ୩୯୮ ରନକରି ଭାରତର ଅଗ୍ରଣୀ ସ୍କୋରର ଥିବା ରୋହିତ ସ୍ଥାନୀୟ ଦର୍ଶକଙ୍କ ସମ୍ମୁଖରେ ନିଜ ବ୍ୟାଟ୍‌ର ଯାଦୁଦେଖାଇ ଇନିଂସକୁ ସ୍ମରଣୀୟ କରିବାକୁ ନିଶ୍ଚିତ ଆଶା ରଖିଥିବେ।

କ୍ୱାଲିଫିକେଶନ ରାଉଣ୍ଡରେ ଚମତ୍କାର ପ୍ରଦର୍ଶନ କରିଥିବା ଶ୍ରୀଲଙ୍କା ଦଳର ପ୍ରଦର୍ଶନ ମୁଖ୍ୟ ଟୁର୍ନାମେଣ୍ଟରେ ଦେଖିବାକୁ ମିଳିନାହିଁ। ଆହତ ସମସ୍ୟା ଏବଂ ଦଳରେ କେତେକ ମୁଖ୍ୟ ଖେଳାଳିଙ୍କ ଅନୁପସ୍ଥିତି ଦଳରେ ଗୁରୁତର ଅନୁଭବ ହୋଇଛି। କେତେକ ଯୁବ ଖେଳାଳି ନିଜ ପ୍ରଦର୍ଶନ ମାଧ୍ୟମରେ ଯଦିଓ ପ୍ରଭାବିତ କରିଛନ୍ତି ତେବେ ତାହା ଦଳର ଅଗ୍ରଗତି ପାଇଁ ପର୍ଯ୍ୟାପ୍ତ ହୋଇନାହିଁ। ସଦିରା ସମରବିକ୍ରମା ୬ ଗେମ୍‌ରେ ୩୩୧ ରନ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ। ସେ ଏପର୍ଯ୍ୟନ୍ତ ଶ୍ରୀଲଙ୍କାର ଅଗ୍ରଣୀ ରନ୍ ସ୍କୋରର ରହିଛନ୍ତି। ଭାରତର ଶୁବମନ ଗିଲ୍‌ଙ୍କ ପରେ ଦ୍ୱିତୀୟ ଖେଳାଳିଭାବେ ଚଳିତ ସିଜନରେ ଦିନିକିଆରେ ୧୦୦୦ ରନ ପୂରଣ କରିଥିବା ପଥୁମ ନିସଙ୍କା ମଧ୍ୟ ବିଶ୍ୱକପ୍‌ରେ ଭଲ ଖେଳିଛନ୍ତି। ୪ଟି ଅର୍ଦ୍ଧଶତକ ହାସଲ କରିସାରିଥିବା ନିସଙ୍କାଙ୍କ ଉପରେ ବିପକ୍ଷ ଦଳଗୁଡ଼ିକର ନଜର ରହିଛି। ସେ ଚଳିତ ସିଜନରେ ୨୬ ମ୍ୟାଚରେ ୪୮.୧୭ ଆଭରେଜରେ ୧,୧୦୮ ରନ ସ୍କୋର କରିଛନ୍ତି। ଏହା ମଧ୍ୟରେ ୨ ଶତକ ଓ ୯ ଅର୍ଦ୍ଧଶତକ ସାମିଲ। ଅଧିନାୟକ କୁସାଲ ମେଣ୍ଡିସ ଓ ଆଞ୍ଜେଲୋ ମାଥ୍ୟୁସଙ୍କଠାରୁ ମ୍ୟାଚ ବିଜୟୀ ପ୍ରଦର୍ଶନ ଆଶା କରାଯାଉଛି। ଅଭିଜ୍ଞ ବୋଲରଙ୍କ ଅନୁପସ୍ଥିତିରେ ଶ୍ରୀଲଙ୍କା ଯୁବ ବୋଲରମାନେ ସୁଯୋଗର ସଦ୍‌ବ୍ୟବହାର କରିବାକୁ ଚେଷ୍ଟା କରିଛନ୍ତି।




ବୁଧବାର ଅଭ୍ୟାସ ଅବସରରେ ଶୁବମନ ଗିଲ୍ ଓ ବିରାଟ କୋହଲି।

## ବିଶ୍ୱକପ୍ ରେକର୍ଡ

**● ମ୍ୟାଚ ୯: ଭାରତ-୪, ଶ୍ରୀଲଙ୍କା-୪**

- ➤୧୯୭୯ ଜୁନ ୧୬: ଶ୍ରୀଲଙ୍କା ୪୭ ରନରେ ବିଜୟୀ
- ➤୧୯୯୨ ଫେବୃୟାରୀ ୨୮: ଫଳାଫଳ ବିହୀନ
- ➤୧୯୯୬ ମାର୍ଚ୍ଚ ୨: ଶ୍ରୀଲଙ୍କା ୬ ଉଇକେଟରେ ବିଜୟୀ
- ➤୧୯୯୬ ମାର୍ଚ୍ଚ ୧୩: ଦର୍ଶକ ଗଣ୍ଡଗୋଳ ଯୋଗୁ ଅସମାପ୍ତ ମ୍ୟାଚରେ ଶ୍ରୀଲଙ୍କା ବିଜୟୀ
- ➤୧୯୯୯ ମେ' ୨୬: ଭାରତ ୧୫୭ ରନରେ ବିଜୟୀ
- ➤୨୦୦୩ ମାର୍ଚ୍ଚ ୧୦: ଭାରତ ୧୮୩ ରନରେ ବିଜୟୀ
- ➤୨୦୦୭ ମାର୍ଚ୍ଚ ୨୩: ଶ୍ରୀଲଙ୍କା ୬୯ ରନରେ ବିଜୟୀ
- ➤୨୦୧୧ ଏପ୍ରିଲ ୨: ଭାରତ ୬ ଉଇକେଟରେ ବିଜୟୀ
- ➤୨୦୧୯ ଜୁଲାଇ ୬: ଭାରତ ୭ ଉଇକେଟରେ ବିଜୟୀ

# ୱାଙ୍ଖେଡେରେ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ମୁମ୍ବାଇ,୧।୧୧(ପି.ଟି.)**

ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ଏକ ପ୍ରତିମୂର୍ତ୍ତି ବୁଧବାର ୱାଙ୍ଖେଡେ ଷ୍ଟାଡିୟମରେ ଉନ୍ମୋଚିତ ହୋଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ପତ୍ନୀ ଅଞ୍ଜଳି ଓ ଝିଅ ସାରାଙ୍କ ସହିତ ସଚିନ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଷ୍ଟ୍ରୋକ୍ ଖେଳୁଥିବା ମୁଦ୍ରାରେ ଏହି କିମ୍ବଦନ୍ତୀ ବ୍ୟାଟରଙ୍କ ପ୍ରତିମୂର୍ତ୍ତୀଟି ସଚିନ ତେନ୍ଦୁଲକର ଷ୍ଟାଣ୍ଡ ନିକଟରେ ରଖାଯାଇଛି। ତେନ୍ଦୁଲକରଙ୍କ ମୂର୍ତ୍ତି ଉନ୍ମୋଚନ ଅବସରରେ ପୂର୍ବତନ ବିସିସିଆଇ ଓ ଆଇସିସି ସଭାପତି ଶରଦ ପୱାର, ବିସିସିଆଇ ସମ୍ପାଦକ ଜୟ ଶାହା, କୋଷାଧ୍ୟକ୍ଷ ଆଶିଷ ଶେଲାରଙ୍କ ସମେତ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଅଫିସିଆଲ, ସଭାପତି ଅମୋଲ କାଲେ ଓ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ। ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ମୁହୂର୍ତ୍ତ। ଏହି ଗ୍ରାଉଣ୍ଡ ସହିତ ମୋର ଅନେକ ସ୍ମୃତି ଜଡିତ ଥିବା ବେଳେ ଏଠାରେ ମୋର ପ୍ରତିମୂର୍ତ୍ତି ନିର୍ମାଣ ହେବା ମୋ ପାଇଁ ଏକ ସମ୍ମାନର ବିଷୟ ବୋଲି ତେନ୍ଦୁଲକର କହିଛନ୍ତି।




ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ବୁଧବାର ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅନ୍ୟମାନେ।

## ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଭାରତ ବନାମ ଶ୍ରୀଲଙ୍କା**

ସ୍ଥାନ: ମୁମ୍ବାଇ,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଶବ୍ଦକୋଷରେ ସାମିଲ ହେଲା 'ବାଜ୍‌ବଲ୍'

**ଲଣ୍ଡନ,୧।୧୧(ପି.ଟି.):** ଇଂଲଣ୍ଡ ଦଳ ପକ୍ଷରୁ ଖେଳାଯାଉଥିବା ଆକ୍ରମଣାତ୍ମକ କ୍ରିକେଟକୁ ବାଜ୍‌ବଲ୍ କୁହାଯାଉଥିବା ବେଳେ ଏହାକୁ ଶବ୍ଦକୋଷ (ଡିକ୍ସନାରି)ରେ ସ୍ଥାନ ମିଳିଛି। କଲିନ୍ସ ଡିକ୍ସନାରିରେ ଏହି ଶବ୍ଦକୁ ସ୍ଥାନ ମିଳିଥିବା ବେଳେ ଏହାର ଅର୍ଥ ଟେଷ୍ଟ କ୍ରିକେଟରେ ନିର୍ଭୀକ ଓ ଆକ୍ରମଣାତ୍ମକ କ୍ରିକେଟ ଖେଳିବା ରଖାଯାଇଛି। ଏହି ଶବ୍ଦଟିକୁ ବିଶେଷ୍ୟ (ନାଉନ୍) ଭାବରେ ରଖାଯାଇଛି। ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ତଥା ବର୍ତ୍ତମାନ ଇଂଲଣ୍ଡ ଟିମ୍‌ର କୋଚ୍ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ନାମରେ ଏହି ଶବ୍ଦଟିପ୍ରଥମେ ବ୍ୟବହୃତ ହୋଇଥିଲା। ମ୍ୟାକ୍‌କୁଲମ ବାଜ୍ ନାମରେ ପରିଚିତ ଥିବାବେଳେ ଏହି ରଣନୀତିକୁ ବାଜ୍‌ବଲ୍ ବୋଲି କୁହାଯାଇଥିଲା।

# ଦକ୍ଷିଣ ଆଫ୍ରିକାର ବୃହତ୍ ବିଜୟ

**ପୁଣେ, ୧।୧୧**

କ୍ୱିଣ୍ଟନ ଡି'କକ୍ ଓ ରସି ଭାନ୍ ଡର୍ ଡୁସେନଙ୍କ ଶତକ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଦକ୍ଷିଣ ଆଫ୍ରିକା ଦିନିକିଆ କ୍ରିକେଟ ବିଶ୍ୱକପର ବୁଧବାର ଅନୁଷ୍ଠିତ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୧୯୦ ରନରେ ପରାସ୍ତ କରିଛି। ଏଥିସହ ଏହି ଦଳ ସେମିଫାଇନାଲ ଦ୍ୱାରରେ ପହଞ୍ଚି ଯାଇଛି। ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୪ ଉଇକେଟ ହରାଇ ୩୫୭ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ୩୫.୩ ଓଭରରେ ୧୬୭ ରନକରି ଅଲ୍‌ଆଉଟ ହୋଇଛି। ୭ ମ୍ୟାଚରୁ ୬ଷ୍ଠ ବିଜୟ ସହ ଦକ୍ଷିଣ ଆଫ୍ରିକା ପଏଣ୍ଟ ଟେବୁଲର ଶୀର୍ଷକୁ ପ୍ରତ୍ୟାବର୍ତ୍ତନ କରିଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୪ ବିଜୟ ପରେ କ୍ରମାଗତ ୩ଟି ମ୍ୟାଚ ହାରି ପରାଜୟରେ ହ୍ୟାଟ୍ରିକ କରିଛି। ଏଥିସହ ଦଳ ଟେବୁଲର ୪ର୍ଥ ସ୍ଥାନକୁ ଖସିଛି। ନ୍ୟୁଜିଲାଣ୍ଡର ପରାଜୟ ଫଳରେ ପାକିସ୍ତାନ ଓ ଆଫଗାନିସ୍ତାନର ସେମିଫାଇନାଲ ପ୍ରବେଶ ଆଶା ବଢ଼ି ଯାଇଛି। ନ୍ୟୁଜିଲାଣ୍ଡ ୭ ମ୍ୟାଚରୁ ୮ ପଏଣ୍ଟରେ ସ୍ଥିର ରହିଥିବାବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ୬ ପଏଣ୍ଟ ଲେଖାଏ ପାଇଛନ୍ତି। ତେଣୁ ସେମିଫାଇନାଲ ପ୍ରବେଶ ପାଇଁ ଆଗାମୀ ଦିନରେ ମୁକାବିଲା ଅଧିକ ରୋଚକ ହେବା ନିଶ୍ଚିତ ହୋଇଛି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ଓପନିଂ ଯୋଡ଼ିରେ ୩୮ ରନ ସଂଗ୍ରହ ପରେ ଦକ୍ଷିଣ ଆଫ୍ରିକା ଯଦିଓ ଅଧିନାୟକ ଟେମ୍ବା ବଭୁମାଙ୍କ ଉଇକେଟ ହରାଇଥିଲା ତେବେ କ୍ୱିଣ୍ଟନ ଡି'କକ୍ ଓ ରସି ଭାନ୍ ଡର୍ ଡୁସେନ ଦ୍ୱିତୀୟ ଉଇକେଟରେ ଦ୍ୱିଶତକୀୟ ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଦୁହେଁ ଶତକ ହାସଲ କରିବା ସହ ୧୮୯ ବଲ୍‌ରୁ ୨୦୦ ରନ ଯୋଗ କରିଥିଲେ। ୪୦ ଓଭରରେ ସ୍କୋର ୨୩୮ ହୋଇଥିବାବେଳେ ଡି'କକ୍‌ଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡକୁ ବ୍ରେକ୍ ଥ୍ରୁ ଦେଇଥିଲେ ଟିମ୍ ସାଉଦି। ଏହାଥିଲା ଡି'କକ୍‌ଙ୍କର ଚଳିତ ବିଶ୍ୱକପରେ ୪ର୍ଥ ଏବଂ ଦିନିକିଆ କ୍ରିକେଟରେ ୨୧ତମ ଶତକ। ଗୋଟିଏ ବିଶ୍ୱକପରେ ସର୍ବାଧିକ ଶତକ ହାସଲ କରିବାରେ ସେ ଶ୍ରୀଲଙ୍କାର କୁମାର ସଙ୍ଗକାରା (୨୦୧୫)ଙ୍କ ସମକକ୍ଷ ହୋଇଥିଲେ। କେବଳ ଭାରତର ରୋହିତ ଶର୍ମା (୨୦୧୯) ଗୋଟିଏ ବିଶ୍ୱକପରେ ୫ଟି ଶତକ ହାସଲ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ୧୧୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡି'କକ୍ ୧୦ ଚୌକା ଓ ୩ ଛକା ସହାୟତାରେ ୧୧୪ ରନ କରିଥିଲେ। ଶେଷ ୧୦ ଓଭରରେ ଦକ୍ଷିଣ ଆଫ୍ରିକା ୧୧୯ ରନ ସଂଗ୍ରହ କରିଥିଲା। ଏଥିରେ ଡୁସେନ ଓ ଡେଭିଡ ମିଲରଙ୍କ ବଡ଼ ଯୋଗଦାନ ରହିଥିଲା। ୬ଷ୍ଠ ଦିନିକିଆ ଶତକ ହାସଲ କରିଥିବା ଡୁସେନ ୧୧୮ ବଲ୍‌ରୁ ୯ ଚୌକା ଓ ୫ ଛକା ସହିତ ସର୍ବାଧିକ ୧୩୩ ଏବଂ ମିଲର ୩୦ ବଲ୍‌ରୁ ୨ ଚୌକା ଓ ୪ ଛକା ସହ ୫୩ ରନ କରିଥିଲେ।

ବଡ଼ ସ୍କୋରର ପିଛା କରିଥିବା ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପରେ ପ୍ରଥମଥରପାଇଁ ଆଶ୍ଚର୍ଯ୍ୟଜନକଭାବେ ବିନା ଲଢ଼େଇରେ ଆତ୍ମସମର୍ପଣ କରିଥିଲା। ବଡ଼ ପାର୍ଟନରଶିପ୍‌ର ଅଭାବ ଦଳକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲା। ଗ୍ଲେନ୍ ଫିଲିପ୍ସ ସର୍ବାଧିକ ୬୦ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୩୫୭/୪ (ରସି ଭାନ୍ ଡର୍ ଡୁସେନ-୧୩୩, କ୍ୱିଣ୍ଟନ ଡି'କକ୍-୧୧୪, ଡେଭିଡ ମିଲର-୫୩, ଟିମ୍ ସାଉଦି-୨/୭୭, ଟ୍ରେଣ୍ଟ ବୋଲ୍ଟ-୧/୪୯, ଜେମ୍ସ ନିଶାମ-୧/୬୯)। ନ୍ୟୁଜିଲାଣ୍ଡ ୩୫.୩ ଓଭରରେ ୧୬୭/ଅଲ୍‌ଆଉଟ (ଗ୍ଲେନ୍ ଫିଲିପ୍ସ-୬୦, ୱିଲ ୟଙ୍ଗ-୩୩, କେଶବ ମହାରାଜ-୪/୪୬, ମାର୍କୋ ଜାନସେନ-୩/୩୧, ଗେରାଲ୍ଡ କୋଜି-୨/୪୧, କାଗିଶୋ ରାବାଡ଼ା-୧/୧୬)।






ଶତକ ହାସଲ ପରେ ଦକ୍ଷିଣ ଆଫ୍ରିକାର ରସି ଭାନ୍ ଡର୍ ଡୁସେନ ଓ କ୍ୱିଣ୍ଟନ ଡି'କକ୍।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଦକ୍ଷିଣ ଆଫ୍ରିକା | ୭ | ୬ | ୧ | ୧୨ | +୨.୨୯୦ |
| ଭାରତ | ୬ | ୬ | ୦ | ୧୨ | +୧.୪୦୫ |
| ଅଷ୍ଟ୍ରେଲିଆ | ୬ | ୪ | ୨ | ୮ | +୦.୯୭୦ |
| ନ୍ୟୁଜିଲାଣ୍ଡ | ୭ | ୪ | ୩ | ୮ | +୦.୪୨୪ |
| ପାକିସ୍ତାନ | ୭ | ୩ | ୪ | ୬ | -୦.୦୨୪ |
| ଆଫଗାନିସ୍ତାନ | ୬ | ୩ | ୩ | ୬ | -୦.୭୧୮ |
| ଶ୍ରୀଲଙ୍କା | ୬ | ୨ | ୪ | ୪ | -୦.୨୭୫ |
| ନେଦରଲାଣ୍ଡ୍ସ | ୬ | ୨ | ୪ | ୪ | -୧.୨୭୭ |
| ବାଂଲାଦେଶ | ୭ | ୧ | ୬ | ୨ | -୧.୪୪୬ |
| ଇଂଲଣ୍ଡ | ୬ | ୧ | ୫ | ୨ | -୧.୬୫୨ |

# ଦିଲ୍ଲୀ, ମୁମ୍ବାଇ ଷ୍ଟାଡିୟମରେ ଆତସବାଜି ମନା

**ନୂଆଦିଲ୍ଲୀ,୧।୧୧(ପି.ଟି.)**

ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବଡ ନିଷ୍ପତ୍ତି ନେଇଛି ବିସିସିଆଇ। ଦିଲ୍ଲୀ ଓ ମୁମ୍ବାଇର ବିଭିନ୍ନ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡିକ ପରେ ବାଣ ଫୁଟା ହେବନି। ଉଭୟ ସହରରେ ବାୟୁ ପ୍ରଦୂଷଣର ମାତ୍ରା ଢେର ଅଧିକ ରହିଛି। ଫଳରେ ଏଠାରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡିକରେ ଏଣିକି ଆତସବାଜି ଦେଖିବାକୁ ମିଳିବ ନାହିଁ। ଦିଲ୍ଲୀରେ ଆଉ ଗୋଟିଏ ମ୍ୟାଚ୍ ବାକି ରହିଛି। ନଭେମ୍ବର ୬ ତାରିଖରେ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଏହି ମ୍ୟାଚ୍ ଖେଳାଯିବ। ତେବେ ମୁମ୍ବାଇରେ ଆଉ ୩ ମ୍ୟାଚ୍ ଖେଳାଯିବାକୁ ଅଛି। ନଭେମ୍ବର ୨, ନଭେମ୍ବର ୭ ତାରିଖରେ ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ ନଭେମ୍ବର ୧୫ରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ପରିବେଶ ପ୍ରଦୂଷଣକୁ ନେଇ ବିସିସିଆଇ ସର୍ବଦା ଏହାର ପକ୍ଷ ରଖିଥାଏ। ଏହି ପ୍ରସଙ୍ଗରେ ଆମେ ଆଇସିସି ସହିତ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା କହିଛନ୍ତି ବିସିସିଆଇ ସମ୍ପାଦକ ଜୟ ଶାହା। ବିଶ୍ୱକପ୍‌ରେ ଆମେ ରଙ୍ଗାରଙ୍ଗ କରିବା ପାଇଁ ଆଗ୍ରହୀ, କିନ୍ତୁ ସମସ୍ତଙ୍କ ସୁରକ୍ଷା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ କ୍ରମାଗତ ପଞ୍ଚମ ଦିନ ପାଇଁ ଅତ୍ୟନ୍ତ ଖରାପ ରହିଛି। ବୁଧବାର ବାୟୁ ପ୍ରଦୂଷଣ ସୂଚକାଙ୍କ ୩୭୨ ରହିଥିଲା। ସମାନ ଭାବରେ ମୁମ୍ବାଇରେ ମଧ୍ୟ ସ୍ଥିତି ସମାନ ପରିମାଣରେ ଖରାପ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୨/୨୦୨୩ Bhubaneswar, Thursday, November 2/ 2023






ଜାତୀୟ କ୍ରୀଡ଼ାରେ ଓଡ଼ିଶାର ପଦକ ବିଜେତା: ସଂଯୁକ୍ତା ଡୁଙ୍ଗଡୁଙ୍ଗ, ସ୍ୱିଟି, ଆଂଶିକା ଭାରତୀ, ରେଶମା କୁମାରୀ ମିଞ୍ଜ। ରିତୁ କାଉଦି ଓ ସୋନାଲି ସ୍ୱାଇଁ। ସବିତା ରାମଚାରି ବିକ୍ରମ ଟୁଡୁ

# ରୋଇଂରୁ ଓଡ଼ିଶାକୁ ୨ ବ୍ରୋଞ୍ଜ

**ଜାତୀୟ କ୍ରୀଡ଼ା**

ଭୁବନେଶ୍ୱର, ୧।୧୧

(ତପନ ସ୍ୱାଇଁ)

ଗୋଆରେ ଚାଲିଥିବା ଜାତୀୟ କ୍ରୀଡ଼ାର ରୋଇଂ ଇଭେଣ୍ଟରେ ଓଡ଼ିଶା ୨ଟି ବ୍ରୋଞ୍ଜ ପଦକ ହାସଲ କରିଛି। ଫଳରେ ଓଡ଼ିଶାର ପଦକ ସଂଖ୍ୟା ୫ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୨ ବ୍ରୋଞ୍ଜ ସହ ୨୬ରେ ପହଞ୍ଚିଛି। ଫଳରେ ପଦକ ହାସଲରେ ଓଡ଼ିଶା ପ୍ରତିଯୋଗୀମାନେ ପୂର୍ବ ସଂସ୍କରଣର ସମକକ୍ଷ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରିତୁ କାଉଦି ଓ ସୋନାଲି ସ୍ୱାଇଁ ଡବ୍ଲ୍ୟୁ୨-ଏଫ୍‌୧ ଇଭେଣ୍ଟରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ସଂଯୁକ୍ତା ଡୁଙ୍ଗଡୁଙ୍ଗ, ସ୍ୱିଟି, ଆଂଶିକା ଭାରତୀ ଓ ରେଶମା କୁମାରୀ ମିଞ୍ଜଙ୍କୁ ନେଇ ଗଠିତ ଓଡ଼ିଶା ଦଳ ଡବ୍ଲ୍ୟୁ୪-ଏଫ୍‌୧ ଇଭେଣ୍ଟରେ ମଧ୍ୟ ବ୍ରୋଞ୍ଜ ପାଇଛନ୍ତି। ଟାଏକୋଣ୍ଡୋ ଇଭେଣ୍ଟରେ ଓଡ଼ିଶା ପାଇଁ ରୌପ୍ୟ ପଦକ ହାସଲ କରିଛନ୍ତି ସବିତା ରାମଚାରି। ସେ ମହିଳା ୫୭ କେଜିରୁ କମ୍ ବର୍ଗରେ ଏହି ସଫଳତା ପାଇଛନ୍ତି। ଓଡ଼ିଶା ରୋଇଂ ଦଳର ପ୍ରଦର୍ଶନରେ ସନ୍ତୋଷ ପ୍ରକାଶ କରିଛନ୍ତି କୋଚ୍ ଇନ୍ଦରପାଲ ସିଂ। ‘‘ଆମେ ଯଦିଓ ଆହୁରି ଭଲ ପ୍ରଦର୍ଶନ କରିବାର ଦକ୍ଷତା ରଖିଛୁ ତେବେ ବ୍ରୋଞ୍ଜ ପଦକ ପାଇଁ ଖୁବ୍ ଖୁସି। ଓଡ଼ିଶା ପ୍ରତିଯୋଗୀଙ୍କ ପାଇଁ ପଦକ ଜିତିବା ଚ୍ୟାଲେଞ୍ଜ ସଦୃଶ ଥିଲା। ରୋଇଂରେ ଟ୍ରେନିଂ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋ ସହିତ ଆମର କେତେଜଣ କୋଚ୍ ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳ ସହ ଚାଇନା ଯାଇଥିଲେ। ଏହା ସତ୍ତ୍ୱେ ଆମ ଆଥଲେଟ୍‌ମାନେ ଯେପରି ପ୍ରଦର୍ଶନ କଲେ ତାହା ପ୍ରଶଂସାଯୋଗ୍ୟ। ଜଗତ୍‌ପୁରରେ ଉପଲବ୍ଧ ଭିତ୍ତିଭୂମୀ ବହୁତ ଭଲ। ଓଡ଼ିଶା ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଉଥିବାରୁ ଆମେ ଭାଗ୍ୟବାନ ମନେ କରୁଛୁ’’ ବୋଲି ଇନ୍ଦରପାଲ କହିଛନ୍ତି। ରୋଇଂ ବ୍ୟତୀତ ଉଷୁ ଇଭେଣ୍ଟରେ ଓଡ଼ିଶା ଏକ ବ୍ରୋଞ୍ଜ ପଦକ ପାଇଛି। ବିକ୍ରମ ଟୁଡୁ ତାଓଲୁ ଇଭେଣ୍ଟରେ ଏହି ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଜାତୀୟ କ୍ରୀଡ଼ାର ଉଷୁ ଇଭେଣ୍ଟରେ ଓଡ଼ିଶାର ଏହାଥିଲା ପ୍ରଥମ ପଦକ। ସେହିପରି ଓଡ଼ିଶା ମହିଳା ଫୁଟବଲ ଦଳ ହରିୟାଣା ନିକଟରୁ ୦-୪ ଗୋଲରେ ପରାଜିତ ହୋଇଥିଲେ ହେଁ ସେମି ଫାଇନାଲରେ ପ୍ରବେଶ କରିଛି।

# ‘୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ପୂରଣ ହୋଇଛି’

ନୂଆଦିଲ୍ଲୀ,୧।୧୧(ପି.ଟି.)

ପାରା ଏସିଆନ୍ ଗେମ୍ସରେ ଦେଶର ସମ୍ମାନ ବୃଦ୍ଧି କରିଥିବା ଆଥ୍‌ଲେଟମାନଙ୍କୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିଥିଲେ। ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହାଙ୍ଗଝୋରେ ଅନୁଷ୍ଠିତ ପାରା ଗେମ୍ସରେ ଭାରତ ୧୧୧ ପଦକ ସହିତ ପଞ୍ଚମ ସ୍ଥାନରେ ରହିଥିଲା। ଏହା ଦେଶର ସର୍ବଶ୍ରେଷ୍ଠ ପ୍ରଦର୍ଶନ ହୋଇଥିବା ବେଳେ ଆଥ୍‌ଲେଟିକ୍ସ ସପକ୍ଷରେ ବର୍ତ୍ତମାନ ହାୱା ବହୁଛି ବୋଲି କହିଛନ୍ତି ମୋଦି। ବର୍ତ୍ତମାନର ସରକାର ଆଥ୍‌ଲେଟଙ୍କ ସମ୍ମୁଖରେ ଥିବା ସମସ୍ତ ବାଧାବିଘ୍ନକୁ ଦୂରେଇବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଥିଲେ। ପୂର୍ବରୁ କ୍ରୀଡାକୁ କ୍ୟାରିୟର କରିବା ପୂର୍ବରୁ ଏହାକୁ ଏକ ସ୍ଥିର କ୍ୟାରିୟର ଭାବେ ଗ୍ରହଣ କରାଯାଉ ନ ଥିଲା। ମାତ୍ର ବର୍ତ୍ତମାନ ସମୟରେ ପରିବର୍ତ୍ତନ ଆସିଛି। ସରକାର ବର୍ତ୍ତମାନ କ୍ରୀଡା ଓ କ୍ରୀଡାବିତ୍‌ଙ୍କ ପଛରେ ଛିଡା ହୋଇଥିବାରୁ ଏହି ଧାରଣାରେ ପରିବର୍ତ୍ତନ ଆସିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଓଡ଼ିଶାର ପ୍ରମୋଦ ଭଗତ ଓ ଅନ୍ୟ ଭାରତୀୟ ପାରା ଆଥଲେଟ୍।

ଏହା ସହ ୟୁଥ୍ ଅଲିମ୍ପିକ୍ସ ୨୦୩୦ ଓ ଅଲିମ୍ପିକ୍ସ ୨୦୩୬ ପାଇଁ ଭାରତ ବିଡ୍ ଦାଖଲ କରିଥିବା ବେଳେ ଏହା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ସେ କହିଛନ୍ତି।

ଭାରତ ସର୍ବଦା ଭଲ ଆଥ୍‌ଲେଟ ସୃଷ୍ଟି କରିଥାଏ। ତେବେ ଆର୍ଥିକ ପ୍ରତିବନ୍ଧକ ଖେଳାଳିଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ରହିଥିଲା। ବିଗତ ୯ ବର୍ଷ ମଧ୍ୟରେ ଏହି ସମସ୍ୟା ଦୂର ହେବାରେ ଲାଗିଛି। ବର୍ତ୍ତମାନ ପ୍ରତି ଆଥ୍‌ଲେଟ ପିଛା ସରକାର ୪-୫ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାର ଏହାର ସମସ୍ତ ଧ୍ୟାନ ଆଥ୍‌ଲେଟଙ୍କ ଆଡକୁ କେନ୍ଦ୍ରିତ କରିଥିବା ବେଳେ ସେମାନଙ୍କ ରାସ୍ତାରୁ ପ୍ରତିବନ୍ଧକ ଦୂର ହୋଇଥିଲା। ଦକ୍ଷତାକୁ ଯେତେବେଳେ ଉପଯୁକ୍ତ ପ୍ଲାଟଫର୍ମ ମିଳେ ସେତେବେଳେ ଆଥ୍‌ଲେଟମାନେ ଆଗକୁ ବଢିଥାନ୍ତି। ସରକାରଙ୍କ ପକ୍ଷରୁ ଖେଲୋ ଇଣ୍ଡିଆ ଓ ଟପ୍ସ ପରି ସ୍କିମ୍ ଲଞ୍ଚ କରାଯାଇଛି। ଚଳିତ ପାରା ଗେମ୍ସରେ ଭାରତୀୟ ଆଥ୍‌ଲେଟ ଜିତିଥିବା ପଦକ କେବଳ ପଦକ ନୁହେଁ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱପ୍ନ ବୋଲି ସେ କହିଛନ୍ତି। ୨୦୧୪ରେ ଆମେ ୧୫ ନମ୍ବର ସ୍ଥାନରେ ରହିଥିବା ବେଳେ ଚଳିତ ବର୍ଷ ଆମେ ୫ ନମ୍ବର ସ୍ଥାନରେ ରହି ଅଭିଯାନ ଶେଷ କରିବା ଏକ ଚମତ୍କାର ଉପଲବ୍ଧି ବୋଲି କହିଛନ୍ତି ମୋଦି। ବିଗତ କିଛି ବର୍ଷ କ୍ରୀଡା ପାଇଁ ଏକ ଚମତ୍କାର ସମୟ ରହିଥିବା ବେଳେ ଏଥିରେ ଆଥ୍‌ଲେଟମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସେହିପରି ଦିବ୍ୟାଙ୍ଗ ଆଥ୍‌ଲେଟମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଏକ ପ୍ରଶିକ୍ଷଣ କେନ୍ଦ୍ର ଖୁବ୍‌ଶୀଘ୍ର ଖୋଲାଯିବ ବୋଲି ସେ କହିଥିଲେ।

## ଗଲ୍ଫ କାର୍ଟରୁ ପଡି ମ୍ୟାକ୍ସୱେଲ ଆହତ

**ଅହମଦାବାଦ,୧।୧୧(ପି.ଟି.):** ଗଲ୍ଫ କାର୍ଟରୁ ଗଳି ପଡି ଆହତ ହେବା ସହିତ ଅଷ୍ଟ୍ରେଲିଆର ବିସ୍ଫୋରକ ବ୍ୟାଟର ଗ୍ଲେନ୍ ମ୍ୟାକ୍ସୱେଲ ଇଂଲଣ୍ଡ ବିପକ୍ଷ ବିଶ୍ୱକପ ମ୍ୟାଚରୁ ବାଦ ପଡିଛନ୍ତି। ପଡିବା ସମୟରେ ଶରୀରରେ କିଛି ଖଣ୍ଡିଆ ଖାବରା ହେବା ସହ ତାଙ୍କ ମୁଣ୍ଡ ମଧ୍ୟ ମାଡ ହୋଇଛି। ସୋମବାର ଏହି ଘଟଣା ଘଟିଥିବା ନେଇ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ କୁହାଯାଇଛି। ମ୍ୟାକ୍ସୱେଲ ବାଦ ପଡିବା ଅଷ୍ଟ୍ରେଲିଆ ଦଳ ପାଇଁ ବଡ ଝଟକା। ଆଡାମ ଜାମ୍ପାଙ୍କ ସହିତ ମିଳିତ ଭାବରେ ସେ ସ୍ପିନ୍ ବିଭାଗର ଦାୟିତ୍ୱ ନେଉଥିଲେ। ଏହା ସହିତ ମାତ୍ର ୪୦ ବଲ୍‌ରେ ଶତକ ହାସଲ କରି ବିଶ୍ୱକପ ଇତିହାସର ଦ୍ରୁତତମ ଶତକ ମଧ୍ୟ ରେକର୍ଡ କରିଥିଲେ। ଖେଳ ପଡିଆ ବାହାରେ ମ୍ୟାକ୍ସୱେଲ ଦ୍ୱିତୀୟ ଥର ପାଇଁ ଏଭଳି ଆହତ ହୋଇଛନ୍ତି। ପୂର୍ବରୁ ଏକ ଜନ୍ମଦିନ ପାର୍ଟିରେ ପଡି ଯିବାରୁ ତାଙ୍କ ଗୋଡ ଭାଙ୍ଗିଥିଲା। ଇଂଲଣ୍ଡ ମ୍ୟାଚ୍ ପୂର୍ବରୁ ଅଷ୍ଟ୍ରେଲିଆ ଦଳକୁ ଏକ ସପ୍ତାହର ବିରତି ମିଳିଥିବାରୁ ଦଳର ସମସ୍ତ ଖେଳାଳି ଗଲ୍ଫ ଖେଳିବାକୁ ନିଷ୍ପତ୍ତି ନେଇଥିଲେ।

## ଅଲ୍ ଦୱାସାରି, ସାମ୍ କେର୍ ପ୍ଲେୟର୍ ଅଫ୍ ଦ ଇୟର

ଦୋହା,୧।୧୧(ପି.ଟି.)

ଏସିଆନ୍ ଫୁଟ୍‌ବଲ କନ୍‌ଫେଡେରେଶନ୍ (ଏଏଫ୍‌ସି) ପକ୍ଷରୁ ଚଳିତ ବର୍ଷର ଶ୍ରେଷ୍ଠ ଖେଳାଳି ଭାବରେ ଅଲ ଦୱାସାରି ଓ ସାମ୍ କେର୍‌ଙ୍କୁ ପୁରସ୍କୃତ କରାଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ଏଏଫ୍‌ସି ପକ୍ଷରୁ ସାଉଦି ଆରବର ସାଲେମ୍ ଅଲ ଦୱାସାରି ଓ ଅଷ୍ଟ୍ରେଲିଆର ସାମ୍ କେର୍‌ଙ୍କୁ ଯଥାକ୍ରମେ ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳି ଭାବରେ ସମ୍ମାନିତ କରାଯାଇଛି। ୨୦୨୨ ଫିଫା ପୁରୁଷ ଫୁଟ୍‌ବଲ ବିଶ୍ୱକପ୍‌ରେ ଚାମ୍ପିୟନ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା ସାଉଦି ଆରବ। ୱିଙ୍ଗର ସାଲେମ୍ ଅଲ୍ ଦୱାସାରି ଏହି ମ୍ୟାଚରେ ସ୍କୋର କରିଥିଲେ। ଏହା ସହିତ ଚଳିତ ବର୍ଷ ସେ ଅଲ୍ ହିଲାଲକୁ ଏସିଆନ୍ ଚାମ୍ପିୟନ୍ସ ଲିଗ୍‌ର ଫାଇନାଲରେ ପହଞ୍ଚାଇଥିଲେ। କାତାରର ଅଲମୋଏଜ୍ ଅଲୀ ଓ ଅଷ୍ଟ୍ରେଲିଆର ମାଥ୍ୟୁ ଲେକି ଶ୍ରେଷ୍ଠ ପୁରୁଷ ଖେଳାଳି ତାଲିକାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ମହିଳା ଖେଳାଳି ଭାବରେ ଅଷ୍ଟ୍ରେଲିଆର ସାମ୍ କେର୍ ବିଜୟ ହୋଇଥିଲେ। ଅଳ୍ପକେ ଦ୍ୱିତୀୟ ସ୍ଥାନରେ ରହି ବାଲନ୍ ଡି’ଓର ପୁରସ୍କାରରୁ ବଞ୍ଚିତ ହୋଇଥିଲେ ମଧ୍ୟ ଏଏଫ୍‌ସିରେ ଶ୍ରେଷ୍ଠ ଖେଳାଳି ହେବାର ଗୌରବ ହାସଲ କରିଛନ୍ତି।




## ରାୟଗଡ଼ାର ଭାଇଭଉଣୀଙ୍କୁ ସ୍ୱର୍ଣ୍ଣ

ରାୟଗଡ଼ା,୧।୧୧

(ଆଶିଷ ରଞ୍ଜନ ପଣ୍ଡା)

ବିଶ୍ୱ କ୍ରସ୍‌ବୋ ଶୁଟିଂରେ ସ୍ୱର୍ଣ୍ଣ ପଦକ ଜିତି ରାୟଗଡ଼ା ଜିଲା ଓ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଭାଇଭଉଣୀ ଏ.ଲୋହିତ ପଟ୍ଟନାୟକ ଓ ଏ.ନେହା ପଟ୍ଟନାୟକ । ଇଣ୍ଡିଆନ୍ କ୍ରସ୍‌ବୋ

**ବିଶ୍ୱ କ୍ରସ୍‌ବୋ ଶୁଟିଂ**

ଶୁଟିଂ ଆସୋସିଏଶନ ପକ୍ଷରୁ ଉତ୍ତରପ୍ରଦେଶର ଆଗ୍ରାଠାରେ ଆୟୋଜିତ ବିଶ୍ୱ କ୍ରସ୍‌ବୋ ଶୁଟିଂରେ ରାୟଗଡ଼ା ହାଉସିଂ ବୋର୍ଡ କଲୋନି ବାସିନ୍ଦା ଆନନ୍ଦ ପଟ୍ଟନାୟକଙ୍କ ଝିଅ ନେହା ମହିଳା ଓପନ ଫ୍ରି ଷ୍ଟାଇଲରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୁଅ ଲୋହିତ ମେନ୍ସ ଓପନ ଷ୍ଟାଣ୍ଡାର୍ଡ କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅକ୍ଟୋବର ୨୫ରୁ ୩୧ ପର୍ଯ୍ୟନ୍ତ ଆଗ୍ରାଠାରେ ଆୟୋଜିତ ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଭାରତ, ଇଷ୍ଟୋନିଆ, ୟୁନାଇଟେଡ୍ କିଙ୍ଗଡମ୍, ୟୁଏସ୍‌ଏ, ସୁଇଡେନ, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ଭଳି ଦେଶରୁ ୬୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ କେନ୍ଦ୍ର ଆଇନ ମନ୍ତ୍ରୀ ଏସ୍‌ପି ସିଂ ବାଘେଲ ମୁଖ୍ୟ ଅତିଥି ଏବଂ ଉତ୍ତରପ୍ରଦେଶ ମନ୍ତ୍ରୀ ବେବିରବି ମୌର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱ କ୍ରସ୍‌ବୋ ଶୁଟିଂରେ ଉଭୟ ଭଉଣୀଭାଇଙ୍କ ଏହି କୃତିତ୍ୱ ହାସଲ ପାଇଁ ଜିଲାରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ଭାଇଭଉଣୀ ଆଗକୁ ଏହିଭଳି ଜିଲାର ନାଁ ବିକାଶ କରିବେ ବୋଲି କହିଛନ୍ତି।



ଏ.ଲୋହିତ ପଟ୍ଟନାୟକ ଓ ଏ.ନେହା ପଟ୍ଟନାୟକ।

## ଫିଲ୍ଡିଂ ମେଡାଲ ଓ ବିଟିଏସ୍

ଗୌତମ ଗମ୍ଭୀର

ବର୍ତ୍ତମାନ ଇଣ୍ଟରନେଟ୍‌ରେ ଭାରତୀୟ କ୍ରିକେଟ ଦଳର ବିହାଇଣ୍ଡ ଦ ସିନ୍(ବିଟିଏସ୍) ଭିଡିଓ ବେଶ୍ ଭାଇରାଲ ହେବାରେ ଲାଗିଛି। ବ୍ୟକ୍ତିଗତ ଭାବରେ ଏହ ମୋର ମଧ୍ୟ ପସନ୍ଦ। ପୁରୁଷମାନଙ୍କ ଏହି କ୍ରୀଡାରେ ଖେଳାଳି ଯୁବସୁଲଭ ବ୍ୟକ୍ତିତ୍ୱ ଦେଖିବାକୁ ମଧ୍ୟ ମିଳୁଛି। ଚମତ୍କାର କ୍ଷେତ୍ରରକ୍ଷଣ ଦକ୍ଷତା ପାଇଁ ପ୍ରତି ମ୍ୟାଚ୍ ଶେଷରେ ଫିଲ୍ଡିଂ କୋଚ୍ ଟି. ଦିଲୀପ ଦଳର ଜଣେ ସଦସ୍ୟଙ୍କୁ ଏକ ମେଡାଲ ପ୍ରଦାନ କରୁଛନ୍ତି। ପ୍ରତ୍ୟେକ ଥର ବିଜେତାଙ୍କ ନାମ ଘୋଷଣା କରିବା ପାଇଁ ସେ ନୂଆ ନୂଆ ବୈଷୟିକ କୌଶଳର ବ୍ୟବହାର କରୁଛନ୍ତି, ଯାହା ବେଶ୍ ମନୋମୁଗ୍ଧକର। ଷ୍ଟାଡିୟମର ସ୍କ୍ରିନ୍ ଓ ସ୍ପାଇଡର କ୍ୟାମେରା ବ୍ୟବହାର କରାଯାଉଥିବା ବେଳେ ଏଥିରେ ଖେଳାଳିଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଏକ ଛୋଟ ଅଭିଭାଷଣ ମଧ୍ୟ ରହିଥାଏ।

ଆଜିର ଏହି ସ୍ତମ୍ଭରେ ମୁଁ ପ୍ରଥମେ ଭିଡିଓ ସମ୍ପର୍କରେ ଉଲ୍ଲେଖ କରିବାର ଏକ କାରଣ ମଧ୍ୟ ରହିଛି। ଏଭଳି କରିବା ଦ୍ୱାରା ଦଳ ମଧ୍ୟରେ ଏକତା ଆସୁଥିବା ନେଇ ଅନେକ ଲୋକ ବିଶ୍ୱାସ କରନ୍ତି। ଏପରିକି ସମସ୍ତ ଖେଳାଳି ନିଜକୁ ଦଳର ଅଂଶ ବୋଲି ଚିନ୍ତା କରୁଥିବା ବେଳେ ଏହା ଦଳଗତ ପ୍ରଦର୍ଶନରେ ଉନ୍ନତି ଆଣିଥାଏ। ତେବେ ଏହାକୁ ନେଇ ମୋର ମତ ସାମାନ୍ୟ ଭିନ୍ନ ରହିବ। ଭାରତୀୟ ଦଳ ଏଥିପାଇଁ ଖୁସି, କାରଣ ସେମାନେ ବର୍ତ୍ତମାନ ଯାଏ ଅପରାଜେୟ ରହିଛନ୍ତି। ବିଶ୍ୱକପ୍ ପରି ଟୁର୍ନାମେଣ୍ଟରେ ଦଳ ଟେବୁଲ୍ ଟପ୍ପର ରହିବା କମ ଗର୍ବର କଥା ମଧ୍ୟ ନୁହେଁ। ସେହିପରି ଦ୍ୱିତୀୟ କାରଣ ହେଉଛି ଟିମ୍‌ରେ ପ୍ରତ୍ୟେକ ସଦସ୍ୟ ନିଜ ଦାୟିତ୍ୱକୁ ନେଇ ନିଶ୍ଚିତ ଅଛନ୍ତି। ଏହା ଦ୍ୱାରା ଡ୍ରେସିଂ ରୁମ୍‌ରେ ଏକ ସକାରାତ୍ମକ ମାହୋଲ ରହିଥାଏ। ଏହାର ଏକ ଉଦାହରଣ ହେଉଛି ବିରାଟ କୋହଲି-ରବି ଶାସ୍ତ୍ରୀ ଯୋଡି। ଉଭୟ ପ୍ରତି ମ୍ୟାଚରେ ଖେଳାଳିମାନଙ୍କୁ ପରିବର୍ତ୍ତନ କରିଥାନ୍ତି। ଯାହା ଖେଳାଳିଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହର୍ସେସ୍ ଫର କୋର୍ସେସ(ମ୍ୟାଚ୍ ହିସାବରେ ଖେଳାଳି) ଏକ ଭଲ ପ୍ରୟାସ, ତେବେ ଟିମ୍ କଲ୍ଚର ଉପରେ ଏହା ଖରାପ ପ୍ରଭାବ ପକାଇଥାଏ।

ତେବେ ରୋହିତ ଶର୍ମା ଓ ରାହୁଲ ଦ୍ରାଭିଡ୍‌ଙ୍କ ଯୋଡି ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ। ଉଭୟ ନିଜ ଖେଳାଳିଙ୍କୁ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ଦେଉଛନ୍ତି। ଫଳରେ ଭାରତ ଦଳଗତ ଭାବରେ ନିର୍ଭୀକ କ୍ରିକେଟ ଖେଳୁଛି। ଆରମ୍ଭରୁ ମହମ୍ମଦ ଶାମିଙ୍କୁ ନ ଖେଳାଇବା ଓ ଠିକ୍ ସମୟ, ପରିବେଶକୁ ଦୃଷ୍ଟିରେ ରଖି ତାଙ୍କୁ ସୁଯୋଗ ଦେବା ଯୋଜନାବଦ୍ଧ ଥିଲା। ଜଣେ ଖେଳାଳିଙ୍କୁ ଦଳରେ ସ୍ଥାନ ମିଳୁ ନ ଥିବା ବେଳେ ମ୍ୟାନେଜମେଣ୍ଟ ତାଙ୍କ ସହିତ କଥା ହେବା ଦ୍ୱାରା ଉଭୟ ଖେଳାଳି ଓ ଟିମ୍‌ର ମାହୋଲ ସକାରାତ୍ମକ ରୁହେ। ଏହାର ଆଉ ଏକ ଉଦାହରଣ ହେଉଛନ୍ତି ଲୋକେଶ ରାହୁଲ। ମୁମ୍ବାଇର ଛୋଟ ଗ୍ରାଉଣ୍ଡ ଓ ଫ୍ଲାଟ ପିଚ୍‌କୁ ଦୃଷ୍ଟିରେ ରଖିଲେ ରନ୍ ଭୋଜି ଦେଖିବାକୁ ମିଳିବ। ବ୍ୟକ୍ତିଗତ ଭାବରେ ଭାରତୀୟ ବୋଲରଙ୍କ ନିକଟରୁ ଏକ ସଫଳ ଇନିଂସ ଆଶା କରିବି। ଟିମ୍ ହିସାବରେ ଏହା ବିଫଳ ହୋଇଥିବା ବେଳେ କିଛି ଖେଳାଳି ବ୍ୟକ୍ତିଗତ ଭାବରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଏହା ହିଁ ଭାରତକୁ ଏହି ମ୍ୟାଚ୍‌ରେ ହଟ୍ ଫେଭରିଟ୍ ଭାବରେ ଗଢି ତୋଳୁଛି।

**(ଗେମ୍ ପ୍ଲାନ/ଦୀନେଶ ଚୋପ୍ରା ମିଡିଆ)**




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ